# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଫେବୃୟାରୀ ୧୧/୨୦୨୩ (୧୮ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, February 11/2023 Page 18 ₹ 7.00

୪୯ଶ ଭାଗ ୭୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 79 ମୂଲ୍ୟ₹୭/-




# ମାତୃଶକ୍ତିର ଉତ୍ଥାନ ପାଇଁ ଆଧ୍ୟାତ୍ମିକ ବିକାଶ ଆବଶ୍ୟକ: ରାଷ୍ଟ୍ରପତି

## ଜ୍ଞାନପ୍ରଭା ମିଶନ୍‌ର ପ୍ରତିଷ୍ଠା ଦିବସ

### ■ ରୋଗରୁ ମୁକ୍ତି ପାଇଁ ଯୋଗକୁ ଗୁରୁତ୍ୱ ଦେଲେ

ଭୁବନେଶ୍ୱର, ୧୦।୨ (ବ୍ୟୁରୋ)

ଭାରତ ନାରୀଙ୍କୁ ସମ୍ମାନ ଦିଏ। ଏହି ପରମ୍ପରା ଓ ସଂସ୍କୃତି ବହୁଦିନରୁ ରହିଆସିଛି। ନାରୀମାନେ ଶକ୍ତିସ୍ୱରୂପିଣୀ। ତାଙ୍କ ନିକଟରେ ସୃଷ୍ଟି କରିବାର ଅପାର ଶକ୍ତି ରହିଛି। ନାରୀ ଜାଗ୍ରତ ହେଲେ ଓ ଆଗକୁ ବଢ଼ିଲେ ରାଷ୍ଟ୍ର ବିକଶିତ ହେବ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ଶୁକ୍ରବାର ଉତ୍କଳ ମଣ୍ଡପରେ ଆୟୋଜିତ ଜ୍ଞାନପ୍ରଭା ମିଶନ୍‌ର ପ୍ରତିଷ୍ଠା ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଷ୍ଟ୍ରପତି କହିଲେ, ମାତୃଶକ୍ତିର ଅନ୍ତର୍ଜ୍ୟୋତି ଜାଗ୍ରତ କରି ସୁସ୍ଥ ମାନବ ସମାଜ ଗଠନ ଲକ୍ଷ୍ୟ ନେଇ ଜ୍ଞାନପ୍ରଭା ମିଶନ୍ ଗଠନ କରାଯାଇଛି। ଏହା କୁମାରୀମାନଙ୍କ ମଧ୍ୟରେ ସାମାଜିକ, ଚାରିତ୍ରିକ ଏବଂ ଆଧ୍ୟାତ୍ମିକ ବିକାଶ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ କରୁଛି। ଏଥିସହ କ୍ରିୟାଯୋଗର ପ୍ରଚାର ପ୍ରସାର ନିମନ୍ତେ ମଧ୍ୟ କାର୍ଯ୍ୟ କରୁଛି। ଯୋଗ ଭାରତର ଏକ ପ୍ରାଚୀନ ବିଦ୍ୟା, ଯାହା ସୁସ୍ଥ ମାନବ ସମାଜ ଗଠନ ପାଇଁ ଅଭିପ୍ରେତ। ସୁସ୍ଥ ଜୀବନ ପାଇଁ ରୋଗର ଚିକିତ୍ସା ଅପେକ୍ଷା ତାହାର ନିରାକରଣ ଅଧିକ ଆବଶ୍ୟକ। ଆମେ ଯୋଗଯୁକ୍ତ ହେଲେ ରୋଗମୁକ୍ତ ହୋଇ ପାରିବା ଏବଂ ଆମ ଭିତରେ ସନ୍ତୁଷ୍ଟତା ଆସି ପାରିବ। ଯୋଗ କହିଲେ ଆମେ କେବଳ ଶାରୀରିକ ପ୍ରକ୍ରିୟାକୁ ବୁଝିଥାଉ। ମାତ୍ର ଯୋଗ ହେଉଛି ଶରୀର ସହ ଆତ୍ମା ଏବଂ ଆତ୍ମା ସହ ପରମାତ୍ମାର ଯୋଗ। କେବଳ ସାମାଜିକ ଏବଂ ଆର୍ଥିକ ବିକାଶ ହେଲେ ମାତୃଶକ୍ତିର ଉତ୍ଥାନ ହେବ ନାହିଁ। ଏଥିପାଇଁ ଆତ୍ମିକ ବା ଆଧ୍ୟାତ୍ମିକ ବିକାଶର ଆବଶ୍ୟକତା ରହିଛି। ମାତୃ କରୁଣା ଓ ମାତୃ ପ୍ରେରଣା, ଯାହା ସାଧାରଣ ମଣିଷକୁ ଅସାଧାରଣ ବ୍ୟକ୍ତିତ୍ୱରେ ପରିଣତ କରିଥାଏ। ଭାରତର ମୁନିଋଷିମାନେ କହିଛନ୍ତି- ମାତୃ ଦେବୋ ଭବ, ପିତୃ ଦେବୋ ଭବ, ଆଚାର୍ଯ୍ୟ ଦେବୋ ଭବ, ଅତିଥି ଦେବୋ ଭବ। ଏଥିରୁ ସ୍ପଷ୍ଟ ଯେ ମାତାଙ୍କୁ ପ୍ରଥମେ ଦେବୀ ଭାବେ ମାନିବା କଥା। ପରେ ପିତା, ଆଚାର୍ଯ୍ୟ ଓ ଅତିଥିଙ୍କୁ ଦେବତା ଭାବେ ଗ୍ରହଣ କରିବା କଥା ପରମ୍ପରାରେ ରହିଛି। ମାତ୍ର ଏହି ଶାସ୍ତ୍ରସିଦ୍ଧ ଉପଦେଶକୁ ଅନେକେ ନିଜ ଜୀବନରେ ମାନୁନାହାନ୍ତି। ସେଥିପାଇଁ ବହୁ ସମୟରେ ବୃଦ୍ଧ ମାତାପିତାଙ୍କ କରୁଣ କାହାଣୀ ଖବରକାଗଜରେ ସ୍ଥାନ ପାଉଛି। ପୁଅ ଓ ବୋହୂମାନେ ତାଙ୍କ ମାଆ-ବାପା ବା ଶାଶୁ ଓ ଶ୍ୱଶୁରଙ୍କ ଯତ୍ନ ନେବା ପାଇଁ କୁଣ୍ଠାବୋଧ କରୁଛନ୍ତି। ମାତାପିତାଙ୍କୁ ଦେବତା କହି ତାଙ୍କ ଫଟୋ ଚିତ୍ରକୁ ପୂଜା କରିବା ଆଧ୍ୟାତ୍ମିକତା ନୁହେଁ। ମାତାପିତାଙ୍କ ଯତ୍ନ ନେବାଠାରୁ ବଡ଼ ଧର୍ମ ଆଉ କିଛି ନାହିଁ। ତେଣୁ ବରିଷ୍ଠ ନାଗରିକ, ପୀଡ଼ିତ ନାଗରିକଙ୍କ ସେବା କରିବାକୁ ଜୀବନର ବ୍ରତ ଭାବେ ଗ୍ରହଣ କରିବାକୁ ରାଷ୍ଟ୍ରପତି ପରାମର୍ଶ ଦେଇଛନ୍ତି।

ଅନ୍ୟତମ ଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇ ଭାରତୀୟ ଆଧ୍ୟାତ୍ମିକ ଚେତନା ସମଗ୍ର ବିଶ୍ୱ ପାଇଁ ବନ୍ଦନୀୟ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉପସ୍ଥିତ ରହି, ଭାରତ କେବଳ ବୃହତ୍ତମ ଗଣତନ୍ତ୍ର ନୁହେଁ ଏହା ଗଣତନ୍ତ୍ରର ଜନ୍ମଦାତା ବୋଲି ଉଲ୍ଲେଖ କରିଥିଲେ। ବିଜ୍ଞାନ ଓ କାରିଗରି, ସରକାରୀ ଉଦ୍ୟୋଗ, ସାମାଜିକ ନିରାପତ୍ତା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମେୟର ସୁଲୋଚନା ଦାସ ପ୍ରମୁଖ ତାଙ୍କ ବକ୍ତବ୍ୟ ରଖିଥିଲେ। ଜ୍ଞାନପ୍ରଭା ମିଶନ୍ ପ୍ରତିଷ୍ଠାତା ପରମହଂସ ପ୍ରଜ୍ଞାନାନନ୍ଦଜୀ ମହାରାଜ ଓ ସଭାପତି ଜ୍ୟୋତିର୍ମୟୀ ମିଶ୍ର ଅତିଥିଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। ଏହି ଅବସରରେ ପ୍ରଜ୍ଞାନାନନ୍ଦଜୀ ରାଷ୍ଟ୍ରପତିଙ୍କୁ ତାଙ୍କର ଏକ ପ୍ରତିକୃତି ଭେଟି ଦେଇଥିଲେ।

ପରେ ଅପରାହ୍ନରେ ରାଷ୍ଟ୍ରପତି ମୁର୍ମୁ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ୪ଜଣଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରିଥିଲେ। ବିଜ୍ଞାନ ଓ ବୈଷୟିକ ଜ୍ଞାନ କ୍ଷେତ୍ରରେ ସୌମ୍ୟା ସ୍ୱାମୀନାଥନ୍‌ଙ୍କୁ ଡି.ଏସ୍‌ସି ଡିଗ୍ରୀ, ସାହିତ୍ୟ ଓ ସମାଜସେବା ପାଇଁ ପୂର୍ଣ୍ଣମାସୀ ଜାନୀ, ସମାଜସେବା ଓ ମହିଳା ସଶକ୍ତୀକରଣ ପାଇଁ ସୁନୀତା କ୍ରିଷ୍ଣନ୍, କଳା ଓ ସଂସ୍କୃତି କ୍ଷେତ୍ରରେ ଓଡ଼ିଶୀ ନୃତ୍ୟଶିଳ୍ପୀ ଅରୁଣା ମହାନ୍ତିଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଡି.ଲିଟ୍ ଡିଗ୍ରୀ ପ୍ରଦାନ କରାଯାଇଥିଲା। ସେହିପରି ୨୦୨୨ ମସିହା ପାଇଁ ୨୨ଜଣ ଛାତ୍ରୀଙ୍କୁ ସ୍ୱର୍ଣ୍ଣପଦକ ଦିଆଯାଇଥିଲା।

### ଜୟ ଜଗନ୍ନାଥରୁ ଅଭିଭାଷଣ ଆରମ୍ଭ କଲେ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜ୍ଞାନପ୍ରଭା ମିଶନ୍‌ର ପ୍ରତିଷ୍ଠା ଦିବସରେ ଅଭିଭାଷଣ ଆରମ୍ଭ କରିବା ପୂର୍ବରୁ 'ଜୟ ଜଗନ୍ନାଥ' ବୋଲି ୩ଥର କହିଥିଲେ। ତାଙ୍କ ସହିତ ଉପସ୍ଥିତ ଜନସାଧାରଣ ମଧ୍ୟ 'ଜୟ ଜଗନ୍ନାଥ' କହିଥିଲେ। ରାଷ୍ଟ୍ରପତି ମଞ୍ଚକୁ ଆସିବା ପରେ ସେମାନେ ନିଜ ସ୍ଥାନରୁ ଠିଆ ହୋଇ ତାଳି ଓ ହୁଳହୁଳିରେ ତାଙ୍କୁ ସ୍ୱାଗତ କରିଥିଲେ। ଯଦିଓ ଆୟୋଜକଙ୍କ ପକ୍ଷରୁ ଏଭଳି କିଛି କରିବାକୁ ମନା କରାଯାଇଥିଲା ତଥାପି ରାଷ୍ଟ୍ରପତିଙ୍କୁ ପାଖରେ ପାଇ ଲୋକେ ଭାବବିହ୍ୱଳ ହୋଇପଡିଥିଲେ।

### ବାପାଙ୍କ କଥା ମନେ ପକାଇ ଭାବବିହ୍ୱଳ ହେଲେ ରାଷ୍ଟ୍ରପତି

ଅଭିଭାଷଣ ମଧ୍ୟରେ ବାପାଙ୍କ କଥା ମନେ ପକାଇଥିଲେ ରାଷ୍ଟ୍ରପତି। 'ଧନ ନ ଥିଲେ ଭାବନା ନାହିଁ, ମନରେ ଅଛି ବଳ, ମନର ବଳେ କରି ପାରିବୁ ଦୁନିଆ ଟଳମଳ'। ପିଲାବେଳେ ବାପାଙ୍କ ଏହି କଥା ବୁଝି ପାରୁ ନ ଥିଲି, ମାତ୍ର ବଡ଼ ହେବା ପରେ ଏହି ଉକ୍ତିର ଯଥାର୍ଥ ବୁଝି ପାରିଲି। ଯେଉଁ ସ୍ତରରୁ ଆସି ଆଜି ଏଠାରେ ପହଞ୍ଚିଛି ଏବଂ ଲୋକଙ୍କର ଭଲପାଇବା ପାଇ ପାରିଛି ସେଥିପାଇଁ କର୍ମ କରିବାର ଆବଶ୍ୟକତା ରହିଛି। ଧନ ନୁହେଁ, କର୍ମ ବଳରେ ଜଣେ ଭଲ ମଣିଷ ହୋଇପାରିବ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଥିଲେ।

### ସ୍ମୃତି, ଅନୁଭୂତି ବଖାଣିଲେ

ଜୀବନର ଏକ ନିର୍ଦ୍ଦିଷ୍ଟ ପର୍ଯ୍ୟାୟରେ ମୁଁ ଅତ୍ୟନ୍ତ ଦୁଃଖଦ ପରିସ୍ଥିତି ଦେଇ ଗତି କରୁଥିଲି। ଶାରୀରିକ ପୀଡ଼ା ଏବଂ ମାନସିକ ଅଶାନ୍ତି କବଳିତ କରିରଖିଥିଲା। ଜୀବନର ସବୁ ଆଶା ଓ ଆଶ୍ୱାସନା ହରାଇ ବସିଥିବାବେଳେ ଯୋଗାସନକୁ ଜୀବନର ମାର୍ଗ ଭାବେ ଗ୍ରହଣ କରିଥିଲି। ଯୋଗ ସହ ଯୁକ୍ତ ହେବା ପରେ ଧୀରେ ଧୀରେ ଶାରୀରିକ ଓ ମାନସିକ କ୍ଷେତ୍ରରେ ଦୃଢ଼ ହେବାକୁ ଆରମ୍ଭ କରିଥିଲି। ଯୋଗ ସହ ନିଜକୁ ଜଡ଼ିତ କରି ନ ଥିଲେ, ଯେଉଁଠାରେ ଆଜି ଅଛି ସେଠାରେ ନ ଥାନ୍ତି ବୋଲି ରାଷ୍ଟ୍ରପତି କହିଥିଲେ।

### ମୁଁ ଗାଉଁଲି...

ନାରୀ କରୁଣାମୟୀ, କ୍ଷମାମୟୀ। ଭାରତ ବର୍ଷର ଅଧା ହେଉଛନ୍ ମହିଳା। ମାତ୍ର ଆମ୍‌କୁ ଆଜି ଯେତ୍‌କି ଜୋର୍‌ସୋର୍ ଅଛେ ଆହୁରି କ୍ଷିପ୍ର ଗତିରେ ଦୌଡିବାକୁ ପଡିବ ବୋଲି ରାଷ୍ଟ୍ରପତି କହିଥିଲେ। ଅଭିଭାଷଣ ମଝିରେ ନିଜ ଭାଷାରେ ଏପରି କିଛି କିଛି କଥା କହିବା ପରେ 'ମୁଁ ଟିକେ ଗାଉଁଲି ଲୋକ ତ ସେଥିପାଇଁ ଟିକେ ଗାଁ ଭାଷା କହୁଛି' ବୋଲି କହିଥିଲେ।

## ସଂକ୍ଷେପରେ

### ଦୁର୍ଘଟଣାରେ ଦୁଇ ମୃତ

କେନ୍ଦୁଝର,୧୦।୨(ସ୍ୱ.ପ୍ର.): କେନ୍ଦୁଝର ଜିଲା ପଣ୍ଡାପଡ଼ା ଥାନା ଅନ୍ତର୍ଗତ ରୁଟିଶିଳା କ୍ରଶର ନିକଟରେ ଶୁକ୍ରବାର ସନ୍ଧ୍ୟାରେ ୨ ବାଇକ ମୁହାଁମୁହିଁ ଧକ୍କା ଯୋଗୁ ୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୨ ଗୁରୁତର ହୋଇଛନ୍ତି। ମୃତକ ଯୁବକ ଉକ୍ତ ଥାନା ଅନ୍ତର୍ଗତ ବିନିଦା ଗ୍ରାମର ସୁଦାମ ସିଂହ ବୋଲି ଜଣା ପଡ଼ିଛି। ଅନ୍ୟ ଜଣେ ହେଉଛନ୍ତି ଟାଉନ ଥାନା ଅଞ୍ଚଳର ଲକ୍ଷ୍ମଣ ମାଝୀ। ଆହତ ଦ୍ୱୟଙ୍କ ପରିଚୟ ମିଳିପାରିନାହିଁ। ମୃତାହତଙ୍କୁ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

### ଇଟାଭାଟିରେ ଚଢ଼ାଉ

ଧର୍ମଶାଳା,୧୦।୨(ଡି.ଏନ.ଏ.): ଧର୍ମଶାଳା ତହସିଲ ଅନ୍ତର୍ଗତ ମଙ୍ଗରାଜପୁର ଓ ଅଭୟପୁର ମୌଜାରେ ବେଆଇନ ଭାବେ ଚାଲିଥିବା ଇଟାଭାଟିରେ ଶୁକ୍ରବାର ତହସିଲ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇଛି। ଅତିରିକ୍ତ ତହସିଲଦାର ତପନ କୁମାର ମଲିକଙ୍କ ନେତୃତ୍ୱରେ ଏକ ଟିମ ୧୨ ଇଟାଭାଟିରେ ଚଢ଼ାଉ କରିଥିଲେ। ଏଥିରୁ ୧୧ ଇଟାଭାଟିରୁ ୭୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ବେଳେ ଗୋଟିଏ ଇଟାଭାଟିକୁ ସମ୍ପୂର୍ଣ୍ଣ ଭାଙ୍ଗି ଦିଆଯାଇଛି। ଚଢ଼ାଉରେ ଶ୍ରୀନଗର ଆର୍‌ଆଇ ସ୍ମୀତାଞ୍ଜଳି ମହାନ୍ତି, ଆର୍‌ଆଇ ଚନ୍ଦନ କୁମାର ସାହୁ, ଆର୍‌ଆଇ ସୁନୀଲ କୁମାର ନାୟକ ଓ ଆର୍‌ଆଇ ମାନସ କୁମାର ବେଜ ପ୍ରମୁଖ ସାମିଲ ହୋଇଥିଲେ।

### ୫ ଜିଲାରେ ପ୍ରବଳ କୁହୁଡ଼ି ସମ୍ଭାବନା

ଭୁବନେଶ୍ୱର,୧୦।୨(ବ୍ୟୁରୋ): ଆସନ୍ତା ସପ୍ତାହେ ଯାଏ ରାଜ୍ୟରେ ପାଗ ଶୁଖିଲା ରହିବା କେତେକ ସ୍ଥାନରେ କୁହୁଡ଼ି ହେବାର ସମ୍ଭାବନା ରହିଛି। ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଅନୁଗୋଳ, କଟକ, ଢେଙ୍କାନାଳ, ଯାଜପୁର ଏବଂ ଭଦ୍ରକ ଜିଲାରେ ପ୍ରବଳ କୁହୁଡ଼ି ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ନୟାଗଡ଼, ଖୋର୍ଦ୍ଧା, ଗଞ୍ଜାମ, କନ୍ଧମାଳ, ରାୟଗଡ଼ା ଏବଂ କୋରାପୁଟ ଜିଲାର କେତେକ ସ୍ଥାନରେ ହାଲ୍‌କା କୁହୁଡ଼ି ହେବାର ସମ୍ଭାବନା ରହିଛି। ରାତିରେ ସାମାନ୍ୟ ଥଣ୍ଡା ରହୁଥିବା ବେଳେ ଦିନର ତାପମାତ୍ରା ବଢ଼ିବାରେ ଲାଗିଛି। ଦିନର ସର୍ବୋଚ୍ଚ ତାପମାତ୍ରା ୩୫ ଡିଗ୍ରୀ ସେଲ୍‌ସିୟସ୍‌କୁ ଟପି ଯାଇଛି। ଶୁକ୍ରବାର ମାଲକାନଗିରିରେ ସର୍ବାଧିକ ତାପମାତ୍ରା ୩୫.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ବଲାଙ୍ଗୀର ୩୫, ଭୁବନେଶ୍ୱର ୩୪.୨, ଅନୁଗୋଳ ୩୪.୧, ଝାରସୁଗୁଡ଼ା ୩୪.୫, ସମ୍ବଲପୁର ୩୪.୪, ସୁନ୍ଦରଗଡ଼ ୩୪, ଟିଟିଲାଗଡ଼ ୩୪.୫, ସୋନପୁର ୩୪.୭, ନୟାଗଡ଼ ୩୪, ବୌଦ୍ଧ ୩୪ ଏବଂ ଖୋର୍ଦ୍ଧାରେ ୩୪.୫ ଡିଗ୍ରୀ ସେଲ୍‌ସିୟସ୍ ଥିବା ଜଣାପଡ଼ିଛି।

### କୃମି ଔଷଧ ଖାଇ ୫ ଛାତ୍ରୀ ଅସୁସ୍ଥ

ଧରାକୋଟ, ୧୦।୨ (ଡି.ଏନ୍.ଏ): ଜାତୀୟ କୃମି ନାଶକ ଦିବସ ଅବସରରେ ଧରାକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଶୁକ୍ରବାର ବ୍ଲକର ସମସ୍ତ ବିଦ୍ୟାଳୟରେ କୃମି ନାଶକ ଔଷଧ ବିତରଣ କରାଯାଇଥିଲା। ଜଗମୋହନସ୍ଥିତ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଦିଆଯାଇଥିଲା। ତେବେ ଏହି ଔଷଧ ଖାଇବା ପରେ ୫ଜଣ ଛାତ୍ରୀ ଅସୁସ୍ଥ ହୋଇଥିବା ବେଳେ ଅନ୍ୟ କିଛି ଛାତ୍ରଛାତ୍ରୀଙ୍କ ବାନ୍ତି ଓ ପେଟରେ ଯନ୍ତ୍ରଣା ହୋଇଥିଲା। ସାଇଶ୍ରୀ ଷଡ଼ଙ୍ଗୀ, ଗୁଲୁଲି ବାଡ଼ତ୍ୟା, ନନ୍ଦିନୀ ବାଡ଼ତ୍ୟା, ସାରଦା ସାହୁ, ଲକ୍ଷ୍ମୀ ସେଠୀଙ୍କୁ ଧରାକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡାକ୍ତର ଏମ୍‌ଭିକେ ଅଶୋକ କହିଛନ୍ତି, ଛାତ୍ରୀମାନେ ଆଗରୁ କୃମି ଔଷଧ ଖାଇ ନାହାନ୍ତି, ଏଣୁ ଖାଇବା ପରେ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଲା। ତେବେ କିଛି ଭୟ କରିବାର ନାହିଁ। ସମସ୍ତଙ୍କୁ ଚିକିତ୍ସା ଯୋଗାଇ ଦିଆଯାଇଛି।




୨ ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନବନ୍ଦରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱାଗତ କରୁଛନ୍ତି।

# ବିମାନବନ୍ଦରରେ ସ୍ୱାଗତ କଲେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୦।୨(ବ୍ୟୁରୋ)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୨ ଦିନିଆ ଓଡ଼ିଶା ଗସ୍ତରେ ଅଛନ୍ତି। ଶୁକ୍ରବାର ପୂର୍ବାହ୍ନ ୧୧ଟା ୪୫ରେ ରାଷ୍ଟ୍ରପତି ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିଥିଲେ। ସେଠାରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ପୋଲିସ ମହାନିର୍ଦ୍ଦେଶକ ସୁନୀଲ ବଂଶଲଙ୍କ ସମେତ ବହୁ ଭିଭିଆଇପି ପହଞ୍ଚି ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିଥିଲେ। ବିମାନବନ୍ଦର ବାହାରେ ପାରମ୍ପରିକ ବାଦ୍ୟର ତାଳେ ତାଳେ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରାଯାଇଥିଲା।

ବିମାନବନ୍ଦରରୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ରାଷ୍ଟ୍ରପତିଙ୍କ କାରକେଡ୍‌କୁ ଉତ୍କଳ ମଣ୍ଡପ ନିଆଯାଇଥିଲା। ସେଠାରେ ସେ ଜ୍ଞାନପ୍ରଭା ମିଶନର ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଅପରାହ୍ନ ୧ଟା ୫ ମିନିଟ୍‌ରେ ସେ ରାଜଭବନରେ ଭୋଜନ କରିଥିଲେ। ପୁଣି ଅପରାହ୍ନ ୪ଟାରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଯୋଗଦେଇଥିଲେ। ଶନିବାର ସକାଳେ ରାଷ୍ଟ୍ରପତି ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ଦର୍ଶନ ସାରି ପୂର୍ବାହ୍ନରେ କଟକ ବିଦ୍ୟାଧରପୁରସ୍ଥିତ ଭାରତୀୟ କୃଷି ଗବେଷଣା ପରିଷଦ ଅଧୀନସ୍ଥ କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନରେ ଆୟୋଜିତ ୨ୟ ଜାତୀୟ ଧାନ କଂଗ୍ରେସ ସମ୍ମିଳନୀକୁ ଉଦ୍‌ଘାଟନ କରିବେ। ଏହାପରେ ଅପରାହ୍ନରେ ରାଷ୍ଟ୍ରପତି ଦିଲ୍ଲୀ ଫେରିଯିବାର କାର୍ଯ୍ୟକ୍ରମ ରହିଛି।

### ଓଡ଼ିଶାରେ ରାଷ୍ଟ୍ରପତି

ଆଜି ଜାତୀୟ ଧାନ କଂଗ୍ରେସ ସମ୍ମିଳନୀ ଉଦ୍‌ଘାଟନ କରିବେ

# ମାର୍ଚ୍ଚ ୫ରୁ ଭୁବନେଶ୍ୱରରୁ ସିଧାସଳଖ ଦୁବାଇ ଉଡ଼ିବ ବିମାନ

ଭୁବନେଶ୍ୱର, ୧୦।୨(ବ୍ୟୁରୋ)

ଭୁବନେଶ୍ୱରରୁ ଦୁବାଇକୁ ସିଧାସଳଖ ବିମାନ ଚଳାଚଳ କରିବ। ଇଣ୍ଡିଗୋ ଏୟାରଲାଇନ୍ସ ଏହି ସେବା ଯୋଗାଇ ଦେବ। ଇଣ୍ଡିଗୋର ୬ଇ୦୦୨୭ ବିମାନଟି ସନ୍ଧ୍ୟା ୬ଟା ୫ରୁ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଉଡ଼ାଣ ଆରମ୍ଭ କରି ଦୁବାଇରେ ରାତି ୯ଟା ୪୫ରେ ପହଞ୍ଚିବ। ସେହିଭଳି ୬ଇ୦୦୨୮ ବିମାନ ପୂର୍ବାହ୍ନ ୧୧ଟା ୨୫ରେ ଦୁବାଇରୁ ବାହାରି ଭୁବନେଶ୍ୱରରେ ଅପରାହ୍ନ ୫ଟା ୫ରେ ଅବତରଣ କରିବ। ତେବେ ୫ ତାରିଖ ଦିନ ଦୁବାଇରୁ ପ୍ରଥମେ ଏହି ବିମାନ ଉଡ଼ାଣ ଆରମ୍ଭ କରି ଭୁବନେଶ୍ୱରରେ ପହଞ୍ଚିବ। ଦୀର୍ଘଦିନରୁ ଏହି ଅନ୍ତର୍ଜାତୀୟ ବିମାନସେବା ଆରମ୍ଭ ପାଇଁ ପ୍ରସ୍ତୁତି ଚାଲିଥିଲା। ତେବେ ଦୁବାଇକୁ ସିଧାସଳଖ ବିମାନ ଚାଲିବା ଦ୍ୱାରା ଆଉ ଅନ୍ୟ ରାଜ୍ୟକୁ ଯିବାକୁ କିମ୍ବା ବିମାନ ବଦଳାଇବାକୁ ପଡିବ ନାହିଁ। ଦୁବାଇ ପରେ ଖୁବ୍‌ଶୀଘ୍ର ସିଙ୍ଗାପୁର ଓ ବ୍ୟାଙ୍କକ୍‌କୁ ମଧ୍ୟ ସିଧାସଳଖ ବିମାନ ଚଳାଚଳ କରିବ। ଗତ ଡିସେମ୍ବର ୨୮ରେ ରାଜ୍ୟ କ୍ୟାବିନେଟ୍ ଏହାକୁ ଅନୁମୋଦନ କରିଥିଲା। ଏଥିସହ ରାଜ୍ୟ ସରକାର ବିମାନସେବା ପ୍ରଦାନକାରୀ ସଂସ୍ଥାଗୁଡ଼ିକୁ ପ୍ରସ୍ତାବ ମାଗିଥିବାବେଳେ ଇଣ୍ଡିଗୋ ଏହି ସେବା ପ୍ରଦାନ କରିବ ବୋଲି ସହମତି ଦେଇଥିଲା।

ଅନ୍ୟପକ୍ଷରେ ମାର୍ଚ୍ଚ ୫ ହେଉଛି ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଓ ପଞ୍ଚାୟତିରାଜ ଦିବସ। ଏହି ଦିନରୁ ଅନ୍ତର୍ଜାତୀୟ ବିମାନ ଉଡ଼ିବା ନିଶ୍ଚିତ ରାଜ୍ୟ ପାଇଁ ଗୌରବର ବିଷୟ ବୋଲି କୁହାଯାଉଛି। ପୁଣି ଉକ୍ତଦିନ ଭୁବନେଶ୍ୱର ବିମାନବନ୍ଦରରେ ବିଜୁ ପଟ୍ଟନାୟକଙ୍କ ଐତିହାସିକ ଡାକୋଟା ବିମାନକୁ ସର୍ବସାଧାରଣଙ୍କ ନିମନ୍ତେ ପ୍ରଦର୍ଶନ କରାଯିବ। ଏହି ବିମାନର ମରାମତି ଓ ସ୍ଥାପନ ପାଇଁ ଏରୋସ୍ପେସ୍ ରିସର୍ଚ୍ଚ ଆଣ୍ଡ ଡେଭଲପ୍‌ମେଣ୍ଟ ସେଣ୍ଟର(ଏଆର୍‌ଡିସି) ୩ କୋଟି ଟଙ୍କାର ଚୁକ୍ତି କରିଛି। ଏଆର୍‌ଡିସି ବର୍ତ୍ତମାନ ବିମାନର ମରାମତି ଓ ସ୍ଥାପନ କାର୍ଯ୍ୟ ଆରମ୍ଭ କରିସାରିଥିବା ଜଣାପଡିଛି। ସୂଚନାଯୋଗ୍ୟ, ଡାକୋଟା ବିମାନଟି କୋଲକାତାରୁ ୩ଟି ଲରିରେ ଆସି ଗତ ମାସ ୧୮ ତାରିଖ ସନ୍ଧ୍ୟାରେ ଭୁବନେଶ୍ୱରରେ ପହଞ୍ଚିଥିଲା। ବିଭିନ୍ନ ସ୍ଥାନରେ ଲୋକେ ଭବ୍ୟ ସ୍ୱାଗତ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ନିଜେ ଭୁବନେଶ୍ୱର ବିମାନବନ୍ଦରରେ ଡାକୋଟା ବିମାନକୁ ପୁଷ୍ପ ପକାଇ ସ୍ୱାଗତ କରିଥିଲେ।

### ଐତିହାସିକ ଡାକୋଟା ବିମାନ ପ୍ରଦର୍ଶିତ ହେବ

# ୨୯ ଆଇନଜୀବୀଙ୍କୁ ହାଇକୋର୍ଟ ଦେଲେ ସର୍ତ୍ତମୂଳକ ଜାମିନ

କଟକ ଅଫିସ/ ସମ୍ବଲପୁର(ବ୍ୟୁରୋ),୧୦।୨

ସମ୍ବଲପୁରରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବିରେ ଆନ୍ଦୋଳନଜନିତ ଭଙ୍ଗାରୁଜା ମାମଲାରେ ଗିରଫ ହୋଇଥିବା ୨୯ ଜଣ ଆଇନଜୀବୀଙ୍କୁ ହାଇକୋର୍ଟ ଶୁକ୍ରବାର ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ଗୁରୁବାର ବିଚାରପତି ଭି. ନରସିଂହ ରାୟଙ୍କ ଖଣ୍ଡପୀଠ ଆଇନଜୀବୀଙ୍କ ଏକାଧିକ ଜାମିନ ଆବେଦନର ଶୁଣାଣି କରି ରାୟ ସଂରକ୍ଷିତ ରଖିଥିଲେ। ଆଇନଜୀବୀମାନେ ସେମାନଙ୍କ ବିରୋଧରେ ଚାଲିଥିବା ମାମଲାକୁ ନେଇ କୌଣସି ପବ୍ଲିକ ମିଟିଂ କରିପାରିବେ ନାହିଁ। ପ୍ରିଣ୍ଟ, ଇଲେକଟ୍ରୋନିକ୍ ଓ ସୋସିଆଲ ମିଡିଆରେ ଏ ସଂକ୍ରାନ୍ତୀୟ କୌଣସି ମତ ଦେବେ ନାହିଁ। ଜାମିନରେ ମୁକୁଳିବାକୁ ନେଇ କୌଣସି ଚର୍ଚ୍ଚା କରିବେ ନାହିଁ। ତେବେ ଜାମିନ୍‌ରେ ମୁକୁଳିବା ପରେ କୌଣସି ବିକ୍ଷୋଭ, ଧାରଣା ଆଦିରେ ସାମିଲ ହେବେ ନାହିଁ ବୋଲି ଆସନ୍ତା ଏପ୍ରିଲ ୧ ସୁଦ୍ଧା ଏକ ଅଣ୍ଡରଟେକିଂ ଦାଖଲ କରିବେ। ସର୍ତ୍ତରେ କୌଣସି ପ୍ରକାର ଉଲ୍ଲଂଘନ କଲେ ଜାମିନ ଆଇନ ଅନୁଯାୟୀ ଖାରଜ ହୋଇଯିବ। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଶୋକ ମହାନ୍ତି, ବରିଷ୍ଠ ଆଇନଜୀବୀ ଧରଣୀଧର ନାୟକଙ୍କ ସମେତ ଆଇନଜୀବୀ ବିଜୟ କୁମାର ରଗଡ଼ ଓ ଆଇନଜୀବୀ ଲକ୍ଷ୍ମୀନାରାୟଣ ପଟେଲ ମାମଲା ପରିଚାଳନା କରୁଥିଲେ। କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି(ସିଏସି) ଆବାହକ ଅଶୋକ କୁମାର ଦାସ ହାଇକୋର୍ଟଙ୍କ ଏହି ରାୟକୁ ସ୍ୱାଗତ କରିଛନ୍ତି। ବହୁଦିନ ପରେ ଜେଲରୁ ଓକିଲମାନେ ବାହାରୁଥିବାରୁ ସେ ଅତ୍ୟନ୍ତ ଖୁସି ବୋଲି କହିଛନ୍ତି। ସୂଚନା ଯେ, ସମ୍ବଲପୁରଠାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି କରି ଆନ୍ଦୋଳନ କରୁଥିବା ଆଇନଜୀବୀମାନେ ଗତ ଡିସେମ୍ବର ୧୨ ତାରିଖରେ ବିଚାରପତିଙ୍କ ଚ୍ୟାମ୍ବରରେ ପଶି ଭଙ୍ଗାରୁଜା କରିବା ସହ ବିଚାରପତିଙ୍କୁ ବାହାର କରିଦେଇଥିଲେ। ଏହି ଅଭିଯୋଗରେ ୨୯ ଜଣ ଆଇନଜୀବୀ, ଜଣେ ବାର୍ କର୍ମଚାରୀ ଏବଂ ୮ଜଣ କିନ୍ନର ଗିରଫ ହୋଇଥିଲେ। ଗିରଫ ସମ୍ପୃକ୍ତ ଆଇନଜୀବୀଙ୍କ ଲାଇସେନ୍ସ ରଦ୍ଦ କରାଯାଇଥିଲା। ଏନେଇ ସମ୍ବଲପୁର ଟାଉନ ଥାନାରେ ରୁଜୁ ମାମଲାର ବିଚାର ସ୍ଥାନୀୟ ଏସ୍‌ଡିଜେଏମ୍ କୋର୍ଟରେ ବିଚାରାଧୀନ ରହିଛି। ତେବେ ଜାମିନରେ ମୁକୁଳିବା ପାଇଁ ସମ୍ବଲପୁର ଆଡିସିନାଲ ସେସନ୍ସ ଜଜ୍‌କୋର୍ଟରେ ହୋଇଥିବା ଆବେଦନ ଖାରଜ ହେବା ପରେ ସେମାନେ ହାଇକୋର୍ଟରେ ଜାମିନ ଆବେଦନ କରିଥିଲେ। ଅନ୍ୟପଟେ ଏହି ଘଟଣାରେ ଗିରଫ ଅନ୍ୟ ୮ଜଣ କିନ୍ନରଙ୍କୁ ମଧ୍ୟ ଖୁବ୍ ଶୀଘ୍ର ଜାମିନ ମିଳିବ ବୋଲି କୁହାଯାଉଛି।

### ସମ୍ବଲପୁର ଓକିଲଙ୍କ ଜାମିନ ଆବେଦନ ମାମଲା

# ୨୭୩ ଗ୍ରାମ ବ୍ରାଉନ୍‌ସୁଗାର ଜବତ: କାର୍, ବାଇକ୍ ଜବତ, ୩ ଗିରଫ

ଜଳେଶ୍ୱର,୧୦।୨(ଡି.ଏନ୍.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱର ପୋଲିସ ଶୁକ୍ରବାର ଦୁଇଟି ସ୍ଥାନରୁ ୨୭୩ ଗ୍ରାମ ବାଉନସୁଗାର ଜବତ କରିଛି। ଏହି ଘଟଣାରେ ଏକ କାର୍ ଓ ବାଇକ୍ ଜବତ ହେବା ସହ ୩ ଯୁବକଙ୍କୁ ଗିରଫ କରାଯାଇଛି। ଏନେଇ ଏସ୍‌ପି ସାଗରିକା ନାଥ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଜଳେଶ୍ୱର ପୂର୍ତ୍ତ ବିଭାଗ ଡାକବଙ୍ଗଳା ନିକଟରେ ଅଲାଲପୁର ଗାଁର ଜଣେ ଯୁବକ ଏକ ବାଇକ୍‌ରେ ୧୭ ଗ୍ରାମ ବ୍ରାଉନ୍ ସୁଗାର ଧରି ଯାଉଥିବାବେଳେ ପୋଲିସ ତାଙ୍କୁ ମାଡ଼ି ବସିଥିଲା। ତାଙ୍କ ନିକଟରୁ ଜବତ ହୋଇଥିବା ବ୍ରାଉନ୍‌ସୁଗରର ମୂଲ୍ୟ ୧ଲକ୍ଷ ୭୦ହଜାର ଟଙ୍କା ହେବ। ସେହିପରି ଜଳେଶ୍ୱରରୁ କମର୍ଦ୍ଧା ଅଭିମୁଖେ ଯାଉଥିବା ଏକ କାର୍‌କୁ ଅଟକାଇ ପୋଲିସ ଯାଞ୍ଚ କରିବାରୁ ୨୫୬ ଗ୍ରାମ ବ୍ରାଉନ୍‌ସୁଗାର ମିଳିଥିଲା। ଏହି ଘଟଣାରେ ପୋଲିସ କଷ୍ଟାବଣି ଓ ବାଉଁଶଡିହା ଅଞ୍ଚଳର ୨ ଯୁବକଙ୍କୁ ଗିରଫ କରିଥିଲା। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୨୫ଲକ୍ଷ ୬୦ହଜାର ଟଙ୍କା ହେବ ବୋଲି ଏସ୍‌ପି କହିଛନ୍ତି। ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଯୋଜନା ତୃଣମୂଳସ୍ତରରେ ପହଞ୍ଚାଇବାରେ ଓଏଏସ୍ ଅଧିକାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୦।୨(ବ୍ୟୁରୋ)

ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ହେଉଛି ରାଜ୍ୟ ପ୍ରଶାସନର ମୁଖ୍ୟ ଅଂଶ। ବ୍ଲକ ଏବଂ ତହସିଲଗୁଡ଼ିକରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଓଏଏସ୍ ଅଧିକାରୀ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଆସିଛନ୍ତି। ତୃଣମୂଳସ୍ତରରେ ସରକାରଙ୍କ ଜନକଲ୍ୟାଣ ଯୋଜନାକୁ ପହଞ୍ଚାଇବାରେ ସେମାନେ ଦାୟିତ୍ୱର ସହ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛନ୍ତି। ରାଜ୍ୟ ସରକାରଙ୍କ ବିଭିନ୍ନ ମହତାକାଂକ୍ଷୀ ଯୋଜନା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ୫-ଟି ସ୍କୁଲ ରୂପାନ୍ତରୀକରଣ, ପୁରୁଷ ବିଶ୍ୱକପ୍ ହକି, ମେକ୍ ଇନ୍ ଓଡିଶା କନ୍‌କ୍ଲେଭ ଏବଂ କରୋନା ମହାମାରୀ ସମୟରେ ଓଏଏସ୍ ଅଧିକାରୀମାନଙ୍କର ଭୂମିକା ପ୍ରଶଂସନୀୟ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଶୁକ୍ରବାର ଓଏଏସ୍ ସଂଘର ସାଧାରଣ ପରିଷଦର ଉଦ୍‌ଯାପନୀ ସଭାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ୫-ଟି ଓ ମୋ ସରକାର ପ୍ରଶାସନିକ ରୂପାନ୍ତରୀକରଣ କରିବା ସହ ସରକାରୀ କର୍ମଚାରୀଙ୍କ ଜନସାଧାରଣଙ୍କ ପ୍ରତି ମନୋଭାବରେ ପରିବର୍ତ୍ତନ ଆଣିଛି। ପ୍ରତ୍ୟେକ କ୍ଷେତ୍ରରେ ଓଡ଼ିଶା ଉତ୍ତମ ପ୍ରଦର୍ଶନର ଆଶାପୋଷଣ କରିବା ସହ ହକ୍‌ଦାର ହୋଇପାରିଛି। ବିଶ୍ୱକପ୍ ଆୟୋଜନ, ମହାମାରୀ ସମୟରେ ଦେଶକୁ ସହାୟତା କରିବା ଏବଂ ଅନ୍ୟାନ୍ୟ ପଦକ୍ଷେପ ନୂଆ ଓଡ଼ିଶାର ସଙ୍କେତ ବହନ ସହ ଦେଶକୁ ମାନବିକ ଜୀବନ ଓ ମୂଲ୍ୟବୋଧ କ୍ଷେତ୍ରରେ ଆଗକୁ ନେବାରେ ସାହାଯ୍ୟ କରିଛି। ସମୃଦ୍ଧ ଓଡ଼ିଶା ଗଠନର ସ୍ୱପ୍ନକୁ ସାକାର କରିବା ସକାଶେ ପରିବର୍ତ୍ତନକୁ ଗ୍ରହଣ କରିବା ପାଇଁ ପ୍ରଶାସନ ନିଶ୍ଚିତ ଭାବେ ଶକ୍ତିଶାଳୀ ହେବା ଦରକାର। ସରକାରଙ୍କ ସମସ୍ତ ଅଭିନବ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀମାନେ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

### ଓଏଏସ୍ ସଂଘର ସାଧାରଣ ପରିଷଦ ବୈଠକ

# ପେଟ୍ରୋଲ ପମ୍ପ କର୍ମଚାରୀଙ୍କ ସମେତ ୨ ମୃତ

ପରଜଙ୍ଗ, ୧୦।୨(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ୫୩ ନଂ. ଜାତୀୟ ରାଜପଥର ମୁଣ୍ଡେଇଲୋ ଗାଁ ଛକ ନିକଟରେ ଗୁରୁବାର ପୂର୍ବାହ୍ନରେ ଏକ ହୃଦୟ ବିଦାରକ ଦୁର୍ଘଟଣା ଘଟିଛି। ଏକ ବାଇକ୍ ଉପରେ କୋଇଲା ବୋଝେଇ ଟ୍ରକ୍ (ନଂ. ଓଡ଼ି ୧୯ ଏଚ୍ ୪୦୮୨) ମାଡ଼ିଯିବାରୁ ସରାଙ୍ଗସ୍ଥିତ ମୋନାଲିସା ପେଟ୍ରୋଲ୍ ପମ୍ପ କର୍ମଚାରୀ ମାମୁଦ ସାହୁ (୪୫) ଏବଂ ଆଠଗଡ଼ ଧାଇପୁର ଗ୍ରାମର ଅଶୋକ ମହାରଣା (୩୫)ଙ୍କ ମୃତ୍ୟୁ ଘଟିଛି।

ପରଜଙ୍ଗ ଥାନା କନ୍ତୋର ଗ୍ରାମର ମାମୁଦ ପୂର୍ବାହ୍ନରେ ଫିଲିଂ ଷ୍ଟେଶନକୁ ଯିବା ଲାଗି ଗାଡ଼ିକୁ ଅପେକ୍ଷା କରିଥିଲେ। ଏହି ସମୟରେ ଆଠଗଡ଼ ଧାଇପୁର ଗ୍ରାମର ଅଶୋକ ବାଇକ୍‌ରେ ତାଳଚେର ଆଡ଼କୁ ଯାଉଥିବାବେଳେ ତାଙ୍କୁ ମାମୁଦ ଲିଫ୍ଟ ମାଗିଥିଲେ। ଉଭୟେ ଗନ୍ତବ୍ୟ ପଥରେ ଯାଉଥିବାବେଳେ ତାଳଚେର ପାର୍ଶ୍ୱରୁ ଦ୍ରୁତଗତିରେ ଆସୁଥିବା ଉକ୍ତ କୋଇଲା ବୋଝେଇ ଟ୍ରକ୍ ଧକ୍କା ଦେଇଥିଲା। ଏଥିରେ ଉଭୟଙ୍କ ଗୋଡ଼ ଛିଣ୍ଡିଯାଇଥିଲା। ସ୍ଥାନୀୟ ବାସିନ୍ଦା ସେମାନଙ୍କୁ ଉଦ୍ଧାର କରି କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରିଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟପଟେ ଦୁର୍ଘଟଣା ଘଟାଇ ଟ୍ରକ୍‌ଟି ଫେରାର ହୋଇଯାଉଥିବାବେଳେ ପୋଲିସ ପିଛା କରି ଏହାକୁ ଧରିଥିଲା। ଡ୍ରାଇଭରଙ୍କୁ ଗିରଫ କରାଯାଇଛି। ଏ ସଂକ୍ରାନ୍ତରେ ପରଜଙ୍ଗ ଥାନାରେ ଏକ ମାମଲା ରୁଜୁ ହୋଇଛି।

ମୃତ ମାମୁଦଙ୍କ ସ୍ତ୍ରୀ ଏବଂ ଦେଢ଼ବର୍ଷର ପୁଅ ଅଛନ୍ତି। ଲିଫ୍ଟ ମାଗି ଗନ୍ତବ୍ୟସ୍ଥଳକୁ ଯିବା ସମୟରେ ତାଙ୍କର ଏଭଳି ମୃତ୍ୟୁରେ ପରିବାର ଲୋକେ ଭାଙ୍ଗି ପଡ଼ିଛନ୍ତି। ଏହି ଘଟଣା ଅଞ୍ଚଳରେ ଶୋକର ଛାୟା ଖେଳାଇଦେଇଛି।



ପୋଲିସ ଜବତ କରିଥିବା ଟ୍ରକ୍

### ବାଇକ୍ ଉପରେ ଚଢ଼ିଗଲା ଟ୍ରକ୍

# ଧରିତ୍ରୀ DHARITRI

ଭୁବନେଶ୍ୱର, ଶନିବାର, ଫେବୃୟାରୀ ୧୧/୨୦୨୩ | Bhubaneswar, Saturday, February 11/2023 | ପୃଷ୍ଠା-୧




**ରୋହିତ୍ ଶର୍ମାଙ୍କ ଶତକ**

ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟ ମ୍ୟାଚ୍‌ରେ ଭାରତ ଅଧିନାୟକ ରୋହିତ୍ ଶର୍ମା ଶତକ ହାସଲ କରିଛନ୍ତି।

୧୬

୧୩

**ସୋନୁ ସୁଦ୍‌ଙ୍କ ୪ର୍ଥ ମନ୍ଦିର**

ଅଭିନେତା ସୋନୁ ସୁଦ୍‌ଙ୍କୁ ସମ୍ମାନିତ କରିବାକୁ ଆନ୍ଧ୍ର ପ୍ରଦେଶ ଏବଂ ତେଲଙ୍ଗାନା ସୀମାରେ ତାଙ୍କ ୪ର୍ଥ ମନ୍ଦିର ତିଆରି କରାଯାଇଛି ।






ଭୁବନେଶ୍ୱର ଉତ୍କଳ ମଣ୍ଡପଠାରେ ଶୁକ୍ରବାର ଜ୍ଞାନପ୍ରଭା ମିଶନ୍‌ର ପ୍ରତିଷ୍ଠା ଉତ୍ସବରେ ମିଶନ ପ୍ରତିଷ୍ଠାତା ପରମହଂସ ପ୍ରଜ୍ଞାନାନନ୍ଦଜୀ ମହାରାଜ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ ତାଙ୍କର ଏକ ପ୍ରତିକୃତି ଭେଟି ଦେଉଛନ୍ତି। ନିକଟରେ ଅଛନ୍ତି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

# ମାର୍ଚ୍ଚ ୫ରେ ଏନ୍‌ଇଇଟି-ପିଜି ପରୀକ୍ଷା

**ନୂଆଦିଲ୍ଲୀ,୧୦।୨(ପି.ଟି.)**

ସ୍ନାତକୋତ୍ତର ଡାକ୍ତରୀ ପାଠ୍ୟକ୍ରମରେ ନାମ ଲେଖାଇବାକୁ ଆଗ୍ରହୀ ଛାତ୍ରୀଛାତ୍ରଙ୍କ ପାଇଁ ଏନ୍‌ଇଇଟି-ପିଜି ପରୀକ୍ଷା ଧାର୍ଯ୍ୟ କାର୍ଯ୍ୟସୂଚୀ ଅନୁଯାୟୀ ମାର୍ଚ୍ଚ ୫ ତାରିଖରେ ଅନୁଷ୍ଠିତ ହେବ ବୋଲି ଶୁକ୍ରବାର ଲୋକ ସଭାରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନ୍‌ସୁଖ ମାଣ୍ଡବ୍ୟ କହିଛନ୍ତି। କେହି ଯେପରି ପରୀକ୍ଷାରୁ ବାଦ୍ ନ ପଡ଼ନ୍ତି, ସେଥିପାଇଁ ଇଣ୍ଟର୍ନଶିପ୍ ଶେଷ କରି ନ ଥିବା ସମସ୍ତ ଏମ୍‌ବିବିଏସ୍ ଛାତ୍ରୀଛାତ୍ରଙ୍କ ପାଇଁ କଟ୍‌ଅଫ୍ ତାରିଖକୁ ମନ୍ତ୍ରଣାଳୟ ବଢ଼ାଇଦେଇଛି। ନିମ୍ନ ସଦନରେ କଂଗ୍ରେସ ସଦସ୍ୟ ଗୌରବ ଗୋଗୋଇଙ୍କ ଏକ ପ୍ରଶ୍ନର ଉତ୍ତରରେ ମାଣ୍ଡବ୍ୟ ଏହା କହିଛନ୍ତି। ଏନ୍‌ଇଇଟି-ପିଜି ପରୀକ୍ଷାକୁ କିଛି ମାସ ସ୍ଥଗିତ ରଖିବା ଲାଗି ଛାତ୍ରୀଛାତ୍ର ଦାବି କରିଥିଲେ। ଏନେଇ ମନ୍ତ୍ରଣାଳୟର ମତ କ'ଣ ବୋଲି ଗୋଗୋଇ ଜାଣିବାକୁ ଚାହିଁଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀ କହିଥିଲେ, ପରୀକ୍ଷା ତାରିଖ ୫ ମାସ ପୂର୍ବରୁ ଘୋଷଣା ହୋଇଛି ଏବଂ ପ୍ରବେଶିକା ପରୀକ୍ଷା ଦେବାକୁ ଚାହୁଁଥିବା ଛାତ୍ରୀଛାତ୍ର ପ୍ରସ୍ତୁତ ହୋଇସାରିଛନ୍ତି। ପୂର୍ବରୁ ପରୀକ୍ଷା ୭-୮ ମାସ ଓ ପରେ ୪ ମାସ ବିଳମ୍ବ ହୋଇଥିଲା। ବିଳମ୍ବ କରିଚାଲିଲେ ଏଭଳି ସ୍ଥିତି ସୃଷ୍ଟି ହେବ। ଏହାର ସମାଧାନ ହେବା ଆବଶ୍ୟକ। ଠିକ୍ ସମୟରେ ପ୍ରବେଶିକା ପରୀକ୍ଷା କରାଇବା ଅତ୍ୟନ୍ତ ଜରୁରୀ ବୋଲି ମାଣ୍ଡବ୍ୟ କହିଥିଲେ।

# ଦିଲ୍ଲୀ ଲିଙ୍କ୍ ନେଇ ଜୋର ଧରିଲା ଚର୍ଚ୍ଚା

**ନବ ଦାସ ହତ୍ୟାକାଣ୍ଡ**



**କିଛି ସପ୍ତାହ ପୂର୍ବେ ୨ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଥିଲେ**

**ସମ୍ବଲପୁର,୧୦।୨(ବ୍ୟୁରୋ)**

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସଙ୍କୁ ଗୁଳିକରି ହତ୍ୟା ଘଟଣାକୁ ଶୁକ୍ରବାର ୧୩ଦିନ ପୂରିଛି। ଘଟଣାର ପ୍ରଥମ ଦିନରୁ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ ଏଯାବତ୍ ହତ୍ୟାର କାରଣ ସ୍ପଷ୍ଟ କରିପାରି ନାହିଁ। ଇତିମଧ୍ୟରେ ଅଭିଯୁକ୍ତ ଗୋପାଳକୃଷ୍ଣ ଦାସଙ୍କୁ ଗୁଜରାଟ ନେଇ ପଲିଗ୍ରାଫ୍ ଏବଂ ନାର୍କୋ ଟେଷ୍ଟ କରାଯାଇଛି। ଏଥିନେଇ ସ୍ଥାନୀୟ ଅଞ୍ଚଳରେ ଅନେକ ପ୍ରକାର ଗୁଜବ ସୃଷ୍ଟି ହେବାରେ ଲାଗିଛି। ଉଦାହରଣ ସ୍ୱରୂପ ଗୋପାଳଙ୍କୁ ଭାଜପା ଶାସିତ ଗୁଜରାଟକୁ କାହିଁକି ନିଆଗଲା, ସେ ସମ୍ପର୍କରେ କଳ୍ପନା ଜଳ୍ପନା ସୃଷ୍ଟି ହେଉଛି। ତେବେ ନବ ଦାସ ହତ୍ୟା ଘଟଣାରେ ରାଜ୍ୟର ଜଣେ ପ୍ରଭାବଶାଳୀ ନେତା ଓ ଜଣେ ପ୍ରଶାସନିକ ଅଧିକାରୀଙ୍କ ସମ୍ପୃକ୍ତି ଥିବାନେଇ ବିଭିନ୍ନ ମହଲରେ ଆଲୋଚନା ହୋଇ ଆସୁଥିବାବେଳେ ଏବେ ଏକ ନୂଆ ତଥ୍ୟକୁ ନେଇ ଚର୍ଚ୍ଚା ଜୋର ଧରିଛି। ନବଙ୍କ ହତ୍ୟାକାଣ୍ଡର ସୁରାକ୍ ଦିଲ୍ଲୀରୁ ମିଳିବ ବୋଲି କୁହାଯାଉଛି।

ଆଲୋଚନା ହେଉଛି ଯେ, ହତ୍ୟାର କିଛି ସପ୍ତାହ ପୂର୍ବେ ନବ ଦାସ ଦିଲ୍ଲୀ ଗସ୍ତ କରିଥିଲେ। ଏହା ତାଙ୍କର ବ୍ୟକ୍ତିଗତ ଗସ୍ତ ଥିଲା। ସେଠାରେ ଦୁଇଜଣ କେନ୍ଦ୍ରମନ୍ତ୍ରୀଙ୍କ ସହ ନବଙ୍କ ସାକ୍ଷାତ୍ ହୋଇଥିଲା। ଏପରି କି ବଚସା ମଧ୍ୟ ହୋଇଥିଲା ବୋଲି ନବ କୁଆଡ଼େ କହିଥିଲେ। କୋଇଲା ପରିବହନ ବ୍ୟବସାୟରେ ସମ୍ପୃକ୍ତ ଥିବା କେତେକ ସୂତ୍ରରୁ ଜଣାପଡ଼ିଛି ଯେ, ରେଙ୍ଗାଲି ତହସିଲ ତଲାବିରା କୋଇଲାଖଣି - ୨ ଓ ୩ ରେ ପରିବହନ ଏବଂ ଏଠାରେ ଥିବା ଅନ୍ୟାନ୍ୟ ସମସ୍ୟାକୁ ନେଇ କେନ୍ଦ୍ରମନ୍ତ୍ରୀଙ୍କ ସହ ଆଲୋଚନା ହୋଇଥିଲା। କୁହାଯାଉଛି ଯେ, ସମ୍ବଲପୁର ଜିଲା ରେଙ୍ଗାଲି, ଝାରସୁଗୁଡ଼ା, ସୁନ୍ଦରଗଡ଼, ବ୍ରଜରାଜନଗର ଭଳି କୋଇଲା ଖଣି ଅଞ୍ଚଳରେ ପରିବହନ ଓ ଅନ୍ୟ କାମଗୁଡ଼ିକରେ ଅନେକ ଲୋକ ନିୟୋଜିତ ହୋଇ ରୋଜଗାର କରୁଛନ୍ତି। ସେମାନଙ୍କ ମଧ୍ୟରେ ଅଧିକାଂଶଙ୍କ ସହ ନବ ଦାସଙ୍କ ପ୍ରତ୍ୟକ୍ଷ ଓ ପରୋକ୍ଷ ସମର୍ଥନ ରହୁଥିଲା। ତେଣୁ କୋଇଲା ଖଣିଗୁଡ଼ିକରେ ପରିବହନ କାର୍ଯ୍ୟରେ ନିୟୋଜିତ ଅନ୍ୟ କମ୍ପାନୀଗୁଡ଼ିକର ଅଧିକାରୀମାନେ ନବଙ୍କୁ କୁଆଡ଼େ ଟାର୍ଗେଟ କରିଥିଲେ। ଅନ୍ୟପକ୍ଷରେ କୋଇଲା ପରିବହନରେ ଜଣେ କେନ୍ଦ୍ରମନ୍ତ୍ରୀଙ୍କ ପୁଅ ଅଂଶୀଦାର ରହିଥିବାରୁ କେନ୍ଦ୍ରୀୟ ସଂସ୍ଥାଗୁଡ଼ିକୁ ଲଗାଇ ନବଙ୍କ ସମସ୍ତ ବ୍ୟବସାୟକୁ ବନ୍ଦ କରି ଦିଆଯିବାକୁ ମଧ୍ୟ ଚେଷ୍ଟା କରାଯାଇ ଥାଇପାରେ। ତେଣୁ ନବଙ୍କ ଉକ୍ତ ଦିଲ୍ଲୀ ଗସ୍ତ ସମୟର ଫୋନ୍ କଲ୍ ମଧ୍ୟ ଯାଞ୍ଚ କରିବାକୁ କେତେକ ☞ପୃଷ୍ଠା-୨

# କେନ୍ଦ୍ର, ସେବିର ମତ ଲୋଡ଼ିଲେ ସୁପ୍ରିମକୋର୍ଟ

**ଆଦାନୀ ଉପରେ ହିଣ୍ଡେନ୍‌ବର୍ଗ ରିପୋର୍ଟ**

- ବଢ଼ିଲା ନିବେଶକଙ୍କ ସ୍ୱାର୍ଥ ଚିନ୍ତା
- ୨ ପିଆଇଏଲ୍‌ର ପରବର୍ତ୍ତୀ ଶୁଣାଣି ୧୩ରେ

**ନୂଆଦିଲ୍ଲୀ,୧୦।୨**

ଆମେରିକୀୟ ଶର୍ଟ ସେଲର ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ଜାନୁୟାରୀ ୨୪ରେ ଆଦାନୀ ଗ୍ରୁପ୍‌ର ଷ୍ଟକ୍ସ ଜାଲିଆତି ରିପୋର୍ଟ ପ୍ରଘଟ କରିବା ପରେ କମ୍ପାନୀର ଶେୟାର ମୂଲ୍ୟରେ 'ଆର୍ଟିଫିସିଆଲ କ୍ରାଶ୍' (ମନୁଷ୍ୟକୃତ ପତନ) ହୋଇଥିବା ଦର୍ଶାଇ ସୁପ୍ରିମକୋର୍ଟରେ ଦୁଇଟି ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଏର ହୋଇଛି। ଷ୍ଟକ୍ସ ମୂଲ୍ୟ ହ୍ରାସ ପାଇବାରେ ଲାଗିଥିବାରୁ ନିରୀହ ନିବେଶକମାନେ ଶୋଷଣର ଶିକାର ହୋଇଛନ୍ତି। ତେଣୁ ହିଣ୍ଡେନ୍‌ବର୍ଗ ରିପୋର୍ଟର ତଦନ୍ତ କରାଯାଉ ଏବଂ ନିବେଶକମାନଙ୍କୁ ଆଶ୍ୱସ୍ତି ଦିଆଯାଉ ବୋଲି ଏଥିରେ ନିବେଦନ କରାଯାଇଛି। ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଖଣ୍ଡପୀଠ ଶୁକ୍ରବାର ଏହାର ଶୁଣାଣି କରି କେନ୍ଦ୍ର ଏବଂ ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ (ସେବି)ର ମତାମତ ଲୋଡ଼ିଛନ୍ତି। ପୁଞ୍ଜିବଜାରରେ ଭାରତୀୟ ନିବେଶକଙ୍କ ସ୍ୱାର୍ଥ ସୁରକ୍ଷା ପାଇଁ ଦେଶରେ ଏକ ମଜଭୁତ ବ୍ୟବସ୍ଥା ରହିବା ଉଚିତ ବୋଲି ତିନିଜଣିଆ ଖଣ୍ଡପୀଠ ପ୍ରକାଶ କରିଛନ୍ତି। ଜଷ୍ଟିସ୍ ପି.ଏସ୍. ନରସିଂହ ଏବଂ ଜେ.ବି. ପର୍ଡିୱାଲା ସାମିଲ ଥିବା ଖଣ୍ଡପୀଠ ନିବେଶକମାନଙ୍କ ସ୍ୱାର୍ଥ ରକ୍ଷା ଲାଗି ମଜଭୁତ ବ୍ୟବସ୍ଥା କରିବା ସହ ଏକ ବିଶେଷଜ୍ଞ କମିଟି ଗଠନ ପାଇଁ ପରାମର୍ଶ ଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି, ଉକ୍ତ କମିଟିରେ ବିଶେଷଜ୍ଞମାନଙ୍କ ସହ ଜଣେ ବିଚାରପତି ମଧ୍ୟ ରହିବେ। ଆଦାନୀ ଗ୍ରୁପ୍ ବିରୋଧରେ ଆସିଥିବା ଅଭିଯୋଗ ପରେ ମାର୍କେଟର ଅଧଃପତନର ଯାଞ୍ଚ କରିବେ। କାରଣ ଶେୟାର ମାର୍କେଟ ଉପରେ ସେଣ୍ଟିମେଣ୍ଟ (ଭାବାବେଗ)ର ପ୍ରଭାବ ଅଧିକ ରହିଥାଏ। ହିଣ୍ଡେନ୍‌ବର୍ଗ ରିପୋର୍ଟ ପ୍ରକାଶ ପାଇବା ପରଠୁ ୨ ସପ୍ତାହ ମଧ୍ୟରେ ନିବେଶକମାନେ ଅନେକ କୋଟି ଟଙ୍କା ହରାଇଲେଣି। ଭବିଷ୍ୟତରେ ଯେପରି ଏହାର ପୁନରାବୃତ୍ତି ନ ହେବ ସେଥିଲାଗି ବ୍ୟବସ୍ଥା କରିବାକୁ କହୁଛୁ। ଆମେ ପଲିସି ଉପରେ ମୁଣ୍ଡ ଖେଳାଇବାକୁ ଚାହୁଁନାହୁଁ। ଏହା ସରକାରଙ୍କ କାମ। ଭାରତ ସରକାର ଏନେଇ ଆଗ୍ରହୀ କି ନୁହନ୍ତି ତାହା ମଧ୍ୟ ବିଶେଷଜ୍ଞ କମିଟି ଅନୁଧ୍ୟାନ କରିବ। ସେବି ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ, ବଜାର ନିୟନ୍ତ୍ରକ ଓ ଅନ୍ୟ ବୈଧାନିକ ସଂସ୍ଥାଗୁଡ଼ିକ ଆବଶ୍ୟକ ପଦକ୍ଷେପ ନେଉଛନ୍ତି। ଏହା ଉପରେ ଖଣ୍ଡପୀଠ କହିଥିଲେ, ସେବି ସବୁ କିଛି କରୁଛି ବୋଲି ସଲିସିଟର ଜେନେରାଲ କହୁଛନ୍ତି। ଆମେ କୌଣସି ନିୟନ୍ତ୍ରକ ଢାଞ୍ଚା ଉପରେ ଦୋଷ ଲଦୁନାହୁଁ। ଏହି ଦିଗକୁ ନେଇ ବିତର୍କ କରୁଛୁ। ସଲିସିଟର ଜେନେରାଲ ସେବି ସମେତ ଅର୍ଥ ଓ ଅନ୍ୟ ମନ୍ତ୍ରଣାଳୟଗୁଡ଼ିକ ସହ ବିଚାରବିମର୍ଶ କରି ସୋମବାର ଏକ ପ୍ରସ୍ତାବ ନେଇ ଆସିବେ ବୋଲି ଖଣ୍ଡପୀଠଙ୍କୁ ଅବଗତ କରାଇଛନ୍ତି।

ପ୍ରକାଶ ଯେ, ହିଣ୍ଡେନ୍‌ବର୍ଗ ରିପୋର୍ଟ ପ୍ରଘଟ ହେବା ଦିନଠାରୁ ବିଶିଷ୍ଟ ଶିଳ୍ପପତି ଗୌତମ ଆଦାନୀଙ୍କ ଆଦାନୀ ଗ୍ରୁପ୍ ଅଧୀନ ୭ କମ୍ପାନୀର ଶତାଧିକ ବିଲିୟନ୍ ଡଲାର କ୍ଷତି ହେଲାଣି। ଆଦାନୀ ଏହି ଅଭିଯୋଗକୁ ଭିତ୍ତିହୀନ ଓ ତାଙ୍କ ସମ୍ମାନ ଉପରେ ଆକ୍ରମଣ କହି ଖଣ୍ଡନ କରିଛନ୍ତି। ଗୋଟିଏ ପିଆଇଏଲ୍ ଆଇନଜୀବୀ ବିଶାଳ ତିୱାରୀ ଓ ଅନ୍ୟଟି ବରିଷ୍ଠ ଓକିଲ ଏମ୍.ଏଲ୍. ଶର୍ମା ଦାଖଲ କରିଛନ୍ତି। ଆସନ୍ତା ୧୩ ତାରିଖରେ ଉଭୟଙ୍କ ପିଟିଶନ୍‌ର ପରବର୍ତ୍ତୀ ଶୁଣାଣି ହେବ।

# ଏସ୍‌ଆଇ ନିଯୁକ୍ତି ବିଜ୍ଞପ୍ତି ଉପରେ ରହିତାଦେଶ

**ସର୍ବାଧିକ ବୟସ ସୀମା ସମ୍ପର୍କିତ ନୂତନ ବିଜ୍ଞପ୍ତିକୁ ଚ୍ୟାଲେଞ୍ଜ**

**କଟକ ଅଫିସ,୧୦।୨**

ଓଡ଼ିଶା ପୋଲିସ ସବ୍‌ଇନ୍ସପେକ୍ଟର (ଏସ୍‌ଆଇ) ନିଯୁକ୍ତି ନେଇ ୨୦୨୧ ଜୁନ୍ ୨୨ତାରିଖରେ ପ୍ରକାଶିତ ବିଜ୍ଞପ୍ତି ଉପରେ



ଓଡ଼ିଶା ହାଇକୋର୍ଟ ଅନ୍ତରୀଣ ରହିତାଦେଶ ଦେଇଛନ୍ତି। ଅଦାଲତଙ୍କ ଅନ୍ୟାଦେଶ ପର୍ଯ୍ୟନ୍ତ ଏହି ବିଜ୍ଞପ୍ତି ଉପରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇପାରିବ ନାହିଁ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି। ବିଚାରପତି ଶୁଭାଶିଷ ତାଳପତ୍ର ଓ ବିଚାରପତି ସାବିତ୍ରୀ ରଥଙ୍କ ଖଣ୍ଡପୀଠ ଶୁକ୍ରବାର ମାମଲାର ଶୁଣାଣି କରି ନିଯୁକ୍ତି କ୍ଷେତ୍ରରେ ସର୍ବାଧିକ ବୟସ ସୀମା ବୃଦ୍ଧି ସମ୍ପର୍କିତ ୨୦୨୨ ଜାନୁୟାରୀ ୧୫ତାରିଖର ବିଜ୍ଞପ୍ତିକୁ କାହିଁକି ରଦ୍ଦ କରା ନ ଯିବ, ସେନେଇ ଜବାବ ଦେବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** ବିନା ପଦବୀରେ ବଦଳି

# ପୁରୁଣା ବଜେଟ ପଢ଼ି ଗେହଲଟ ହଟହଟା

**୨୦୨୩-୨୪ ଆର୍ଥିକବର୍ଷର ବଜେଟ ଉପସ୍ଥାପନ ପାଇଁ ଶୁକ୍ରବାର ରାଜସ୍ଥାନ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡକାଯାଇଥିଲା। ଅର୍ଥ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ବଜେଟ ପଢ଼ିବା ଆରମ୍ଭ କଲେ। ସେ ଯାହା ପଢ଼ିଚାଲିଲେ ତାକୁ ଶୁଣି ଗୃହରେ ଉପସ୍ଥିତ ସଦସ୍ୟମାନେ ବିସ୍ମିତ ହେଲେ। ମୁଖ୍ୟମନ୍ତ୍ରୀ ଗେହଲଟ ଏକ ପୁରୁଣା ବଜେଟକୁ ପଢୁଥିଲେ ବୋଲି ଜଣାପଡ଼ିବା ପରେ ଟାର୍ଗେଟ କରିବା ପାଇଁ ସୁଯୋଗ ପାଇଗଲା ବିରୋଧୀ ଭାଜପା। ଗେହଲଟ ମଧ୍ୟ ନିଜ ଭୁଲ୍ ଜାଣି ଲଜ୍ଜିତ ହେଲେ। ୮ ମିନିଟ୍ ପଢ଼ିବା ପରେ ସେ ଗୃହରେ କ୍ଷମା ମାଗିଲେ। କହିଲେ, ଭୁଲ୍‌ବଶତଃ ଯାହା ହୋଇଯାଇଛି, ସେଥିପାଇଁ ମୁଁ ଦୁଃଖିତ।**

**କହିଲେ ଭୁଲ୍ ହୋଇଗଲା, ସରି**

**ଜୟପୁର,୧୦।୨**

ଚଳିତବର୍ଷ ଶେଷ ଆଡ଼କୁ ରାଜସ୍ଥାନ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ନେତୃତ୍ୱାଧୀନ କଂଗ୍ରେସ ସରକାର ଅନେକ ପ୍ରସ୍ତୁତି ଚଳାଇଥିଲେ। ବିଶେଷକରି ଯୁବବର୍ଗର ଭୋଟରଙ୍କୁ ଆକୃଷ୍ଟ କରିବା ଲାଗି ୨୦୨୩-୨୪ ଆର୍ଥିକବର୍ଷର ବଜେଟରେ ସେମାନଙ୍କ ପାଇଁ ଅନେକ ସୁବିଧା କରିଥିଲେ। କିନ୍ତୁ ଶୁକ୍ରବାର ବଜେଟ ଉପସ୍ଥାପନ ବେଳେ ବିଭ୍ରାଟ ହେଲା। ଗେହଲଟ ୨୦୨୨-୨୩ ଆର୍ଥିକବର୍ଷର ବଜେଟ ଦସ୍ତାବିଜକୁ ପଢ଼ିଚାଲିଥିଲେ। ସହରାଞ୍ଚଳରେ ନିଯୁକ୍ତି ଏବଂ କୃଷକ କଲ୍ୟାଣ ସମ୍ପର୍କିତ ପ୍ରଥମ ଦୁଇଟି ଘୋଷଣା ପୂର୍ବ ବର୍ଷର ବୋଲି



ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ବଜେଟ୍ ଉପସ୍ଥାପନ କରୁଛନ୍ତି।

କ୍ୟାବିନେଟ ମନ୍ତ୍ରୀ ମହେଶ ଜୋଷୀ ଜାଣିପାରି ଗେହଲଟଙ୍କୁ ଅଟକାଇଥିଲେ। ମୁଖ୍ୟମନ୍ତ୍ରୀ ପୁରୁଣା ବଜେଟ ପଢୁଛନ୍ତି ବୋଲି ବିରୋଧୀ ଭାଜପା ସଦସ୍ୟମାନେ ଅଭିଯୋଗ ଆଣି ତାଙ୍କୁ ଉପହାସ କଲେ। ଭାଜପା ବିଧାୟକମାନେ ବିକ୍ଷୋଭ କରିବାରୁ ଗୃହକାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିଲା। ବଜେଟ ଲିକ୍ ହୋଇଥିବାରୁ ଏହାକୁ ଉପସ୍ଥାପନ କରାଯାଇପାରିବ ନାହିଁ ବୋଲି ଭାଜପା ନେତା ଗୁଲାବ ଚନ୍ଦ କଟାରିଆ କହିଥିଲେ। ଗେହଲଟ କହିଲେ, ମୋ ହାତରେ ଥିବା ବଜେଟ ଓ ଗୃହର ସଦସ୍ୟମାନଙ୍କୁ ଦିଆଯାଇଥିବା କପି ମଧ୍ୟରେ କିଛି ପ୍ରଭେଦ ଥିଲେ ଆପଣମାନେ କହିପାରିବେ। ଯଦି ମୋ ବଜେଟ କପିରେ ☞ପୃଷ୍ଠା-୨

# ୧୩ରେ କ୍ୟାବିନେଟ୍, ମନ୍ତ୍ରୀ ପରିଷଦ ବୈଠକ

**ଭୁବନେଶ୍ୱର,୧୦।୨(ବ୍ୟୁରୋ)**

ଆସନ୍ତା ୧୩ ତାରିଖ ସୋମବାର ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅପରାହ୍ନ ୫ଟା ୪୫ ମିନିଟ୍‌ରେ ଏହି ବୈଠକ ଅନୁଷ୍ଠିତ ହେବ। ବୈଠକରେ ୧୨ରୁ ଅଧିକ ପ୍ରସ୍ତାବ ଉପରେ ମୋହର ଲାଗିବା ସମ୍ଭାବନା ରହିଛି। ପଞ୍ଚାୟତିରାଜ, ସମବାୟ, କୃଷି, ସ୍ୱାସ୍ଥ୍ୟ, ଶିଳ୍ପ ଓ ଜଳସମ୍ପଦ ଭଳି ଅନେକ ବିଭାଗର ପ୍ରସ୍ତାବଗୁଡ଼ିକୁ ବୈଠକରେ ଅନୁମୋଦନ ମିଳିବ। ସେହିଦିନ ମନ୍ତ୍ରୀ ପରିଷଦ ବୈଠକ ମଧ୍ୟ ଅନୁଷ୍ଠିତ ହେବ। ଫେବୃୟାରୀ ୨୧ରେ ବିଧାନସଭାର ବଜେଟ ଅଧିବେଶନ ଆରମ୍ଭ ହେବ। ୨୪ ତାରିଖରେ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଗୃହରେ ବଜେଟ ଉପସ୍ଥାପନ ହେବ। ଏହାପୂର୍ବରୁ ବଜେଟକୁ ମନ୍ତ୍ରୀ ପରିଷଦ ବୈଠକରେ ଅନୁମୋଦନ କରାଯିବ।

**ଆଜିର ମନ୍ତବ୍ୟ**

୨୦୨୪ ଲୋକ ସଭା ନିର୍ବାଚନ ପାଇଁ ସାମ୍ପ୍ରଦାୟିକ ଏବଂ ଅନ୍ୟାନ୍ୟ ବିଭେଦକାରୀ ପ୍ରସଙ୍ଗରେ ଲୋକଙ୍କ ମଧ୍ୟରେ ବିଭାଜନ ସୃଷ୍ଟି ନକରି ବେରୋଜଗାରି, ଆର୍ଥିକ ଅଭିବୃଦ୍ଧି, ଦାରିଦ୍ର୍ୟ ଦୂରୀକରଣ ଭଳି ବାସ୍ତବ ପ୍ରସଙ୍ଗ ଉପରେ ଫୋକସ୍ କରାଯାଉ। **-ସଚିନ ପାଇଲଟ, କଂଗ୍ରେସ ନେତା**



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଖୁ, କାକୁଡି, ନଡ଼ିଆ, ମକା;**
**ଦାନ୍ତ ପଡିଲେ ତଳକୁ ପକା ।**

ସାଧାରଣତଃ ଆଖୁ, କାକୁଡି, ନଡ଼ିଆ ଓ ମକା ଭଳି ଖାଦ୍ୟକୁ ଚୋବେଇ ଚୋବେଇ ଖାଇବା ପାଇଁ ଦାନ୍ତର ଆବଶ୍ୟକତା ପଡିଥାଏ। ଦାନ୍ତ ନ ଥିବା ବ୍ୟକ୍ତି ଏଭଳି ଖାଦ୍ୟକୁ ଖାଇବା ପାଇଁ ଅସୁବିଧା ଭୋଗିଥାନ୍ତି। ତେଣୁ ପାଟିର ଦାନ୍ତ ପଡିଗଲେ ଚୋବେଇବା ଖାଦ୍ୟ ପଦାର୍ଥକୁ ହତାଦର କରାଯାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଆଞ୍ଜା ଆଞ୍ଜା ମାଳ ମାଳ,**
**ଦେବା ନେବା ବାଘର ବାଳ।**

କେତେ ବ୍ୟକ୍ତିଙ୍କ କଥା ଓ କାର୍ଯ୍ୟରେ କିଛି ସାମଞ୍ଜସ୍ୟ ରହି ନ ଥାଏ। ଯେଉଁଭଳି ଭାବେ କଥା କହିଥାନ୍ତି, କାର୍ଯ୍ୟରେ ତାହାକୁ ରୂପାନ୍ତରିତ କରି ନ ଥାନ୍ତି। ଆଞ୍ଜା ଆଞ୍ଜା କହି ବା କରି କିଛି ନ ଦେଇ ଭଣ୍ଡାଉଥିବା ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ସୂର୍ଯ୍ୟଠୁ ଅଲଗା ହୋଇଛି ବିଶାଳ ଖଣ୍ଡ

ୱାଶିଂଟନ,୧୦।୨

ସୂର୍ଯ୍ୟ ପୃଷ୍ଠରୁ ଏକ ବିଶାଳ ଅଂଶ ଅଲଗା ହୋଇଯିବାରୁ ଏହାର ଉତ୍ତର ମେରୁ ଚାରିପଟେ ଘୂର୍ଣ୍ଣିଝଡ଼ ଭଳି ସ୍ଥିତି ଦେଖାଦେଇଛି। ଏହା ବୈଜ୍ଞାନିକମାନଙ୍କୁ ବିସ୍ମିତ କରିଥିବାବେଳେ ସେମାନେ ଏହାର କାରଣ ଅନୁଧ୍ୟାନ ପାଇଁ ଉଦ୍ୟମ ଚଳାଇଛନ୍ତି। ସୂର୍ଯ୍ୟରୁ ଏକ ବଡ଼ ଅଂଶ ଅଲଗା ହୋଇଥିବାର ଭିଡିଓ ମହାକାଶ ବିଜ୍ଞାନୀଙ୍କୁ ଚିନ୍ତାରେ ପକାଇଛି। ନାସାର ଜେମ୍ସ ୱେବ୍ ଟେଲିସ୍କୋପ୍‌ରେ ଏହି



ଦୃଶ୍ୟ ଧରାପଡ଼ିଥିବାବେଳେ ଗତ ସପ୍ତାହରେ ମହାକାଶ ପାଣିପାଗ ବିଜ୍ଞାନୀ ଡ. ଟାମିଥା ସ୍କୋଭ୍ ଏହାକୁ ଟୁଇଟରରେ ଶେୟାର କରିଛନ୍ତି। ନାସା କହିବା ଅନୁଯାୟୀ, ସୂର୍ଯ୍ୟ ପୃଷ୍ଠଠାରୁ ଏକ ବୃହତ୍ ଉଜ୍ଜ୍ୱଳ ଅଂଶ ଅଲଗା ହୋଇଯାଇଛି। ଅତୀତରେ ଏଭଳି ଅନେକ ଥର ହୋଇଥିଲାବେଳେ ଏଥର ବିଚ୍ଯୁତ ହୋଇଥିବା ଅଂଶ ବହୁତ ବଡ଼ ବୋଲି କୁହାଯାଉଛି।

# କେନ୍ଦ୍ର ବଜେଟକୁ ବିଜେଡିର ପ୍ରଶଂସା

## ସାମାଜିକ କ୍ଷେତ୍ରକୁ କମ୍ ବ୍ୟୟବରାଦ ନେଇ ଚିନ୍ତା ପ୍ରକଟ

ନୂଆଦିଲ୍ଲୀ,୧୦।୨

୨୦୨୩-୨୪ ଆର୍ଥିକ ବର୍ଷର କେନ୍ଦ୍ର ବଜେଟକୁ ବିଜେଡି ପ୍ରଶଂସା କରିଛି। କିନ୍ତୁ ସାମାଜିକ କ୍ଷେତ୍ରଗୁଡ଼ିକୁ ଆବଣ୍ଟିତ ଅର୍ଥକୁ ନେଇ ଆଶଙ୍କା ମଧ୍ୟ ପ୍ରକଟ କରିଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଭାରତକୁ ୫ ଟ୍ରିଲିୟନ ଅର୍ଥନୀତିରେ ପରିଣତ ପାଇଁ ପ୍ରସ୍ତୁତ କରିଥିବା ବ୍ଲୁ ପ୍ରିଣ୍ଟକୁ ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର ପ୍ରଶଂସା କରିଛନ୍ତି। ସୁଜିତ କହିଛନ୍ତି, ବଜେଟରେ ଇ-କୋର୍ଟ ପାଇଁ ଆବଣ୍ଟିତ ଅର୍ଥ ଯୋଗୁ ନ୍ୟାୟପାଳିକାରେ କାଗଜ ବ୍ୟବହାର କମିବ। ସେହିପରି ଗ୍ରୀନ୍ ହାଇଡ୍ରୋଜେନ୍ ମିଶନ ସକାଶେ ୧୯,୭୦୦ କୋଟି ଟଙ୍କା ଆବଣ୍ଟନ ଏକ ଉଚିତ ପଦକ୍ଷେପ । ଗ୍ରୀନ୍ ହାଇଡ୍ରୋଜେନ ମିଶନ ଜୀବାଶ୍ମ ଇନ୍ଧନ ଉପରେ ଦେଶର ନିର୍ଭରଶୀଳତା କମାଇବ। ଅନ୍ୟପକ୍ଷେ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଓଡ଼ିଶା ପାଇଁ ଅନୁଦାନ ରାଶି ୯୦:୧୦ ହାରରେ ଧାର୍ଯ୍ୟ ଲାଗି କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି ସୁଜିତ କୁମାର। ଏକଲବ୍ୟ ସ୍କୁଲ ପ୍ରତିଷ୍ଠା ପାଇଁ ଉଦ୍ଦିଷ୍ଟ ଗାଇଡ୍‌ଲାଇନରେ ପରିବର୍ତ୍ତନ ସକାଶେ ମଧ୍ୟ ସେ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି ।

**ପ୍ରଥମ ପୃଷ୍ଠାରୁ...**

## ପୁରୁଣା ବଜେଟ ପଢ଼ି ...

ଭୁଲ୍‌ବଶତଃ ଏକ ପୃଷ୍ଠା ଯୋଡ଼ିହୋଇଯାଇଛି ତେବେ ତାହା ପ୍ରଘଟ ହୋଇଥିବା କହି ହଇଗୋଳ କରିବା ଅନୁଚିତ। ଅପେକ୍ଷା କରନ୍ତୁ। ପ୍ରତୀକ୍ଷାର ଫଳ ମିଠା। କେବଳ ଏତିକି ନୁହେଁ, ଭାଜପା ନେତ୍ରୀ ବସୁନ୍ଧରା ରାଜେ ସିନ୍ଧିଆ ମୁଖ୍ୟମନ୍ତ୍ରୀ ଥିବାବେଳେ ମଧ୍ୟ ଏପରି ଭୁଲ୍ ହୋଇଥିଲା ବୋଲି ଗେହଲଟ କହିଥିଲେ। ବସୁନ୍ଧରା କହିଥିଲେ, ମୁଖ୍ୟମନ୍ତ୍ରୀ ଗେହଲଟ ବଜେଟକୁ ନ ପଢ଼ି ଓ ଯାଞ୍ଚ ନ କରି ବିଧାନସଭାକୁ ଆସିଛନ୍ତି। ସେ ରାଜ୍ୟକୁ କିପରି ଚଳାଉଛନ୍ତି ତାହା ଏଥିରୁ ଜଣାପଡୁଛି। ମୁଁ ମୁଖ୍ୟମନ୍ତ୍ରୀ ଥିବାବେଳେ ବଜେଟକୁ ଥରେ ନୁହେଁ, ତିନି ଥର ପଢ଼ିବା ପରେ ଉପସ୍ଥାପନ କରୁଥିଲି। ରାଜସ୍ଥାନର ଯୋଧପୁର ଏମ୍‌ପି ତଥା କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍ ଟୁଇଟ୍ କରିଛନ୍ତି, ଗେହଲଟଜୀ ଅତି ଦାୟିତ୍ୱହୀନ। ନୂଆ ଆର୍ଥିକବର୍ଷର ବଜେଟ ପାଇଁ ପ୍ରଚାର କରୁଥିଲେ। କିନ୍ତୁ ପୁରୁଣା ବଜେଟକୁ ପଢ଼ିଲେ। ରାଜ୍ୟବାସୀ କୁଶାସନରେ ଅନ୍ଧକାରରୁ ମୁକ୍ତି ଆଶା କରୁଥିଲେ। କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ଲାଇଟ୍ ଅଫ୍ ହୋଇଗଲା। କାନ୍ଦିବି କି ହସିବି ଜାଣିପାରୁ ନାହିଁ।

## ଦିଲ୍ଲୀ ଲିଙ୍କ୍ ନେଇ ...

ମହଲରୁ ଦାବି ଉଠିଲାଣି। ଅପରପକ୍ଷରେ ଅଭିଯୁକ୍ତ ଗୋପାଳ ଦାସଙ୍କ ସରକାରୀ ବାସଭବନରୁ ଜବତ ହୋଇଥିବା କାର୍(ଓଆର୍୧୫-ଏମ୍-୪୨୬୩) କୋଇଲା ପରିବହନ ସଂସ୍ଥା ମାଲିକ ଅରୁନ କୁମାର ମୁନ୍ଦ୍ରାଙ୍କର ବୋଲି କ୍ରାଇମ୍‌ବ୍ରାଞ୍ଚ ଜାଣିବାକୁ ପାଇଛି। ତେଣୁ ତାଙ୍କୁ କ୍ରାଇମ୍‌ବ୍ରାଞ୍ଚ ପଚରାଉଚରା ମଧ୍ୟ କରିଛି। ସେହିପରି ନବ ଦାସଙ୍କ ହତ୍ୟା ଘଟଣାର ୨ଦିନ ପୂର୍ବରୁ ସୁନ୍ଦରଗଡ଼ ଜିଲାରେ ଜଣେ କୋଇଲା ପରିବହନ ସଂସ୍ଥାର ମାଲିକଙ୍କୁ ଦୁର୍ବୃତ୍ତମାନେ ୫୦ ଲକ୍ଷ ଟଙ୍କା ଦାଦାବଟି ମାଗି ଜୀବନରେ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗ ହୋଇଥିଲା। ଏହି ଶିଳ୍ପ ଓ ଖଣି ଅଞ୍ଚଳରେ କୋଇଲା ପରିବହନକୁ ନେଇ ପୂର୍ବରୁ ଏକାଧିକ ମୁଣ୍ଡ ଗଡ଼ିଥିବା ନଜିର ରହିଛି। ସେଥିରେ ପୋଲିସ ଅଧିକାରୀଙ୍କ ସମ୍ପୃକ୍ତି ଥିବା ନେଇ ଅଭିଯୋଗ ହୋଇ ଆସିଛି। ତେଣୁ ଏବେ କୋଇଲା ପରିବହନ ବିବାଦରେ ଜଣେ ପୋଲିସକୁ ନିୟୋଜିତ କରି ନବ ଦାସଙ୍କୁ ହତ୍ୟା କରାଯାଇଥାଇପାରେ ବୋଲି ଆଲୋଚନା ହେଉଛି।

## ଏସ୍‌ଆଇ ନିଯୁକ୍ତି ବିଜ୍ଞପ୍ତି ...

ମାମଲାର ପରବର୍ତ୍ତୀ ଶୁଣାଣି ମାର୍ଚ୍ଚ ୯ ତାରିଖକୁ ଧାର୍ଯ୍ୟ କରାଯାଇଛି। ମାମଲାର ବିବରଣୀ ଅନୁଯାୟୀ, କୋଭିଡ୍ ଯୋଗୁ ୨୦୨୧, ୨୦୨୨, ୨୦୨୩ରେ ହୋଇପାରି ନ ଥିବା ନିଯୁକ୍ତି ପରୀକ୍ଷା ନିମନ୍ତେ ସରକାର ସର୍ବାଧିକ ବୟସ ସୀମା ୩୨କୁ ବଢ଼ାଇଥିଲେ। ପୁଣି ୧୫।୧।୨୦୨୨ରେ ଆଉ ଏକ ବିଜ୍ଞପ୍ତି ପ୍ରକାଶ କରି କହିଲେ ଯେଉଁ ଆବେଦନକାରୀଙ୍କ ନିମନ୍ତେ ନିଯୁକ୍ତି ବିଜ୍ଞପ୍ତି ବାହାରିଥିବ ଓ ଆବେଦନର ଶେଷ ତାରିଖ ଥିବ ସେହିମାନଙ୍କ କ୍ଷେତ୍ରରେ ବର୍ଦ୍ଧିତ ସର୍ବାଧିକ ବୟସ ସୀମା ଲାଗୁ ହେବ। ହେଲେ ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ପୋଲିସ ଏସ୍‌ଆଇ ନିଯୁକ୍ତି ନିମନ୍ତେ ୨୦୨୧ ଜୁନ୍ ୨୨ ତାରିଖରେ ପ୍ରକାଶିତ ବିଜ୍ଞପ୍ତି ଆବେଦନର ପରୀକ୍ଷା ଏଯାଏ ହୋଇ ନ ଥିବାରୁ ଏହି ବର୍ଦ୍ଧିତ ସର୍ବାଧିକ ବୟସ ସୀମା ନିୟମ ଆବେଦନକାରୀଙ୍କ ପାଇଁ କାହିଁକି ଲାଗୁ କରାନଯିବ ବୋଲି ଆବେଦନରେ ଦର୍ଶାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ବିପ୍ଳବ ବାହାଲି ମାମଲା ପରିଚାଳନା କରୁଛନ୍ତି।

# ଜଗତ୍‌ସିଂହପୁର କୋର୍ଟରେ ସୋମାଲିକାଙ୍କ ବୟାନ ରେକର୍ଡ

**ବିଜୟଶଙ୍କରଙ୍କ ପ୍ରେମ ସମ୍ପର୍କ ଓ ବିବାହ ପ୍ରତିଶ୍ରୁତି ମାମଲା**

**ନ୍ୟାୟ ନ ମିଳିଲେ ରାସ୍ତାକୁ ଓହ୍ଲାଇବାକୁ ଚେତାବନୀ**



ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସ



ସୋମାଲିକା ଦାଶ

ଜଗତ୍‌ସିଂହପୁର ଅଫିସ, ୧୦।୨

ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସଙ୍କ ପ୍ରେମ ସମ୍ପର୍କ ଓ ବିବାହ ପ୍ରତିଶ୍ରୁତି ମାମଲା ଦିନକୁ ଦିନ ଜଟିଳ ରୂପ ନେବାରେ ଲାଗିଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ବିଧାୟକ ଦାସଙ୍କ ବିରୋଧରେ ତାଙ୍କ ପ୍ରେମିକା ତଥା ସ୍ଥାନୀୟ ଦେଉଳୀଗ୍ରାମେଶ୍ୱର ଗ୍ରାମର ସଂଗ୍ରାମ କିଶୋର ଦାଶଙ୍କ ଝିଅ ସୋମାଲିକା ଦାଶ (୨୯) ଜଗତ୍‌ସିଂହପୁର ଥାନାରେ ପୁନଃ ଅଭିଯୋଗ କଲାପରେ ମାମଲା ରୁଜୁ ହୋଇଛି। ଏନେଇ ପୋଲିସ ଗତ ୬ ତାରିଖରେ ସୋମାଲିକାଙ୍କୁ ଜଗତ୍‌ସିଂହପୁର ଥାନାକୁ ଡକାଇ ଧାରା ୧୬୧ରେ ପାଖାପାଖି ୬ ଘଣ୍ଟା କାଳ ବୟାନ ରେକର୍ଡ କରିଛି। ଶୁକ୍ରବାର ଧାରା ୧୬୪ରେ ବୟାନ ରେକର୍ଡ ପାଇଁ ପ୍ରଥମେ ଥାନାକୁ ଡକାଇଥିଲା। ତା'ପରେ ଜଗତ୍‌ସିଂହପୁର ଜେଏମ୍‌ଏଫ୍‌ସି ମଲିକା ଗୋଏଙ୍କାଙ୍କ କୋର୍ଟରେ ତାଙ୍କୁ ହାଜର କରାଇଛି। କୋର୍ଟରେ ବିଚାରପତି ପାଖାପାଖି ୨ ଘଣ୍ଟା କାଳ ସୋମାଲିକାଙ୍କୁ ପଚରାଉଚରା କରି ବୟାନ ରେକର୍ଡ କରିଛନ୍ତି। ଏ ସମ୍ପର୍କରେ ସୋମାଲିକା କହିଛନ୍ତି, ଅଭିଯୋଗ ଆଧାରରେ ବିଚାରପତି ଯାହା ପଚାରିଥିଲେ ସେ ତା'ର ଉତ୍ତର ଦେଇଛନ୍ତି। ପୋଲିସ ପ୍ରଥମେ ଚାପରେ ପଡ଼ି ବିଧାୟକ ଦାସଙ୍କ ବିରୋଧରେ ମାମଲା ରୁଜୁ କରି ନ ଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଏନେଇ ପଦକ୍ଷେପ ନିଆଯାଇଛି। ଏବେବି ପୋଲିସ ଓ କୋର୍ଟଙ୍କ ଉପରେ ଭରସା ଅଛି। ଯଦି ନ୍ୟାୟ ନ ମିଳେ ତେବେ ବାଧ୍ୟ ହୋଇ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସୋମାଲିକା ଗଣମାଧ୍ୟମ ଆଗରେ କହିଛନ୍ତି। ଅନ୍ୟପଟେ ତାଙ୍କୁ ଆଇନଗତ ସହାୟତା ଦେଉଥିବା ସହଯୋଗୀ ସ୍ନିଗ୍ଧା ମହାନ୍ତି କହିଛନ୍ତି, ସୋମାଲିକା ପୋଲିସ ଆଗରେ ଧାରା ୧୬୧ରେ ବୟାନ ଦେଇଥିଲେ। କାଳେ ପୋଲିସକୁ ଡରି ବୟାନ ବଦଳାଇଥିବେ ତେଣୁ ଧାରା ୧୬୪ର ଗୁରୁତ୍ୱ ଅଧିକ। ଏହି ଆଧାରରେ କୋର୍ଟରେ ବୟାନ ରେକର୍ଡ ଜରୁରୀ। ତେଣୁ ବିଚାରପତି ପୋଲିସ ନିକଟରେ ଓ କୋର୍ଟରେ ସୋମାଲିକା ଦେଇଥିବା ବୟାନକୁ ତର୍ଜମା କରିବେ। ଏବେ ପୋଲିସର କାମ ହେଲା ବିଧାୟକ ଦାସଙ୍କୁ ତୁରନ୍ତ ଗିରଫ କରିବା। ଏସ୍‌ପି ଏହା ଉପରେ ବିଶେଷ ଧ୍ୟାନ ଦେବାକୁ ସେ ଅନୁରୋଧ କରିଛନ୍ତି।

ଗତ ପଞ୍ଚାୟତ ନିର୍ବାଚନ ପୂର୍ବରୁ ବିଧାୟକ ଦାସଙ୍କ ସହ ସୋମାଲିକାଙ୍କ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ସୋମାଲିକା ନିଜେ ଏହାକୁ ଭାଇରାଲ କରି ଚର୍ଚ୍ଚାକୁ ଆସିଥିଲେ। ପରେ ସେମାନଙ୍କ ବିବାହ ନିଷ୍ପତ୍ତି ହୋଇଥିଲା। ୧୭।୫।୨୦୨୨ରେ ଜଗତ୍‌ସିଂହପୁର ସ୍ୱତନ୍ତ୍ର ବିବାହ ଅଧିକାରୀ (ଡିଏସ୍‌ଆର୍)ଙ୍କ କୋର୍ଟରେ ଉଭୟ ବିବାହ ପାଇଁ ଆବେଦନ କରିଥିଲେ। ଆବେଦନର ୩୦ ଦିନ ଭିତରେ କାହାରି କିଛି ଆପତ୍ତି ଅଭିଯୋଗ ନ ଥିଲେ ୩୧ ଦିନରୁ ୯୦ ଦିନ ମଧ୍ୟରେ ଯେ କୌଣସି ସମୟରେ ଉଭୟ ବିବାହ କରିପାରିବେ ବୋଲି କୁହାଯାଇଥିଲା। କିନ୍ତୁ ଆବେଦନର ୩୧ ଦିନ ସୋମାଲିକା ତାଙ୍କ ସମ୍ପର୍କୀୟମାନଙ୍କ ସହ ଡିଏସ୍‌ଆର୍‌ଙ୍କ କାର୍ଯ୍ୟାଳୟରେ ବିବାହ ପାଇଁ ପହଞ୍ଚିଥିଲେ। ସକାଳୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ବିଧାୟକ ବିଜୟଶଙ୍କରଙ୍କୁ ଅପେକ୍ଷା କରି ନିରାଶ ହେଲା ପରେ ସେ ଫେରି ଯାଇଥିଲେ। ଅପରପକ୍ଷେ ମା'ଙ୍କ ଦେହ ଖରାପ କାରଣରୁ ପରବର୍ତ୍ତୀ ସମୟରେ ବିବାହ କରିବେ ବୋଲି ବିଜୟଶଙ୍କର ପ୍ରତିଶ୍ରୁତି ଦେଇ ଦୀର୍ଘ ଦିନ ପର୍ଯ୍ୟନ୍ତ କୌଣସି ଆଗ୍ରହ ପ୍ରକାଶ କରିନାହାନ୍ତି। ଏନେଇ ଉଭୟଙ୍କ ମଧ୍ୟରେ ତିକ୍ତତା ପର୍ଯ୍ୟାୟକ୍ରମେ ବଢି ଚାଲିଥିଲା। ଏହି ଘଟଣାରେ ପୋଲିସ ନୀରବତା ଅବଲମ୍ବନ କରିବାରୁ ସୋମାଲିକା ହାଇକୋର୍ଟଙ୍କ ଆଶ୍ରୟ ନେଇଥିଲେ। ଏହାପରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରେ ପୋଲିସ ମାମଲା ରୁଜୁ କରି ସୋମାଲିକାଙ୍କ ବୟାନ ରେକର୍ଡ କରିବା ସହ ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରୀମାଇନା କରାଇଛି। ଏହା ଭିତରେ ତିର୍ତ୍ତୋଲ ମହିଳା କଂଗ୍ରେସ ଓ ଭାଜପା ଜିଲା ଶାଖା ପକ୍ଷରୁ ବିଧାୟକ ଦାସଙ୍କ ଗିରଫ ଦାବିରେ ଏସ୍‌ପିଙ୍କୁ ପୃଥକ୍ ଭାବେ ସ୍ମାରକପତ୍ର ଦିଆଯାଇଛି। ଆଗକୁ ଏହି ଘଟଣାର ଅଧିକ ତଦନ୍ତ ହେବ ବୋଲି ଏସ୍‌ପି ରାହୁଲ ପିଆର୍ ସୂଚନା ଦେଇଛନ୍ତି।

# ୨୩ରେ ଗୋପବନ୍ଧୁଙ୍କ ଜନ୍ମପୀଠର ଲୋକାର୍ପଣ କରିବେ ମୁଖ୍ୟମନ୍ତ୍ରୀ



୫-ଟି ସଚିବ ଭି.କେ.ପାଣ୍ଡିଆନ ଶୁକ୍ରବାର ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଷଠୀଘର ବୁଲି ଦେଖୁଛନ୍ତି।

ଭୁବନେଶ୍ୱର(ବ୍ୟୁରୋ)/ପୁରୀ ଅଫିସ/ସାକ୍ଷୀଗୋପାଳ, ୧୦।୨ (ଡି.ଏନ୍.ଏ./ସ୍ୱ.ପ୍ର.)

ରାଜ୍ୟ ସରକାରଙ୍କ ଐତିହ୍ୟ ଗ୍ରାମ ବିକାଶ ଯୋଜନାରେ ଆକର୍ଷଣୀୟ କରାଯାଇଥିବା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମପୀଠ ତଥା ପୁରୀ ଜିଲା ସତ୍ୟବାଦୀ ବ୍ଲକ ସୁଆଣ୍ଡୋ ବିକଶିତ ପ୍ରକଳ୍ପ ଆସନ୍ତା ୨୩ ତାରିଖରେ ଲୋକାର୍ପଣ କରାଯିବ। ଗୋପବନ୍ଧୁଙ୍କ ଷଠିଘର ଏହି ଜାତୀୟ ସ୍ମାରକୀ ପୀଠକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉନ୍ମୋଚନ କରିବେ। ଏହି ପରିପ୍ରେକ୍ଷୀରେ ୫-ଟି ସଚିବ ଭି.କେ.ପାଣ୍ଡିଆନ ଶୁକ୍ରବାର ସୁଆଣ୍ଡୋ ପରିଦର୍ଶନ କରି ଉନ୍ନୟନ କାର୍ଯ୍ୟ ତଦାରଖ କରିଛନ୍ତି। ଏପରିକି ଉତ୍କଳମଣିଙ୍କ ଗାଁ ଶିବ ମନ୍ଦିର ଲୋକେଶ୍ୱର ଶିବ ମନ୍ଦିର ଜରାଜୀର୍ଣ୍ଣ ଅବସ୍ଥାରେ ଥିଲା। ସୁଆଣ୍ଡୋବାସୀଙ୍କ ଅନୁରୋଧକ୍ରମେ ଲୋକେଶ୍ୱର ମନ୍ଦିରର ପୁନର୍ନିର୍ମାଣ କାର୍ଯ୍ୟ ରାଜ୍ୟ ସରକାରଙ୍କ ପକ୍ଷରୁ ସମ୍ପନ୍ନ କରାଯାଇଛି। ଶୁକ୍ରବାର ଏହାର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ପାଣ୍ଡିଆନ ଯଜ୍ଞରେ ଯୋଗଦେଇ ପୂର୍ଣ୍ଣାହୁତି ଦେଇଥିଲେ। ଏହାପରେ ସେ ଉତ୍କଳମଣିଙ୍କ ଷଠୀଘର,

## ଉନ୍ନୟନ କାର୍ଯ୍ୟ ଦେଖିଲେ ୫-ଟି ସଚିବ

ଢିଙ୍କିଶାଳ ଆଦିର ସଂରକ୍ଷଣ କାର୍ଯ୍ୟ ପରିଦର୍ଶନ କରିବା ସହିତ ଗାଁ ପୋଖରୀର ପୁନରୁଦ୍ଧାର କାର୍ଯ୍ୟ ତଥା ସଂଗ୍ରହାଳୟ କାର୍ଯ୍ୟ ବୁଲି ଦେଖିଛନ୍ତି। ଏହି କାର୍ଯ୍ୟର ଅଗ୍ରଗତିରେ ସନ୍ତୋଷ ପ୍ରକାଶ ମଧ୍ୟ କରିଛନ୍ତି। ଉତ୍କଳମଣିଙ୍କ ସୁଉଚ୍ଚ ପୂର୍ଣ୍ଣାୟ ପ୍ରତିମୂର୍ତ୍ତି ସ୍ଥାପନ କାମ ଶେଷ କରିବାକୁ ପାଣ୍ଡିଆନ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପୁରୀ ଜିଲାପାଳ ସମର୍ଥ ବର୍ମା, ଅତିରିକ୍ତ ଜିଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ, ଉପଜିଲାପାଳ ଭବତାରଣ ସାହୁ, ଅତିରିକ୍ତ ଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଓବିସିସି ନିର୍ବାହୀ ଯନ୍ତ୍ରୀ ସୁନ୍ଦର ମାଧବ ପାଢ଼ୀ, ତହସିଲଦାର ଜୟନ୍ତ ଜୟସିଂ, ଥାନା ଆଇଆଇସି ବିଜୟ କେତନ ବେହେରା, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ, କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ ପ୍ରମୁଖ ଯୋଗଦେଇଥିଲେ।




ଭଦ୍ରକ ଜିଲାରେ ମେଡିକାଲ କଲେଜ ଓ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦାବିପତ୍ର ପ୍ରଦାନ ପାଇଁ ଶୁକ୍ରବାର ପୂର୍ବତନ ବିଧାୟକ ନରେନ ପଲେଇ ତାଙ୍କ ସମର୍ଥକଙ୍କ ସହ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍‌ରୁ ନବୀନ ନିବାସ ଅଭିମୁଖେ ଶୋଭାଯାତ୍ରାରେ ଯାଉଛନ୍ତି। **(ଫଟୋ:ମନୋରଞ୍ଜନ)**

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ପରିବାରରେ ସାଧାରଣ ମତାନ୍ତରରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ନିଜ ପରିସରରେ ସମ୍ପର୍କୀୟଙ୍କ ଉପକାର କରିବାକୁ ଯାଇ ଅପଦସ୍ଥ ହୋଇପାରନ୍ତି। ନିଜର ଦକ୍ଷତା ପ୍ରତିପାଦନ କରି କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ବନ୍ଧୁଗହଣରେ ନୂତନ ମିତ୍ରତା ସୃଷ୍ଟି ହେବାର ସମ୍ଭାବନା ରହିଛି।

**ବୃଷ** – ଆଜିର ଯାତ୍ରା ସମୟରେ ଜଣେ ବ୍ୟକ୍ତିଙ୍କ ସାହାଯ୍ୟ ପାଇବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସଂକଟ ମୁକ୍ତ ହେବେ। ସହଯାତ୍ରୀ ବନ୍ଧୁଙ୍କ ସକାଶେ ଯାତ୍ରାରେ ବିଳମ୍ବ ଘଟିପାରେ। କର୍ମକ୍ଷେତ୍ରରେ ବିବାଦୀୟ ଘଟଣା ପୂର୍ବପରି ଅମୀମାଂସିତ ରହିବ। ପାରସ୍ପରିକ ବୁଝାମଣା ଭିତ୍ତିରେ କାମ କରିବା ହେତୁ ପାରିବାରିକ ସ୍ଥିତି ଭଲ ରହିବ।

**ମିଥୁନ** – ବନ୍ଧୁଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ଖବରଟିଏ ପାଇ ଖୁସି ଅନୁଭବ କରିବେ। ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ। ଦୀର୍ଘଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇ ସଫଳ ହେବେ। ନିର୍ମାଣାଧୀନ କାମରେ କିଛିଟା ସମସ୍ୟା ଅବଶ୍ୟ ଆସିଲେ ମଧ୍ୟ କିଛି ଅସୁବିଧା ହେବନି।

**କର୍କଟ** – କର୍ମକ୍ଷେତ୍ରରେ ସହକର୍ମୀଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ବାଣିଜ୍ୟ, ବ୍ୟବସାୟ, ପ୍ରଶାସନ, ପାରିବାରିକ କ୍ଷେତ୍ରରେ ଅସ୍ଥିରତା ଦୂରହୋଇଯିବ। ପାରିବାରିକ, ପ୍ରଶାସନ, ପ୍ରକାଶନ ଓ ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହୋଇପାରନ୍ତି।

**ସିଂହ** – ଧୈର୍ଯ୍ୟର ସହ ସମୟକୁ ଅପେକ୍ଷା କରନ୍ତୁ, ଦେଖିବେ ସବୁ ଠିକ୍ ହୋଇଯିବ। ଅନ୍ୟମାନେ ଖାଲରେ ପକାଇବାକୁ ଚେଷ୍ଟାକଲେ ମଧ୍ୟ ସଫଳ ହେବେ ନାହିଁ। ବନ୍ଧୁଙ୍କ ସହଯୋଗରୁ କର୍ମକ୍ଷେତ୍ରରେ ଦ୍ରୁତୋନ୍ନତି ପରିଲକ୍ଷିତ ହେବ। ସରକାରୀ ସ୍ତରରୁ କୌଣସି ଶୁଭଖବର ଶୁଣି ମନ ଉଲ୍ଲାସରେ ଭରିଯିବ।

**କନ୍ୟା** – ଆଜି ସକାଳୁ ଆରମ୍ଭ କରିବାକୁ ଯାଉଥିବା କାମରେ ଶୁଭଫଳ ପାଇବେ। ଯାତ୍ରା ସମୟରେ ହାତ କିମ୍ବା ଗୋଡ଼ରେ ଆଘାତ ଲାଗିପାରେ। ଅଫିସରେ ଥିବା ସମୟରେ କୌଣସି ବ୍ୟକ୍ତିଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ଖବର ପାଇ ଖୁସି ହୋଇଯିବେ। ଆଲୋଚନା ପରିସରରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ।

**ତୁଳା** – କେତେକ ଅକୁହା କଥା ମନକୁ ଆଲୋଡ଼ିତ କରିପାରେ। ନିଜ ଲୋକଙ୍କ ସାଧାରଣ କଥାରେ ଉତ୍କ୍ଷିପ୍ତ ହୋଇପାରନ୍ତି। ବ୍ୟବସାୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ଭ୍ରମଣ ସକାଶେ ମନ ବଳାଇ ପାରନ୍ତି। ନିକଟସ୍ଥ ବ୍ୟକ୍ତି ବିଶେଷଙ୍କଠାରୁ ଶ୍ରଦ୍ଧା, ଆଦର ପାଇ ନିଜକୁ ଗର୍ବିତ ମନେ କରିବେ।

**ବିଛା** – ପାରିବାରିକ ସମସ୍ୟା ହେତୁ ମାନସିକ ସ୍ଥିରତା ରହିବନାହିଁ। କର୍ମକ୍ଷେତ୍ରରେ ହଠାତ୍ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। କଠୋର ଶ୍ରମଜନିତ ସ୍ୱାସ୍ଥ୍ୟରେ ଅବନତି ହୋଇପାରେ। ଅପରାହ୍ନରେ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବନାହିଁ। ଅବଶ୍ୟ ବନ୍ଧୁ ଗହଣରେ ମନୋରଞ୍ଜନ କାମରୁ ପ୍ରଶଂସା ମିଳିବ।

**ଧନୁ** – ପାରିବାରିକ କ୍ଷେତ୍ରରେ ବିଶେଷ ଉନ୍ନତି ଦେଖା ନ ଦେଲେ ମଧ୍ୟ ପରିସ୍ଥିତି ପୂର୍ବପରି ରହିବ। ନିଜର ଲୋକପ୍ରିୟତା କାରଣରୁ ଶତ୍ରୁଠାରୁ ମଧ୍ୟ କାମ ହାସଲ କରିନେବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ କାମ ହାସଲ କରିପାରନ୍ତି। କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବ ।

**ମକର** – ଆଜି ବିଳମ୍ବିତ ସମୟରେ ଲକ୍ଷ୍ୟସ୍ଥଳରେ ଉପସ୍ଥିତ ହୋଇପାରିବେ। ପଡ଼ୋଶୀଙ୍କ ସହାୟତାରେ ଦୀର୍ଘ ଦିନର ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ଘର ଲୋକଙ୍କ ଅନୁରୋଧରେ ମନୋରଞ୍ଜନ ଜିନିଷ କ୍ରୟ କରିପାରନ୍ତି। ନିକଟ ସମ୍ପର୍କୀୟଙ୍କ ସହ ସମ୍ପର୍କ ସ୍ଥାପନ କରି ଉପକୃତ ହେବେ।

**କୁମ୍ଭ** – ଆଜି କର୍ମକ୍ଷେତ୍ରରେ ଉତ୍ସାହିତ ହେବେ ଓ ସଫଳତା ହାସଲ କରିବେ। ସାମୟିକ ପ୍ରତିବନ୍ଧକ ହେତୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ବ୍ୟବସାୟ, ବାଣିଜ୍ୟ, ପ୍ରକାଶନ, ପ୍ରଶାସନିକ ସ୍ତରରେ ସମସ୍ୟା ସମାଧାନ ହୋଇଯିବ। ବନ୍ଧୁଙ୍କ ନିକଟରୁ ଚାହୁଁଥିବା ଜିନିଷଟି ନ ପାଇ ମନଦୁଃଖ କରିପାରନ୍ତି।

**ମୀନ** – ନିଜେ ଭଲ ତ ଦୁନିଆ ଭଲ ନୀତିରେ ଚଳିବା କାରଣରୁ ସମାଲୋଚିତ ହେବାକୁ ପଡ଼ିପାରେ। ପରିସ୍ଥିତିବଶତଃ ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବା ପାଇଁ ବାଧ୍ୟ ହେବେ। ଜାଣିଶୁଣି ଭଲସମ୍ପର୍କ ନ ଥିବା ବ୍ୟକ୍ତିମାନେ ସମସ୍ୟା ସୃଷ୍ଟି କରିପାରନ୍ତି। ମନକଥା ମନରେ ରଖିପାରିବେ ନାହିଁ, ବନ୍ଧୁଙ୍କୁ କହିଦେବା ଫଳରେ କିଛି ସମସ୍ୟା ଆସିପାରେ।

ଆଜି ଫାଲ୍‌ଗୁନ କୃଷ୍ଣ ପଞ୍ଚମୀ ଯୁକ୍ତ ଷଷ୍ଠୀ, ଶନିବାର, ଫେବୃୟାରୀ ୧୧ ତାରିଖ, ପଦ୍ମଭୂଷଣ ଡ. ରାଧାନାଥ ରଥଙ୍କ ତିରୋଧାନ ଦିବସ, ରାଶି ନକ୍ଷତ୍ର-ଚିତ୍ରା/କନ୍ୟା, ଦିବା ଘ.୦୧।୦୧ ଗତେ ତୁଳା ଚନ୍ଦ୍ର, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୩୬ ଗତେ ଘ.୦୧।୦୮ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୯।୧୧ମି. ଗତେ ଘ.୧୦।୬ମି. ମଧ୍ୟେ ରାହୁ କାଳ ॥

## ୫୦୦ ବିମାନ କିଣିବ ଟାଟା

ନୂଆଦିଲ୍ଲୀ,୧୦।୨: ଟାଟା ସନ୍ସ ମାଲିକାନାରେ ଥିବା ଏୟାର ଇଣ୍ଡିଆ ୫୦୦ ବିମାନ କିଣିବାକୁ ଯାଉଛି। ଏୟାରଲାଇନ୍ସର ଏହି ସର୍ବବୃହତ୍ ଅର୍ଡର ଚୂଡ଼ାନ୍ତ ହୋଇଥିବା ଜଣାପଡ଼ିଛି। ଅର୍ଡର ମଧ୍ୟରେ ରହିଛି ୪୩୦ଟି ସଂକୀର୍ଣ୍ଣ ବଡ଼ି ଏବଂ ୭୦ଟି ବିସ୍ତୀର୍ଣ୍ଣ ବଡ଼ି ବିମାନ। ଆଗାମୀ ୭ରୁ ୮ ବର୍ଷ ମଧ୍ୟରେ ଏହି ବିମାନ ଏୟାର ଇଣ୍ଡିଆକୁ ମିଳିଯିବ। ୨୧୦ଟି ଏୟାରବସ୍ ଏ୩୨୦ ନିଓ ଫାମିଲିର ବିମାନ ଆସିବାକୁ ଥିବାବେଳେ ୧୯୦ଟି ବୋଇଂ ୭୩୭ ମାକ୍ସ, ୪୦ଟି ଏ୩୫୦, ୨୦ଟି ବି୭୮୭ ଏବଂ ୧୦ଟି ବି୭୭୭ଏକ୍ସ ବିମାନ କିଣାଯିବ। ବିମାନ କିଣା ବାବଦରେ ୧୫୦ ବିଲିୟନ ଡଲାର ବ୍ୟୟ ହେବ। ଟାଟା ଗ୍ରୁପ୍ ଏହି ବିମାନ ନିର୍ମାଣ ଲାଗି ଇଞ୍ଜିନର ଉପକରଣ ଉତ୍ପାଦନକାରୀମାନଙ୍କ ସହ ଚୁକ୍ତି ସ୍ୱାକ୍ଷର କରିଛି।

## ପୂର୍ବବର୍ଷର ବଜେଟ ପଢ଼ିଲେ ଗେହଲଟ




# ବଦଳିଲା ଓସିଏସ୍ ମୁଖ୍ୟ ଲିଖିତ ପରୀକ୍ଷା ତାରିଖ

### ଆସନ୍ତା ୨୧ରୁ ମାର୍ଚ୍ଚ ୧୩ ପର୍ଯ୍ୟନ୍ତ ହେବ

**କଟକ ଅଫିସ,୧୦।୨**

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ (ଓସିଏସ୍)-୨୦୨୧ର ମୁଖ୍ୟ ଲିଖିତ ପରୀକ୍ଷା ସୂଚୀରେ ପରିବର୍ତ୍ତନ କରାଯାଇଛି। ଏ ନେଇ ଶୁକ୍ରବାର ଓପିଏସ୍‌ସି ପକ୍ଷରୁ ସଂଶୋଧିତ ପରୀକ୍ଷା ସୂଚୀର ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ୧୯ରେ ଓଡ଼ିଆ ଏବଂ ଇଂଲିଶ ବିଷୟରେ ହେବାକୁ ଥିବା ପରୀକ୍ଷା ୨୧ ତାରିଖରେ ଅନୁଷ୍ଠିତ ହେବ। ସେହିପରି ଆସନ୍ତା ୨୧ରେ ହେବାକୁ ଥିବା ଜେନେରାଲ ଷ୍ଟଡିଜ୍‌ର ପେପର-୧ ଏବଂ ୨ର ପରୀକ୍ଷା ମାର୍ଚ୍ଚ ୧୨ରେ ହେବ। ମାର୍ଚ୍ଚ ୧୨ରେ ହେବାକୁ ଥିବା ଫିଲୋସୋଫି ଏବଂ ସାଇକୋଲୋଜି ବିଷୟର ପେପର-୨ ପରୀକ୍ଷା ୧୩ ତାରିଖରେ ହେବ। ୟୁନିୟନ ପବ୍ଲିକ ସର୍ଭିସ କମିଶନ (ୟୁପିଏସ୍‌ସି)ର ସିଭିଲ ସର୍ଭିସ୍ ସାକ୍ଷାତ୍‌କାର ଥିବାରୁ ଓପିଏସ୍‌ସି ଉକ୍ତ ପରୀକ୍ଷା ସୂଚୀରେ ପରିବର୍ତ୍ତନ କରିଛି। କେବେଳ ଏହି ୩ ଦିନ ପରୀକ୍ଷାକୁ ବାଦ୍ ଦେଲେ ଅନ୍ୟ କୌଣସି ତାରିଖରେ ପରିବର୍ତ୍ତନ କରାଯାଇନାହିଁ।

ସୂଚନାଥାଉ କି, ଗତ ଅକ୍ଟୋବର ୧୬ରେ ଓସିଏସ୍-୨୦୨୧ ପ୍ରିଲିମିନାରୀ ପରୀକ୍ଷା ହୋଇଥିଲା। ଏଥିରେ ୫,୨୯୬ ଜଣ କୃତକାର୍ଯ୍ୟ ହୋଇଥିଲେ। ସେମାନେ ଆସନ୍ତା ଫେବୃୟାରୀ ୨୧ରୁ ମାର୍ଚ୍ଚ ୧୩ ତାରିଖ ପର୍ଯ୍ୟନ୍ତ ମୁଖ୍ୟ ପରୀକ୍ଷା ଦେବେ। ପ୍ରତିଦିନ ଦୁଇଟି ସିଟିଂରେ ପରୀକ୍ଷା କରାଯିବ। ପୂର୍ବାହ୍ନ ୯ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ପ୍ରଥମ ସିଟିଂ ଏବଂ ଅପରାହ୍ନ ୨ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଦ୍ୱିତୀୟ ସିଟିଂରେ ପରୀକ୍ଷା ହେବ। ୩ଘଣ୍ଟା ଧରି ପରୀକ୍ଷା ହେବାକୁ ଥିବାବେଳେ କେବଳ ଦିବ୍ୟାଙ୍ଗ ପରୀକ୍ଷାର୍ଥୀଙ୍କୁ ଅଧିକ ୧ ଘଣ୍ଟା ସମୟ ମିଳିବ। ପରୀକ୍ଷା ପାଇଁ ଆଡ୍‌ମିଟ୍ କାର୍ଡ ଖୁବଶୀଘ୍ର ଓପିଏସ୍‌ସି ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ। ପରୀକ୍ଷାର୍ଥୀମାନେ ପ୍ରକାଶିତ ବିଜ୍ଞପ୍ତିରେ ସବିଶେଷ ତଥ୍ୟ ଓପିଏସ୍‌ସି ୱେବ୍‌ସାଇଟରୁ ପାଇପାରିବେ।

# ୧୩ରେ ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ଗସ୍ତ

### ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲର ଉଦ୍‌ଘାଟନ କରିବେ

**ଭୁବନେଶ୍ୱର,୧୦।୨(ବ୍ୟୁରୋ)**

ଆସନ୍ତା ୧୩ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦୁଝର ଗସ୍ତ କରିବେ। ମୁଖ୍ୟମନ୍ତ୍ରୀ ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲର ଉଦ୍‌ଘାଟନ କରିବେ। ଏଥିସହିତ ଜିଲାରେ କେତେକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବା କାର୍ଯ୍ୟକ୍ରମ ରହିଛି। ୨୦୧୬ରେ ମୁଖ୍ୟମନ୍ତ୍ରୀ ମେଡିକାଲ କଲେଜ ଓ ହସ୍ପିଟାଲର ଶିଳାନ୍ୟାସ କରିଥିଲେ। ୩୮୧ କୋଟି ଟଙ୍କା ବ୍ୟୟରେ ମେଡିକାଲ କଲେଜ ନିର୍ମିତ ହୋଇଛି। ଏଥିରେ ୨୫ ବ୍ଲକ୍ ଓ ୧୮ଟି କୋଠା ନିର୍ମାଣ କରାଯାଇଛି।

# 'ସ୍କୁଲ ପାଠ୍ୟକ୍ରମରେ ଯୌନ ସଚେତନତା ସାମିଲ ହେଉ'

**ଭୁବନେଶ୍ୱର, ୧୦।୨(ବ୍ୟୁରୋ)**

### ପଦ୍ମଶ୍ରୀ ଡ. ସୁନୀତା କ୍ରିଷ୍ଣନ୍‌ଙ୍କ 'ମୋ ସ୍କୁଲ୍' ପରିଦର୍ଶନ




ପିଲାଙ୍କୁ ଏକ ସୁରକ୍ଷିତ ଶୈଶବ ପ୍ରଦାନ କରିବା ସମସ୍ତଙ୍କର ଦାୟିତ୍ୱ। ସେମାନଙ୍କୁ ଭଲ ଓ ଖରାପ ସ୍ପର୍ଶ ଏବଂ ବ୍ୟବହାର ବିଷୟରେ ଶିଖାଇବା ଅଭିଭାବକ, ସମାଜ, ଶିକ୍ଷାନୁଷ୍ଠାନ ଓ ସରକାରଙ୍କ କର୍ତ୍ତବ୍ୟ। ଉଭୟ ଝିଅ ଓ ପୁଅଙ୍କୁ ଛୋଟବେଳୁ ହିଁ ମାନସିକ ଓ ଶାରୀରିକ ସୁରକ୍ଷା ବିଷୟରେ ବିଦ୍ୟାଳୟସ୍ତରରେ ସଚେତନ କରିବାର ଆବଶ୍ୟକତା ରହିଛି। ଯୌନଶୋଷଣ, ନିର୍ଯାତନା ଓ ଅପରାଧ ସମ୍ବନ୍ଧରେ ସେମାନଙ୍କୁ ସଚେତନ କରିବା ବର୍ତ୍ତମାନ ସମୟରେ ଜରୁରୀ ହୋଇପଡ଼ିଛି। ପିଲାଙ୍କ ସୁରକ୍ଷା ଓ ନିରାପତ୍ତାକୁ ପ୍ରାଥମିକତା ଦିଆଯାଇ ସ୍କୁଲ ପାଠ୍ୟକ୍ରମରେ ଯୌନ ସଚେତନତାକୁ ସାମିଲ କରିବା ଆବଶ୍ୟକ ବୋଲି ସାମାଜିକକର୍ମୀ ତଥା 'ପ୍ରାଜ୍ୱଳା'ର ସହ ପ୍ରତିଷ୍ଠାତା ପଦ୍ମଶ୍ରୀ ଡ. ସୁନୀତା କ୍ରିଷ୍ଣନ୍ କହିଛନ୍ତି। ଶୁକ୍ରବାର 'ମୋ ସ୍କୁଲ୍ ଅଭିଯାନ' ରାଜ୍ୟ କାର୍ଯ୍ୟାଳୟ ଗସ୍ତ କରିବା ଅବସରରେ ଅଧ୍ୟକ୍ଷା ସୁସ୍ମିତା ବାଗ୍‌ଚୀଙ୍କୁ ସାକ୍ଷାତ୍ କରିବା ଅବସରରେ ଶିକ୍ଷାନୁଷ୍ଠାନରେ ଶିଶୁ ସୁରକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ। ଏଥିସହ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶାସନ ସଚିବ ଅଶ୍ୱଥି ଏସ୍. ଏବଂ 'ମୋ ସ୍କୁଲ୍' ମୁଖ୍ୟ ପରିଚାଳନା ଅଧିକାରୀ ଅମରଜିତ ଜେନାଙ୍କ ସହ ମଧ୍ୟ ସେ ଆଲୋଚନା କରିଥିଲେ। ସେ କହିଲେ, ପିଲାଙ୍କ ପ୍ରତି ଦିନକୁ ଦିନ ଯୌନ ନିର୍ଯାତନା ମାମଲା ବଢ଼ୁଥିବାବେଳେ ୧୮ବର୍ଷରୁ କମ୍ ବୟସର ବହୁ ଝିଅଙ୍କୁ ବାହାର ରାଜ୍ୟ ଏବଂ ଦେଶକୁ ଚାଲାଣ କରାଯାଉଛି। ସାମାନ୍ୟ ଅର୍ଥ ଲୋଭରେ ନିଜ ସମ୍ପର୍କୀୟ ଲୋକ ମଧ୍ୟ ପିଲାଙ୍କୁ ଦଲାଲଙ୍କ ପାଖରେ ବିକ୍ରି କରିଦେଉଛନ୍ତି। ବହୁ ପ୍ରତିକୂଳ ପରିସ୍ଥିତିରେ ସେମାନଙ୍କୁ ପୋଲିସ ଉଦ୍ଧାର କଲେ ମଧ୍ୟ ପରବର୍ତ୍ତୀ ସମୟରେ ପରିବାର ଲୋକେ ଗ୍ରହଣ କରୁନାହାନ୍ତି। ଏନେଇ ଆମ ସମାଜର ମାନସିକତାରେ ପରିବର୍ତ୍ତନ ଆସିବାର ଆବଶ୍ୟକତା ରହିଛି। ଶିଶୁଙ୍କ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦିଆଯିବା ଉଚିତ। ମାନସିକ ଓ ଶାରୀରିକ ଭାବରେ ସୁସ୍ଥ ଶିଶୁ ହିଁ ଭବିଷ୍ୟତରେ ଉତ୍ତମ ନାଗରିକ ହେବା ସହ ରାଷ୍ଟ୍ରଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିପାରିବ ବୋଲି ସୁନୀତା କ୍ରିଷ୍ଣନ୍ କହିଥିଲେ। ଉଲ୍ଲେଖଯୋଗ୍ୟ, ସୁନୀତା କ୍ରିଷ୍ଣନ୍‌ଙ୍କ ଦ୍ୱାରା ପ୍ରତିଷ୍ଠିତ 'ପ୍ରାଜ୍ୱଳା' ମାନବଚାଲାଣ ପ୍ରତିରୋଧ ପାଇଁ କାର୍ଯ୍ୟ କରୁଥିବାବେଳେ ଏବେ ସୁଦ୍ଧା ୧୭,୮୦୦ରୁ ଊର୍ଦ୍ଧ୍ୱ ଯୁବତୀଙ୍କୁ ଯୌନଶୋଷଣ କବଳରୁ ରକ୍ଷାକରିଛି। ଏଥିପାଇଁ ସୁନୀତା ଭାରତ ସରକାରଙ୍କ ଦ୍ୱାରା ପଦ୍ମଶ୍ରୀ ସମ୍ମାନରେ ମଧ୍ୟ ସମ୍ମାନିତ ହୋଇଛନ୍ତି।

# ରାଷ୍ଟ୍ରପତିଙ୍କ ସୁରକ୍ଷାରେ ନିରସ୍ତ୍ର ପୋଲିସ

**ଭୁବନେଶ୍ୱର,୧୦।୨(ବ୍ୟୁରୋ)**



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁକ୍ରବାରଠାରୁ ୨ ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ରାଷ୍ଟ୍ରପତିଙ୍କ ସୁରକ୍ଷା ପାଇଁ କମିଶନରେଟ ପୋଲିସ ପକ୍ଷରୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାରି ହୋଇଥିବା 'ବ୍ଲୁ ବୁକ୍' ନିୟମ ଅନୁଯାୟୀ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ବିମାନ ବନ୍ଦରରୁ ଆରମ୍ଭ କରି ରାଜଭବନ ଏବଂ ରାଷ୍ଟ୍ରପତି ଯୋଗଦେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମସ୍ଥଳୀ ପର୍ଯ୍ୟନ୍ତ ରାସ୍ତାରେ ଟ୍ରାଫିକ ଓ ସୁରକ୍ଷା ବ୍ୟବସ୍ଥା ପାଇଁ ମୋଟ ୪୦ ପ୍ଲାଟୁନ ଫୋର୍ସ ସହ ୧୪ ଅତିରିକ୍ତ ଡିସିପି ର୍‍ୟାଙ୍କ୍ ଅଫିସର, ୩୫ ଏସିପି ର୍‍ୟାଙ୍କ୍ ଅଫିସର, ୪୭ ଇନ୍ସପେକ୍ଟର, ୧୮୮ ସବ୍‌ଇନ୍ସପେକ୍ଟର ଓ ୫୦ ହୋମ୍‌ଗାର୍ଡ ନିୟୋଜିତ ହୋଇଛନ୍ତି। ରାଷ୍ଟ୍ରପତି ପୂର୍ବାହ୍ନରେ ଉତ୍କଳ ମଣ୍ଡପଠାରେ ଆୟୋଜିତ ଜ୍ଞାନପ୍ରଭା ମିଶନର ପ୍ରତିଷ୍ଠା ଦିବସ ଏବଂ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ସମାବର୍ତ୍ତନ ଉତ୍ସବରେ ଯୋଗ ଦେଇଥିଲେ। ଏହି ଦୁଇ କାର୍ଯ୍ୟକ୍ରମରେ ନିୟୋଜିତ ପୋଲିସ ଅଧିକାରୀମାନେ ନିରସ୍ତ୍ର ଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି। ନିକଟରେ ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଗାନ୍ଧୀଛକଠାରେ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କୁ ପୋଲିସ ଏଏସ୍‌ଆଇ ଗୋପାଳ କୃଷ୍ଣ ଦାସ ଗୁଳି କରି ହତ୍ୟା କରିଥିଲେ। ଏହି ଘଟଣା ପରେ ପୋଲିସ ଅଧିକାରୀମାନେ ଭିଭିଆଇପି ଏବଂ ଭିଆଇପି ସୁରକ୍ଷାରେ ବନ୍ଧୁକ ରଖୁ ନ ଥିବା କୁହାଯାଉଛି। ଉତ୍କଳ ମଣ୍ଡପ ଓ ରମାଦେବୀ ମହିଳା ବିଶ୍ୱ ବିଦ୍ୟାଳୟରେ ପୋଲିସ ଅଫିସର ଓ କର୍ମଚାରୀଙ୍କ ପାଖରେ ବନ୍ଧୁକ ଦେଖାଯାଇ ନ ଥିଲା। ରାଷ୍ଟ୍ରପତିଙ୍କ ସୁରକ୍ଷା ପାଇଁ 'ବ୍ଲୁ ବୁକ୍' ନିୟମ ଅନୁଯାୟୀ ସୁରକ୍ଷା ବ୍ୟବସ୍ଥା କରାଯାଇଥିବାବେଳେ ପୋଲିସ ଅଧିକାରୀଙ୍କ ପାଖରେ ବନ୍ଧୁକ ନ ଥିବାକୁ ନେଇ ସାଧାରଣରେ ନାପସନ୍ଦ କରାଯାଇଛି। ଏପରି କି ଯଦି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥାନ୍ତା ପୋଲିସ ଅଧିକାରୀମାନେ ବନ୍ଧୁକ ବିନା କିଭଳି ପରିସ୍ଥିତିକୁ ସାମ୍ନା କରିଥାନ୍ତେ ବୋଲି ମଧ୍ୟ ପ୍ରଶ୍ନ ଉଠିଛି। ଏନେଇ ଭୁବନେଶ୍ୱର ଡିସିପି ପ୍ରତୀକ ସିଂ କହିଛନ୍ତି, ରାଷ୍ଟ୍ରପତିଙ୍କ ସୁରକ୍ଷା ପାଇଁ କେଉଁ ଅଧିକାରୀ ବନ୍ଧୁକ ରଖିବେ ଏବଂ କେଉଁମାନେ ସାଦା ପୋଷାକରେ ରହିବେ 'ବ୍ଲୁ ବୁକ୍' ଅନୁଯାୟୀ ସମସ୍ତ ନିର୍ଦ୍ଦେଶାବଳୀ ପାଳନ କରାଯାଉଛି। ନିୟମ ଅନୁଯାୟୀ କିଛି ସ୍ଥାନରେ ଅଧିକାରୀମାନଙ୍କୁ ବନ୍ଧୁକ ଦିଆଯାଇଥାଏ ଏବଂ କିଛି ସ୍ଥାନରେ ଅଧିକାରୀଙ୍କୁ ବନ୍ଧୁକ ଦିଆଯାଇ ନ ଥାଏ। ସାଦା ପୋଷାକରେ ଥିବା ଅଧିକାରୀମାନଙ୍କ ବନ୍ଧୁକ ବାହାରକୁ ଦେଖାଯାଏ ନାହିଁ ବୋଲି ଡିସିପି ସିଂ କହିଛନ୍ତି।



ପକ୍ଷପାତିତା ହେଲା ପୂର୍ଣ୍ଣ ଆନ୍ତରିକତାର ପରମ ଶତ୍ରୁ। ସେ ପକ୍ଷପାତିତା ଦେହର ହେଉ ବା ପ୍ରାଣର ହେଉ ବା ମନର ହେଉ। ଆଉ ମଧ୍ୟ ତୁମ ମନରେ ଥିବା ପୂର୍ବ କଳ୍ପିତ ଧାରଣା ଉପରେ ପୂର୍ଣ୍ଣ ନିର୍ଭର କରିବା ଅନୁଚିତ। ତୁମକୁ ଏସବୁ ଅତିକ୍ରମ କରିବାକୁ ହେବ। -ଶ୍ରୀମା

# ବିନା ପଦବୀରେ ବଦଳି



## ଦିଲ୍ଲୀକା ବାବୁ

**ଦିଲୀପ ଚେରିଏନ୍**

ମହାରାଷ୍ଟ୍ର ସରକାର ବରିଷ୍ଠ ବାବୁମାନଙ୍କ ନିଯୁକ୍ତିରେ ବିଳମ୍ବ କରୁଥିବାରୁ ତାକୁ ନେଇ ସେମାନେ କ୍ଷୋଭ ପ୍ରକାଶ କରୁଛନ୍ତି। ସମ୍ଭବତଃ ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଏବଂ ଉପ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସଙ୍କ ମଧ୍ୟରେ ଲାଗି ରହିଥିବା ବିବାଦ ଯୋଗୁ ଏଭଳି ବିଳମ୍ବ ଘଟୁଛି। କ୍ଷମତା ହାସଲ କରିବା ପାଇଁ ଏକ 'ଅବାସ୍ତବ' ରାଜନୈତିକ ମେଣ୍ଟ ଗଢ଼ିଥିଲେ ବି ସରକାରରେ ଦୁହିଁଙ୍କର ଭୂମିକା କ'ଣ ରହିବ ସେ ସମ୍ପର୍କରେ ସେମାନେ ଏଯାବତ ସ୍ଥିର କରିପାରିନାହାନ୍ତି। ମହାରାଷ୍ଟ୍ର ସରକାରରେ ଫଡ୍‌ନାବିସ ଦ୍ୱିତୀୟ କ୍ଷମତା କେନ୍ଦ୍ର ହୋଇପାରନ୍ତି, କିନ୍ତୁ ଏହା ସ୍ପଷ୍ଟ ଯେ ସେ ସମସ୍ତ ବିଷୟରେ ନିଷ୍ପତ୍ତି ନେଉଛନ୍ତି ଓ ସବୁକିଛି ନିୟନ୍ତ୍ରଣ କରୁଛନ୍ତି। ଫଡ୍‌ନବିସ ଲଗାତର ଭାବେ ଶିନ୍ଦେଙ୍କଠାରୁ ନିଜକୁ ଶ୍ରେଷ୍ଠ ବୋଲି ପ୍ରତିପାଦିତ କରିଆସୁଛନ୍ତି, ଯେଉଁଥିପାଇଁ ସବୁ କାର୍ଯ୍ୟରେ ବିଭ୍ରାଟ ପରିଲକ୍ଷିତ ହେଉଛି ଏବଂ ଏହାର ଏକ ପରିଣାମ ହେଉଛି ନିଯୁକ୍ତିରେ ବିଳମ୍ବ। ସୂତ୍ରରୁ ପ୍ରକାଶ, ଗତ ସପ୍ତାହରେ ୧୯୯୨ ବ୍ୟାଚ୍ ୬ ଜଣ ଆଇଏଏସ୍ ଅଧିକାରୀ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପଦବୀକୁ ପଦୋନ୍ନତି ପାଇଥିଲେ। ଏହା ପୂର୍ବରୁ ଆଇଏଏସ୍ ଅଧିକାରୀଙ୍କର ଏକ ପ୍ରତିନିଧିମଣ୍ଡଳୀ କ୍ରମାନ୍ୱୟରେ ମୁଖ୍ୟ ସଚିବ ମନୁ କୁମାର ଶ୍ରୀବାସ୍ତବ, ଫଡ୍‌ନବିସ ଏବଂ ଶିନ୍ଦେଙ୍କୁ ଭେଟି ଏହି ଅଧିକାରୀମାନଙ୍କୁ ତୁରନ୍ତ ପଦୋନ୍ନତି ଦେବାକୁ ଚାପ ପକାଇଥିଲେ। ଅନ୍ୟ ରାଜ୍ୟରେ ଏହି ଅଧିକାରୀମାନଙ୍କ ବ୍ୟାଚ୍‌ମେଟମାନଙ୍କୁ ପଦୋନ୍ନତି ଦିଆଯାଇଥିବାରୁ ପ୍ରତିନିଧିମଣ୍ଡଳୀ ପଦୋନ୍ନତି ଲାଗି ଯୁକ୍ତି ଉପସ୍ଥାପନ କରିଥିଲେ। ତେବେ ରାଜ୍ୟରେ ୫ ଜଣ ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କୁ ବିନା ପଦବୀରେ ବଦଳି କରାଯାଇଥିଲା। ସେଥିପାଇଁ ଡିସେମ୍ବର ମଧ୍ୟଭାଗରୁ ସେମାନଙ୍କ ପାଖରେ କୌଣସି ପଦବୀ ନାହିଁ। ସେବେଠୁ ସେମାନେ ବିନା କାମରେ ବସିରହିଛନ୍ତି ଓ ପରବର୍ତ୍ତୀ ନିଯୁକ୍ତିର ଦାୟିତ୍ୱକୁ ଚାହିଁ ରହିଛନ୍ତି। ଏହା ମଧ୍ୟ କୁହାଯାଉଛି ଯେ, ମହାରାଷ୍ଟ୍ର ବିଧାନସଭାର ବଜେଟ ଅଧିବେଶନ ପାଖେଇ ଆସୁଥିବାରୁ ମନ୍ତ୍ରିମଣ୍ଡଳର ସମ୍ଭାବ୍ୟ ସମ୍ପ୍ରସାରଣକୁ ନେଇ ନିଯୁକ୍ତିରେ ଆହୁରି ବିଳମ୍ବ ଘଟିବାର ସମ୍ଭାବନା ରହିଛି।

### ଡିଜିଟାଲ ବିଭେଦ

ଆପ୍ ଆଧାରିତ ଉପସ୍ଥାନକୁ ଗ୍ରହଣୀୟ କରିବା ସରକାରଙ୍କ ପାଇଁ କଠିନ ହୋଇଯାଉଛି। ଏମ୍‌ଜିଏନ୍‌ଆର୍‌ଇଜିଏ ଯୋଜନାରେ ଶ୍ରମିକମାନଙ୍କ ଉପସ୍ଥାନ ବାଧ୍ୟତାମୂଳକ କରିବା ପରେ କେନ୍ଦ୍ର ସରକାର ଏହା ଜାଣିପାରୁଛନ୍ତି। ଗତବର୍ଷ ମେ'ରେ ମୋବାଇଲ ଆପ୍‌କୁ ଏକ ସ୍ୱେଚ୍ଛାକୃତ ସେବା ଭାବେ ଆରମ୍ଭ କରାଯାଇଥିଲା। କିନ୍ତୁ ଗତ ମାସରେ ପଞ୍ଚାୟତ ସ୍ତରରେ ଏମ୍‌ଜିଏନ୍‌ଆର୍‌ଇଜିଏ ଯୋଜନା ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ପାଇଁ ଏହାକୁ ବାଧ୍ୟତାମୂଳକ କରାଯାଇ କାର୍ଯ୍ୟରତ ଶ୍ରମିକମାନଙ୍କ ଫଟୋ ଦିନକୁ ଦୁଇଥର ଅପ୍‌ଲୋଡ୍ କରିବାକୁ କୁହାଯାଇଥିଲା। ଯୋଜନାରେ ଅଧିକ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଓ ଦକ୍ଷତା ନିଶ୍ଚିତ କରି ଦୁର୍ନୀତି ଲୋପ କରିବା ଏହାର ମହତ ଲକ୍ଷ୍ୟ। କିନ୍ତୁ ଯୋଜନାରେ ଥିବା ଦୋଷତ୍ରୁଟି ଓ ସମସ୍ୟାକୁ ବାହାର କରିବା ପଦକ୍ଷେପକୁ କେତେକେ ଭୟ କରୁଛନ୍ତି। ଏବେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନ୍‌ମୋହନ ରେଡ୍ଡୀ କେଉଁଠି କାମ ହେଉଛି ଓ ସେଠାରେ କେଉଁ କର୍ମଚାରୀ ଉପସ୍ଥିତ ଅଛନ୍ତି ତାହା ଜାଣିବାକୁ ମୁଖ ଦର୍ଶାଉଥିବା ସଫ୍ଟୱେର ଭିତ୍ତିକ ଏକ ଆପ୍ ଆରମ୍ଭ କରିବାକୁ ନିଷ୍ପତ୍ତି ନେବା ପରେ ରାଜ୍ୟ କର୍ମଚାରୀଙ୍କ ବିରୋଧର ସମ୍ମୁଖୀନ ହୋଇଛନ୍ତି। ବର୍ତ୍ତମାନ ଆନ୍ଧ୍ରପ୍ରଦେଶରେ ବାବୁମାନେ ସେମାନଙ୍କ ଉପସ୍ଥିତି ସାବ୍ୟସ୍ତ କରିବା ଲାଗି ଆଧାର ସମର୍ଥ ବାୟୋମେଟ୍ରିକ ଉପସ୍ଥାନ ବ୍ୟବସ୍ଥା ବ୍ୟବହାର କରୁଛନ୍ତି। ଗତବର୍ଷ ମଧ୍ୟ ରେଡ୍ଡୀ ସରକାର ସ୍କୁଲରେ ଶିକ୍ଷକମାନଙ୍କ ଉପସ୍ଥିତି ଜାଣିବା ଲାଗି ମୁଖ ସୂଚିତ କରୁଥିବା ବାୟୋମେଟ୍ରିକ ବ୍ୟବସ୍ଥା ଆରମ୍ଭ କରିଥିଲେ। କିନ୍ତୁ ତାହା ପ୍ରତିକ୍ରିୟା ସୃଷ୍ଟି କରିଥିଲା। ଦେଖିବାକୁ ଗଲେ ଯୋଜନାକୁ ନେଇ ବାସ୍ତବରେ ସମସ୍ୟା ରହିଛି। ଅନେକ ବାବୁଙ୍କର ନିଜର ସ୍ମାର୍ଟ ଫୋନ ନାହିଁ ଏବଂ ତାହାକୁ କିଭଳି ବ୍ୟବହାର କରାଯାଏ ତାହା ବି ସେମାନେ ଜାଣିନାହାନ୍ତି। ଏହାବାଦ୍ ଗୋପନୀୟତା ପ୍ରକାଶ ପାଇବା ଭୟ ବି ଅଛି। ସ୍ପଷ୍ଟତଃ ସରକାରଙ୍କ ଲକ୍ଷ୍ୟ ଏବଂ ତୃଣମୂଳସ୍ତରର ବାସ୍ତବତା ମଧ୍ୟରେ ଏକ ବିରାଟ ଅନ୍ତର ଅଛି। ସୁଧାର ପ୍ରକ୍ରିୟା ଆରମ୍ଭ କରିବା ପୂର୍ବରୁ ସରକାର ଡିଜିଟାଲ ବିଭେଦ ଦୂରକରିବା ଦରକାର।

### ଜମି କାହାର ?

ଜଳନ୍ଧର ଟେବୁଲ ଟେନିସ୍ ଷ୍ଟାଡିୟମ ପରିସରରେ ଥିବା ଏକ ଛୋଟ ଜମି ପଞ୍ଜାବର ଜଣେ ଆଇପିଏସ୍ ଅଧିକାରୀ ଏବଂ ଜଣେ ୨୦୧୫ ବ୍ୟାଚ୍ ଆଇଏଏସ୍ ଅଧିକାରୀଙ୍କ ମଧ୍ୟରେ ବିବାଦର କାରଣ ହୋଇଛି। ବିବାଦୀୟ ଜମି ଷ୍ଟାଡିୟମର ଅଂଶ ବିଶେଷ। କିନ୍ତୁ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ତଥା ପଞ୍ଜାବ ଆର୍ମଡ ପୋଲିସ-କମ୍ ଆଡମିନିଷ୍ଟ୍ରେଟର ଅଫ୍ ପଞ୍ଜାବ ୱାକଫବୋର୍ଡ ଏମ୍.ଏଫ୍ ଫାରୁକି ତାହାକୁ ୱାକଫ୍ ଜମି ବୋଲି ଦାବି କରିବା ସହ ତାହାର ପରିସୀମା ଚିହ୍ନଟ କରିବା ଲାଗି ପାଚେରି ନିର୍ମାଣ କରିଥିଲେ। ତେବେ ପାଚେରି ନିର୍ମାଣ ଦିନ ମହାନଗର ନିଗମ କର୍ମଚାରୀମାନେ ସେଠାରେ ପହଞ୍ଚି ତାହାକୁ ଜବରଦଖଲ ଦର୍ଶାଇ ଭାଙ୍ଗିଦେଇଥିଲେ। ମହାନଗର ନିଗମ କମିଶନର ଅଭିଜିତ କାପ୍‌ଲିସ ତାଙ୍କ କର୍ମଚାରୀମାନଙ୍କ ଏଭଳି ପଦକ୍ଷେପକୁ ସମର୍ଥନ କରିଥିଲେ। ଏହାବ୍ୟତୀତ ସେଠାରେ ୱାକଫ୍ ବୋର୍ଡ ଜମି ଦଖଲ କରିବାକୁ ତହସିଲଦାର କିମ୍ବା ଏସ୍‌ଡିଏମ୍‌ଙ୍କ କୌଣସି ନିର୍ଦ୍ଦେଶ ନ ଥିଲା ବୋଲି ସେ ଦାବି କରିଥିଲେ। ଉକ୍ତ ଘଟଣା ତୀବ୍ର ହେବା ପରେ ତାହା ପଞ୍ଜାବ କ୍ରୀଡ଼ାମନ୍ତ୍ରୀଙ୍କ ପାଖରେ ପହଞ୍ଚିଛି। ଏବେ ଆଇଏଏସ୍ ଏବଂ ଆଇପିଏସ୍ ଅଧିକାରୀଙ୍କ ମଧ୍ୟରେ ଚାଲିଥିବା ବିବାଦର ସମାଧାନ କରିବା ପାଇଁ ବାବୁମାନେ ରେକର୍ଡ ପତ୍ର ଅନୁଧ୍ୟାନ କାର୍ଯ୍ୟରେ ଲାଗିପଡ଼ିଛନ୍ତି।

Email: dilipcherian@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | | | | | | | | 4 |
| | 8 | | | | | | 9 | |
| 6 | | 5 | | | | | | |
| 9 | | | | | 6 | | 8 | |
| | 6 | 4 | | | 8 | | | |
| | | 3 | 7 | | 2 | | | |
| | | 7 | | 8 | | | | |
| | | | 3 | | 5 | | | 7 |
| | 1 | | 4 | | 7 | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 4 | 6 | 5 | 3 | 1 | 2 | 8 | 9 |
| 9 | 1 | 5 | 6 | 8 | 2 | 7 | 3 | 4 |
| 3 | 8 | 2 | 7 | 4 | 9 | 5 | 1 | 6 |
| 5 | 6 | 3 | 2 | 9 | 8 | 4 | 7 | 1 |
| 4 | 9 | 1 | 3 | 7 | 6 | 8 | 5 | 2 |
| 2 | 7 | 8 | 4 | 1 | 5 | 9 | 6 | 3 |
| 1 | 5 | 4 | 8 | 2 | 3 | 6 | 9 | 7 |
| 8 | 2 | 9 | 1 | 6 | 7 | 3 | 4 | 5 |
| 6 | 3 | 7 | 9 | 5 | 4 | 1 | 2 | 8 |

ଗତକାଲିର ଉତ୍ତର

# ଧନୀ ହେବା ପାଇଁ ଟିକସ



**ଶୈଳେନ୍ଦ୍ର ଦ୍ୱିବେଦୀ**

ଯେଉଁମାନେ ଭାରତର ଦାରିଦ୍ର୍ୟ ନେଇ 'ଅକ୍ସଫାମ୍' ସମେତ ଅନ୍ୟାନ୍ୟ ଆନ୍ତର୍ଜାତିକ ରିପୋର୍ଟଗୁଡ଼ିକୁ ଅଣଦେଖା କରନ୍ତି ସେମାନଙ୍କ ପାଇଁ ଉଲ୍ଲେଖ କରିବା ଉଚିତ ମନେକରୁଛି ଯେ, ସ୍ୱୟଂ ସରକାର ମଧ୍ୟ ବିଭିନ୍ନ ସମୟରେ ସ୍ୱୀକାର କରି ଆସୁଛନ୍ତି : ଆମ ଦେଶରେ ଧନୀ ଏବଂ ଦରିଦ୍ରଙ୍କ ମଧ୍ୟରେ ଆର୍ଥିକ ବୈଷମ୍ୟ ଭୟଙ୍କର ଭାବରେ ବଢ଼ିଚାଲିଛି। ପୂର୍ବରୁ ଅକ୍ସଫାମ୍ ରିପୋର୍ଟ ଦର୍ଶାଇଥିଲା, ୨୦୧୯ ମହାମାରୀ ପରେ ଆମ ଜନସଂଖ୍ୟାର ଅନ୍ତତଃ ୫୦ ପ୍ରତିଶତଙ୍କ କ୍ଷେତ୍ରରେ ଆୟ/ସମ୍ପଦ ହ୍ରାସ ପାଇଛି। ୨୦୨୦ରେ ପିରାମିଡ଼ର ତଳେ ଥିବା ୫୦ ଭାଗଙ୍କ ରୋଜଗାର ଯେତିକି ଥିଲା ତାହା ମୋଟ ଜାତୀୟ ଆୟର ମାତ୍ର ୧୩ ପ୍ରତିଶତ। ସେଇ ସମୟରେ ଜାତୀୟ ସମ୍ପଦରେ ସେମାନଙ୍କର ଭାଗ ଥିଲା ମାତ୍ର ୩ ପ୍ରତିଶତ। ଏବେ ଆମ ଜନସଂଖ୍ୟାର ଉପର ପାହାଚରେ ଆରାମରେ ବସିଥିବା ୩୦ ପ୍ରତିଶତଙ୍କ କଥା ଚିନ୍ତା କରନ୍ତୁ। ସେମାନଙ୍କ ଭାଗରେ ଅଛି ମୋଟ ଜାତୀୟ ସମ୍ପଦର ୯୦ ପ୍ରତିଶତ। ସବା ଉପରେ ଥିବା ୧୦ ପ୍ରତିଶତଙ୍କ ପାଖରେ ସମ୍ପଦର ୮୦ ଭାଗ ଏବଂ ସର୍ବାଧିକ ଧନୀ ୧ ପ୍ରତିଶତଙ୍କ ପାଖରେ ଜାତୀୟ ସମ୍ପଦର ୪୦.୬ ପ୍ରତିଶତ।

ନିକଟରେ ପ୍ରକାଶିତ ଅକ୍ସଫାମ୍‌ର 'ସର୍‌ଭାଇଭାଲ ଅଫ୍ ଦ ରିଚେଷ୍ଟ : ଦ ଇଣ୍ଡିଆ ଷ୍ଟୋରି' (୨୦୨୩) ଦର୍ଶାଇଛି, ଭାରତରେ ଦରିଦ୍ରଙ୍କ ସଂଖ୍ୟା ୨୨୮.୯ ନିୟୁତ। ପୃଥିବୀରେ ସର୍ବାଧିକ। ୨୦୨୦ରେ ଏଠି ଅତି ଧନୀବିଶେଷଙ୍କ ସଂଖ୍ୟା ୧୦୨ ଥିଲା, ଯାହା ୨୦୨୨ରେ ୧୬୬ରେ ପହଞ୍ଚିଛି। ଯେତେବେଳେ ଭାରତରେ ୧୦୦ ଜଣ ସର୍ବାଧିକ ଧନୀଙ୍କ ସମ୍ପତ୍ତି ୫୪.୧୨ ଲକ୍ଷ କୋଟି ସେଇ ସମୟରେ ୧୦ ଜଣ ଅତି ଧନୀଙ୍କ ସମ୍ପତ୍ତି ୨୭.୫୨ ଲକ୍ଷ କୋଟି ଟଙ୍କା। ଅର୍ଥାତ ୨୦୨୧ ଅନୁପାତରେ ଏଇ ବୃଦ୍ଧି ୩୨.୮ ପ୍ରତିଶତ। ସରକାର କ'ଣ କରିଛନ୍ତି ଏଇ ଅପରିପୋଷଣୀୟ ଅଭିବୃଦ୍ଧି ରୋକିବା ପାଇଁ ?

୨୦୧୯ରେ ମହାମାରୀ ଆରମ୍ଭ ପୂର୍ବରୁ କେନ୍ଦ୍ର କର୍ପୋରେଟ ଟିକସ ହ୍ରାସ କରିଥିଲେ ଯାହା ୩୦ ପ୍ରତିଶତରୁ କ୍ରମଶଃ ହ୍ରାସ ପାଇ ବର୍ତ୍ତମାନ ୧୫ ପ୍ରତିଶତରେ। ନୂଆ ଟିକସ ନୀତି ଯୋଗୁ ସରକାର ୧.୮୪ ଲକ୍ଷ କୋଟି ରାଜସ୍ୱ ହରେଇଛନ୍ତି। ଯଦିଓ ଗତ ୩/୪ ମାସ ଧରି ମୁଦ୍ରାସ୍ଫୀତି କ୍ରମଶଃ ନିୟନ୍ତ୍ରଣ ଭିତରକୁ ଆସୁଛି ତଥାପି ପାଇକାରୀ ଖାଦ୍ୟସୂଚୀ, ବିଶେଷକରି ଖାଦ୍ୟ ସାମଗ୍ରୀଗୁଡ଼ିକର ଅତ୍ୟଧିକ ମୂଲ୍ୟବୃଦ୍ଧି ଗ୍ରାମାଞ୍ଚଳ ଭାରତର ମଞ୍ଜ ଦୋହଲାଇ ଦେଇଛି। ସ୍ଥିତିରେ ନିୟନ୍ତ୍ରଣ ପାଇଁ ରିଜର୍ଭ ବ୍ୟାଙ୍କ ମେ'୨୦୨୨ ଭିତରେ ରେପୋ ଦର ୫ ଥର ବଢ଼ାଇଛି, ତେବେ ନିୟନ୍ତ୍ରଣ ଆଶାନୁରୂପ ନୁହେଁ। ଅକ୍ସଫାମ୍ ପ୍ରସ୍ତାବ ରଖିଛି, ଏଣିକି ଅତିଧନୀବିଶେଷଙ୍କଠୁ ଅଧିକ ଟିକସ ନିଆଯାଉ। ୨୦୨୧-୨୨ ଆର୍ଥିକ ବର୍ଷରେ କର୍ପୋରେଟମାନଙ୍କୁ ଟିକସ ରିହାତି ଏବଂ ଅନ୍ୟାନ୍ୟ ପ୍ରୋତ୍ସାହନ ବାବଦରେ ଖର୍ଚ୍ଚ ହୋଇଛି ୧,୦୩,୨୮୫ କୋଟି, ଯାହା ଏମ୍‌ଜିଏନ୍‌ଆର୍‌ଇଜିଏଠୁ ଅଧିକ। ଚିନ୍ତାଜନକ ହେଉଛି ପିରାମିଡ଼ର ତଳେ ଥିବା ୫୦ ପ୍ରତିଶତ ଜନସଂଖ୍ୟା ସରକାରଙ୍କୁ ପ୍ରକୃତରେ ଅଧିକ ଟିକସ ଦିଅନ୍ତି, ଯାହା ପରୋକ୍ଷ ଟିକସ। ଖାଦ୍ୟ ଏବଂ ଅଣଖାଦ୍ୟ ସାମଗ୍ରୀରୁ ଆଦାୟ ହେଉଥିବା ଟିକସର ୬୪.୩ ପ୍ରତିଶତ ଆସିଥାଏ ଏମାନଙ୍କଠାରୁ। ସେମିତି ଜିଏସ୍‌ଟି (ବସ୍ତୁ ଓ ସେବାକର)ର ଦୁଇ ତୃତୀୟାଂଶ ଆସେ ଏଇମାନଙ୍କଠୁ। କେବଳ ଜିଏସ୍‌ଟିର ୩ ରୁ ୪ ପ୍ରତିଶତ ଆସେ ଅତି ଧନୀ ୧୦ ପ୍ରତିଶତଙ୍କଠୁ। ଅତି ଧନୀମାନଙ୍କଠାରୁ ଅଧିକ ଟିକସ ଦାବିର ଅର୍ଥ ହେଉଛି ବୈଷମ୍ୟକୁ ଦୂର କରିବା ପାଇଁ ଏବଂ ସମ୍ପଦର ପୁନଃବଣ୍ଟନ ପାଇଁ ଚେଷ୍ଟା କରିବା। ପ୍ରତ୍ୟକ୍ଷ ଟିକସ ଭାବରେ ଏହା କେବଳ ସରକାରଙ୍କ ରାଜସ୍ୱ ବଢ଼ାଇବ ନାହିଁ, ଅର୍ଥନୈତିକ ସଂସ୍କାର ପାଇଁ ବାଟ ଫିଟେଇବ। ଯଦି ଭାରତୀୟ ଅତି ଧନୀମାନଙ୍କଠାରୁ ୩ ପ୍ରତିଶତ ଅତିରିକ୍ତ ଟିକସ ନିଆଯାଏ ତେବେ ସ୍ୱାସ୍ଥ୍ୟ ମିଶନ ପାଇଁ ୩୭,୮୦୦ କୋଟି ଟଙ୍କା ସଂଗ୍ରହ ହେବ। ଯଦି ସବୁଠୁ ବଡ଼ ୧୦ ଜଣ ଅତି ଧନୀବିଶେଷଙ୍କ ଉପରେ ୫ ପ୍ରତିଶତ ଅଧିକ ଟିକସ ଲାଗୁହୁଏ ତେବେ ଅନୁସୂଚିତ ଜନଜାତିଙ୍କ ସ୍ୱାସ୍ଥ୍ୟ ବାବଦରେ ଖର୍ଚ୍ଚ ପାଇଁ ୫ ବର୍ଷ ପର୍ଯ୍ୟନ୍ତ ସମସ୍ୟା ହେବ ନାହିଁ। ଯଦି ଭାରତର ସବୁ ଅତି ଧନୀବିଶେଷ ୨ ପ୍ରତିଶତ ଅଧିକ କର ଦିଅନ୍ତି ଦେଶରେ ପୁଷ୍ଟି କାର୍ଯ୍ୟକ୍ରମ ପାଇଁ ୪୨,୦୩୩ କୋଟି ଟଙ୍କା ଆଦାୟ ହେବ। ସ୍କୁଲ ପାଠ ଅଧାରୁ ଛାଡୁଥିବା ପିଲାଙ୍କୁ ଯଦି ପୁଣି ଶ୍ରେଣୀ ଗୃହକୁ ଫେରାଇ ନିଆଯାଏ ଏବଂ ସେମାନଙ୍କ ପାଇଁ ଗୁଣାତ୍ମକ ଶିକ୍ଷାଦାନର ସୁବନ୍ଦୋବସ୍ତ ହୁଏ ୧.୪ ଲକ୍ଷ କୋଟି ଟଙ୍କା ଆଦାୟ ପାଇଁ ୧୦ ଜଣ ସର୍ବୋଚ୍ଚ ବିଲିୟନପତିଙ୍କ ଉପରେ ମାତ୍ର ୫ ପ୍ରତିଶତ ଅତିରିକ୍ତ କର ଧାର୍ଯ୍ୟହେବ। ବିଦ୍ୟାଳୟରେ ପିଲାଙ୍କ ମଧ୍ୟାହ୍ନ ଭୋଜନ, ଶିକ୍ଷକ ଅଭାବ ଏବଂ ସ୍ୱାସ୍ଥ୍ୟ ସେବାପରି ଗୁରୁତ୍ୱପୂର୍ଣ୍ଣ ପ୍ରାଥମିକ ସମସ୍ୟାର ସମାଧାନ ଆଦୌ କଷ୍ଟସାଧ୍ୟ ହେବନାହିଁ, ଯଦି ଅତି ଧନୀଙ୍କ ଉପରେ ୨ ପ୍ରତିଶତ ରୁ ୫ ପ୍ରତିଶତ ଅଧିକ ଟିକସ ଲାଗୁହୁଏ। ସରଳ ଅର୍ଥରେ ଯଦି ଆପଣ ୯୯ ପ୍ରତିଶତ ଦେଶବାସୀଙ୍କ କଥା ଚିନ୍ତା କରିବେ ତେବେ ୧ ପ୍ରତିଶତ ଅତି ଧନୀଙ୍କୁ କିଛି ତ୍ୟାଗ କରିବା ପାଇଁ ପଡ଼ିବ।



ଫରାସୀ ବିପ୍ଳବ ପ୍ରସଙ୍ଗରେ ଦାର୍ଶନିକ ରୁଷୋ କହିଥିଲେ, ଗରିବଙ୍କ ପାଖରେ ଖାଇବା ପାଇଁ କିଛି ନ ଥିଲେ ସେମାନେ ଧନୀମାନଙ୍କୁ ଖାଇଯିବେ। ପର୍ଯ୍ୟବେକ୍ଷକମାନେ କୁହନ୍ତି 'ଧନୀ' କହିଲେ ରୁଷୋ ସାଙ୍କେତିକ ଭାବରେ ଚିହ୍ନଟ କରୁଥିଲେ ଫ୍ରାନ୍ସର ଶେଷ ରାଜା ଷୋଡଶ ଲୁଇଙ୍କୁ। ଏବେ ସେଇ ଅର୍ଥରେ 'ଧନୀ' ହେଉଛନ୍ତି ପୃଥିବୀର ସର୍ବାଧିକ ୧ ପ୍ରତିଶତ 'ଧନୀ' ଯେଉଁମାନେ କର୍ପୋରେଟ ହୋଇପାରନ୍ତି, ବ୍ୟବସାୟୀ, ରାଜନେତା କିମ୍ବା ଦୁର୍ନୀତିଗ୍ରସ୍ତ କର୍ମଚାରୀ ହୋଇପାରନ୍ତି, ଯେଉଁମାନଙ୍କ ସାମ୍ରାଜ୍ୟ ଆଧାର କରିଛି ଅନ୍ୟମାନଙ୍କ ଯନ୍ତ୍ରଣାକୁ। କହିପାରନ୍ତି 'ଇଟ୍ ଦ ରିଚ୍' ଭାରତ ପରିପ୍ରେକ୍ଷୀରେ ବୁଝେଇବ ଏଠି ବୈଷମ୍ୟ ପାଇଁ ଦାୟୀ ଅତି ଧନୀମାନଙ୍କ ଉତ୍ତରଦାୟିତ୍ୱକୁ। ଦୁର୍ଭାଗ୍ୟ ହେଉଛି ୧୯୯୧ରେ ଭାରତୀୟ ଅର୍ଥନୀତିର ଉଦାରୀକରଣ ଆରମ୍ଭ ପରେ ଦାରିଦ୍ର୍ୟ ହ୍ରାସ ମଧ୍ୟ ଦ୍ରୁତ ହୋଇଥିଲା, ତେବେ ଏହା ଧାରାବାହିକ ହୋଇପାରିଲା ନାହିଁ। ୨୦୨୨ 'ୱାର୍ଲ୍ଡ ଇନ୍ ଇକ୍ୱାଲିଟି ରିପୋର୍ଟ ୨୦୨୨' ଆଧାରରେ ଭାରତ ସେଇ ଦେଶଗୁଡ଼ିକ ଆଗ ଧାଡ଼ିରେ ରହିଛି, ଯେଉଁଠି ବର୍ଦ୍ଧିଷ୍ଣୁ ସମ୍ପଦ ଏବଂ ବର୍ଦ୍ଧିଷ୍ଣୁ ଦାରିଦ୍ର୍ୟ ଭିତରେ ବୈଷମ୍ୟ ବଢ଼ିଚାଲିଛି। ଦାରିଦ୍ର୍ୟ କେବଳ ଭୋକରେ ରହିବାକୁ ଇଙ୍ଗିତ କରୁନାହିଁ ବରଂ ଆବଶ୍ୟକ କ୍ୟାଲୋରି ଗ୍ରହଣରୁ ବଞ୍ଚିତ ହେବା ଏବଂ ପୁଷ୍ଟିହୀନତାକୁ ଇସାରା କରୁଛି। ପ୍ରାୟ ୭୦ ପ୍ରତିଶତ ଭାରତୀୟ ପୋଷକ, ପୁଷ୍ଟିଯୁକ୍ତ ଆହାରରୁ ବଞ୍ଚିତ। ୧.୭ ନିୟୁତ ଏଇ କାରଣରୁ ପ୍ରାଣ ହରାଉଛନ୍ତି ପ୍ରତିବର୍ଷ। ଭାରତୀୟ ଶ୍ରମିକର ଯାହା ହାରାହାରି ମାସିକ ରୋଜଗାର ସେତକ କେବଳ ତା'ର ସର୍ବନିମ୍ନ ଅବଶ୍ୟକତା ମେଣ୍ଟାଇବା ପାଇଁ ସକ୍ଷମ। ଏନ୍‌ସି ଆର୍‌ବି ତଥ୍ୟ ଅନୁସାରେ ୨୦୨୧ରେ ଭାରତରେ ପ୍ରତିଦିନ ଆତ୍ମହତ୍ୟା କରୁଥିଲେ ହାରାହାରି ୧୧୫ ଦିନ ମଜୁରିଆ। ରିଜର୍ଭ ବ୍ୟାଙ୍କର ରିପୋର୍ଟ ଅନୁସାରେ ୨୦୨୨ ଜୁନ୍ ଶେଷସୁଦ୍ଧା ଭାରତୀୟଙ୍କ ବ୍ୟକ୍ତିଗତ ଋଣବୋଝ ୩୫.୨ ଟ୍ରିଲିୟନରେ ପହଞ୍ଚିଥିଲା ଯେତେବେଳେ ମୁଦ୍ରାସ୍ଫୀତି ଥିଲା ୭.୪ ପ୍ରତିଶତ। ଏଣେ ସ୍ୱାସ୍ଥ୍ୟସେବା ପାଇଁ ନିଜସ୍ୱ ବ୍ୟୟ ୫୫ ନିୟୁତ ଭାରତୀୟଙ୍କୁ ଅତ୍ୟଧିକ ଦାରିଦ୍ର୍ୟ ଭିତରକୁ ନେଇଯାଉଛି।

ମୋ-୯୪୩୭୧୩୭୦୬୦

# ଦୁଃଖ ଓ ଯନ୍ତ୍ରଣା



**ଆରତି ମହାନ୍ତି**

ଦୁଃଖରୁ ରକ୍ଷାପାଇବାକୁ ମଣିଷ ନାନା ଉପାୟ ପାଞ୍ଚିଛି-ଠାକୁର ପୂଜା କରି କି ନାନା ରକମର ମଉଜ ମଜଲିସ୍ ଭିତରେ ନିଜକୁ ମନେଇ ରଖି ଇତ୍ୟାଦି। କିନ୍ତୁ ସେଥିରେ ସେ ସଫଳ ହୋଇପାରି ନାହିଁ। ଦୁଃଖକୁ ଆଡ଼େଇଦେଲେ କି ଦବେଇ ଦବାକୁ ଚେଷ୍ଟା କଲେ ସେ ଯାଏ ନାହିଁ। ସବୁ ଜିନିଷକୁ ବୁଝିବା ପରି ତାକୁ ବୁଝିଲେ ସେ ଆପଣା ଛାଏଁ ଚାଲିଯାଏ।

ଦୁଃଖ ଅନେକ ରୂପରେ ଦେଖାଦିଏ। ଆତ୍ମ-ଅନୁକମ୍ପା, ନିଃସଙ୍ଗତା, ହତାଶବୋଧ ହେଉଛି ତା'ର ଗୋଟିଏ ଗୋଟିଏ ରୂପ। ପୁଣି ଯେତେବେଳେ ଜଣେ ତା'ର ଆଶାକୁ ପୂର୍ଣ୍ଣ କରିପାରେ ନାହିଁ କି ତା' ଭାଗ୍ୟ ତାକୁ ସାହା ହୁଏନାହିଁ ସେତେବେଳେ ତା'ଠାରେ ଯେଉଁ ଏକାନ୍ତ ଶୂନ୍ୟତା, ହତାଶବୋଧ ଦେଖାଦିଏ ସେଗୁଡ଼ିକ ବି ହେଉଛି ଦୁଃଖ। ଆତ୍ମ ଅନୁକମ୍ପା ହେଉଛି ଦୁଃଖର ଏକ ମୁଖ୍ୟ କାରଣ। ଯେତେବେଳେ ଜଣେ ତା'ର ଜାଣତରେ କି ଅଜାଣତରେ ନିଜକୁ ନେଇ ଅଭିଯୋଗ କରିବସେ, ନିଜକୁ ନେଇ ଆକ୍ଷେପ କରେ ସେତେବେଳେ ତା' ନିଜକୁ ବଡ଼ ଅସହାୟ ମନେହୁଏ। ନିଜ ପ୍ରତି ଦୟା ଆସେ। ସେହି ହେଉଛି ଆତ୍ମ-ଅନୁକମ୍ପା। ତେଣୁ ସେଥିପ୍ରତି ସଚେତନ ରହିବା ଜରୁରୀ। ସେମିତି ନିଃସଙ୍ଗତା ବି ହେଉଛି ଦୁଃଖ। ଜଣକର ବହୁତ ସାଙ୍ଗସାଥୀ ଥାଇ ପାରନ୍ତି, ଦେବଦେବୀ ଥାଇ ପାରନ୍ତି, ବହୁତ ଜ୍ଞାନ ଥାଇପାରେ, ସାମାଜିକ ଦୃଷ୍ଟିରୁ ସେ ବହୁତ ସକ୍ରିୟ ଥାଇପାରନ୍ତି ତଥାପି ତାଙ୍କଠାରେ ନିଃସଙ୍ଗତା ବୋଧଥାଏ। ସେଥିପାଇଁ ତ ଜଣେ ଜୀବନର ସାର୍ଥକତା ଖୋଜିହୁଏ ପୁଣି ଗୋଟାଏ କିଛି ନିଜ ପାଇଁ ସେ ଉଦ୍ଭାବନ କରି ପକାଏ ମଧ୍ୟ। ହେଲେ ସୁଦ୍ଧା ନିଃସଙ୍ଗତା ତାକୁ ଛାଡ଼େ ନାହିଁ।

ନିଃସଙ୍ଗତା ହେଉଛି ଦୁଃଖ କିନ୍ତୁ ଏକାକିତ୍ୱ ମୁକ୍ତି। ଆମେ କେହିହେଲେ ଏକା ନୁହେଁ। କାରଣ ଆମ ମନ ଭିତରେ ହଜାର ହଜାର ବର୍ଷର ପରମ୍ପରା, ପ୍ରଭାବ, ସ୍ଥିତିବଦ୍ଧତା, ବଂଶାନୁଗତ ମନସ୍ତାତ୍ତ୍ୱିକ ଗୁଣ, ନାନା ପ୍ରଚାର ଓ ସଂସ୍କୃତିର ପ୍ରଲେପ ଜମାଟ ବାନ୍ଧି ରହିଛି। ଆମେ ଅନ୍ୟ ଦ୍ୱାରା ପରିଚାଳିତ ମଣିଷ। କିନ୍ତୁ ଯଦି ଜଣେ ଏକା ରହେ ଏକଦମ୍ ଏକା ଅର୍ଥାତ୍ ପରିବାର ଭିତରେ ରହି ବି ସେ କାହାରି ନୁହେଁ, କୌଣସି ଜାତି କି ସଂସ୍କୃତିର ନୁହେଁ ତେବେ ତା' ମନରେ ଗୋଟାଏ ବାହାରିଆ ଭାବ ଦେଖାଦିଏ, ଯେମିତିକି ସେ ସବୁ ଭାବନା, ପରିବାର, ଜାତି ସବୁଥିରୁ ବାହାର। ସେପରି ଚଳୁଥିବା ବ୍ୟକ୍ତି ହିଁ ହେଉଛି ନିରୀହ ଏବଂ ସେହି ନିରୀହତା ତାକୁ ଦୁଃଖରୁ ମୁକ୍ତ କରିଦିଏ। ଦୁଃଖକୁ କେବଳ ହୃଦୟଙ୍ଗମ କରିବା ଦ୍ୱାରା ହିଁ ସେଥିରୁ ମୁକ୍ତି ଆସିଥାଏ। ସେଥିପାଇଁ ସେହି ଦୁଃଖ ଭିତରେ ରହିବାକୁ ହୁଏ। ତୁମେ ତେବେ କ'ଣ ଚାହୁଁଛ- କିଛି କ୍ଷଣ ପାଇଁ ତା'ଠୁ ରକ୍ଷା ପାଇବାକୁ ନା ସମ୍ପୂର୍ଣ୍ଣ ମୁକ୍ତ ହେବାକୁ? ଯଦି ଦୁଃଖରୁ ସମ୍ପୂର୍ଣ୍ଣ ଭାବରେ ମୁକ୍ତ ହେବାକୁ ଚାହୁଁଥାଏ ତେବେ ବାସ୍ତବରେ ଯାହା ଅଛି ସେ ଯେତେ ଭୟଙ୍କର କି ନୃଶଂସ ହୋଇଥାଉ ପଛକେ ସେ ବିଷୟରେ ସଚେତନ ହୁଅ, ତା' ଭିତରକୁ ଯାଅ, ସେ ବିଷୟରେ ଶିଖ। ସେଥିରେ ଯେତେ ଯାହା ଅଛି ସେ ସବୁକୁ ଜାଣ। ତେବେ ଯାଇ ତା' ପ୍ରତି ତୁମର ଭୟ ରହିବ ନାହିଁ କି ଆତ୍ମ-ଅନୁକମ୍ପାର ବିଷ ବି ତୁମକୁ ଘାରିବ ନାହିଁ।



ବର୍ତ୍ତମାନ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଆମେ ଯାଉଛୁ। ଆମ ଜୀବନକୁ ଆମେ କିପରି କାଟିବା ଯେପରିକି ଶେଷ ପର୍ଯ୍ୟନ୍ତ ଆମ ମନରେ ଶାନ୍ତି ରହିପାରିବ। ଯଦି ଆମକୁ ଜଣେ ଆସି କୁହେ ଯେ ଆଉ ମୋଟେ ଘଣ୍ଟାଏ କି ଦିନଟିଏ ପାଇଁ ତୁମେ ବଞ୍ଚିବ ତେଣୁ ଯାହା କରିବାର ଅଛି ସାରିଦିଅ। ତେବେ ଆମେ କ'ଣ କରିବା ? ଆମେ ପ୍ରଥମେ ନିଜ ଚାରିପଟର ଜିନିଷଗୁଡ଼ିକ ସଜାଡ଼ି ଦେବା, ଯେପରିକି ଆମେ ମରିଗଲା ପରେ ଆମ ଲାଗି କାହାକୁ ଅସୁବିଧାରେ ପଡ଼ିବାକୁ ନ ହୁଏ। ତାପରେ ଯେଉଁମାନଙ୍କ ପ୍ରତି ଆମର ରାଗ, ବିରକ୍ତି କି ଘୃଣା ରହିଛି ସେମାନଙ୍କୁ କ୍ଷମା ଦେଇଦେବା। ଯେଉଁ ଆସକ୍ତିଗୁଡ଼ିକ ନାନା ଭାବରେ ବିବ୍ରତ କରୁଛି ସେଗୁଡ଼ିକ ମନରୁ କାଢ଼ିଦେବା। ଯଦି ଆମେ ସେପରି ନ କରୁ ତେବେ ଯନ୍ତ୍ରଣାର ଶରଶଯ୍ୟାରେ ହିଁ ଆମର ଜୀବନ ଯିବ। ତୁମେ ବି କ'ଣ ଏଇ କଥାଗୁଡ଼ିକର ଭିତିରିଆ ଅର୍ଥକୁ ବୁଝୁଛ ? ଯଦି ତୁମର ଅନ୍ତର୍ଦୃଷ୍ଟି ଖୋଲିଯାଏ ତୁମେ ବି ସେଇଆ କରିବ। ଏବେ ଯଦି ଘଣ୍ଟାକ ପାଇଁ କି ଦିନକ ପାଇଁ ତୁମେ ସେମିତି ଚଳି ପାରିବ ତେବେ ଯେତେଦିନ କି ବର୍ଷ ବଞ୍ଚିବ ସେମିତି ଚଳି ପାରିବ ନାହିଁ କାହିଁକି ? ଥରେ ଚେଷ୍ଟା କରି ଦେଖନା ସେପରି ଚଳି ହେଉଛି କି ନାହିଁ ?

ଜୀବନର ଦୁଃଖ ଯନ୍ତ୍ରଣାକୁ ବୁଝିବା ଜରୁରୀ। ଖାଲି ହସଖୁସିରେ ଜୀବନ କଟାଇବାରେ କିଛି ଲାଭ ନାହିଁ। ତା' ଦ୍ୱାରା ଜଣେ ସ୍ୱେଚ୍ଛାଚାରୀ ଓ ନୃଶଂସ ହୋଇଯାଏ। ନିଜର ଦୁଃଖକୁ ନ ବୁଝିଲେ ଅନ୍ୟର ଦୁଃଖକୁ କିପରି ବୁଝିପାରିବ ? ତୁମେ ଜାଣକି ବାହାରର ଶବ୍ଦକୁ ଶୁଣିବା ପରି ନିଜ ଦୁଃଖକୁ ବି ଶୁଣିହୁଏ ? ସେଥିପାଇଁ ମୁହୂର୍ତ୍ତରୁ ମୁହୂର୍ତ୍ତ ସଚେତନ ହେବା ଦରକାର। ତାହେଲେ ମନର ଯାବତୀୟ କଥା, ଭାବନା ସବୁ ଶୁଣିହୁଏ। କାରଣ ତା ଭିତରେ ବି ସେହିମୁଁ ରହିଥାଏ। ଆମେ ନିଜର ଯନ୍ତ୍ରଣାକୁ ବୁଝିବା ଦ୍ୱାରା ସାରା ମଣିଷ ଜାତିର ଯନ୍ତ୍ରଣାକୁ ବୁଝିପାରିବା। କାରଣ ଯନ୍ତ୍ରଣାରେ ତୁମର ମୋର ବୋଲି କିଛି ନାହିଁ। କ୍ଷୁଧା ଅନୁଭବ କରିବା ବେଳେ ବି ସାରା ମଣିଷ ଜାତିର କ୍ଷୁଧାକୁ ଆମେ ଅନୁଭବ କରିପାରିବା। ଜଣେ ତା'ର ଉଚ୍ଚାଭିଳାଷ ପୂର୍ଣ୍ଣ କରିବାକୁ ଧାଉଁଥିଲା ବେଳର ଅସ୍ଥିରତା, ଭୟ, ଆଶଙ୍କା, ହତାଶା ସବୁ ଅନୁଭବ କରିବା ସାରା ମଣିଷ ଜାତିର ଅନୁଭବ ସହିତ ସମାନ। କେବଳ ବିଭିନ୍ନ ପରିସ୍ଥିତି ଓ ଘଟଣା ଭିତରେ ସମସ୍ତେ ଘାରି ହେଉଥାଆନ୍ତି। ଦେଖ ! ଏଠି ଏହି କଥାଟିକୁ ବସ୍ତୁ ନିରପେକ୍ଷ କରି ଦିଆଯାଉନାହିଁ କି ଅ-ବ୍ୟକ୍ତିକ ବି ନୁହେଁ। ଜଣକର ଖାଇବାକୁ ନ ଥିଲେ ତା'ର ଯେଉଁ ଜ୍ୱାଳା ଯେକୌଣସି ମଣିଷ ସେହି ଅବସ୍ଥାରେ ଏକାପରି ସେ ଜ୍ୱାଳାକୁ ଅନୁଭବ କରିବ। କେବଳ ସେମିତି ଅନୁଭବ କଲାବେଳେ ତା'ର ଗଭୀରତାକୁ ଯାଇ ସେହି ତୀବ୍ରତାକୁ ଅନୁଭବ କରିବା ଦରକାର, ତହିଁରେ ଅନ୍ତର୍ଦୃଷ୍ଟି ଆଣିବା ଦରକାର। କାରଣ ତା'ର ଇତି ଘଟିଲେ ଯାଇ ଶାନ୍ତି ଆସିପାରିବ- ଖାଲି ବାହାରେ ନୁହେଁ ଅନ୍ତରରେ ମଧ୍ୟ।

**ଶ୍ରୀରାମ ନଗର, ଭୁବନେଶ୍ୱର**
**ମୋ : ୯୬୯୨୦୯୮୦୫୪**

## ଏଇ ଭାରତରେ

ସୁନା ମୂଲ୍ୟ ଅମୂଲମୂଲ। ଯେଉଁ ଜିନିଷକୁ ସୁନା ସହ ତୁଳନା କରାଯାଏ ତାହାର ମୂଲ୍ୟ ବି ଅଧିକ। ଏମିତି ଏକ କଳାସୁନା ବା ଜିଆଖତ ତିଆରି କରିଛନ୍ତି ଉତ୍ତରପ୍ରଦେଶର ସନା ଖାନ୍। ସେ ଏସ୍.ଜେ. ଅର୍ଗାନିକ୍ସ ପ୍ରତିଷ୍ଠା କରି ସେଠାରେ ଏହା ତିଆରି କରୁଛନ୍ତି। ସବୁଠୁ ବଡ଼ କଥା ହେଉଛି, ସେ ବର୍ଜ୍ୟରୁ ହିଁ ଏହି ଖତ ତିଆରି କରୁଛନ୍ତି। ସନା ରହନ୍ତି ମେରଟରେ। ସେ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଥିଲେ। କିନ୍ତୁ ସେଥିରେ ବିଫଳ ହେବା ପରେ ଜିଆଖତ ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ନେଇଥିଲେ ଓ ୨୦୧୪ରେ ତାଙ୍କ ଭାଇଙ୍କଠାରୁ ଆର୍ଥିକ ସହଯୋଗରେ ଏସ୍.ଜେ. ଅର୍ଗାନିକ୍ସ ଆରମ୍ଭ କରିଥିଲେ। ସେ ଖତ ତିଆରି କରିବା ପରେ ତାହାକୁ ପରୀକ୍ଷା କରାଉଛନ୍ତି। ୨୦୨୦ରେ କମ୍ପାନୀ ୫୦୦ ଟନ୍ ବର୍ଜ୍ୟ ସଂଗ୍ରହ କରି ସେଥିରୁ ୧୫୦ ଟନ୍ ଖତ ତିଆରି କରିଥିଲେ। ଏବେ ଏହି କାର୍ଯ୍ୟରେ ସେ ୩୦ ଜଣଙ୍କୁ ନିଯୁକ୍ତି ଦେଇଛନ୍ତି। କଳାସୁନା ପ୍ରସ୍ତୁତ କରି ସନା ବର୍ଷକୁ ୧ କୋଟି ଟଙ୍କା ରୋଜଗାର କରୁଛନ୍ତି। ସେ ମଧ୍ୟ ମେରଟ୍‌ର ୧୦୦ ସ୍କୁଲରେ ଜିଆଖତ ତିଆରି କେନ୍ଦ୍ର ଖୋଲିଛନ୍ତି ଓ ସେଠାକାର ବର୍ଜ୍ୟକୁ ଖତରେ ପରିଣତ କରୁଛନ୍ତି। ଏହା ବ୍ୟତୀତ ସେ ଅନ୍ୟ ବ୍ୟବସାୟୀଙ୍କୁ ଏ ବାବଦରେ ପ୍ରଶିକ୍ଷଣ ଦେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୧୧ ଫେବୃୟାରୀ ୧୯୯୮**

- ବାଂଲାଦେଶ ଶାନ୍ତି ବାହିନୀ ବିଦ୍ରୋହୀ ଗୋଷ୍ଠୀର ନେତା ଜ୍ୟୋତିରିନ୍ଦ୍ର ବୋଧିପ୍ରିୟା ଲାର୍ମାଙ୍କ ସମେତ ୨୦୦ କର୍ମୀଙ୍କ ଆତ୍ମସମର୍ପଣ।
- ଜାମ୍ମୁ କାଶ୍ମୀରର ତିନୋଟି ନିର୍ବାଚନମଣ୍ଡଳୀରେ ଭୋଟ ଗଣତି ତାରିଖ ପରିବର୍ତ୍ତନ ପାଇଁ ନିର୍ବାଚନ କମିଶନ ନେଇଥିବା ନିଷ୍ପତ୍ତିକୁ ଚାଲେଞ୍ଜ କରି ଶାସକ ଦଳ ନ୍ୟାସନାଲ କନ୍‌ଫରେନ୍ସ ପକ୍ଷରୁ ଆଗତ ପିଟିସନ ସୁପ୍ରିମ୍‌କୋର୍ଟରେ ଖାରଜ।
- କର୍ମଚାରୀଙ୍କୁ ସଂଶୋଧିତ ବେତନ ହାର ଦେବା ଲାଗି ରାଜ୍ୟ ସରକାରଙ୍କ ପ୍ରସ୍ତାବକୁ ନିର୍ବାଚନ କମିଶନରଙ୍କ ଅନୁମୋଦନ।

## ପାଠକ ଶ୍ରେଷ୍ଠ ବିଚାରକ

### ବରିଷ୍ଠ ନାଗରିକଙ୍କ ପ୍ରତି ଉଦାସୀନତା

ମହାଶୟ,

ବରିଷ୍ଠ ନାଗରିକମାନେ ବୟସର ଅପରାହ୍ନରେ ନିଜ ସ୍ଥାନ, ଚିହ୍ନା ଲୋକଙ୍କୁ ଛାଡି ବୃଦ୍ଧାଶ୍ରମରେ ରହିବା ସହଜ କଥା ନୁହେଁ। ବୟସ ଥିଲାବେଳେ ନିଜସ୍ଥାନ ଛାଡି ଅନ୍ୟତ୍ର ଯିବା ପାଇଁ ଇଚ୍ଛା ହୁଏନି। ଯଦି କୌଣସି ପରିସ୍ଥିତିରେ ଯିବା ପାଇଁ ବାଧ୍ୟ ହେଉ ତା'ହେଲେ ମନ ପୁରୁଣା ସ୍ଥାନକୁ ଝୁରେ ଓ ବ୍ୟସ୍ତ ହୁଏ। ଆଜିର ବରିଷ୍ଠ ନାଗରିକ ଗତକାଲିର ଯୁବପିଢ଼ି ଥିଲେ। ସମାଜ ବିଷୟରେ ଭାବିଥିଲେ, ଆଦର୍ଶ ଜୀବନ ବଞ୍ଚିବା ପାଇଁ ନିଜ ଛୁଆ ମାନଙ୍କୁ ଶିକ୍ଷା ଦେଇଥିଲେ। ବିଶ୍ୱର ସବୁଠୁ ବେଶି ବରିଷ୍ଠ ନାଗରିକ ଭାରତରେ ରୁହନ୍ତି। ତେଣୁ ଆମ ଦ୍ୱାରା ହିଁ ବରିଷ୍ଠ ନାଗରିକଙ୍କ ସମସ୍ୟାର ସମାଧାନ ହେବା କଥା। କିନ୍ତୁ ଆମେ ସେଥି ପ୍ରତି ଉଦାସୀନତା ପ୍ରକାଶ କରୁଛୁ। ସେମାନଙ୍କ ମୁଖ୍ୟ ସମସ୍ୟା ହେଲା ସ୍ୱାସ୍ଥ୍ୟ ସମସ୍ୟା। ନିଃସଙ୍ଗତା ବି ଏକ ବଡ଼ ସମସ୍ୟା। ସାଇ ପଡିଶା କାହା ପାଖରେ ସମୟ ନାହିଁ ବରିଷ୍ଠ ନାଗରିକଙ୍କ ସହିତ ଦୁଇ ପଦ କଥା ହେବା ପାଇଁ। ସେମାନଙ୍କୁ ଲାଗୁଛି ସେମାନେ ଯେପରି ପରିବାର ଓ ସମାଜ ପାଇଁ ଅଲୋଡା। ଆଜିର ଯୁବପିଢ଼ି ଯଦି ଆଗଭର ହୋଇ ସେମାନଙ୍କ ମନରେ ଏହି ଭାବନା ଭରିଦିଏ ଯେ ସେମାନେ ଆମ ପାଇଁ ଚିର ଆବଶ୍ୟକ ତା'ଠାରୁ ଆଉ ଭଲ କଥା କଣ ହେବ ? ଗର୍ଭବତୀ ମହିଳା ଓ ଶିଶୁଙ୍କ ପାଇଁ ଯେଉଁପରି ଆଶା ଓ ଅଙ୍ଗନବାଡି ଗଠନ କରାଯାଇଛି ସେହିପରି ବରିଷ୍ଠ ନାଗରିକଙ୍କ ପାଇଁ ସରକାର ଓ ପ୍ରଶାସନ ତରଫରୁ କିଛି କରାଯାଉ, ଯାହା ସେମାନଙ୍କ ଜୀବନକୁ ସୁଖମୟ କରିପାରିବ।

**-କାଳି ଦାସ, ବ୍ରହ୍ମପୁର, କଳିଙ୍ଗନଗର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ମୂକର ମୁଖେ ଫୁଟାଇ ରବ
ଅନ୍ଧ ଚକ୍ଷେ ଛବି ବିଭବ
ପାଷାଣ ପଥେ ବୁହାଇ ନବ ନିର୍ଝର
ଜଡ଼ର ଦେହେ ଜୀବନ ତୁମେ ସଞ୍ଚର।
-(ବର୍ଷା ନାୟିକା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ



ଭୁବନେଶ୍ୱରସ୍ଥିତ ଉତ୍କଳ ମଣ୍ଡପରେ ଶୁକ୍ରବାର ଅନୁଷ୍ଠିତ ଜ୍ଞାନପ୍ରଭା ମିଶନ୍‌ର ପ୍ରତିଷ୍ଠା ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ମିଶନ ପ୍ରତିଷ୍ଠାତା ପରମହଂସ ପ୍ରଜ୍ଞାନାନନ୍ଦଜୀ ମହାରାଜ ସ୍ୱାଗତ କରୁଛନ୍ତି।




ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁକ୍ରବାର ଅପରାହ୍ନରେ ଭୁବନେଶ୍ୱରସ୍ଥିତ ରାଜଭବନ ପରିସରରେ ନୂତନ ଭବ୍ୟ ଅଭିଷେକ କକ୍ଷର ଉଦ୍‌ଘାଟନ କରୁଛନ୍ତି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉପସ୍ଥିତ ଅଛନ୍ତି।



ଜ୍ଞାନପ୍ରଭା ମିଶନ୍‌ର ପ୍ରତିଷ୍ଠା ଉତ୍ସବରେ ଯୋଗଦେଇଥିବା ସାଧୁସନ୍ନ୍ୟାସୀ।

# ରାଜଭବନରେ ନୂତନ ଅଭିଷେକ କକ୍ଷ ଉଦ୍‌ଘାଟନ କଲେ ରାଷ୍ଟ୍ରପତି

**ଭୁବନେଶ୍ୱର, ୧୦।୨(ବ୍ୟୁରୋ)**

ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁକ୍ରବାର ଅପରାହ୍ନରେ ରାଜଭବନ ପରିସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ନୂତନ ଭବ୍ୟ ଅଭିଷେକ ହଲ୍‌ର ଉଦ୍‌ଘାଟନ କରିଛନ୍ତି। ଏହି ସମୟରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ସମେତ ରାଜ୍ୟ ପ୍ରଶାସନର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ୪୭ ହଜାର ୩୯୦ ବର୍ଗଫୁଟ ବିଶିଷ୍ଟ ଏହି ଅତ୍ୟାଧୁନିକ ଅଭିଷେକ ହଲ୍ ନିର୍ମାଣରେ ୨୫.୨୩ କୋଟି ଟଙ୍କା ବ୍ୟୟ ହୋଇଛି। ଏହାର ମୁଖ୍ୟ ସମ୍ମିଳନୀ କକ୍ଷରେ ୯୦୦ ଅତିଥିଙ୍କ ବସିବା ପାଇଁ ସୁବିଧା ରହିଥିବାବେଳେ ୧୨୦୦ ଲୋକ ଠିଆ ହୋଇପାରିବେ। ମୁଖ୍ୟ ସମ୍ମିଳନୀ କକ୍ଷ ସହ ବଙ୍କେଟ୍ ହଲ୍, ୫ଟି ଲାଉଞ୍ଜ୍, ୪ଟି ପ୍ରବେଶ ଓ ପ୍ରସ୍ଥାନ ଦ୍ୱାର ରହିଛି। ଏହି ଅଭିଷେକ ହଲ୍‌ରେ ସମସ୍ତ ଅତ୍ୟାଧୁନିକ ସୁବିଧା ଉପଲବ୍ଧ କରାଯାଇଛି।






# ଅସମ୍ପୂର୍ଣ୍ଣ ରହିଲା ବିଧାୟକଙ୍କ ସାକ୍ଷ୍ୟଗ୍ରହଣ

**କଟକ ଅଫିସ,୧୦।୨**

## ବାରବାଟୀ-କଟକ ନିର୍ବାଚନ ଅନିୟମିତତା ମାମଲା

ବାରବାଟୀ-କଟକ ନିର୍ବାଚନ ଅନିୟମିତତା ନେଇ ପରାଜିତ ପ୍ରାର୍ଥୀ ଦେବାଶିଷ ସାମନ୍ତରାୟଙ୍କ ପକ୍ଷରୁ ହାଇକୋର୍ଟରେ ଦାଏର ମାମଲାର ଶୁଣାଣି ଶୁକ୍ରବାର ହୋଇଛି। ମାମଲାର ପ୍ରତିପକ୍ଷ ବିଧାୟକ ମହମ୍ମଦ ମୋକିମଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିବାବେଳେ ତାହା ଅସମ୍ପୂର୍ଣ୍ଣ ରହିଛି। ଆବେଦନକାରୀଙ୍କ ଓକିଲ ଗୋପାଳ ଅଗ୍ରୱାଲ ପ୍ରତିପକ୍ଷଙ୍କୁ ଜେରା କରିଥିଲେ। ବିଚାରପତି ସଙ୍ଗମ କୁମାର ସାହୁଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରିଥିଲେ। ଆସନ୍ତା ୧୫ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ସୂଚନାଯୋଗ୍ୟ, ଗତ ବିଧାନସଭା ନିର୍ବାଚନରେ ପରାଜିତ ପ୍ରାର୍ଥୀ ଦେବାଶିଷ ସାମନ୍ତରାୟ ବିଜୟୀ ପ୍ରାର୍ଥୀ ମୋକିମଙ୍କ ବିରୋଧରେ ନିର୍ବାଚନରେ ଅନିୟମିତତା ହୋଇଥିବା ନେଇ ହାଇକୋର୍ଟରେ ମାମଲା ଦାଏର କରିଥିଲେ। ପୂର୍ବରୁ ଆବେଦନକାରୀ ଦେବାଶିଷଙ୍କ ସାକ୍ଷ୍ୟ ଗ୍ରହଣ ସମ୍ପୂର୍ଣ୍ଣ ହୋଇଛି। ପ୍ରତିପକ୍ଷଙ୍କ ପକ୍ଷରୁ ଆଇନଜୀବୀ ବିଦ୍ୟାଧର ମିଶ୍ର ମାମଲା ପରିଚାଳନା କରୁଛନ୍ତି।

# ଓଡ଼ିଶାରେ ହାତୀ ଶିକାର ସର୍ବାଧିକ




ଭୁବନେଶ୍ୱରର ଏକ ହୋଟେଲରେ ଶୁକ୍ରବାର ଅନୁଷ୍ଠିତ ମିଡିଆ କନ୍‌କ୍ଲେଭ୍‌ରେ ଯୋଗଦେଇଥିବା ଅତିଥିବୃନ୍ଦ।

**ଭୁବନେଶ୍ୱର, ୧୦।୨(ବ୍ୟୁରୋ)**

- **ହାତୀ ସୁରକ୍ଷାରେ ସରକାର, ଜନସାଧାରଣ, ଗଣମାଧ୍ୟମର ବଡ଼ ଭୂମିକା ରହିଛି**
- **ମିଳିତ କାର୍ଯ୍ୟ କରୁଛନ୍ତି ଭଏସ୍ ଫର୍ ଏସିଆ ଏଲିଫ୍ୟାଣ୍ଟ ସୋସାଇଟି ଓ ପରିବର୍ତ୍ତନ ଅନୁଷ୍ଠାନ**

ଭାରତରେ ୬୦% ଏସିଆନ ହାତୀ ଅଛନ୍ତି। ଏମାନଙ୍କ ସୁରକ୍ଷା କେବଳ ସରକାର ନୁହେଁ, ଷ୍ଟେକ୍ ହୋଲ୍ଡର ଓ ଜନସାଧାରଣ ମିଳିମିଶି କରିବା ଉଚିତ। ନ ହେଲେ ଆଗକୁ ହାତୀ ବଂଶ ଲୋପ ପାଇଯିବ ବୋଲି ଅନ୍ତର୍ଜାତୀୟ ବନ୍ୟପ୍ରାଣୀ ବିଶେଷଜ୍ଞ ତଥା ଭଏସ୍ ଫର୍ ଏସିଆ ଏଲିଫାଣ୍ଟ ସୋସାଇଟିର ପ୍ରତିଷ୍ଠାତା ସଙ୍ଗୀତା ଆୟାର କହିଛନ୍ତି। ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ମିଡିଆ କନ୍‌କ୍ଲେଭ୍‌ରେ ସଙ୍ଗୀତା ଯୋଗଦେଇ ହାତୀ ମୃତ୍ୟୁ କିପରି ରୋକାଯାଇପାରିବ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହିତ ଏ କ୍ଷେତ୍ରରେ ଗଣମାଧ୍ୟମର କ'ଣ ଭୂମିକା ରହିବା ଦରକାର ସେ ସମ୍ପର୍କରେ କହିଥିଲେ। ଓଡ଼ିଶାରେ ହାତୀ ମୃତ୍ୟୁ ବଢ଼ୁଥିବାରୁ ଉଦ୍‌ବେଗ ପ୍ରକାଶ କରି ସେ କହିଲେ, ଓଡ଼ିଶାରେ ହାତୀ ଶୀକାର ଯେତିକି ହେଉଛି ଦେଶର ଅନ୍ୟ କୌଣସି ରାଜ୍ୟରେ ଏଭଳି ହେଉନାହିଁ। ବିଭିନ୍ନ ଉଦାହରଣ ଦେଇ ସେ କହିଲେ, ହାତୀ ଆମକୁ ଜୀବନ ଦେଉଛି, କିନ୍ତୁ ହାତୀର ଜୀବନକୁ ଆମେ ନଷ୍ଟ କରୁଛେ। ଜଙ୍ଗଲରେ ବାସସ୍ଥଳୀ ଓ ଖାଦ୍ୟପେୟର ଅଭାବ ଯୋଗୁ ଆଜି ହାତୀ ଜନବସତି ମୁହାଁ ହେଉଛି। ଫଳରେ ହାତୀ ମଣିଷ ଲଢ଼େଇ ବଢ଼ିବାରେ ଲାଗୁଛି। ଏଥିରେ ଉଭୟ ମଣିଷ ଓ ହାତୀର କ୍ଷତି ହେଉଛି। କେତେବେଳେ ମଣିଷ ତ ଆଉ କେତେବେଳେ ହାତୀର ମୃତ୍ୟୁ ଘଟୁଛି। କିନ୍ତୁ ମଣିଷର ମୃତ୍ୟୁ ହେଲେ ଆମେ ବ୍ୟଥିତ ହେଉଥିବା ବେଳେ ହାତୀ ମରିଗଲେ ତା' ପାଇଁ କାହାର ସ୍ୱର ବାହାରୁ ନାହିଁ। ତେଣୁ ଆମକୁ ହାତୀ ପାଇଁ ସ୍ୱର ଉଠାଇବାକୁ ପଡ଼ିବ। ଏଠି ଗଣମାଧ୍ୟମର ଭୂମିକା ବଡ଼ ବୋଲି ସଙ୍ଗୀତା ଗୁରୁତ୍ୱାରୋପ କରିଥିଲେ। ହାତୀର ସୁରକ୍ଷା ପାଇଁ ଅଭିଯାନ ଆରମ୍ଭ କରିଥିବା ଭଏସ୍ ଫର୍ ଏସିଆ ଏଲିଫ୍ୟାଣ୍ଟ ସୋସାଇଟି ଏବଂ ଓଡ଼ିଶାର 'ପରିବର୍ତ୍ତନ' ଅନୁଷ୍ଠାନ ମିଳିତ ଭାବେ ଏବେ କାର୍ଯ୍ୟ କରିବା ଆରମ୍ଭ କରିଥିବା ସଙ୍ଗୀତା କହିଥିଲେ। ହାତୀଙ୍କ ଖାଦ୍ୟ ପାଇଁ ବାଲେଶ୍ୱରର କିଛି ସ୍ଥାନରେ ଚାରା ରୋପଣ କରାଯାଇଥିବାବେଳେ ହାତୀ ଚଲାପଥକୁ ଜନସାଧାରଣଙ୍କ ଅବଗତ ନିମନ୍ତେ ଢେଙ୍କାନାଳର ୧୬ଟି ସ୍ଥାନରେ ସାଇନ୍ ବୋର୍ଡ ଲଗାଯାଇଥିବା ସୂଚନା ସେ ଦେଇଥିଲେ। ଏହି ଅବସରରେ ପରିବର୍ତ୍ତନର ଚେୟାରମ୍ୟାନ ସୁଧାଂଶୁ ମୋହନ ଦାସ ସ୍ୱାଗତ ଭାଷଣରେ ହାତୀ-ମଣିଷ ସମ୍ପର୍କକୁ ନେଇ ମତ ରଖିଥିଲେ। ୱାଇଲ୍ଡଲାଇଫ୍ ବାୟୋଲୋଜିଷ୍ଟ ପ୍ରକାଶ ମର୍ଦ୍ଦରାଜ ଦୁଇଟି ସଂସ୍ଥା କିପରି ମିଳିତ ଭାବେ ଓଡ଼ିଶାରେ କାର୍ଯ୍ୟ ଆରମ୍ଭ କରିଛନ୍ତି, ସେ ସମ୍ପର୍କରେ ସୂଚନା ଦେଇଥିଲେ। ଆଗକୁ ମଧ୍ୟ ହାତୀ ସୁରକ୍ଷା ପାଇଁ ଆହୁରି ଅନେକ କାର୍ଯ୍ୟ ହାତକୁ ନିଆଯିବ ବୋଲି ସେ କହିଥିଲେ। ପରିବର୍ତ୍ତନର ସେକ୍ରେଟେରୀ ଶୁଭ୍ରାଂଶୁ ଭୂଷଣ ସ୍ୱାଇଁ ଓଡ଼ିଶାରେ ହାତୀ ସୁରକ୍ଷା କିପରି କରାଯାଇପାରିବ ଏବଂ ଆଗକୁ କ'ଣ ପଦକ୍ଷେପ ନିଆଯିବ ସେ ବିଷୟରେ କହିଥିଲେ।


# ଇଣ୍ଡୋ-ତିବ୍ବତୀୟ ସୀମା ପୋଲିସ ବଳ
## (ସ୍ୱରାଷ୍ଟ୍ର ବ୍ୟାପାର ମନ୍ତ୍ରଣାଳୟ)
## ଭାରତ ସରକାର

କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ (ବିଏସ୍‌ଏଫ୍, ସିଆର୍‌ପିଏଫ୍, ଆଇଟିବିପି, ଏସ୍‌ଏସ୍‌ବି ଏବଂ ଆସାମ ରାଇଫଲ୍ସ), ସ୍ୱରାଷ୍ଟ୍ର ବ୍ୟାପାର ମନ୍ତ୍ରଣାଳୟ, ଭାରତ ସରକାରରେ ସୁପର ସ୍ପେଶାଲିଷ୍ଟ ମେଡିକାଲ ଅଫିସର୍ସ (ସେକେଣ୍ଡ-ଇନ୍-କମାଣ୍ଡ), ସ୍ପେଶାଲିଷ୍ଟ ମେଡିକାଲ ଅଫିସର୍ସ (ଡେପୁଟି କମାଣ୍ଡାଣ୍ଟ) ଏବଂ ମେଡିକାଲ ଅଫିସର୍ସ (ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ)ର ଗ୍ରୁପ୍ 'ଏ' ପଦବୀରେ, ସମ୍ପୃକ୍ତ ବଳରେ ଅନୁମତିଯୋଗ୍ୟ ବେତନ ହାର ତଥା ଭତ୍ତାରେ ନିଯୁକ୍ତି ହେତୁ ଯୋଗ୍ୟ ଭାରତୀୟ ନାଗରିକ (ପୁରୁଷ ଓ ମହିଳା)ମାନଙ୍କଠାରୁ ଅନ୍‌ଲାଇନ୍ ଦରଖାସ୍ତ ଆହ୍ୱାନ କରାଯାଉଛି:-

| କ୍ର./ସଂ. | ପଦବୀର ନାମ | ଖାଲିସ୍ଥାନ ସଂଖ୍ୟା | | | | | | ବେତନ ହାର |
|---|---|---|---|---|---|---|---|---|
| | | ୟୁଆର/ ସାଧାରଣ | ଏସ୍‌ସି | ଏସ୍‌ଟି | ଓବିସି | ଇଡବ୍ଲ୍ୟୁଏସ୍ | ମୋଟ | |
| ୧ | ସୁପର ସ୍ପେଶାଲିଷ୍ଟ ମେଡିକାଲ ଅଫିସର୍ସ (ସେକେଣ୍ଡ ଇନ୍-କମାଣ୍ଡ) | ୦୪ | ୦୦ | ୦୦ | ୦୧ | ୦୦ | ୦୫ | ସ୍ତର-୧୨ (୭୮,୮୦୦-୨,୦୯,୨୦୦), ୭ମ ସିପିସି ଅନୁଯାୟୀ ପେ' ମାଟ୍ରିକ୍ସରେ |
| ୨ | ସ୍ପେଶାଲିଷ୍ଟ ମେଡିକାଲ ଅଫିସର୍ସ (ଡେପୁଟି କମାଣ୍ଡାଣ୍ଟ) | ୮୩ | ୨୪ | ୧୧ | ୪୮ | ୧୯ | ୧୮୫ | ସ୍ତର-୧୧ (୬୭,୭୦୦-୨,୦୮,୭୦୦), ୭ମ ସିପିସି ଅନୁଯାୟୀ ପେ' ମାଟ୍ରିକ୍ସରେ |
| ୩ | ମେଡିକାଲ ଅଫିସର୍ସ (ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ) | ୨୭ | ୪୮ | ୦୭ | ୧୯ | ୦୧ | ୧୦୭ | ସ୍ତର-୧୦ (୫୬,୧୦୦-୧,୭୭,୫୦୦), ୭ମ ସିପିସି ଅନୁଯାୟୀ ପେ' ମାଟ୍ରିକ୍ସରେ |

ଦ୍ରଷ୍ଟବ୍ୟ:- i) ବ୍ୟାକ୍‌ଲଗ୍ ସମେତ ମୋଟ ଖାଲି ପଦବୀ କୌଣସି ଆଗୁଆ ସୂଚନା ବିନା ପରିବର୍ତ୍ତିତ ହୋଇପାରେ।
ii) ମେଡିକାଲ ଅଫିସର୍ସ (ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ) ପାହ୍ୟାର ୧୦% ଖାଲିପଦବୀ ପୂର୍ବତନ ସୈନିକଙ୍କ ପାଇଁ ସଂରକ୍ଷିତ ଅଟେ। ପୂର୍ବତନ ସୈନିକଙ୍କ ପାଇଁ ସଂରକ୍ଷିତ ଖାଲି ପଦବୀଗୁଡ଼ିକ ଉପଯୁକ୍ତ କିମ୍ବା ଯୋଗ୍ୟତାପ୍ରାପ୍ତ ପ୍ରାର୍ଥୀମାନଙ୍କ ଅଣ-ଉପଲବ୍ଧତା କାରଣରୁ ଅପୂରଣୀୟ ରହିବା କ୍ଷେତ୍ରରେ, ତାହାକୁ ଅନ୍ୟାନ୍ୟ ପ୍ରାର୍ଥୀଙ୍କ ଦ୍ୱାରା ପୂରଣ କରାଯିବ।

୨. **ଦରଖାସ୍ତ ଦେୟ:-** ୟୁଆର୍/ସାଧାରଣ, ଓବିସି ଏବଂ ଇଡବ୍ଲ୍ୟୁଏସ୍ ବର୍ଗର ପୁରୁଷ ପ୍ରାର୍ଥୀଙ୍କ ପାଇଁ ଟ.୪୦୦/-। ମହିଳା, ପୂର୍ବତନ ସୈନିକ ଏବଂ ଅନୁସୂଚିତ ଜାତି ତଥା ଅନୁସୂଚିତ ଜନଜାତି ବର୍ଗର ପ୍ରାର୍ଥୀମାନଙ୍କ ପାଇଁ ଦେୟ ଛାଡ଼ କରାଯାଇଛି।

୩. ପ୍ରାର୍ଥୀମାନଙ୍କଠାରୁ କେବଳ ଅନ୍‌ଲାଇନ୍ ପଦ୍ଧତିରେ www.recruitment.itbpolice.nic.inରେ ଦରଖାସ୍ତ ଗ୍ରହଣ କରାଯିବ। କୌଣସି ଅଫ୍‌ଲାଇନ୍ ଦରଖାସ୍ତକୁ ଗ୍ରହଣ କରାଯିବ ନାହିଁ। ୱେବ୍‌ସାଇଟ୍‌ରେ ନିଜର ପ୍ରୋଫାଇଲ୍ ବିବରଣୀ ପୂରଣ କରିବା ସମୟରେ ପ୍ରାର୍ଥୀମାନେ ନିଜର ସ୍ପଷ୍ଟ ତଥା ସୁ-ଦୃଶ୍ୟମାନ ଫଟୋଚିତ୍ର, ସ୍କାନ୍ ହୋଇଥିବା ଦସ୍ତଖତ, ଏମ୍‌ବିବିଏସ୍ କିମ୍ବା ସମତୁଲ୍ୟ ଯୋଗ୍ୟତା ତଥା ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟ ଦ୍ୱାରା ଜାରି ବିଶେଷଜ୍ଞ ଯୋଗ୍ୟତା ସପକ୍ଷରେ ପ୍ରମାଣପତ୍ର ଏବଂ ଏମ୍‌ସିଆଇ/ଏନ୍‌ଏମ୍‌ସି/ରାଜ୍ୟ ମେଡିକାଲ କାଉନ୍‌ସିଲର ପଞ୍ଜୀକରଣ ପ୍ରମାଣପତ୍ର ଅପ୍‌ଲୋଡ୍ କରିବା ଆବଶ୍ୟକ। ବେତନ ଓ ଭତ୍ତା, ଯୋଗ୍ୟତା ସର୍ତ୍ତାବଳୀ, ଅନ୍‌ଲାଇନ୍ ଦରଖାସ୍ତ ଫର୍ମ ପୂରଣ, ନିଯୁକ୍ତି ପଦ୍ଧତି ଏବଂ ପରୀକ୍ଷା ଆଦି ସମ୍ପର୍କରେ ସବିଶେଷ ସୂଚନା ପାଇଁ ଆବେଦନକାରୀଙ୍କୁ ୱେବ୍‌ସାଇଟ୍ www.recruitment.itbpolice.nic.in ଏବଂ ଏମ୍ପ୍ଲୟମେଣ୍ଟ ନ୍ୟୁଜ୍/ରୋଜଗାର ସମାଚାରରେ ପ୍ରକାଶିତ ସବିଶେଷ ବିଜ୍ଞାପନ ଦେଖିବା ପାଇଁ ପରାମର୍ଶ ଦିଆଯାଉଛି। ପରବର୍ତ୍ତୀ ପର୍ଯ୍ୟାୟରେ ଅଯୋଗ୍ୟତାକୁ ଏଡ଼ାଇବା ପାଇଁ ପ୍ରଦତ୍ତ ଯୋଗ୍ୟତା ମାନଦଣ୍ଡ ଏବଂ ଅନୁଦେଶ ଅନୁସାରେ ନିଜର ପ୍ରୋଫାଇଲ୍ ପୂରଣ କରିବା ଏବଂ ଅନ୍‌ଲାଇନ୍ ଆବେଦନ ମାଧ୍ୟମରେ ଆବେଦନ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।

**ଅନ୍‌ଲାଇନ୍ ଦରଖାସ୍ତ ଦାଖଲ କରିବାର ଆରମ୍ଭ ତାରିଖ ହେଉଛି ତା୧୫।୦୨।୨୦୨୩ରିଖ ପୂର୍ବାହ୍ଣ ୦୦.୦୧ ଏବଂ ସମାପ୍ତି ତାରିଖ/ଅନ୍‌ଲାଇନ୍ ଆବେଦନ ପ୍ରାପ୍ତିର ଶେଷ ତାରିଖ ହେଉଛି ତା୧୬।୦୩।୨୦୨୩ରିଖ ରାତ୍ରି ୧୧.୫୯ ଘଟିକା।**

ସ୍ୱା./- ଡିଆଇଜି (ନିଯୁକ୍ତି)
ମହାନିର୍ଦ୍ଦେଶାଳୟ, ଆଇଟିବିପି
CBC 19143/11/0033/2223

**CAREER APPOINTMENT** ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ସିକ୍ୟୁରିଟି ଗାର୍ଡ ଆବଶ୍ୟକ**
ସିକ୍ୟୁରିଟି ଗାର୍ଡ ଆବଶ୍ୟକ ଅଛି। ଦରମା- 16,500/- ରୁ 20,000/-। ଏହା ସହିତ ରହିବା ମାଗଣା। ତତ୍‌ସହିତ ESI, PFO ରହିବ।
Contact: Bhikari- 8342859664, 9746352276 ଯୋଗାଯୋଗ କରନ୍ତୁ।

**JOB VACANCY**
ନିଜ ଅଫିସ Vacancy Fillup ପାଇଁ Contact 6371005076, 9668330225
ODISHA MAIN POWER SERVICE
Khandagiri, Bhubaneswar
(Telecalling, Back Office & Reception, Salesman, Office Boy, Supervisor, Technical Post & any other

**WANTED URGENTLY**
Wanted Body Massage Therapist (Female & Male).
Contact : 9861550765

**WANTED**
Maid Servant needed for house work on monthly basis. Education below 10th. Salary as per discussion. No broker please.
Call: 9438128790

See Career Appointment on every Wednesday & Saturday

**WANTED**
Experience Telecaller (Female) for well established Health Center, Jagamara. Walk in interview 9.2.23 to 11.2.23 at 10 A.M. onwards.
Contact: 7205553831

**GURU NANAK ENGLISH MEDIUM PUBLIC SCHOOL**
Branch I-UNIT-III, KHARAVEL NAGAR, BHUBANESWAR
Branch II - Gudiapokhari, Near Uttara Chhak, AFFILIATED TO CBSE
**REQUIRES**
PGT, TGT in English, Hindi, Maths, Science, S.St., Odia, Computer, P.E.T., Music & Dance, Art , Special Educator, NTT & Primary Teachers, Librarian and Computer Teacher.
Send resume with photo within 7 days to:
The Principal, GNEMPS, Unit-III, KHARAVEL NAGAR, BHUBANESWAR, Email: gnps2bbsr@gmail.com
Ph.- 0674-2395854, 2959509, 9439611697, 9938832399

**URGENTLY REQUIRED**
Urgently required **PRINCIPAL** for a reputed English Medium School at Puri. Minimum qualification B.A. B.Ed. or B.Sc. B.Ed. with experienced in managing any educational institution. Salary is not constraint for right candidates. Apply within 15 days from the date of publication.
Secretary General, Usthi Foundation India
N4-1/1, IRC Village, Nayapalli, Bhubaneswar-751015
Phone: 0674-2550213, 9437056711

**WALK IN INTERVIEW**
Civil Construction Company
Location: NTPC/ Kaniha
Qualification:
1) Graduate / Diploma Engineer (Min. 1 to 3 yrs. Exp.) - 1 No.
2) Diploma in Civil Engineering (Quality) (min. 1 to 3 yrs. Exp.) - 1 No.
3) Degree in Safety Officer (Min. 1 to 3 yrs. Exp.) - 1 No.
4) Diploma in Safety Officer (Min. 1 to 3 yrs. Exp.) - 1 No.
Remuneration / salary will be commensurate to qualification & experience. Desiring candidates should apply through email or send biodata within 7 days to:
M/s Budhraja Mining & Constructions Ltd.
Construction House, Jharpada, Bhubaneswar-751006, Odisha

**DAYA FOUNDATION** is a fast growing home and personal cleaning products' manufacturer and sales marketing MSME, promoting ranges of RealHygiene brands of internationally qualitated cleaning products across India.
We are expanding our sales operations to all towns/districts of Odisha and will be recruiting efficient sales staffs for following positions.
**WALK-IN-INTERVIEW**
(Mon-Sun 9 AM - 6 PM)
SALES OFFICER (SO):
Qualifications - Graduate in any stream having 1 to 3 years of experience in FMCG Sales.
SALES REPRESENTATIVE:
Qualifications- Intermediate or above in any stream, having 6 months to 1 years of FMCG Sales experiences.
Salary and Travel Reimbursement - Best in industry standard.
Please WhatsApp resume @ 8847843055/ 7855033153
SUPER STOCKIST/DISTRIBUTORS required for all locations in Odisha.
Real hygiene



RO:206, RANASINGHPUR SARKANTARA, DUMDUMA, BHUBANESWAR-19




ଶାନ୍ତିସ୍ତୂପ ଧଉଳି ପାଦଦେଶରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ୧୯ତମ ଧଉଳି-କଳିଙ୍ଗ ମହୋତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି। (ଫଟୋ- ମୌସମ୍)

# ଓଡ଼ିଶୀ, ଭାରତନାଟ୍ୟମ୍, ସମରକଳାରେ ଶାନ୍ତିର ବାର୍ତ୍ତା

ଭୁବନେଶ୍ୱର,୧୦।୨(ବ୍ୟୁରୋ)

ଶାନ୍ତିସ୍ତୂପ ଧଉଳି ପାଦଦେଶରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ୧୯ତମ ଧଉଳି-କଳିଙ୍ଗ ମହୋତ୍ସବ। ଖ୍ରୀଷ୍ଟପୂର୍ବ ୩ୟ ଶତାବ୍ଦୀରେ ଯେଉଁ ସ୍ଥାନରୁ ସମ୍ରାଟ ଅଶୋକ ଶାନ୍ତିର ବାର୍ତ୍ତା ପ୍ରଚାର କରିଥିଲେ, ସେହି ସ୍ଥାନରୁ ଝଙ୍କୃତ ହୋଇଛି ଓଡ଼ିଶୀ, ଭାରତନାଟ୍ୟମ୍ ଓ ସମରକଳା ନୃତ୍ୟର ଅପୂର୍ବ ଛନ୍ଦ ଓ ମୂର୍ଚ୍ଛନା। ଶାନ୍ତ ପରିବେଶ ମଧ୍ୟରେ ନୃତ୍ୟଶିଳ୍ପୀମାନେ ଶାନ୍ତିର ବାର୍ତ୍ତା ଦେଇଛନ୍ତି। ଏହା ଭିତରେ ମହକି ଉଠିଛି ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟର ବାସ୍ନା।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଡ୍ୟାନ୍ସ ଏକାଡ଼େମୀ, ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ଏବଂ ଆର୍ଟଭିଜନ୍ ପକ୍ଷରୁ ଆୟୋଜିତ ଏହି ମହୋତ୍ସବର ପ୍ରଥମ ସନ୍ଧ୍ୟା ବିଚିତ୍ରାନନ୍ଦ ସ୍ୱାଇଁଙ୍କ ରୁଦ୍ରାକ୍ଷ ଫାଉଣ୍ଡେଶନର ଶିଳ୍ପୀଙ୍କ ଓଡ଼ିଶୀ ନୃତ୍ୟରୁ ଆରମ୍ଭ ହୋଇଥିଲା। ଶିଳ୍ପୀମାନେ କୃଷ୍ଣ ଓ କାଳୀଙ୍କ ଗଭୀର ସଂଯୋଗକୁ ଆବିଷ୍କାର କରି କାଳୀକୃଷ୍ଣ ନାମରେ ନାମିତ ପ୍ରଦର୍ଶନକୁ ଉପସ୍ଥିତ ଦର୍ଶକଙ୍କ ନିକଟରେ ବାଢ଼ି ଦେଇଥିଲେ। କୃଷ୍ଣ ଦୟା ଓ କରୁଣା ସହିତ ବ୍ରହ୍ମାଣ୍ଡକୁ ସୁରକ୍ଷିତ ରଖିଥିବାବେଳେ କାଳୀ ଏଥିରେ ବାସ କରୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ଜନ୍ମ ଓ ମୃତ୍ୟୁ ଚକ୍ରକୁ ବଜାୟ ରଖିଛନ୍ତି ବୋଲି ନୃତ୍ୟ ମାଧ୍ୟମରେ ନିଖୁଣ ଅଭିନୟ କରିଥିଲେ। ଏହାର ସଙ୍ଗୀତ ସଂଯୋଜନା ଗୁରୁ ରାମହରି ଦାସ, ବାଦ୍ୟ ସଂଯୋଜନା ଗୁରୁ ଧନେଶ୍ୱର ସ୍ୱାଇଁ ଓ ନୃତ୍ୟ ସଂରଚନା ଗୁରୁ ବିଚିତ୍ରାନନ୍ଦ ସ୍ୱାଇଁ କରିଥିଲେ। ପରେ ଗୁରୁ ପର୍ଶ୍ୱନାଥ ଉପାଧ୍ୟାୟଙ୍କ ନେତୃତ୍ୱରେ ବାଙ୍ଗାଲୋରର ପୁଣ୍ୟ ଡ୍ୟାନ୍ସ କମ୍ପାନୀର କଳାକାରଙ୍କ ଦ୍ୱାରା ଭାରତନାଟ୍ୟମ ନୃତ୍ୟ ପରିବେଷଣ ହୋଇଥିଲା। ଶିଳ୍ପୀମାନେ ଆକୃତି, ଯାହା ଗୋଟିଏ ରୂପ ଓ ଅରୂପକୁ ଅନୁସନ୍ଧାନ କରେ ତାହା ନୃତ୍ୟ ମାଧ୍ୟମରେ ଦର୍ଶାଇଥିଲେ। ଏହା ପରେ ଡ. ବାଲା ମୁରଲୀକୃଷ୍ଣଙ୍କ ଦ୍ୱାରା ରଚିତ ଚିର ସବୁଜ ତିଲ୍ଲାନା ପରିବେଷିତ କରିଥିଲେ। ଅନ୍ତିମ ପ୍ରସ୍ତୁତିରେ କାରୋଲିନା ପ୍ରଦା ଓ ସାଥୀଙ୍କ ଦ୍ୱାରା କଲାରିପାଇଟ୍ଟୁ ଓ ମୟୂରଭଞ୍ଜ ଛଉ ସମରକଳା ନୃତ୍ୟ ଦେଖିବାକୁ ମିଳିଥିଲା। ସେମାନଙ୍କ ଉପସ୍ଥାପନାରେ ଥିଲା ଭିରାନ୍, ଯାହା ଜଣେ ଯୋଦ୍ଧାର କାହାଣୀ। ଯିଏ ନିଜର ସମୁଦାୟ ଜୀବନ ସମାଜିକ ଆଦର୍ଶ ବାହାରେ ଦିବ୍ୟ କିମ୍ବଦନ୍ତୀ ଭାବରେ ପ୍ରତିଷ୍ଠିତ ହେବାକୁ ଅତିବାହିତ କରେ। ସାହସର ଏକ ଜୀବନ୍ତ ପ୍ରତୀକକୁ ଆକର୍ଷଣୀୟ ପ୍ରଦର୍ଶନ ମାଧ୍ୟମରେ ଦେଖିବାକୁ ମିଳିଥିଲା। ଏହାର ନୃତ୍ୟ ସଂରଚନା ଅକ୍ଷୟ ଶେଖର ଓ କାରୋଲିନା ପ୍ରଦା କରିଥିଲେ।



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଏବଂ ଅନ୍ୟ ଅତିଥିମାନେ ମହୋତ୍ସବକୁ ଉଦ୍‌ଘାଟନ କରୁଛନ୍ତି।

### ଆରମ୍ଭ ହେଲା ଧଉଳି-କଳିଙ୍ଗ ମହୋତ୍ସବ

ଉଦ୍‌ଘାଟନୀ ସନ୍ଧ୍ୟାର ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ବିଶିଷ୍ଟ ଓଡ଼ିଶୀ ସଙ୍ଗୀତ ନିର୍ଦ୍ଦେଶକ ତଥା ଗାୟକ ଗୁରୁ ରାମହରି ଦାସ, ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶକ ତଥା ଓଡ଼ିଶୀ ଗବେଷଣା କେନ୍ଦ୍ରର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁବୋଧ ଆଚାର୍ଯ୍ୟ, ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ସଚିବ ପ୍ରବୋଧ କୁମାର ରଥ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଓଡ଼ିଶା ଡ୍ୟାନ୍ସ ଏକାଡ଼େମୀ ସଚିବ ଗୁରୁ ଅରୁଣା ମହାନ୍ତି ଏବଂ ଆର୍ଟଭିଜନର ସଚିବ ଇଲିଆନା ଚିତାରିସ୍ତି ପରିଚାଳନା କରିଥିଲେ। ଡ. ଶ୍ରୀନିବାସ ଘଟୁଆରୀ ଓ ନାଜିଆ ଆଲାମ ସଞ୍ଚାଳନ କରିଥିଲେ। ଏହା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହାର ସିଧାପ୍ରସାରଣ ଡିଡି-ଭାରତୀ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସୋସିଆଲ ମିଡ଼ିଆ ପ୍ଲାଟ୍‌ଫର୍ମରେ ଲାଇଭ୍ ଷ୍ଟ୍ରିମିଂ ହେଉଛି।




୧୦।୨।୨୦୨୩

| | |
|---|---|
| ୪,୬୩,୫୯୩ ଟଙ୍କା | |
| ସୁନା | ୨୭୦ ମିଲିଗ୍ରାମ୍ |
| ରୁପା | ୨୦.୮୨୦ ଗ୍ରାମ୍ |

## ଗାଡ଼ି ଧକ୍କାରେ ଅଟୋ ଚାଳକ ମୃତ

ଯାଁଳା,୧୦।୨(ଡି.ଏନ୍.ଏ.): ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ଗଙ୍ଗପଡ଼ା ଛକ ନିକଟରେ ଗାଡ଼ି ଧକ୍କାରେ ଜଣେ ଅଟୋ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଭୁବନେଶ୍ୱର ଗଙ୍ଗନଗର ଅଞ୍ଚଳର ବିଶ୍ୱଜିତ୍ ସେଠୀ। ସୂଚନା ମୁତାବକ, ଗୁରୁବାର ବିଶ୍ୱଜିତ୍ ଭଡ଼ାରେ ଅଟୋ ନେଇ ବ୍ରହ୍ମପୁର ଯାଇଥିଲେ। ସେଠାରୁ ସେ ଭୁବନେଶ୍ୱର ଫେରିବା ବେଳେ ୧୬ନଂ. ଜାତୀୟ ରାଜପଥର ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ଗଙ୍ଗପଡ଼ା ଛକ ନିକଟରେ ପଛରୁ ଏକ ଅଜଣା ଗାଡ଼ି ତାଙ୍କ ଅଟୋକୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ଖବରପାଇ ପୋଲିସ ପହଞ୍ଚି ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଏମ୍‌ସରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

# ସବୁ ବୃକ୍ଷଚେରରେ ଔଷଧୀୟ ଗୁଣ ରହିଛି

## ରାଜ୍ୟସ୍ତରୀୟ କଳିଙ୍ଗ ହର୍ବାଲ ମେଳା ଉଦ୍‌ଘାଟିତ

ଭୁବନେଶ୍ୱର,୧୦।୨(ବ୍ୟୁରୋ)

ଏପରି କୌଣସି ବୃକ୍ଷର ଚେର ନାହିଁ ଯାହାର ଔଷଧୀୟ ଗୁଣ ନାହିଁ। ସବୁ ଚେରରେ ହିଁ ଔଷଧୀୟ ଗୁଣ ଭରି ରହିଛି। ଔଷଧୀୟ ବୃକ୍ଷକୁ ଠିକ୍ ଭାବେ ଚିହ୍ନଟ କରି ତାହାକୁ ଠିକ୍ ଉପଯୋଗ ପାରିଲେ ମାରାତ୍ମକ ରୋଗରୁ ଉପଶମ ମିଳିଥାଏ। ଶୁକ୍ରବାର ପଞ୍ଚଦଶ ରାଜ୍ୟସ୍ତରୀୟ କଳିଙ୍ଗ ହର୍ବାଲ ମେଳାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇ ଅତିଥିମାନେ ଏହା କହିଛନ୍ତି। ପ୍ରଦର୍ଶନୀ ପଡ଼ିଆରେ ଫେବୃୟାରୀ ୧୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଳାକୁ ପ୍ରଧାନ ବନ ସଂରକ୍ଷକ ଓ ଜଙ୍ଗଲବାହିନୀ ମୁଖ୍ୟ ଦେବୀଦତ୍ତ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ ଆୟୁର୍ବେଦ ବିଜ୍ଞାନ ଉପରେ ତଥ୍ୟଭିତ୍ତିକ ମତ ଉପସ୍ଥାନ କରିଥିଲେ। ଅନ୍ୟାନ୍ୟ ଚିକିତ୍ସା ପଦ୍ଧତି ଅଧିକ ଆଦୃତି ଲାଭ କରିଥିଲେ ମଧ୍ୟ ଆୟୁର୍ବେଦ ଓ ହୋମିଓପାଥି ଚିକିତ୍ସାକୁ ଅବମାନନା କରିବା ଉଚିତ ନୁହେଁ ବୋଲି ବିଶ୍ୱାଳ କହିଛନ୍ତି। ସେହିପରି ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ନୋଡାଲ) ଡ. କୁଞ୍ଜବିହାରୀ ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ଓଡିଶା ଔଷଧୀୟ ଉଦ୍ଭିଦର ଗନ୍ତାଘର। ଆଇଁଷକାତି (ସଦାବିହାରୀ) ଫୁଲକୁ ପୂଜାରେ ବ୍ୟବହାର କରାଯାଉ ନ ଥିଲେ ମଧ ଏହାର ଔଷଧୀୟ ଗୁଣ ବିଷୟରେ ସେ ବିସ୍ତୃତ ସୂଚନା ଦେଇଥିଲେ। ରାଜ୍ୟ ଔଷଧୀୟ ଉଦ୍ଭିଦ ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଦୀପ ନାୟକ ହର୍ବାଲ ମେଳାର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ମେଳାରେ ରାଜ୍ୟ ତଥା ବାହାରୁ ବୈଦ୍ୟ ଓ କବିରାଜମାନେ ଔଷଧୀୟ ବୃକ୍ଷଲତା ସହ ଅଂଶଗ୍ରହଣ କରିଛନ୍ତି। ସେହିଭଳି ଔଷଧୀୟ ବୃକ୍ଷ ଚାଷ କରୁଥିବା ଚାଷୀ, ପ୍ରାଥମିକ ସଂଗ୍ରହକାରୀ, ବନ ସୁରକ୍ଷା ସମିତି ସଭ୍ୟ, ପାରମ୍ପରିକ ଚିକିତ୍ସକ, ବ୍ୟବସାୟୀ, ବେସରକାରୀ ସଂଗଠନ, ଔଷଧ ପ୍ରସ୍ତୁତକାରୀ ଓ ରପ୍ତାନିକାରୀ ଯୋଗ ଦେଇଛନ୍ତି। ପ୍ରାୟ ୧୩୦ଟି ଷ୍ଟଲ୍‌ରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ସହ ବିଭିନ୍ନ ରୋଗର ଚିକିତ୍ସା ପାଇଁ ପାରମ୍ପରିକ ତଥା ଆୟୁର୍ବେଦିକ ପରାମର୍ଶ ଦିଆଯାଉଛି। ଅମ୍ଳପିତ୍ତ, ମଧୁମେହ, ଆମବାତ, ଗଣ୍ଠିବାତ, ଶ୍ୱାସରୋଗ, ସ୍ତ୍ରୀ ରୋଗ, ଉଚ୍ଚ ରକ୍ତଚାପ, ହୃଦରୋଗ ଆଦି ଉପରେ ଆଲୋଚନାଚକ୍ର ଓ ସମ୍ମିଳନୀ ଆୟୋଜିତ ହେଉଛି। ସେହିପରି ବିରଳ ତଥା ବିଲୁପ୍ତ ପ୍ରାୟ ଔଷଧୀୟ ଉଦ୍ଭିଦର ପ୍ରଦର୍ଶନୀର ଆୟୋଜନ କରାଯାଇଛି। ଦୈନନ୍ଦିନ ଜୀବନରେ ଔଷଧୀୟ ଉଦ୍ଭିଦର ଉପଯୋଗିତା ସମ୍ପର୍କରେ ସୂଚନା ମିଳିପାରୁଛି। ପ୍ରଥମ ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦର୍ଶକ ଉପଭୋଗ କରିଥିଲେ। ଓଡ଼ିଶୀନୃତ୍ୟ ଚିତ୍ତାକର୍ଷକ ହୋଇଥିଲା।






ରାଜ୍ୟସ୍ତରୀୟ କଳିଙ୍ଗ ହର୍ବାଲ ମେଳାର ଉଦ୍‌ଘାଟନ ଅବସରରେ ପ୍ରଧାନ ବନ ସଂରକ୍ଷକ ଦେବୀଦତ୍ତ ବିଶ୍ୱାଳ ଓ ଅତିଥିମାନେ। (ଫଟୋ-ବିକାଶ)

### ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ନୀଳେନ୍ଦ୍ରୀ



@ କିମତ



@ ଗଦାଧର



@ ସତ୍ୟସ୍ୱରୂପ



@ ଅନୁପ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।



ମହାଶିବରାତ୍ରିରେ ପୁରୀ ଲୋକନାଥ ମନ୍ଦିର ପାଇଁ କଟକ ବିଡାନାସୀ କୁମ୍ଭାରସାହି ଅଞ୍ଚଳର ଶିଳ୍ପୀ ସୁରେନ୍ଦ୍ର ବେହେରାଙ୍କ ଦ୍ୱାରା ତିଆରି ଚାଲିଥିବା ୮ଫୁଟ ଲମ୍ବ ଓ ୫ ଫୁଟ ଓସାରର ମହାଦୀପ। (ଫଟୋ-ରାଜକିଶୋର)




ତୁର୍କୀ ଓ ସିରିଆ ଭୂକମ୍ପ ପିଡ଼ିତଙ୍କୁ ସମବେଦନା ଜଣାଇ ଶୁକ୍ରବାର ପୁରୀ ବେଳାଭୂମିରେ ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।



ପୁରୀ ମୁକ୍ତାକାଶ ରଙ୍ଗମଞ୍ଚ ନିକଟରେ ଆୟୋଜିତ କୃଷିମେଳାର ଉଦ୍‌ଯାପନୀ ଦିବସରେ ଶୁକ୍ରବାର କୃଷି ଉପରେ ପରିବେଷିତ ସଚେତନତାମୂଳକ ନାଟକ 'ଅମୃତଧାରା'ର ଏକ ଦୃଶ୍ୟ। (ଫଟୋ- ଯଜ୍ଞେଶ୍ୱର)

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଦି ପେଡିଆଟ୍ରିକ୍ ଅର୍ଥୋପେଡିକ୍ ସୋସାଇଟି ଅଫ୍ ଇଣ୍ଡିଆର ୨୯ତମ ବାର୍ଷିକ ସମ୍ମିଳନୀ, ସ୍ୱସ୍ତି ପ୍ରିମିୟମ୍, ସକାଳ ୮ଟା।
- ଉତ୍କଳ ବାର୍ଷିକ ସ୍ପୋର୍ଟ୍ସ ମିଟ୍, ଜୟଦେବ କଲେଜ ଖେଳପଡ଼ିଆ, ନହରକଣ୍ଟା, ସକାଳ ୮ଟା।
- ୧୫ତମ ରାଜ୍ୟସ୍ତରୀୟ କଳିଙ୍ଗ ହର୍ବାଲ ମେଳା, ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ପୂର୍ବାହ୍ନ ୧୦ଟା।
- ରିଡ୍‌ଭିକାର ୧୦ମ ପ୍ରତିଷ୍ଠା ଦିବସ, ମାଷ୍ଟରକ୍ୟାଣ୍ଟିନ୍, ପୂର୍ବାହ୍ନ ୧୧ଟା।
- ତୋଷାଳି ମେଳା, ଜନତା ମଇଦାନ, ଅପରାହ୍ନ ୨ଟା।
- କର୍ପୋରେଟ୍ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନ୍‌ଶିପ୍, ରେଲ୍‌ୱେ ଇନ୍‌ଡୋର ଷ୍ଟାଡିୟମ, ଅପରାହ୍ନ ୨ଟା।
- ପ୍ରଥା ମ୍ୟୁଜିକ୍‌ର ଶୁଭ ମହୁରତ, ମେଫେୟାର ଲାଗୁନ, ଜୟଦେବ ବିହାର, ଅପରାହ୍ନ ୪ଟା।
- କଳିଙ୍ଗ ହେରିଟେଜ ପ୍ରିଜର୍ଭେଶନ ଟ୍ରଷ୍ଟର ଆଲୋଚନାଚକ୍ର, ଭାରତୀୟ ବିଦ୍ୟାଭବନ, ଅପରାହ୍ନ ୪ଟା ୩୦।
- ସାରସ୍ୱତ ସମ୍ବର୍ଦ୍ଧନା ଓ କବିତା ପାଠୋତ୍ସବ 'ଶିଶୁକଲମ', ଭାରତୀୟ ବିଦ୍ୟାଭବନ, ଅପରାହ୍ନ ୫ଟା।
- ଶୋଭନୀୟ ପ୍ଲେ ସ୍କୁଲର ୨୧ତମ ବାର୍ଷିକ ଉତ୍ସବ, ସୂଚନା ଭବନ, ଅପରାହ୍ନ ୫ଟା।
- ୧୯ତମ ଧଉଳି-କଳିଙ୍ଗ ମହୋତ୍ସବ, ଧଉଳି ଶାନ୍ତିସ୍ତୁପ, ସନ୍ଧ୍ୟା ୬ଟା ୩୦।
- ଆଓ୍ୱର୍ଗିଜ୍ ପକ୍ଷରୁ ୯ମ ଅନ୍ତର୍ଜାତୀୟ ରେଡିଓ ଫେୟାର, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।

**ବାଲିଅନ୍ତା**

- ଅଖଣ୍ଡ ଶାନ୍ତି ଜ୍ଞାନ ଯଜ୍ଞ ଶିବିର, ବଂଶୀ ବିହାର, ସନ୍ଧ୍ୟା ୬ଟା।
- ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନ ଯଜ୍ଞ, ଦୁର୍ଗା ପୂଜା ମଣ୍ଡପ, ଭିଙ୍ଗାରପୁର, ରାତି ୭ଟା ୩୦।

## ସଂକ୍ଷେପରେ

### ଜମିବାଡ଼ିକୁ କେନ୍ଦ୍ରକରି ଗୋଷ୍ଠୀ ସଂଘର୍ଷ, ୪ ଗିରଫ

ଭୁବନେଶ୍ୱର,୧୦।୨ (ବ୍ୟୁରୋ): ଜମିବାଡ଼ିକୁ କେନ୍ଦ୍ର କରି ଶୁକ୍ରବାର ରାତିରେ ୨ ପଡ଼ୋଶୀଙ୍କ ମଧ୍ୟରେ ସଂଗଠିତ ଗୋଷ୍ଠୀସଂଘର୍ଷ ଘଟଣାରେ ଇନ୍‌ଫୋସିଟି ଥାନା ପୋଲିସ ଉଭୟ ପକ୍ଷର ୪ ଜଣଙ୍କୁ ଶନିବାର ଗିରଫ କରିଛି। ମାମଲା (ନଂ.୫୧/୨୦୨୩)ରେ ଅଭିଯୁକ୍ତ ହେଲେ ସ୍ଥାନୀୟ ଥାନା ଶିଖରଚଣ୍ଡୀ ନଗରରେ ରହୁଥିବା ମୋହିତ କୌଳ (୨୮)। ସେହିପରି ମାମଲା (ନଂ.୫୨/୨୦୨୩)ର ଅଭିଯୁକ୍ତ ହେଲେ ଶିଖରଚଣ୍ଡୀ ନଗରର କଂଗ୍ରେସ ପାତ୍ର (୪୮) ଏବଂ ତାଙ୍କ ପୁଅ ବାବୁନି (୧୯) ଓ କୁନାଲ ପାତ୍ର। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବା ପରେ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ଶ୍ରେୟାସୀ ଚୌଧୁରୀଙ୍କୁ ଜିଲା ରତ୍ନ ସମ୍ମାନ

ଭୁବନେଶ୍ୱର,୧୦।୨(ବ୍ୟୁରୋ)- ଓଡ଼ିଶା ସଂସ୍କୃତି ଏକାଡେମୀ ଓ ସଙ୍ଗୀତ ମୂର୍ଚ୍ଛନା ଦ୍ୱାରା ଭଞ୍ଜକଳା ମଣ୍ଡପରେ ଏକ ସମ୍ବର୍ଦ୍ଧନା ଉତ୍ସବ ହୋଇଥିଲା। ଏହି ଉତ୍ସବରେ ସିଡିଏସ୍ଥିତ ଡିଏଭି ପବ୍ଲିକ ସ୍କୁଲର ଷ୍ଟାଣ୍ଡାର୍ଡ-୧୧ର ଛାତ୍ରୀ ଶ୍ରେୟାସୀ ଚୌଧୁରୀଙ୍କୁ ଜିଲା ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ନୃତ୍ୟ କ୍ଷେତ୍ରରେ ତାଙ୍କୁ ଏହି ସମ୍ମାନ ମିଳିଛି। ଜୀବ ବିଜ୍ଞାନ ଅଧ୍ୟାପକ ସ୍ମୃତିରଞ୍ଜନ ଚୌଧୁରୀ ଓ ମା' ଶିକ୍ଷୟିତ୍ରୀ ଶୁଚିସ୍ମିତା ଚୌଧୁରୀଙ୍କ ସେ ଏକମାତ୍ର ସନ୍ତାନ। ସେ ରାଜ୍ୟ ତଥା ରାଜ୍ୟ ବାହାରୁ ନୃତ୍ୟ ପାଇଁ ପୁରସ୍କୃତ ହୋଇଛନ୍ତି।

### ହରେକୃଷ୍ଣ ମହାମନ୍ତ୍ର ଜପ ସାନ୍ନିଧ୍ୟ ପ୍ରାପ୍ତିର ମାର୍ଗ

ପୁରୁଣା ଭୁବନେଶ୍ୱର,୧୦।୨(ଡି.ଏନ୍.ଏ.)- ହରେକୃଷ୍ଣ ମହାମନ୍ତ୍ର ଜପ କରିବା ସାନ୍ନିଧ ପ୍ରାପ୍ତିର ମୁଖ୍ୟ ମାର୍ଗ। ଠାକୁର ସୀତାରାମ ଦାଶ ଓଁକାରନାଥ ଦେବଙ୍କ ୧୩୨ ତମ ଜନ୍ମୋତ୍ସବ ପାଳନ ଅବସରରେ ବକ୍ତାମାନେ ଏହା ମତ ଦେଇଛନ୍ତି। ସ୍ଥାନୀୟ ଶ୍ୟାମାଶଙ୍କର ମଠ ପରିସରରେ ଶୁକ୍ରବାର ଆୟୋଜିତ ଉତ୍ସବ ଅବସରରେ ପ୍ରାତଃରୁ ଆଳତି, ଗୁରୁପୂଜା ପାଠ କରାଯାଇଥିଲା। ପରେ ଶ୍ରଦ୍ଧାଳୁ ଦୀକ୍ଷା ନେଇଥିଲେ। ନାମ ସଂକୀର୍ତ୍ତନ, ଭଜନ, ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ଠାକୁରଙ୍କ ପ୍ରତିମୂର୍ତ୍ତିଠାରେ ୧୩୨ ଦୀପ ଦାନ କରାଯାଇଥିଲା। ତ୍ରୈମାସିକ ଆଧ୍ୟାତ୍ମିକ ପତ୍ରିକାର ସ୍ପେଶାଲ ସଂସ୍କରଣ ଉନ୍ମୋଚନ ହୋଇଥିଲା। ମଠ ମୁଖ୍ୟ ପରିଚାଳକ ଅରୁଣ ଗାଙ୍ଗୁଲିଙ୍କ ପରିଚାଳନାରେ ପୂର୍ଣ୍ଣଚନ୍ଦ୍ର ସାହୁ, ଜୟଦେବ ପଣ୍ଡା, ପ୍ରଶାନ୍ତ ପରିଡ଼ା, କୃପାସିନ୍ଧୁ ପାତ୍ର ସାମନ୍ତ, ସତୀ ସଂଘ ସଭାନେତ୍ରୀ ସଂଯୁକ୍ତା ସାମନ୍ତରାୟ, ସମ୍ପାଦିକା ସୁଷମା ପଟ୍ଟନାୟକ, ଛନ୍ଦା ଚାଟାର୍ଜୀ, ସ୍ନିଗ୍ଧା ମିତ୍ର, ତ୍ରିବେଣୀ ଗାଙ୍ଗୁଲି ପ୍ରମୁଖ ସହଯୋଗ କରିଥିଲେ।

# ହତ୍ୟା ମାମଲା ରୁଜୁ, ଜେଲ ଗଲେ ଭଉଣୀଭାଇ

**ଅପହରଣ ପରେ ଥାନା ପରିସରରେ ଯୁବକଙ୍କ ମୃତ୍ୟୁ ଘଟଣା**

- ଧାର ଟଙ୍କାକୁ ନେଇ ବିବାଦ ଥିଲା
- ଏସିପି ର୍‍ୟାଙ୍କର ଅଧିକାରୀ ନେଲେ ତଦନ୍ତ ଭାର

ଭୁବନେଶ୍ୱର,୧୦।୨ (ବ୍ୟୁରୋ):



ବ୍ୟକ୍ତି ଜଣକ ପଡିଯିବା ସମୟର ସିସିଟିଭି ଦୃଶ୍ୟ ।


ଗିରଫ ହୋଇଥିବା ଭାଇ ଭଉଣୀ ।

ଧାର ଟଙ୍କାକୁ କେନ୍ଦ୍ର କରି ବିଚିତ୍ର ପଲେଇ(୪୨)ଙ୍କୁ ଅପହରଣ କରାଯିବା ଏବଂ ପରେ ଶହୀଦନଗର ଥାନା ପରିସରରେ ତାଙ୍କର ମୃତ୍ୟୁ ଘଟଣାକୁ ନେଇ କମିଶନରେଟ ପୋଲିସ ତଦନ୍ତକୁ ଅଧିକ ତ୍ୱରାନ୍ୱିତ କରିଛି। ଗିରଫ ସମ୍ପର୍କୀୟ ଭଉଣୀଭାଇ ଶାନ୍ତିପଲ୍ଲୀ ବସ୍ତିର ନେତ୍ରମଣି ବେହେରା(୪୦) ଏବଂ କଟକ ସଦର ଥାନା ଅନ୍ତର୍ଗତ ଉରାଙ୍ଗପ୍ରଧାନ ଗ୍ରାମର ବଟକୃଷ୍ଣ ବେହେରା(୩୧)ଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ମୃତ ବିଚିତ୍ରଙ୍କ ସ୍ତ୍ରୀ ମୋନାଲିଙ୍କ ଅଭିଯୋଗ ଆଧାରରେ ଆଇପିସି ଦଫା ୩୪୧, ୩୨୩, ୩୬୫, ୩୦୨ରେ ଏକ ମାମଲା (ନଂ. ୫୬/୨୦୨୩) ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି। ଅନ୍ୟପକ୍ଷରେ କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ବିଚିତ୍ରଙ୍କ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଡିସିପି ପ୍ରତୀକ ସିଂ ଖବରଦାତା ସମ୍ମିଳନୀରେ କହିଛନ୍ତି , ମାମଲାର ତଦନ୍ତ ଭାର ଏସିପି କୃଷ୍ଣଚନ୍ଦ୍ର ପଲେଇଙ୍କୁ ଦିଆଯାଇଛି। ଘଟଣାସ୍ଥଳରେ ଥିବା ପ୍ରତ୍ୟକ୍ଷଦର୍ଶୀଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କର ମାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ସିଆର୍‌ପିସି ୧୬୪ ଧାରାରେ ବୟାନ ରେକର୍ଡ କରାଯିବ। ଥାନା ପରିସରରେ ଏଭଳି ଘଟଣା ଘଟିଥିବାରୁ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆରସି)ଙ୍କ ନିର୍ଦ୍ଦେଶାବଳୀକୁ ତଦନ୍ତରେ ଅନୁସରଣ କରାଯାଉଛି ବୋଲି ସେ କହିଛନ୍ତି।

ସୂଚନା ଅନୁଯାୟୀ, ଅଭିଯୁକ୍ତା ନେତ୍ରମଣୀ ଏକ ବିଉଟି ପାର୍ଲର କରିଛନ୍ତି। ଗାଡ଼କଣ ଅଞ୍ଚଳରେ ରହୁଥିବା ଯାଜପୁର ଜିଲା ବରୀ ଅଞ୍ଚଳର ମୃତ ବିଚିତ୍ର ମିଠା ଦୋକାନ କରିଥିଲେ। କିଛି ବର୍ଷ ତଳେ ନେତ୍ରମଣୀଙ୍କଠୁ ବିଚିତ୍ର ୩ଲକ୍ଷ ଟଙ୍କା ଧାର ନେଇ ଫେରାଉ ନ ଥିଲେ। ଫଳରେ ନେତ୍ରମଣୀ ତାଙ୍କ ଭାଇ ବଟକୃଷ୍ଣଙ୍କ ସହଯୋଗରେ ଗୁରୁବାର ସନ୍ଧ୍ୟାରେ ବିଚିତ୍ରଙ୍କୁ ପଟିଆ ଅଞ୍ଚଳରୁ ଜବରଦସ୍ତ ଏକ କାର୍‌ରେ ବସାଇ କେଉଁଆଡ଼େ ନେଇଯାଉଥିଲେ। ବାଣୀବିହାର ଛକ ନିକଟରେ ଗାଡ଼ିର ବେଗ ଧୀର ହେବାରୁ ବିଚିତ୍ର କାର୍‌ରୁ ଡେଇଁ ପଡ଼ି ଦୌଡ଼ିଥିଲେ। ବଟକୃଷ୍ଣ ଓ ନେତ୍ରମଣୀ ତାଙ୍କୁ ପିଛା କରି ମାଡ଼ ମାରିଥିଲେ। ଏହାଦେଖି ବାଣୀବିହାରର କିଛି ଛାତ୍ର ଓ ସ୍ଥାନୀୟ ଲୋକ ସେଠାରେ ରୁଣ୍ଡ ହୋଇ ଘଟଣା ସମାଧାନ କରିବାକୁ ଚେଷ୍ଟା କରିଥିଲେ। ପରେ ୨ଯୁବକ ବିଚିତ୍ରଙ୍କୁ ଉଦ୍ଧାର କରି ଥାନାକୁ ନେଇଯାଇଥିଲେ। ପରେ ବଟକୃଷ୍ଣ ଓ ନେତ୍ରମଣୀ ମଧ୍ୟ ଥାନକୁ ଯାଇଥିଲେ। ହେଲେ ବିଚିତ୍ର ଥାନା ପରିସରରେ ଅସୁସ୍ଥ ହୋଇ ତଳେ ପଡ଼ିଯାଇଥିଲେ। ତାଙ୍କୁ ହସ୍ପିଟାଲରେ ନିଆଗଲା ପରେ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ ବଟକୃଷ୍ଣ ଓ ନେତ୍ରମଣୀଙ୍କ ଟଣାଓଟରା ଓ ମାଡ଼ରେ ବିଚିତ୍ର ଅସୁସ୍ଥ ହୋଇଥିଲେ ବୋଲି ପୋଲିସ ସନ୍ଦେହ କରୁଛି। ତଦନ୍ତର ପ୍ରଥମ ପର୍ଯ୍ୟାୟରେ ହତ୍ୟା ମାମଲାର ଦିଗକୁ ନେଇ ତଦନ୍ତ କରୁଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ପୋଲିସ ଅପେକ୍ଷା କରିଛି।

## ରାସ୍ତାରେ ବାଇକ୍ ହଟାଇବାକୁ କହିବାରୁ ଆକ୍ରମଣ, ୪ ଗିରଫ

ଭୁବନେଶ୍ୱର,୧୦।୨(ବ୍ୟୁରୋ):

ରାସ୍ତାରେ ବାଇକ୍ ହଟାଇବାକୁ କହିବାରୁ ଆକ୍ରମଣ କରିବା ଅଭିଯୋଗରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ଏୟାରଫିଲ୍ଡ ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ସ୍ଥାନୀୟ ଥାନା ସୁନ୍ଦରପଦା ଅଞ୍ଚଳର ସେକ୍ ସଫିକ(୨୩), ସେକ୍ ସହିଦ (୨୭), ସେକ୍ ଜାହାଙ୍ଗୀର୍(୧୯) ଓ ଏୟାରପୋର୍ଟ ଥାନା ଅନ୍ତର୍ଗତ ପୋଖରୀପୁଟ ଅଞ୍ଚଳର ଚିରଞ୍ଜୀବ ଦାସ(୨୨। ଅଭିଯୁକ୍ତଙ୍କଠାରୁ ୨ ବାଇକ୍ ଓ ୬ ମୋବାଇଲ ଜବତ କରାଯାଇଛି। ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯିବା ପରେ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ. ୩୨/୨୦୨୩) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଗୁରୁବାର ପୂର୍ବାହ୍ନରେ ଭରତପୁର ଥାନା ଅନ୍ତର୍ଗତ କଳିଙ୍ଗନଗର ଅଞ୍ଚଳର ଅଭିଯୋଗକାରୀ ସେନାପତି ବିକ୍ରମଚୌଧୁରୀ ନିଜ ଡ୍ରାଇଭର ସହ କାର୍ ଯୋଗେ ଶଙ୍କରବଜାର ଛକ ରାସ୍ତା ଦେଇ ଯାଉଥିଲେ। ଉକ୍ତ ରାସ୍ତାରେ ୪ ଯୁବକ ୨ଟି ବାଇକ ରଖିଥିଲେ। ଏନେଇ ବିକ୍ରମଚୌଧୁରୀ ସେମାନଙ୍କୁ ବାଇକ୍ ହଟାଇବାକୁ କହିବାରୁ ଯୁବକମାନେ ରାଗି ଯାଇଥିଲେ। ପରେ ସେମାନେ ବିକ୍ରମଚୌଦୁରୀ ଏବଂ ତାଙ୍କ ଡ୍ରାଇଭରଙ୍କୁ ଗାଳିଗୁଲଜ କରିବା ସହ ସଂଘବଦ୍ଧ ଆକ୍ରମଣ କରିଥିଲେ। ଏ ନେଇ ବିକ୍ରମ ଚୌଧୁରୀ ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକ୍ରମେ ପୋଲିସ ତଦନ୍ତ କରି ୪ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।

## ମାଙ୍କଡ଼ା ପଥର ଚୋରି, ୨ ଜମି ଦଲାଲ ଗିରଫ

ବାରଙ୍ଗ,୧୦।୨(ଡି.ଏନ୍.ଏ.)

ଚନ୍ଦକା ଥାନା ଅଧୀନ ହରିପୁର ମୌଜାରେ ଜଣେ ପୋଲିସ ଅଧିକାରୀ ଜମି କିଣି ସେଠାରେ ପାଚେରି ନିର୍ମାଣ କରୁଥିଲେ। ସେହି ଜମିକୁ ନାନା ପ୍ରଲୋଭନ ଦେଖାଇ ବିକିବା ପାଇଁ ୨ ଜମିଦଲାଲ ବାଧ୍ୟ କରିଥିଲେ। କିନ୍ତୁ ପୋଲିସ ଅଧିକାରୀ ଏଥିରେ ରାଜି ନ ହେବାରୁ ରାତାରାତି ପଥର ପାଚେରିକୁ ଭାଙ୍ଗି ମାଙ୍କଡା ପଥର ସବୁ ଚୋରି କରି ନେଇଯାଇଥିବା ଅଭିଯୋଗରେ ୨ ଜମିଦଲାଲଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ମେଣ୍ଢାଶାଳ ଗ୍ରାମ ଦକ୍ଷିଣ ସାହିର ସୁରେଶ କୁମାର ଦାସ ଓ ସିଂହସାହିର ସୌମ୍ୟରଞ୍ଜନ ବଳିୟାରସିଂ। ଏ ନେଇ ପୋଲିସ ମାମଲା(ନଂ.୪୫/୨୩) ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ମେଣ୍ଢାଶାଳ ଗାଁ ପାଖରେ ହରିପୁର ମୌଜାରେ ସିଆଇଏସଏଫ୍‌ର ଏସ୍‌ଆଇ ଅରୁଣ କୁମାର ମୁଦୁଲି ଏକ ଜାଗା କିଣି ମାଙ୍ଗଡା ପଥରରେ ପାଚେରି କରୁଥିଲେ। ତେବେ ସୁରେଶ ଓ ସୌମ୍ୟରଞ୍ଜନ ସେଠାରେ ପହଞ୍ଚି ଉକ୍ତ ଜମି କମ୍ ଦାମରେ ସେମାନଙ୍କୁ ବିକିବାକୁ କହିଥିଲେ। ପୋଲିସ ଅଧିକାରୀ ଜଣଙ୍କ ଜମିଦଲାଲଙ୍କ ପ୍ରଲୋଭନରେ ନ ଆସିବାରୁ ଉକ୍ତ ଜମିରେ ହୋଇଥିବା ପାଚେରିକୁ ଭାଙ୍ଗି ମାଙ୍କଡା ପଥର ସବୁ ଚୋରି କରି ନେଇଯାଇଥିଲେ। ଏହା ଜାଣି ପୋଲିସ ଅଧିକାରୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ କରି ୨ ଜମିଦଲାଲଙ୍କୁ ଗିରଫ କରିବା ସହ ମାଙ୍ଗଡା ପଥର ଜବତ କରିଥିଲେ।


ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ସାଂସ୍କୃତିକ କ୍ରୀଡ଼ା ସଂସଦର ବାର୍ଷିକ ଉତ୍ସବର ଶୁକ୍ରବାର ପରିବେଷିତ ନାଟକ 'ଜୀବନ ଯଜ୍ଞ'ର ଏକ ଦୃଶ୍ୟ। (ଫଟୋ-ମନୋରଞ୍ଜନ)

## ସରିଲା ଖଣ୍ଡଗିରି ଯାତ୍ରା ମହାସମର

ଭୁବନେଶ୍ୱର,୧୦।୨(ବ୍ୟୁରୋ)

୧୦ ରାତି ଧରି ଖଣ୍ଡଗିରି ମେଳାରେ ଚାଲିଥିବା ଯାତ୍ରା ମହାକୁମ୍ଭ ଶୁକ୍ରବାର ଶେଷ ହୋଇଛି। ଶେଷ ରାତିରେ ଯାତ୍ରାପ୍ରେମୀଙ୍କ ମଧ୍ୟରେ ଯାତ୍ରା ଦେଖିବାକୁ ଅହେତୁକ ଉତ୍କଣ୍ଠା ଦେଖିବାକୁ ମିଳିଛି। ଦିନକ ଆଗରୁ ଟିକେଟ୍ କାଉଣ୍ଟରରୁ ଟିକେଟ୍ ସରିଯିବା ଫଳରେ ଦୂର ଦୂରାନ୍ତରୁ ଆସିଥିବା ଅନେକ ଯାତ୍ରାପ୍ରେମୀଙ୍କୁ ନିରାଶ ହେବାକୁ ପଡ଼ିଥିଲା। ଦର୍ଶକଙ୍କ ଚାହିଦାକୁ ରଖି ତୁଳସୀ ଗଣନାଟ୍ୟ ପକ୍ଷରୁ ଗୁରୁବାର ୨ଟି ଶୋ' କରାଯାଇଥିଲା। ସନ୍ଧ୍ୟା ୬ଟାରୁ ୧୧ଟା ପ୍ରଥମ ଶୋ' ପରିବେଷିତ ହୋଇଥିବାବେଳେ ଓ ରାତି ୧୨ ଟାରୁ ଦ୍ୱିତୀୟ ପର୍ଯ୍ୟାୟ ଶୋ'ରେ 'ଆଧା ରାତିର ସାଥୀ' ଦେଖିବାକୁ ଲୋକଙ୍କ ଗହଳି ଜମିଥିଲା। ଅପେରା ରଙ୍ଗ ମହଲ ୧୦ରାତି ଦର୍ଶକଙ୍କ ମନୋରଞ୍ଜନ କରୁଥିବାବେଳେ ଏପର୍ଯ୍ୟନ୍ତ ୩ଟି ନାଟକ ପରିବେଷଣ କରିଛି। ଶୁକ୍ରବାର ରାତିରେ 'ଜାରଜ ନୁହେଁ ଜହର କାହାର' ବେଶ୍ କରତାଳି ସାଉଁଟିଥିଲା। ସେହିପରି କୋଣାର୍କ ଗଣନାଟ୍ୟର 'କନିଆଁ କାନ୍ଦୁଛି କୋଣାର୍କ'ରେ ଦର୍ଶଙ୍କ ଆଖିରେ ଲୁହ ଭରିଯାଇଥିଲା। ଯାତ୍ରା ମହାରଥୀ କଳିଙ୍ଗ ଗଣନାଟ୍ୟରେ ନାଟକ 'ସଞ୍ଜ ଆସେ ନଇଁ ନଇଁଲୋ' ବାରମ୍ବାର ପରିବେଷଣ ହେଉଥିଲେ ମଧ୍ୟ ପେଣ୍ଡାଲ ହାଉସ୍‌ଫୁଲ୍ ହୋଇଥିଲା। ସ୍ୱର୍ଣ୍ଣମହଲର 'ହାଟ ବସେଇଛି ହଟ ନାଗରୀ' ସହ ସ୍ୱର୍ଣ୍ଣ ମନ୍ଦିରର 'ଘୋଡ଼ାହାତୀ ଗଣ୍ଡାକୁ ଗଣ୍ଡା, ଏକା ଲଢ଼ିବ ରାନୀପଣ୍ଡା' ଦର୍ଶକଙ୍କ ମନୋରଞ୍ଜନ କରିଥିଲା।

## ଆଇଏସ୍‌ବିଟି ପରିଦର୍ଶନକଲେ ସଚିବ

ଭୁବନେଶ୍ୱର,୧୦।୨(ବ୍ୟୁରୋ)

**ମାର୍ଚ୍ଚ ସୁଦ୍ଧା ବସ୍ ଟର୍ମିନାଲ କାର୍ଯ୍ୟ ସାରିବାକୁ ଲକ୍ଷ୍ୟ**

ବରମୁଣ୍ଡାସ୍ଥିତ ଇଣ୍ଟରନ୍ୟାଶନାଲ ଷ୍ଟେଟ୍ ବସ୍ ଟର୍ମିନାଲ (ଆଇଏସ୍‌ବିଟି)ର ନିର୍ମାଣ କାର୍ଯ୍ୟ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଗୃହ ଓ ନଗର ଉନ୍ନୟନ ବିଭାଗ ସଚିବ ଜି ମାଥିଭାଥନ୍ ଓ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଉପାଧ୍ୟକ୍ଷ ବଲୱନ୍ତ ସିଂହ ଆଇଏସ୍‌ବିଟି ପରିଦର୍ଶନ କରିଛନ୍ତି। କାର୍ଯ୍ୟର ଅଗ୍ରଗତିର ସମୀକ୍ଷା କରିବା ପରେ ନିର୍ଦ୍ଧାରିତ ସମୟରେ ସମସ୍ତ କାର୍ଯ୍ୟ ସାରିବା ପାଇଁ ମାଥିଭାଥନ୍ ନିର୍ଦ୍ଦେଶ ଦେଇଛନ୍ତି। ଟ୍ରାଫିକ ବ୍ୟବସ୍ଥାର ସୁପରିଚାଳନା ନେଇ ବିଶେଷ ଆଲୋଚନା କରାଯାଇଛି। ୨୦୧୮ରୁ ଡିପୋର ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ଯାତ୍ରୀ ତଥା ଯାନବାହାନ ଚଳାଚଳରେ ସମସ୍ୟା ହେଉଛି। ତେବେ ଆସନ୍ତା ମାର୍ଚ୍ଚ ସୁଦ୍ଧା ବସ୍ ଟର୍ମିନାଲର ନିର୍ମାଣ କାର୍ଯ୍ୟ ସମାପ୍ତ ହେବା ସହ ଆସନ୍ତା ସେପ୍ଟେମ୍ବର ଶେଷ ସୁଦ୍ଧା ଇନ୍‌ଡୋର କାର୍ଯ୍ୟ ସମାପ୍ତ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବିଡିଏ ପକ୍ଷରୁ କୁହାଯାଇଛି। କ୍ଷେତ୍ର ପରିଦର୍ଶନ ସମୟରେ ବିଡିଏର ବରିଷ୍ଠ ଅଧିକାରୀଙ୍କ ସମେତ ପ୍ରକଳ୍ପ ସହ ଜଡ଼ିତ ବିଭିନ୍ନ ବିଭାଗର କାର୍ଯ୍ୟକାରୀ ସଦସ୍ୟ ଉପସ୍ଥିତ ଥିଲେ।

ସୂଚନାଥାଉ କି, ବରମୁଣ୍ଡା ଆଇଏସ୍‌ବିଟି କାର୍ଯ୍ୟକ୍ଷମ ହେବା ଦ୍ୱାରା ୧୦୦ରୁ ଅଧିକ ବସ୍ ସେବା ବ୍ୟବସ୍ଥା ସହ ଅନ୍ୟାନ୍ୟ ସେବା ମିଳିପାରିବ। ୬ଟି ବ୍ଲକରେ ପ୍ରାୟ ୧୨୨ଟି ଦୋକାନ ଗୃହ ରହିବ। ପ୍ରଥମ ବ୍ଲକରେ ୧୦ଟି ଦୋକାନ, ଫୁଡ୍ କୋର୍ଟ, ଶୌଚାଳୟ, ବିଦ୍ୟୁତ୍ ସରଞ୍ଜାମ ଗୃହ, ଡର୍ମିଟୋରୀ, ବିଶ୍ରାମ ଗୃହ, କ୍ୟାଣ୍ଟିନ ଆଦି ରହିବ। ଦ୍ୱିତୀୟ ବ୍ଲକ୍‌ରେ ଲିଫ୍ଟ, ଏସ୍କାଲେଟର, ଶୌଚାଳୟ, ଟିକେଟ୍ କାଉଣ୍ଟର, ଲବି, ଏଟିଏମ୍, କୋରିୟର୍ ସେବା, ଲିଫ୍ଟ ଲବି, ପୋଲିସ୍ ଆଉଟପୋଷ୍ଟ, ୨ଟି ଦୋକାନ, ଆସୋସିଏଶନ୍ ଅଫିସ୍, ରିଟେଲ ଅଫିସ୍ ରହିବ। ସେହିପରି ବ୍ଲକ-୩ରେ ହେଲ୍ପଡେସ୍କ, ଲଗେଜ୍ ସ୍କାନର, ୪ଟି କିଓସ୍କ, ପ୍ରତୀକ୍ଷାସ୍ଥଳ, ହକର୍ସ ଜୋନ୍, କରିଡର୍ ଆଦି ରହିବ। ତେବେ ବ୍ଲକ୍-୪ରେ ପ୍ରାୟ ୨୩ଜଣ ବ୍ୟବସାୟୀ ଦୋକାନର ସୁବିଧା ପାଇପାରିବେ। ଏହି ବ୍ଲକ୍‌ରେ କିଚେନ୍, ରେଷ୍ଟୁରାଣ୍ଟ, ସିସିଡି, ଇଏଲଭି ରୁମ୍ ମଧ୍ୟ ରହିବ। ପଞ୍ଚମ ବ୍ଲକରେ ୨୭ଜଣ ବ୍ୟବସାୟୀଙ୍କୁ ଦୋକାନ ଘର ମିଳିବ। ଏଥିସହ ରେଭେନ୍ୟୁ ଅଫିସ୍, ମେଣ୍ଟେନାନ୍ସ ଷ୍ଟାଫ୍ ରୁମ୍, କଣ୍ଟ୍ରୋଲ ରୁମ୍ ଆଦି ରହିବ। ତେବେ ଷଷ୍ଠ ବ୍ଲକର ଗ୍ରାଉଣ୍ଡ ଫ୍ଲୋରରେ ୨୮ଟି ଏବଂ ପ୍ରଥମ ମହାଲାରେ ୩୨ଦୋକାନ ରହିବ। ସେହିପରି ବସଷ୍ଟାଣ୍ଡରେ ଓଡ଼ିଶା ଐତିହ୍ୟର ପ୍ରତିଛବି ଦେଖିବାକୁ ମିଳିବ।

## ପଶ୍ଚିମ ଓଡ଼ିଶାର ଲୋକ ସଂସ୍କୃତି ଜାଣିଲେ ଦର୍ଶକ

ଭୁବନେଶ୍ୱର,୧୦।୨(ବ୍ୟୁରୋ)

**ତୋଷାଳି ମେଳାର ଦଶମ ସନ୍ଧ୍ୟା**

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଆନୁକୂଲ୍ୟରେ ଜନତା ମଇଦାନରେ ଆୟୋଜିତ ସପ୍ତଦଶ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା ଶୁକ୍ରବାର ଦଶମ ସନ୍ଧ୍ୟାରେ ପହଞ୍ଚିଛି। ଏହି ଅବସରରେ ଅତିଥି ଭାବେ ଓଡ଼ିଶା ହାଇକୋର୍ଟର ଜଷ୍ଟିସ ଚିତ୍ତରଞ୍ଜନ ଦାଶ ଏବଂ ଲେଖିକା ଅଭିପ୍ସା ଦାସ ଯୋଗଦେଇଥିଲେ। ମଞ୍ଚରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ସ୍ୱତନ୍ତ୍ର ସଚିବ ଶ୍ରୀକାନ୍ତ ପୃଷ୍ଟି ଏବଂ ହସ୍ତଶିଳ୍ପ ନିର୍ଦ୍ଦେଶକ ଶ୍ୟାମଭକ୍ତ ମିଶ୍ର ଉପସ୍ଥିତ ରହି ଅତିଥିଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ। ଆୟୋଜିତ ସାଂସ୍କୃତିକ ସନ୍ଧ୍ୟା ପଶ୍ଚିମ ଓଡ଼ିଶାର ଲୋକପ୍ରିୟ ଲୋକସଂସ୍କୃତି ପାଇଁ ସମର୍ପିତ ଥିଲା। ଦର୍ଶକ ତଥା ପରିଦର୍ଶକଙ୍କୁ ଏହା ଓଡ଼ିଶାର କଳା, ସଂସ୍କୃତି ତଥା ଜୀବନଶୈଳୀ ସହ ପରିଚିତ କରାଇଥିଲା। ଢାପ ପୁଆଁରୀ କଳାକେନ୍ଦ୍ର, ଟିଟିଲାଗଡର କଳାକାରବୃନ୍ଦ ରସରକେଲୀ ନୃତ୍ୟର ତାଳେ ତାଳେ ଦର୍ଶକଙ୍କ ମନ ମୋହି ଥିବାବେଳେ କଳାଜୀବୀ, ବରଗଡ଼ ଏବଂ କୋଶଳ ଫୋକ୍ ଏକାଡେମୀ, ବଲାଙ୍ଗୀରର ନୃତ୍ୟଶିଳ୍ପୀମାନେ ଡାଲଖାଇର ନାଚ ଦ୍ୱାରା ପରିଦର୍ଶକଙ୍କର ମନୋରଞ୍ଜନ କରିଥିଲେ। ଗାୟିକା ପଦ୍ମିନୀ ଡୋରା ଓ ତାଙ୍କର ସାଥି କଳାକାରମାନେ ଏହି ସମ୍ବଲପୁରୀ ସଙ୍ଗୀତର ସନ୍ଧ୍ୟାର ଆସରକୁ ଜମାଇଥିଲେ।

## ଶକ୍ତିଶାଳୀ ସମାଜ ଗଠନରେ କ୍ରୀଡ଼ା ମୁଖ୍ୟ ଆଧାର

ବାରଙ୍ଗ,୧୦।୨(ଡି.ଏନ୍.ଏ.)

**କେନ୍ଦୁପାଟଣା ବିଦ୍ୟାଳୟର ୩୪ତମ ବାର୍ଷିକୋତ୍ସବ**

ଏକ ସୁସ୍ଥ ଓ ଶକ୍ତିଶାଳୀ ସମାଜ ଗଠନରେ ଉତ୍ତମ କ୍ରୀଡ଼ା ମୁଖ୍ୟ ଆଧାର ବୋଲି ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ କହିଛନ୍ତି। ଭୁବନେଶ୍ୱର ବ୍ଲକ ଅନ୍ତର୍ଗତ କେନ୍ଦୁପାଟଣା ଉତ୍କଳମଣି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୩୪ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଧାୟକ ରାଉତ ଯୋଗଦେଇ ଉପରୋକ୍ତ ବ୍ୟକ୍ତ କରିଛନ୍ତି। ଆହୁରି ସେ କହିଛନ୍ତି, ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ପ୍ରତି ସର୍ବଦା ଯତ୍ନଶୀଳ ହେବା ସହିତ ସେମାନଙ୍କୁ ଉତ୍ତମ ତଥା ନୈତିକ ଶିକ୍ଷା ପ୍ରଦାନ କରିବାରେ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକମାନେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଗୁରୁତ୍ୱାରୋପ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜଗନ୍ନାଥ ଭଞ୍ଜ ଉତ୍ସବକୁ ସଭାପତିତ୍ୱ କରିଥିଲେ। ପୂର୍ବତନ ଜିଲା ପରିଷଦ କୁନାଲ ରାଉତ, ସରପଞ୍ଚ ନିଶିପଦ୍ମା କାଣ୍ଡି, ଦେବରାଜ ଭୋଇ, ନାଏବ ସରପଞ୍ଚ ରଞ୍ଜିତ ଦାସ ସମେତ ମୁରବୀ ଭଗବାନ ଜେନା ପ୍ରମୁଖ ଅତିଥିଭାବେ ଯୋଗଦେଇ ଗୁରୁଜନ ଏବଂ ବିଦ୍ୱାନମାନଙ୍କୁ ସର୍ବଦା ଭକ୍ତି ଓ ଆଦର କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ବରିଷ୍ଠ ଶିକ୍ଷକ ସଂଗ୍ରାମ କେଶରୀ ପଟ୍ଟନାୟକ ଅତିଥି ପରିଚୟ ଓ ପ୍ରଧାନଶିକ୍ଷକ ଯୋଗେନ୍ଦ୍ର ସେନାପତି ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ବାଳକ ବିଭାଗର ଚାମ୍ପିୟନ ନିର୍ମାଲ୍ୟ ଭଞ୍ଜ ଓ ବାଳିକା ବିଭାଗର ପ୍ରିୟଦର୍ଶିନୀ ଭୋଇଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷକ ସୁରେନ୍ଦ୍ର ରେଡ୍ଡି ଧନ୍ୟବାଦ ଦେଇଥିବାବେଳେ ଶିକ୍ଷୟିତ୍ରୀ ସୁକାନ୍ତୀ ସିଂହ, ସୀମାରାଣୀ ବେହେରା, ପ୍ରଦୀପ୍ତାରାଣୀ ବସ୍ତିଆ, ଶିକ୍ଷକ ସୋମନାଥ ସିଂହ, ପୂର୍ବତନ ସିଆରସିସି ସଞ୍ଜୟ ସାହୁ ପ୍ରମୁଖ ଉତ୍ସବକୁ ପରିଚାଳନା କରିଥିଲେ।

## ଫାଇଲେରିଆ ନିରୋଧୀ ଔଷଧ ସେବନ ଅଭିଯାନ ଆରମ୍ଭ

ଭୁବନେଶ୍ୱର,୧୦।୨(ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମାଞ୍ଚଳରେ ଶୁକ୍ରବାର ଫାଇଲେରିଆ ନିରୋଧୀ ଔଷଧ ସେବନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବିଏମ୍‌ସି କାର୍ଯ୍ୟାଳୟରେ ଏହି ଅଭିଯାନକୁ ମୁଖ୍ୟ ଅତିଥିଭାବେ ମେୟର ସୁଲୋଚନା ଦାସ, କମିଶନର ବିଜୟ ଅମୃତା କୁଲାଙ୍ଗେ, କର୍ପୋରେଟର ପ୍ରୀତିନନ୍ଦା ରାଉତରାୟ ଓ ଶୁଭ୍ରାଂଶୁ ଶେଖର ପଟ୍ଟନାୟକ ଶୁଭାରମ୍ଭ କରିଥିଲେ। ଲିମ୍ଫାଟିକ ଫାଇଲେରିଆ ନିରାକରଣ ଲକ୍ଷ୍ୟ ହାସଲ ଦିଗରେ କୌଣସି ପ୍ରୟାସ ହାତଛଡ଼ା ନ କରିବାକୁ ଏବଂ ସରକାରଙ୍କ ଜନସ୍ୱାସ୍ଥ୍ୟ ନୀତିକୁ ମାନିବାକୁ ମେୟର ଆହ୍ୱାନ ଦେଇଥିଲେ। ଅନୁଷ୍ଠାନ ଏବଂ ବାସିନ୍ଦାମାନେ ଏଥିପାଇଁ ନିଜ ଆଡୁ ଆଗ୍ରହ ପ୍ରକାଶ କରିବା ଆବଶ୍ୟକ। ସ୍ଥାନୀୟ କର୍ପୋରେଟର, ଆଶା ଦିଦି, ଅଙ୍ଗନୱାଡି ଦିଦି, ସ୍ୱୟଂ ସହାୟକ ଗୋଷ୍ଠୀ, ଆରଡବ୍ଲ୍ୟୁଏ ଆଦିଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ କରାଯିବ ବୋଲି ମେୟର କହିଥିଲେ। ଏହାପରେ ମେୟର ଏବଂ ଅନ୍ୟ ଅତିଥିମାନେ ଫାଇଲେରିଆ ନିରୋଧି ଔଷଧ ସେବନ କରିଥିଲେ। ପ୍ରତ୍ୟେକ ୱାର୍ଡରେ ଏହି ଔଷଧ ସେବନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବିଭିନ୍ନ ସ୍ଥାନର ବିବରଣୀ ଅନୁସାରେ ଆମର ଟିମ୍ କାର୍ଯ୍ୟ କରିବେ ଏବଂ ସଚେତନତା ସୃଷ୍ଟି କରିବେ। ଏଥିପାଇଁ ସାନିଟାରୀ ଇନ୍ସପେକ୍ଟରଙ୍କ ସହଯୋଗ ନିଆଯାଉଥିବା ବିଏମ୍‌ସି ଡେପୁଟି କମିଶନର (ଜନସ୍ୱାସ୍ଥ୍ୟ) ଶୁଭେନ୍ଦୁ କୁମାର ସାହୁ କହିଛନ୍ତି। ୨ବର୍ଷରୁ କମ୍ ବୟସର ଶିଶୁ, ଗର୍ଭବତୀ ଏବଂ ଗୁରୁତର ଅସୁସ୍ଥ ଥିବା ଲୋକଙ୍କ ବ୍ୟତୀତ ଅନ୍ୟ ସମସ୍ତ ବ୍ୟକ୍ତି ଧାର୍ଯ୍ୟ ଔଷଧ ନିଶ୍ଚିତ ସେବନ କରିବାକୁ ବିଏମ୍‌ସି ପକ୍ଷରୁ ଅପିଲ୍ କରାଯାଇଛି।



ମେୟର ସୁଲୋଚନା ଦାସ ଫାଇଲେରିଆ ଔଷଧ ଖାଇ ଅଭିଯାନ ଆରମ୍ଭ କରୁଛନ୍ତି ।

## ସଂକ୍ଷେପରେ

### ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ବେଗୁନିଆ,୧୦।୨(ଡି.ଏନ୍.ଏ.): ବେଗୁନିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକର ୨୧ଟି ପଞ୍ଚାୟତର ଦିବ୍ୟାଙ୍ଗମାନେ ନାମ ପଞ୍ଜୀକରଣ କରିଥିଲେ। ଶାରୀରିକ ଅନଗ୍ରସର ୩୪୯ ଜଣ, ମାନସିକ ବିକାରଗ୍ରସ୍ତ ୧୭୬, ଶ୍ରବଣବାଧିତ ୬୨, ଦୃଷ୍ଟିହୀନ ୮୨ ଏବଂ ଶ୍ରବଣବାଧିତ ୧୬୦ ଜଣଙ୍କୁ ମିଶାଇ ମୋଟ୍ ୭୬୭ ଜଣ ଆବଶ୍ୟକ ପରିଚୟ ପ୍ରମାଣପତ୍ର ଦାଖଲ କରିଥିଲେ। ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ବିଭାଗର ଡାକ୍ତର ଯୋଗଦେଇ ଦିବ୍ୟାଙ୍ଗଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସେହିପରି ଶିବିରରେ ପଞ୍ଜୀକରଣ ପରେ ଦିବ୍ୟାଙ୍ଗଙ୍କୁ ନୂତନ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ଆୟୋଜିତ ଶିବିରରେ ଅନୁପସ୍ଥିତ ଥିବା ଦିବ୍ୟାଙ୍ଗମାନେ ଆସନ୍ତା ୧୩ ତାରିଖରେ ଆସି ବ୍ଲକ କାର୍ଯ୍ୟାଳୟରୁ ନୂତନ ପ୍ରମାଣପତ୍ର ନେଇପାରିବେ ବୋଲି ବିଡିଓ ଲକ୍ଷ୍ମୀଧର ସାହୁ ସୂଚନା ଦେଇଛନ୍ତି। ଅବଶିଷ୍ଟ ଦିବ୍ୟାଙ୍ଗଙ୍କ ପ୍ରମାଣପତ୍ର ସମାଧାନ ପାଇଁ ବିଭିନ୍ନ ବିଭାଗର ଅଧିକାରୀଙ୍କ ନିକଟକୁ ପଠାଯାଇଛି। ବ୍ଲକ ଅଧକ୍ଷା ସାବିତ୍ରୀ ମହାପାତ୍ର, ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଦେବାଶିଷ ସାହୁ, ଡବ୍ଲ୍ୟୁଇଓ ଦୀପିକା ରାଉତରାୟ, ବିଏସ୍ଏସ୍ଓ ପୂଜା ପୁଷ୍ପାଞ୍ଜଳି ଖଟେଇଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

### ବିଭିନ୍ନ ସ୍ଥାନରେ ମହାଯଜ୍ଞ

ବୋଲଗଡ଼/ଜଟଣୀ,୧୦।୨(ଡି.ଏନ୍.ଏ.): ବୋଲଗଡ଼ ବ୍ଲକ ଚମ୍ପାଇଲୋ-ସନବାଡ଼ ଗ୍ରାମର ମା' ବଘେଇ ଦେବୀଙ୍କ ବାର୍ଷିକ ଉତ୍ସବ ଅବସରରେ ଆୟୋଜିତ ହୋଇଛି ବିଶ୍ୱଶାନ୍ତି ମହାଯଜ୍ଞ। ଗୁରୁବାର ଯଜ୍ଞ କାର୍ଯ୍ୟର ଶୁଭାଧିବାସ, ଅଙ୍କୁରାରୋପଣ, ଶାଳାମଣ୍ଡନ କରଯାଇଥିବା ବେଳେ ଶୁକ୍ରବାର କଳସ ଯାତ୍ରା, ସୂର୍ଯ୍ୟପୂଜା, ଗୋ ପୂଜା, ଦେବତା ଆବାହନ, ଦରବାର ପୂଜା, ଅଗ୍ନି ସ୍ଥାପନ କରାଯାଇଛି। କଳସ ଯାତ୍ରାରେ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ହଡ଼ାନଦୀରୁ ଶୋଭାଯାତ୍ରାରେ ବାହାରି ଯଜ୍ଞ ମଣ୍ଡପଠାରେ ସ୍ଥାପନ କରିଥିଲେ। ଟିକାତାଲସ୍ଥିତ ସ୍ୱାମୀ ଶ୍ରୀରାମକୃଷ୍ଣ ସେବାଶ୍ରମର ଅଧକ୍ଷ ସ୍ୱାମୀ ଭାଗବତାନନ୍ଦପୁରୀଙ୍କ ମାର୍ଗଦର୍ଶନରେ ଉକ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି।

ସେହିପରି ଜଟଣୀ ପୌରାଞ୍ଚଳ ଟ୍ରାଫିକ୍ କଲୋନିସ୍ଥିତ ବାଲୁଙ୍କେଶ୍ୱର ଦେବଙ୍କ ୨୫ତମ ବାର୍ଷିକ ଉତ୍ସବ ଓ ଯଜ୍ଞ ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଗତ ବୁଧବାର ପ୍ରଥମ ଦିବସରେ ଅଙ୍କୁରାରୋପଣ, ଦ୍ୱିତୀୟ ଦିବସରେ ଜଳଯାତ୍ରା, ସୂର୍ଯ୍ୟପୂଜା, ଶାଳାମଣ୍ଡନ, ସର୍ବଦେବଦେବୀ ଆବାହନ, ଗୋପୂଜା, ଧେନୁପୂଜା ପରେ ଅଗ୍ନି ସ୍ଥାପନ ପରେ ଚଣ୍ଡୀପାଠ ସହିତ ଆହୁତି ପ୍ରଦାନ କରାଯାଇଥିଲା। ଶେଷ ଦିବସରେ ସୂର୍ଯ୍ୟପୂଜା, ସର୍ବଦେବଦେବୀ ଆବାହନ, ରୁଦ୍ରାଭିଷେକ, ଗୀତାପାଠ, ଆହୁତି, ଆରତି ଓ ପୁଷ୍ପାଞ୍ଜଳି ସହିତ ଯଜ୍ଞରେ ପୂର୍ଣ୍ଣାହୁତି ପ୍ରଦାନ କରାଯଇଥିଲା। ଏହି ଯଜ୍ଞ ଉତ୍ସବରେ ବିଜେଡି ନେତା ଡ. ସନ୍ତୋଷ ଜେନାଙ୍କ ସମେତ ବହୁ ବ୍ୟକ୍ତି ଯୋଗଦେଇଥିଲେ। ଯଜ୍ଞ କାର୍ଯ୍ୟକୁ ପଣ୍ଡିତ ଘନଶ୍ୟାମ ପାଢ଼ୀ ଓ ସାଥୀ ପରିଚାଳନା କରିଥିଲେ।

### ଫାଇନାଲରେ ଫ୍ରେଣ୍ଡ୍ସ ପାରାଡାଇଜ୍ - ନୀଳାଚଳ କ୍ଲବ

ଜଟଣୀ,୧୦।୨(ଡି.ଏନ୍.ଏ.): ବୁଦ୍ଧ ନାରାୟଣ ସ୍ପୋର୍ଟ୍ସ ଆଣ୍ଡ କଲ୍‌ଚରାଲ ଆସୋସିଏଶନ ହରିପୁର ଦ୍ୱାରା ଆୟୋଜିତ ବୁଦ୍ଧନାରାୟଣ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଫ୍ରେଣ୍ଡ୍ସ ପାରାଡାଇଜ୍ କୁସୁମାଟି ଓ ବଜରଙ୍ଗବାଲି କ୍ଲବ ଘାଟିକିଆ ମଧ୍ୟରେ ହୋଇଥିଲା। ତେବେ ମ୍ୟାଚ୍ ଶେଷସୁଦ୍ଧା ଉଭୟ ଟିମ୍ କେହି କାହାରିକୁ ଗୋଲ୍ ଦେଇପାରି ନ ଥିଲେ। ପେନାଲ୍‌ଟି ଶୁଟ୍‌ଆଉଟରେ ଫ୍ରେଣ୍ଡ୍ସ ପାରାଡାଇଜ୍ ୬-୫ ଗୋଲରେ ବଜରଙ୍ଗବାଲି କ୍ଲବକୁ ପରାସ୍ତ କରି ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ରମେଶ ପାଇକରାୟ, ସୌମ୍ୟ ପଟ୍ଟନାୟକ ଓ ବିପିନ ଦାସ ମ୍ୟାଚ୍ ପରିଚାଳନା କରିଥିଲେ। ଏସ୍.କେ. ସୌକତ ଆଜାଦଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଆସନ୍ତା ରବିବାର ନୀଳାଚଳ କ୍ଲବ ପୁରୀ ଓ ଫ୍ରେଣ୍ଡ୍ସ ପାରାଡାଇଜ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ହେବ ବୋଲି ଆୟୋଜକ କମିଟି ପକ୍ଷରୁ କୁହାଯାଇଛି।

# ମହିଳା ଏସ୍‌ଆଇଙ୍କ ନିଲମ୍ବନ ଦାବିରେ ବିକ୍ଷୋଭ

**ଜିଲା କଂଗ୍ରେସ ଉପସଭାପତିଙ୍କୁ ଆକ୍ରମଣ ଅଭିଯୋଗ ଘଟଣା**

- ଏସ୍‌ପି କାର୍ଯ୍ୟାଳୟ ଘେରିଲା କଂଗ୍ରେସ
- ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ

ଖୋର୍ଦ୍ଧା ଅଫିସ,୧୦।୨

ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ପକ୍ଷରୁ ରାସ୍ତାରେ ପାର୍କିଂ କରିଥିବା ଗାଡ଼ି ମାଲିକଙ୍କଠାରୁ ଜରିମାନା ଆଦାୟ ବେଳେ ଜିଲା କଂଗ୍ରେସ ଉପସଭାପତି ଶିଳାଦିତ୍ୟ ପଟ୍ଟନାୟକଙ୍କୁ ଜଣେ ମହିଳା ଏସ୍‌ଆଇଙ୍କ ଦୁର୍ବ୍ୟବହାର ଏବଂ ଚାପୁଡ଼ା ମାରିବାକୁ କେନ୍ଦ୍ରକରି କଂଗ୍ରେସ ପକ୍ଷରୁ ବିରୋଧ କରାଯାଇଛି। ଶୁକ୍ରବାର ଜିଲା କଂଗ୍ରେସ ସଭାପତି ତଥା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଶୋଭାଯାତ୍ରାରେ ବାହାରି ପୋଲିସ ବିରୋଧରେ ସ୍ଲୋଗାନ ଦେଇ ଜିଲା ଆରକ୍ଷୀ ଅଧୀକ୍ଷକ(ଏସ୍‌ପି)ଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଏହି ଅବସରରେ ବିଧାୟକ ରାଉତରାୟଙ୍କ ନେତୃତ୍ୱରେ ଏକ ୧୦ଜଣିଆ ଟିମ୍ ଏସ୍‌ପିଙ୍କ ଅନୁପସ୍ଥିତିରେ ଅତିରିକ୍ତ ଏସ୍‌ପି ସୁରେନ୍ଦ୍ର ନାଥ ମୁର୍ମୁଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଥିଲେ। ସମ୍ପୃକ୍ତ ଏସ୍‌ଆଇଙ୍କୁ ନିଲମ୍ବନ ସହ ଗିରଫ ଦାବି କରିଛନ୍ତି। ସପ୍ତାହକ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଜିଲା କଂଗ୍ରେସ ପକ୍ଷରୁ ଏସ୍‌ପି ଅଫିସ ଘେରାଉ କରାଯିବ। ଆବଶ୍ୟକ ପଡ଼ିଲେ ଆନ୍ଦୋଳନକୁ ଜୋର୍‌ଦାର କରାଯିବ ବୋଲି ବିଧାୟକ ରାଉତରାୟ ଚେତାବନୀ ଦେଇଛନ୍ତି। ଏଥିସହିତ ପିସିସି ଲିଗାଲ ସେଲ୍ ରାଜ୍ୟ ଅଧକ୍ଷ ଶିବାନନ୍ଦ ରାୟ ମଧ୍ୟ ଟିମ୍ ସହ ପହଞ୍ଚି ଘଟଣା ସମ୍ପର୍କରେ ଏଏସ୍‌ପିଙ୍କ ସହ ଆଲୋଚନା କରିଥିଲେ।

ଅଭିଯୋଗ ମୁତାବକ, ଗତ ୭ ତାରିଖରେ ନୂଆ ବସ୍‌ଷ୍ଟାଣ୍ଡପଟୁ ରାସ୍ତା ଉପରେ ପାର୍କିଂ କରିଥିବା ଗାଡ଼ି ମାଲିକଙ୍କଠାରୁ ପୋଲିସ ଜରିମାନା ଆଦାୟ କରୁଥିଲା। ଏହି ସମୟରେ ଶିଳାଦିତ୍ୟ କୌଣସି କାମରେ ନୂଆ ବସ୍‌ଷ୍ଟାଣ୍ଡ ଯାଉଥିଲେ। ତେବେ ନିକଟରେ ଥିବା ଶପିଂ ମଲ୍ ସମ୍ମୁଖ ରାସ୍ତା ଉପରେ ବାଇକ୍ ପାର୍କିଂ ହୋଇଥିବା ବେଳେ କାହିଁକି ସେଠାରୁ ଜରିମାନା କରୁନାହାନ୍ତି ବୋଲି ଶିଳାଦିତ୍ୟ ପ୍ରଶ୍ନ କରିଥିଲେ। ପ୍ରଶାସନ ପକ୍ଷରୁ ପାର୍କିଂସ୍ଥଳ ବ୍ୟବସ୍ଥା ନ ଥିବା ଏବଂ ଆଗୁଆ ସୂଚନା ନ ଦେଇ ରାସ୍ତା ଉପରେ କାହିଁକି ଜୋରଜବରଦସ୍ତ ଜରିମାନା ଆଦାୟ କରୁଛନ୍ତି ବୋଲି ପ୍ରଶ୍ନରେ ସମ୍ପୃକ୍ତ ମହିଳା ଏସ୍‌ଆଇ ଉତ୍‌କ୍ଷିପ୍ତ ହୋଇ ତୁମେ କିଏ ମୋତେ ପଚାରିବାକୁ, ଆମେ ଯାହାର ଇଚ୍ଛା କାଟିବୁ କହି ଅଶାଳୀନ ବ୍ୟବହାର ସହ ପାଟିତୁଣ୍ଡ କରିଥିଲେ। ଏପରି କି ସେଠାରେ ଥିବା କେତେଜଣ ବ୍ୟବସାୟୀ ମଧ୍ୟ ଏହାକୁ ବିରୋଧ କରିଥିଲେ। ଏହାପରେ ଏସ୍‌ଆଇ ଗାଡ଼ିରେ ବସି ଶିଳାଦିତ୍ୟଙ୍କୁ ପାଖକୁ ଡାକି ତାଙ୍କ ମୋବାଇଲ ଛଡ଼ାଇବା ସହ ଚାପୁଡ଼ା ମାରିଥିଲେ। ଏଇଟା ଆରମ୍ଭ, ଆଗକୁ ମିଥ୍ୟା କେସ୍‌ରେ ଏକାଧିକ ଦଫା ଲଗାଇ ଜେଲକୁ ପଠାଇଦେବି କହି ପଳାଇଥିଲେ ବୋଲି ଅଭିଯୋଗପତ୍ରରେ ଦର୍ଶାଯାଇଛି। ପିସିସି ସଭ୍ୟ ଶିଶିର ପରିଡ଼ା, ନାରୀନେତ୍ରୀ କୁସୁମ ପ୍ରଧାନ, ନିରୁପମା ପାତ୍ର, ଜୟନ୍ତୀ ରାଏ, ଜିଲା ମୁଖପାତ୍ର ଅମିତ ମହାନ୍ତି, ଯୁବନେତା ପ୍ଲାବନ ପଟ୍ଟନାୟକ, ଭୂଷଣ ଛୋଟରାୟ, ଦ୍ୱାରିକା ମହାନ୍ତି, ସୌମ୍ୟରଞ୍ଜନ ବରାଳ, ପଦ୍ମଚରଣ ରାୟ, ପ୍ରଦୋଷ ହରିଚନ୍ଦନ, ଇଂ.ବିଶ୍ୱରଞ୍ଜନ ପ୍ରଧାନ, ପ୍ରଦୋଷ ସାହୁ, ବିଶ୍ୱଭୂଷଣ ସାହୁ, ଦିଲୀପ କୁମାର ସେଠୀ, ସୁକାନ୍ତ ରାଉତ, ଅମରଜିତ୍ ଶତପଥୀଙ୍କ ସମେତ ଶତାଧିକ କର୍ମୀ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

ଅନ୍ୟପକ୍ଷରେ ଏ ସମ୍ପର୍କରେ ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ସୁରେନ୍ଦ୍ର ନାଥ ମୁର୍ମୁ କହିଛନ୍ତି, ଜଟଣୀ ବିଧାୟକ ରାଉତରାୟଙ୍କ ନେତୃତ୍ୱରେ ଏକ ଟିମ୍ ଏନେଇ ଦାବିପତ୍ର ପ୍ରଦାନ କରିଛି। ଏହାର ତର୍ଜମା କରାଯିବ। ଏ ସମ୍ପର୍କରେ ଏସ୍‌ପିଙ୍କ ସହ ଆଲୋଚନା କରାଯାଇ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।



କଂଗ୍ରେସ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

### ଜଳବାୟୁ ସହନଶୀଳ ଜୀବିକା ଅଭିବୃଦ୍ଧି ସମ୍ପର୍କିତ କର୍ମଶାଳା

କୃଷ୍ଣପ୍ରସାଦ,୧୦।୨(ଡି.ଏନ୍.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ସିଆଳ ପଞ୍ଚାୟତ ପରିସରରେ ଜଳବାୟୁ ପରିବର୍ତ୍ତନ ଦିଗରେ ଉପକୂଳବର୍ତ୍ତୀ ଲୋକମାନଙ୍କର ଜଳବାୟୁ ସହନଶୀଳ ଜୀବିକା ଅଭିବୃଦ୍ଧି ସମ୍ପର୍କିତ କର୍ମଶାଳା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ଏବଂ ହମାରା ବଚ୍‌ପନ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଆୟୋଜିତ କର୍ମଶାଳାକୁ ସିଆଳ ସରପଞ୍ଚ ରବି ନାରାୟଣ ମାଝୀ ଉଦ୍‌ଘାଟନ କରିଥିଲେ। ଏକ୍ରିକ୍ ପ୍ରକଳ୍ପର ଦଳପତି ଅଶୋକ କୁମାର ନାୟକ ପ୍ରକଳ୍ପ ବିଷୟରେ ପାୱାର ପଏଣ୍ଟ ମାଧ୍ୟମରେ ଆଲୋଚନା କରିଥିଲେ। ସିଆଳ ପଞ୍ଚାୟତ ସମିତିସଭ୍ୟ ଭୀମସେନ ସେଠୀ, ଅନନ୍ତ ନାରାୟଣ ଓଝା ମତ୍ସ୍ୟ ବୈଷୟିକ ସହାୟକ, ଅଜୟ କୁମାର ବିଶ୍ୱାଳ ପ୍ରାଣୀଧନ ନିରୀକ୍ଷକ, ସିଆଳ ପଞ୍ଚାୟତ ମହିଳା ମହାସଙ୍ଘ ସଭାନେତ୍ରୀ ନେତ୍ରମଣି ପ୍ରଧାନ, ସିଆଳ ପଞ୍ଚାୟତ ଏମ୍‌ବିକେ ବନଜା ପଣ୍ଡା, ଶିବାନନ୍ଦ ଦାସ, କେଦାର ମହାରଣା ପ୍ରମୁଖ ଯୋଗଦେଇଥିଲେ। ପଞ୍ଚାୟତସ୍ତରୀୟ ମହାସଙ୍ଘର ସଭାନେତ୍ରୀ ଓ ସମ୍ପାଦିକା ଅଂଶଗ୍ରହଣ କରିଥିଲେ। ଏକ୍ରିକ ପ୍ରକଳ୍ପର ଆଞ୍ଚଳିକ ସଂଯୋଜକ ପ୍ରତାପ ସେଠୀ, ସୁନୀଲ ଗୌଡ଼ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ପକ୍ଷରୁ ଆୟୋଜିତ ନୀଳାମ୍ବୁ ମହୋତ୍ସବର ତୃତୀୟ ସନ୍ଧ୍ୟାରେ କଳାକାରଙ୍କ ଦ୍ୱାରା ପରିବେଷିତ ନୃତ୍ୟ।

## ଅଶ୍ଳୀଳ ଫଟୋ ଭାଇରାଲ ଘଟଣା, ଯୁବକ ଗିରଫ

ବାଣପୁର,୧୦।୨(ଡି.ଏନ୍.ଏ.)

ବାଣପୁର ଥାନା ଅଞ୍ଚଳର ଜଣେ ମହିଳାଙ୍କ ଅଶ୍ଳୀଳ ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଏହି ଥାନା ଅଞ୍ଚଳର ପ୍ରକାଶ ନାୟକ। ସୂଚନା ମୁତାବକ, ଅଭିଯୁକ୍ତ ଜଣଙ୍କ ଜଣେ ମହିଳାଙ୍କ ସହ ଜୋରଜବରଦସ୍ତ ଶାରୀରିକ ସମ୍ପର୍କ ରଖିଥିଲେ। ଏଥିସହିତ ତାଙ୍କର ଆପତ୍ତିଜନକ ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରି ତାଙ୍କୁ ବଦନାମ୍ କରୁଥିବା ନେଇ ମହିଳା ଜଣଙ୍କ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୬୫/୨୩)ରୁଜୁକରି ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ଗୁରୁବାର ରାତିରେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

## 'ଖବରଦାତା ନିରପେକ୍ଷତା ଅବଲମ୍ବନ କଲେ ଦୁର୍ନୀତି ଦୂରହେବ'

**ନୀଳାମ୍ବୁ ମହୋତ୍ସବର ତୃତୀୟ ସନ୍ଧ୍ୟା**

ଟାଙ୍ଗୀ(ଖୋର୍ଦ୍ଧା),୧୦।୨(ଡି.ଏନ୍.ଏ.)

ଟାଙ୍ଗୀ ବଳରାମ ବିଦ୍ୟାପୀଠ ଖେଳ ପଡ଼ିଆରେ ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ଦ୍ୱାରା ଆୟୋଜିତ ନୀଳାମ୍ବୁ ମହୋତ୍ସବର ଶୁକ୍ରବାର ଥିଲା ତୃତୀୟ ସନ୍ଧ୍ୟା। ଏହି ଅବସରରେ ଆୟୋଜିତ ସଭାରେ ପୂର୍ବତନ ମନ୍ତ୍ରୀ ଡ. ଦାମୋଦର ରାଉତ ଯୋଗଦେଇ କହିଥିଲେ, ସମସ୍ତଙ୍କୁ ଏକାଠି କରି ବାନ୍ଧି ରଖିଥାଏ ମହୋତ୍ସବ। ଏକାଠି ହେଲେ ସମ୍ପର୍କ ଦୃଢ଼ ହୋଇପାରିବ। ଖବରଦାତାମାନେ ନିରପେକ୍ଷତା ଅବଲମ୍ବନ କଲେ ରାଜ୍ୟରେ କୁସଂସ୍କାର, ଦୁର୍ନୀତି ଦୂର ହୋଇପାରିବ ବୋଲି ସେ କହିଥିଲେ। ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ଅବସରପ୍ରାପ୍ତ ଭାରତୀୟ ବନ ବିଭାଗ ଅଧିକାରୀ ପାଣ୍ଡବ ବେହେରା, ଚାନ୍ଦପୁର ବସନ୍ତ ମଞ୍ଜରୀ ଜେନେରାଲ ହସ୍ପିଟାଲର ଅଧୀକ୍ଷକ ଡ. ବି.ଏସ୍. ରାଓ, ପୂର୍ବତନ ଖୋର୍ଦ୍ଧା ଜିଲା ପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ସାମାଜିକ କର୍ମୀ ସଞ୍ଜୟ କୁମାର ପଟ୍ଟନାୟକ, ଟାଙ୍ଗୀ ପଞ୍ଚାୟତ ସମିତି ଅଧକ୍ଷା ରିସ୍ମା ମାନ୍ଧାତା, ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ସଭାପତି ପଦ୍ମନାଭ ବିଶ୍ୱାଳ, ସମ୍ପାଦକ ମନୋଜ କୁମାର ପଟ୍ଟନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏଥିରେ ସଭାପତିତ୍ୱ କରିଥିଲେ ସଂଘ ସଭାପତି ବିଶ୍ୱାଳ। ଅତିଥି ପରିଚୟ ପ୍ରଦାନ କରିଥିଲେ ପ୍ରବକ୍ତା ସରୋଜ ପାଇକରାୟ। ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଜୟ ମା' ଦୁର୍ଗା କଳାପରିଷଦ ବଲାଙ୍ଗୀର ଘୁଡୁକା, ଟାଙ୍ଗୀ ବଳରାମଦେବ ବିଦ୍ୟାପୀଠ, ଟାଙ୍ଗୀ ବାଳିକା ଉଚ୍ଚ ବିଦ୍ୟାଳୟର ବିଦ୍ୟାର୍ଥୀ, ବଂଶୀଧର ସଙ୍ଗୀତ ମହାବିଦ୍ୟାଳୟ ବୋଲଗଡ଼ର କଳାକାରମାନେ ବିଭିନ୍ନ କଳା ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଟାଙ୍ଗୀ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା।





ନୀଳାମ୍ବୁ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିମାନେ।

## 'ପୂଜ୍ୟପୂଜା କଲେ ଗୌରବ ବଢ଼େ'

ବୋଲଗଡ଼,୧୦।୨(ଡି.ଏନ୍.ଏ.)

ବୋଲଗଡ଼ ବ୍ଲକ ଚମ୍ପାଇଲୋ ସାନବାଡ଼ସ୍ଥିତ ମା' ବଘେଇଙ୍କ ପୀଠରେ ଶୁକ୍ରବାର ଆୟୋଜିତ ପୂଜ୍ୟପୂଜା ଉତ୍ସବରେ ବରିଷ୍ଠ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଗ୍ରାମର ପୂଜ୍ୟପୂଜା କମିଟି ପକ୍ଷରୁ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ କମିଟି ସଭାପତି କୃପାସିନ୍ଧୁ ଜେନାଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥିଭାବେ କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ ଯୋଗଦେଇଥିଲେ। ଅତିଥିଭାବେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ପରିଚାଳନା ପରିଷଦ ନିର୍ଦ୍ଦେଶକ ପବିତ୍ର ମୋହନ ମାଝୀ, ସମ୍ପାଦକ ଭରତ ଶ୍ରୀଚନ୍ଦନ, ସ୍ଥାନୀୟ ସମିତିସଭ୍ୟ ସଞ୍ଜୟ ଗୁମାନ୍‌ସିଂହ, ଶିକ୍ଷାବିତ୍ ଅଇଁଠୁ ରଣଜିତସିଂହ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ମଧୁସୂଦନ ସାମନ୍ତସିଂହାର, ଧରଣୀଧର ଉତ୍ତରାୟ, କହ୍ନୁ ପରିଡ଼ା, ଦିବାକର ମତଗଜସିଂହ, ଗଙ୍ଗାଧର ଜେନା, ଗଙ୍ଗାଧର ପାଇକରାୟ, ଲକ୍ଷଣ ଦଳସିଂହାର, ଲକ୍ଷ୍ମଣ ମହାନ୍ତି ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମନୋଜ କୁମାର ଗୁମାନ୍‌ସିଂହ କାର୍ଯ୍ୟକ୍ରମ ସଂଯୋଜନା କରିବା ସହିତ ଧନ୍ୟବାଦ ଦେଇଥିଲେ।

## ଚାଷୀ ସଚେତନତା ପାଇଁ ଗଡ଼ିଲା କୃଷିରଥ



କୃଷି ରଥ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ବେଗୁନିଆ,୧୦।୨(ଡି.ଏନ୍.ଏ.)

ପାଶ୍ଚାତ୍ୟ ସଭ୍ୟତାରେ ଚାଷୀ ଅନେକ କାରଣରୁ ଚାଷ ପ୍ରତି ବିମୁଖ ହେଉଛନ୍ତି। ଏଣିକି ଉନ୍ନତ ପ୍ରଣାଳୀରେ ଚାଷକାର୍ଯ୍ୟକୁ ଆଗେଇ ନେଇ କିଭଳି ଅଧିକ ଅମଳ କରିପାରିବା ସେନେଇ ଚାଷୀଙ୍କୁ ସଚେତନ କରାଯିବ। ଏନେଇ ଶୁକ୍ରବାର ଏକ ସଚେତନ କୃଷି ରଥ ଗଡ଼ିଛି। ଏହି ରଥ ଗ୍ରାମ ପରିକ୍ରମା କରିବା ସହ ନୃତ୍ୟ ସଙ୍ଗୀତ ମାଧ୍ୟମରେ ଚାଷୀଙ୍କୁ ସଚେତନ କରାଯିବ। ବେଗୁନିଆ ବ୍ଲକ କୃଷି କାର୍ଯ୍ୟାଳୟ ପରିସରରେ ବିଡିଓ ଲକ୍ଷ୍ମୀଧର ସାହୁ ଏହାର ଶୁଭାରମ୍ଭ କରିଥିଲେ। ବ୍ଲକ କୃଷି ଅଧିକାରୀ ଗଣେଶ୍ୱର ରଥଙ୍କ ଅଧକ୍ଷତାରେ ଚାଷୀ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ ଅଞ୍ଚଳର ବହୁ ଚାଷୀ ଯୋଗଦେଇଥିଲେ। ଚାଷୀଙ୍କ କୃଷି ବିପଣନ ଯୋଗୁ ରାଜ୍ୟର ଆର୍ଥିକ ମେରୁଦଣ୍ଡ ସୁଦୃଢ଼ ହୋଇପାରୁଛି। ତେଣୁ ଚାଷୀଙ୍କ ଆୟକୁ ଦ୍ୱିଗୁଣିତ କରିବା ପାଇଁ ସରକାର ବହୁ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଅତ୍ୟାଧୁନିକ ଜ୍ଞାନ ଆହରଣ କରିବା ସହ କୃଷି ଯନ୍ତ୍ରପାତି ବ୍ୟବହାର କରି ଚାଷକୁ ସଶକ୍ତ କରିପାରିବା। ଏହି ଯନ୍ତ୍ରପାତି ବିଭାଗ ପକ୍ଷରୁ ସବ୍‌ସିଡିରେ ଯୋଗାଇ ଦିଆଯିବ। ଏହାର ଫାଇଦା ଉଠାଇବା ପାଇଁ କୃଷି ଅଧିକାରୀ ରଥ ଚାଷୀଙ୍କୁ ସଚେତନ କରାଇଥିଲେ। ସେହିପରି ଜୈବିକ ସାର ପ୍ରୟୋଗ, ଜଳ ସଞ୍ଚୟ, ସମନ୍ୱିତ କୃଷିକୁ ପ୍ରାଥମିକତା ଦେବା ପାଇଁ ଆହ୍ୱାନ ଦିଆଯାଇଥିଲା।

## 'ଭାଇଚାରାର ବାର୍ତ୍ତା ଦେଇଥାଏ ନାମଯଜ୍ଞ'

ଖୋର୍ଦ୍ଧା ଅଫିସ,୧୦।୨

ଖୋର୍ଦ୍ଧା ବ୍ଲକ ନରଣଗଡ଼ ପଞ୍ଚାୟତ ହାଡ଼ପଦା ଗ୍ରାମ ମା' ମଙ୍ଗଳାଙ୍କ ପୀଠରେ ଚାଲିଛି ଅଷ୍ଟପ୍ରହର ନାମଯଜ୍ଞ। ଏହି ଯଜ୍ଞ ଆଜକୁ ୪୦ ବର୍ଷ ଧରି ଜାରି ରହିଛି। କରୋନା କଟକଣା ଯୋଗୁ ଫିକା ପଡିଥିବା ଏହି ଯଜ୍ଞ ଚଳିତବର୍ଷ ଆଡ଼ମ୍ବରରେ ପାଳନ ହେଉଛି। ମା'ମଙ୍ଗଳା କମିଟି ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ସ୍ଥାନୀୟ ନାମ ସଂକୀର୍ତ୍ତନ ଦଳ ସହିତ କଣାସ ନୂଆହାଟ, ବୀରକେଶରପୁର ସମେତ ୩ଟି ଦଳ ଅଂଶଗ୍ରହଣ କରିଛନ୍ତି। ହରିନାମ ଉଚ୍ଚାରଣରେ ଗୁଞ୍ଜରିତ ହେଉଛି ପରିବେଶ। ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ବେଳେ ମନ୍ତ୍ରୋଚ୍ଚାରଣରେ ସୃଷ୍ଟି ହୋଇଛି ଏକ ଆଧ୍ୟାତ୍ମିକ ବାତାବରଣ। ଏହି ନାମଯଜ୍ଞ ଏକ ଭାଇଚାରାର ବାର୍ତ୍ତା ପ୍ରଦାନ କରିଥାଏ ବୋଲି ଅନୁଷ୍ଠାନର ଦିବାକର ଭୋଇ କହିଛନ୍ତି। ରବି ଭୋଇ, ସନାତନ ଭୋଇ, ଗୋବର୍ଦ୍ଧନ କାଣ୍ଡି, ବଳଭଦ୍ର ଭୋଇ, ସୁରେନ୍ଦ୍ର ଭୋଇ, ଯୋଗେନ୍ଦ୍ର ଭୋଇ, ସୁବାସ ଭୋଇଙ୍କ ସମେତ ଗ୍ରାମବାସୀ ସହଯୋଗ କରୁଛନ୍ତି।



ହାଡ଼ପଦା ଗ୍ରାମ ମା' ମଙ୍ଗଳାଙ୍କ ପୀଠରେ ଅଷ୍ଟପ୍ରହର ନାମଯଜ୍ଞ।

## ସାମୂହିକ ଔଷଧ ସେବନ ଅଭିଯାନ ଆରମ୍ଭ

- ୨୫ ଲକ୍ଷ ଖାଇବେ ବଟିକା
- ୨ ବର୍ଷରୁ କମ୍ ପିଲା, ଗର୍ଭବତୀ, ରୋଗୀଙ୍କୁ ବାରଣ

ଖୋର୍ଦ୍ଧା ଅଫିସ,୧୦।୨

ଖୋର୍ଦ୍ଧା ଜିଲା ସ୍ୱାସ୍ଥ୍ୟ ସମିତି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଜିଲାରେ ଲିମ୍ଫାଟିକ୍ ଫାଇଲେରିଆସିସ୍ (ଏଲ୍‌ଏଫ୍) ଦୂରୀକରଣ ନିମନ୍ତେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ(ଏମ୍‌ଡିଏ)। ସ୍ଥାନୀୟ ସରକାରୀ ବାଳିକା ହାଇସ୍କୁଲ ପରିସରରେ ଏହି କାର୍ଯ୍ୟକ୍ରମକୁ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଉଦ୍‌ଘାଟନ କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ(ସିଡିଏମ୍‌ଓ ଆଣ୍ଡ ପିଏଚ୍‌ଓ) ଡା. ଆର୍ତ୍ତବନ୍ଧୁ ନାୟକ କହିଥିଲେ ଯେ, ଫାଇଲେରିଆସିସ୍ ଦୀର୍ଘକାଳୀନ ଶାରୀରିକ ଅକ୍ଷମତାର ଅନ୍ୟତମ କାରଣ। ଏହା ଏକ ସାଂଘାତିକ ସମସ୍ୟା, ଯାହା ମଶା କାମୁଡିବା ଦ୍ୱାରା ବ୍ୟାପିଥାଏ। ଏହା ସାଧାରଣତଃ ପିଲାବେଳେ ହୋଇଥାଏ। ବୟସ ବଢ଼ିବା ପରେ ଏହାର ଲକ୍ଷଣ ପ୍ରକାଶ ପାଇଥାଏ। ଏହି ସଂକ୍ରମଣ ଶରୀରର ଲିମ୍ଫାଟିକ୍ ବ୍ୟବସ୍ଥାକୁ ନଷ୍ଟ କରିଥାଏ। ଚିକିତ୍ସା କରା ନ ଗଲେ ଏହା ଶରୀରର ବିଭିନ୍ନ ଅଂଶରେ ଫୁଲା ସୃଷ୍ଟି କରିଥାଏ, ଯାହା ଆରୋଗ୍ୟସାଧ ନୁହଁ। ଫାଇଲେରିଆସିସ୍‌ରେ ଆକ୍ରାନ୍ତ ଲୋକମାନେ ହାଇଡ୍ରୋସିଲ (ଅଣ୍ଡକୋଷ ଫୁଲିବା), ଲିମ୍ଫୋଡେମା(ଅଙ୍ଗପ୍ରତ୍ୟଙ୍ଗ ଫୁଲିବା) ଭଳି ରୋଗର ସମ୍ମୁଖୀନ ହୋଇଥାନ୍ତି। ଏହାର ଦୂରୀକରଣ ଲାଗି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ପ୍ରତିବର୍ଷ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ଏହି ଔଷଧ ସମ୍ପୂର୍ଣ୍ଣ ନିରାପଦ। ଫାଇଲେରିଆ ନିରୋଧୀ ବଟିକା ଆଲବେଣ୍ଡାଜୋଲକୁ ଚୋବାଇ ଖାଇବା ସହିତ ଡିଇସିକୁ ସମ୍ପୂର୍ଣ୍ଣ ଭାବେ ଗିଳିବାକୁ ହେବ। ଖାଦ୍ୟ ଖାଇବା ପରେ ଖାଇବା ଉଚିତ। ଏହାର କୌଣସି ପାର୍ଶ୍ୱପ୍ରତିକ୍ରିୟା ନାହିଁ। ଏହି ଔଷଧ ୨ ବର୍ଷରୁ କମ୍ ପିଲା, ଗର୍ଭବତୀ ମହିଳା ତଥା ଗୁରୁତର ଅସୁସ୍ଥ ବ୍ୟକ୍ତିଙ୍କୁ ଖାଇବାକୁ ବାରଣ କରାଯାଇଛି। ଆମେମାନେ ଖାଇଛୁ, ଆପଣମାନେ ମଧ୍ୟ ଖାଆନ୍ତୁ ବୋଲି ସିଡିଏମ୍‌ଓ ନାୟକ କହିଛନ୍ତି। ଏଡିପିଏଚ୍‌ଓ(ଭିବିଡି) ଡା. ଜୀବନ୍ତ ଆଚାର୍ଯ୍ୟ କହିଥିଲେ, ଦଶଦିନ ବ୍ୟାପୀ ଏହି କାର୍ଯ୍ୟକ୍ରମ ଖୋର୍ଦ୍ଧା ଗ୍ରାମାଞ୍ଚଳ ସମେତ ଭୁବନେଶ୍ୱର ମହାନଗର ନିଗମ, ଖୋର୍ଦ୍ଧା, ଜଟଣୀ, ବାଲୁଗାଁ ଓ ବାଣପୁର ଏନ୍‌ଏସିରେ କରାଯିବ। ଏଥିପାଇଁ ୭୯୮୩ ଡ୍ରଗ ଆଡ୍‌ମିନିଷ୍ଟ୍ରେଟର(ଡିଏ), ୭୯୧ ସୁପରଭାଇଜର ନିୟୋଜିତ ହୋଇଛନ୍ତି। ଡିଏମାନେ ଘର ଘର ବୁଲି ଏହି ବଟିକା ଖାଇବାକୁ ଦେବେ। ଜିଲାରେ ୨୫ ଲକ୍ଷ ଲୋକଙ୍କୁ ଏହି ବଟିକା ଖୁଆଯିବ। ନିର୍ଦ୍ଧାରିତ ସମୟରେ ଜିଲାରେ ଶତପ୍ରତିଶତ ସଫଳତା ହାସଲ ଲାଗି ଯୋଜନା ରହିଛି। ୧୬୮ ପଞ୍ଚାୟତର ୧୫୬୨ ଗ୍ରାମରେ ଏହି ବଟିକା ଜନସାଧାରଣଙ୍କୁ ଖାଇବାକୁ ଦିଆଯିବ। ସମସ୍ତ ଜନସାଧାରଣ ଡିଏମାନଙ୍କ ଉପସ୍ଥିତିରେ ଖାଇବାକୁ ପରାମର୍ଶ ଦେଇଛନ୍ତି ଆଚାର୍ଯ୍ୟ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧକ୍ଷା ରୂପଶ୍ରୀ ରାଣୀ ଗୁମାନ୍‌ସିଂ, ଜିଲା ମୁଖ୍ୟ ଚିକିତ୍ସାଳୟ(ଡିଏଚ୍‌ଏଚ୍) ଅଧୀକ୍ଷକ ଡା. ବିଶ୍ୱମୋହନ ମିଶ୍ର, ଏଡିଏମ୍‌ଓ( ପରିବାର କଲ୍ୟାଣ) ଡା.ରଘୁନାଥ ନାୟକ, ଡା.ପ୍ରଶାନ୍ତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥି ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ପିଲାମାନେ ଏହି ବଟିକା ଖାଇଥିଲେ। ଭିବିଡି ପରାମର୍ଶଦାତା ସ୍ମୃତିରଞ୍ଜନ ରାଉତ, ଡିପିଏଚ୍‌ଓ ପ୍ରସନ୍ନ ମହାପାତ୍ର ପ୍ରମୁଖ ଏହାର ପରିଚାଳନା କରିଥିଲେ।





କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ଘରପୋଡ଼ି ଅଭିଯୋଗରେ ୩ ଗିରଫ**

ମଙ୍ଗୁଳି-ଜଗତପୁର,(ଡି.ଏନ୍.ଏ.): ମହିଳାଙ୍କ ଘର ପୋଡ଼ିଦେବା ଅଭିଯୋଗରେ ଜଗତପୁର ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଜଗତପୁର ଥାନା ଅଧୀନ ନଈକୂଳସାହିର ମମ୍ତାଜ୍ ଖାନ୍, ଅବ୍ଦୁଲ୍ ଯହିଦ ଖାନ୍ ଓ ଅବ୍ଦୁଲ୍ ତାହିର ଖାନ୍। ସୂଚନା ଅନୁଯାୟୀ, ଜମିବାଡ଼ିକୁ ନେଇ ନଈକୂଳସାହିର ଜିନତ ବିବିଙ୍କ ପରିବାର ସହ ଅଭିଯୁକ୍ତମାନଙ୍କ ବିବାଦ ଲାଗି ରହିଥିଲା। ବୁଧବାର ବିଳମ୍ବିତ ରାତିରେ ଏହାକୁ କେନ୍ଦ୍ରକରି ସେମାନଙ୍କ ମଧ୍ୟରେ କଳିଝଗଡ଼ା ଲାଗିଥିଲା। ଫଳରେ ଅଭିଯୁକ୍ତମାନେ ଜିନତଙ୍କ ଚାଳଘରେ ନିଆଁ ଲଗାଇ ଦେଇଥିଲେ। ପାଟି ଶୁଣି ଗ୍ରାମବାସୀ ଘଟଣାସ୍ଥଳକୁ ଆସିବାରୁ ଅଭିଯୁକ୍ତମାନେ ପଳାଇ ଯାଇଥିଲେ। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୬୮/୨୩)ରୁଜୁ କରିଛି।

## ସଂକ୍ଷେପରେ

### ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ୨ ଦିନିଆ ଧର୍ମଘଟ

**କଟକ ଅଫିସ, ୧୦।୨:** ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରରେ ଦୁଇଦିନିଆ ଦେଶବ୍ୟାପୀ ଧର୍ମଘଟ ୯ ଓ ୧୦ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ନୂତନ ନିଯୁକ୍ତି ନ କରିବା ଓ ଗଣବଦଳିକୁ ବିରୋଧ କରି ବ୍ୟାଙ୍କର ସମସ୍ତ କର୍ମଚାରୀ ଓ ଅଫିସରଙ୍କ ୭ଟି ସଙ୍ଗଠନକୁ ନେଇ ଗଠିତ ମିଳିତ ମଞ୍ଚ ପକ୍ଷରୁ ଏହି ଧର୍ମଘଟ ଡାକରା ଦିଆଯାଇଥିଲା। ରାଜ୍ୟରେ ଥିବା ୩୯ଟି ଶାଖା ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। କଟକ ବଜ୍ରକବାଟୀ ରୋଡ୍‌ଠାରେ ଥିବା ମୁଖ୍ୟ ଶାଖା ସମ୍ମୁଖରେ ମିଳିତ ମଞ୍ଚ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଦିଲୀପ କୁମାର ମଲ୍ଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବିକ୍ଷୋଭରେ ପ୍ରକାଶ କୁମାର ବିହାରୀ, ବିଶ୍ୱଜିତ୍ ରାଉତ, ମୁକେଶ ନାଥ, ପ୍ରଜ୍ଞା ପଣ୍ଡା, ସ୍ମାରକୀ ଜେନା, ସେନା ନାୟକ, ପୁଷ୍ପକାନ୍ତ ପରିଜା ପ୍ରମୁଖ ସାମିଲ ଥିଲେ। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି।

### ବରିଷ୍ଠ ନାଗରିକଙ୍କ ବନ୍ଧୁମିଳନ

**କଟକ ଅଫିସ, ୧୦।୨:** କଟକ ଜିଲା ଟାଙ୍ଗୀ ବିଦ୍ୟାପୀଠର ପୁରାତନ ଛାତ୍ରଙ୍କୁ ନେଇ ଗଠିତ 'କ୍ଲବ ଟିଭି-୭୪' ପକ୍ଷରୁ ବରିଷ୍ଠ ନାଗରିକଙ୍କ ବନ୍ଧୁମିଳନ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଭଗତପୁରସ୍ଥିତ ଏକ ରିସର୍ଟରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କ୍ଲବ ଟିଭି-୭୪ର ପ୍ରତିଷ୍ଠାତା ସଭାପତି ତଥା ଡ୍ରିମ୍ସ ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥଙ୍କ ଜନ୍ମଦିନ ଉପଲକ୍ଷେ ଉପସ୍ଥିତ ସଦସ୍ୟ ଓ ବରିଷ୍ଠ ନାଗରିକ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ। ଉଦ୍ୟୋଗପତି ପଦ୍ମଲୋଚନ ପାତ୍ର, ସୌମେନ୍ଦୁ ଶେଖର ରାୟ, ରମାକାନ୍ତ ମିଶ୍ର, ଶାନ୍ତନୁ କୁମାର ଶତପଥୀ, ଦିଗମ୍ବର ମଙ୍ଗରାଜ, ସତ୍ୟାନନ୍ଦ ଦାସ, ବିଜୟ କୁମାର ମହାନ୍ତି, ଗୌରୀଶଙ୍କର ପଟ୍ଟନାୟକ, ଇଂ. ଶ୍ୟାମବାବୁ ଦୋରା, ଅଭୟ ଚରଣ ପରିଡ଼ା ପ୍ରମୁଖ ଆଲୋଚନାରେ ଭାଗନେଇଥିଲେ। ପ୍ରଶାନ୍ତ ତ୍ରିପାଠୀ, ସୁଶାନ୍ତ କଅଁର ଓ ଶିବରାମ ସୁର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଡ୍ରିମ୍ସରେ 'ବସନ୍ତିକା-୨୦୨୩' ଉଦ୍‌ଯାପିତ

**କଟକ ଅଫିସ, ୧୦।୨:** ଡ୍ରିମ୍ସ ସ୍ୱୟଂଶାସିତ ବୈଷୟିକ ମହାବିଦ୍ୟାଳୟର ଦୁଇଦିନିଆ ବାର୍ଷିକ ସାଂସ୍କୃତିକ ମହୋତ୍ସବ 'ବସନ୍ତିକା-୨୦୨୩' ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏଥିସହ ଡିଜେ ସଙ୍ଗୀତ ଓ କଳାକାରଙ୍କ ନୃତ୍ୟରେ ଉପସ୍ଥିତ ଦର୍ଶକ ଝୁମିଥିଲେ। ଏଥିରେ ଶିକ୍ଷାନୁଷ୍ଠାନ ସମୂହର ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ସହଅଧକ୍ଷ ଇଂ. ଦୁର୍ଗାପ୍ରସାଦ ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶକ ଲୋକନାଥ ବେହେରା, ପଦ୍ମିନୀ କେୟାର ହସ୍ପିଟାଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ଜ୍ୟୋତି ପ୍ରକାଶ ପରିଜା, କ୍ରୀଡ଼ା ନିର୍ଦ୍ଦେଶକ ନବକିଶୋର ମିଶ୍ର, ପ୍ରଫେସର ସୁଶାନ୍ତ ଦାସ, ଡ. କଲ୍ୟାଣ କୁମାର ସାହୁ, ଅଧକ୍ଷ ଡ. ନୟନ ରଞ୍ଜନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ଚୋରି ଅଳଙ୍କାର ଜବତ, ୯ ଗିରଫ

**ଚୌଦ୍ୱାର,୧୦।୨(ଡି.ଏନ୍.ଏ.)**

ବିଭିନ୍ନ ଗହଣା ଦୋକାନ ଓ ଘରେ ପଶି ଚୋରି କରିବା ଘଟଣାରେ ୬ ଜଣ ଅଭିଯୁକ୍ତଙ୍କୁ ଚୌଦ୍ୱାର ପୋଲିସ ଗିରଫ କରିଛି। ଏଥିସହ ଚୋରି ଅଳଙ୍କାର କିଣିଥିବା ୩ ଜଣ ବ୍ୟବସାୟୀଙ୍କୁ ମଧ୍ୟ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଖୋର୍ଦ୍ଧା ଜିଲା ଗୁଣ୍ଡୁରପୁର ସାହିର ସୁରେଶ ଗଜେନ୍ଦ୍ର, ଧଉଳି ଥାନା ଅଧୀନ ଲିଙ୍ଗିପୁର ଗ୍ରାମର ଅସିତ୍ କର, ଲିଙ୍ଗରାଜ ଥାନା ଓଲ୍ଡ ଟାଉନ୍ ଅଞ୍ଚଳର ହେମନ୍ତ ଦାସ, କଟକ ଜିଲା ଚୌଦ୍ୱାର ଓଟିଏମ୍ କଲୋନି ଜୟନ୍ତୀ ନଗରର ସୁକାନ୍ତ ସ୍ୱାଇଁ, ଜଗତପୁର ଥାନା ବାରବାଟିଆ ଗ୍ରାମର ଧର୍ମେନ୍ଦ୍ର ସ୍ୱାଇଁ, ଜଗତସିଂହପୁର ଜିଲା ଜଗନ୍ନାଥପୁର ଗ୍ରାମର ରାଜେଶ ଖଟୁଆ, ଅଳଙ୍କାର କିଣିଥିବା ବ୍ୟବସାୟୀ କଟକ ମଙ୍ଗଳାବାଗ ଥାନା ନୂଆପାଟଣାର ମହେଶ ପୃଷ୍ଟି, ମଙ୍ଗଳାବାଗର ସରୋଜକାନ୍ତ ସାହୁ ଓ ପୁରୀଘାଟ ଥାନା ଅନ୍ତର୍ଗତ ଦୋଳମୁଣ୍ଡେଇ ଅଞ୍ଚଳର ସନ୍ତୋଷ ଭୋସ୍‌ଲେ। ସେମାନଙ୍କ ନିକଟରୁ ୬ଟି ସୁନା ନେକ୍‌ଲେସ୍, ୯ ସୁନାଚେନ୍, ୩୯ ସୁନାମୁଦି, ୧୩ ହଳ କାନଫୁଲ, ୪ ହଳ ପାଉଁଜି, ଗୋଟିଏ ବ୍ରୋଞ୍ଜ ଚୁଡ଼ି, ଗୋଟିଏ କାର, ଦୁଇଟି ଲାପ୍‌ଟପ୍, ଗୋଟିଏ ଏଲ୍‌ଇଡ଼ି ଟିଭି ସହିତ ଚୋରି ଘଟଣାରେ ବ୍ୟବହୃତ ବିଭିନ୍ନ ଯନ୍ତ୍ରପାତି ଜବତ କରାଯାଇଛି ବୋଲି ଚୌଦ୍ୱାର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କଟକ ଡିସିପି ପିନାକ ମିଶ୍ର କହିଛନ୍ତି।

ଡିସିପିଙ୍କ ସୂଚନା ଅନୁଯାୟୀ, ଚୌଦ୍ୱାର ଶିବାଜୀନଗର ବାସିନ୍ଦା ସୁଶାନ୍ତ କୁମାର ସାହୁଙ୍କ ଘରେ କେହି ନ ଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତମାନେ ଗତ ଜାନୁୟାରୀ ୨୩ ତାରିଖ ରାତିରେ ତାଙ୍କ ଘରେ ପଶି ସୁନା ଅଳଙ୍କାର ଓ ଟଙ୍କା ଚୋରିକରି ନେଇଥିଲେ। ଏ ନେଇ ସୁଶାନ୍ତ ୨୪ ତାରିଖରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୪୩/୨୩) ରୁଜୁ କରିଥିଲା। ଆଇଆଇସି ବିରଞ୍ଚି ନାରାୟଣ ପତିଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ସ୍ଥାନୀୟ ଅଞ୍ଚଳର କୁଖ୍ୟାତ୍ ଲୁଟେରା ସୁକାନ୍ତ ଓ ତାଙ୍କ ସହଯୋଗୀ କଜଳଖଣା ଛକରେ ଏକ କାର୍‌ରେ ସନ୍ଦିଗ୍ଧ ଅବସ୍ଥାରେ ବୁଲୁଥିବା ତଦନ୍ତକାରୀ ଅଧିକାରୀ ନିରଞ୍ଜନ ଭୋଇ ଖବର ପାଇଥିଲେ। ତୁରନ୍ତ ସେଠାରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲେ। ସେମାନଙ୍କୁ ପଚରାଉଚରା କରାଯିବାରୁ ସେମାନେ କଳିଙ୍ଗ ଛକସ୍ଥିତ କାଞ୍ଚନ ଜୁଏଲର ଓ ଶିବାଜୀ ନଗରର ଜଣଙ୍କ ଘରୁ ଲୁଟ୍ କରିଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲେ। ସେହିପରି କଟକ ଓ ଜଗତପୁର ଅଞ୍ଚଳରେ ୬ଟି, ସଦର, ମଧୁପାଟଣା ଓ ୪୨ମୌଜା ଅଞ୍ଚଳର ୫ଟି ସ୍ଥାନରୁ ଚୋରି କରିବା ସହିତ ଓଡ଼ିଶାର ବିଭିନ୍ନ ଜିଲାରେ ବହୁ ଆପରାଧିକ ଘଟଣା ଘଟାଇଥିବା ମଧ୍ୟ ପୋଲିସକୁ କହିଥିଲେ। ଚୋରି ଅଳଙ୍କାରକୁ ଉପରୋକ୍ତ ବ୍ୟବସାୟୀଙ୍କୁ ବିକ୍ରି କରିଥିଲେ। ଅଭିଯୁକ୍ତମାନଙ୍କ ନାମରେ ରାଜ୍ୟର ବିଭିନ୍ନ ଥାନାରେ ବହୁସଂଖ୍ୟକ ଆପରାଧିକ ମାମଲା ରହିଛି। ତେବେ ଏ ନେଇ ଅଧିକ ତଦନ୍ତ ଜାରି ରହିଥିବା ଡିସିପି କହିଛନ୍ତି।



ଚୌଦ୍ୱାର ପୋଲିସ ଗିରଫ କରିଥିବା ୯ ଅଭିଯୁକ୍ତ।



ଜବତ ସୁନାହାର, ଚେନ୍, ମୁଦି ଓ ଅନ୍ୟ ଅଳଙ୍କାର।

# ସପ୍ତାହକ ମଧ୍ୟରେ ଟିକସ ପଇଠ କର

**କଟକ ଅଫିସ,୧୦।୨**

କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଚୌଧୁରୀ ବଜାରସ୍ଥିତ ବିଜୁଭବନ ପରିସରରେ ହୋର୍ଡିଂ ଏଜେନ୍ସି ସଂଘର ସଭାପତି ଓ ସେକ୍ରେଟାରିମାନଙ୍କୁ ନେଇ ଶୁକ୍ରବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଡେପୁଟି କମିଶନର ଅମିୟ ପଣ୍ଡା, ଲାଇସେନ୍ସ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଏ. ଶ୍ରୀଦେବୀଙ୍କ ସମେତ ଅନ୍ୟ କମିଟି ସଦସ୍ୟ ଏବଂ କିଛି ହୋର୍ଡିଂ ଏଜେନ୍ସି ସଂଘ ସଭାପତି, ସେକ୍ରେଟାରି ଓ ସଦସ୍ୟ ଉପସ୍ଥିତ ଥିଲେ। ପୂର୍ବରୁ ବାକିଥିବା ହୋର୍ଡିଂ ଟିକସ ଆଦାୟ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ୨୦୧୮-୧୯ ବର୍ଷରେ ଯେଉଁମାନେ ଟିକସ ଦେଇନାହାନ୍ତି ସେମାନେ ୧ ସପ୍ତାହ ମଧ୍ୟରେ ଟିକସ ଦେବାକୁ କୁହାଯାଇଛି। ସହରରେ ଲଗାଯାଇଥିବା ହୋର୍ଡିଂଗୁଡ଼ିକରେ ଏଜେନ୍ସିର ନାମ ଉଲ୍ଲେଖ କରାଯିବା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା । ହେଲେ ଏହି ବୈଠକକୁ ନେଇ ଲାଇସେନ୍ସ କମିଟି ସଦସ୍ୟ ତଥା ୨୬ନଂ. ୱାର୍ଡ କର୍ପୋରେଟର ଗଗନ ଓଝା ଆପତ୍ତି ଉଠାଇଛନ୍ତି। ସେ କହିଛନ୍ତି, ସିଏମ୍‌ସି ଅଧୀନରେ କାର୍ଯ୍ୟ କରୁଥିବା ହୋର୍ଡିଂ ଏଜେନ୍ସିଗୁଡ଼ିକୁ ନେଇ ଏକ ବୈଠକ କରାଯିବା ପାଇଁ ଗତ ଷ୍ଟାଣ୍ଡିଂ କମିଟି ବୈଠକରେ ପ୍ରସ୍ତାବ ଦେଇଥିଲି। ଯେଉଁଥିରେ କିଏ ଏବଂ କିପରି କାର୍ଯ୍ୟ କରୁଛି ସେନେଇ ଆମକୁ ସୂଚନା ମିଳିପାରିବ । କମିଟି ବୈଠକରେ ଏହି ପ୍ରସ୍ତାବକୁ ଗ୍ରହଣ କରାଯାଇଥିବା ରିଜୋଲୁଶନରେ ଉଲ୍ଲେଖ ରହିଛି। ଏ ସମ୍ପର୍କିତ ବୈଠକ ହେବା ପାଇଁ ଗତ ୯ ତାରିଖରେ ଚିଠି କରାଗଲା। ହେଲେ ଏଥିରେ ସବୁ ଏଜେନ୍ସି ବଦଳରେ କେବଳ ଏଜେନ୍ସି ସଂଘ ସଭାପତି ଓ ସେକ୍ରେଟାରିଙ୍କୁ ସାମିଲ କରାଯିବାକୁ କୁହାଯାଇଥିଲା। ଯାହା ଗ୍ରହଣଯୋଗ୍ୟ ନୁହେଁ ବୋଲି ସେ କହିଛନ୍ତି।

## ଗ୍ରୀନ୍ ଭ୍ୟାଲି ମଡେଲ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

**କଟକ ସଦର,୧୦।୨(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅନ୍ତର୍ଗତ ଫକୀରପଡ଼ାସ୍ଥିତ ଗ୍ରୀନ୍ ଭ୍ୟାଲି ମଡେଲ ପବ୍ଲିକ ସ୍କୁଲର ଅଷ୍ଟମ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ରଞ୍ଜନ କୁମାର ଲେଙ୍କାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏନ୍‌ଆଇଓଏସ୍‌ର ଆଞ୍ଚଳିକ ନିର୍ଦ୍ଦେଶକ ଜ୍ଞାନରଞ୍ଜନ ସାହୁ, ସମ୍ମାନିତ ଅତିଥି ଭାବେ ପ୍ରଫେସର ଚିନ୍ମୟ ପ୍ରଧାନ, ଶ୍ରୀକାନ୍ତ ପ୍ରଧାନ, ପ୍ରାଧ୍ୟାପକ ସେକ୍ କଲିମୁଲ୍ଲା ଓ ଚୈତନ୍ୟ ରାଉତ ଯୋଗ ଦେଇଥିଲେ। ସ୍କୁଲ ଅଧକ୍ଷ ଜୟନ୍ତ କୁମାର ଦାସ ବିବରଣୀ ପାଠ ଓ ପଣ୍ଡିତ ଶ୍ରୀରାମ ଚନ୍ଦ୍ର ପ୍ରଧାନୀ ଦେବବର୍ମା ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଭାଷଣ ଦେଇଥିଲେ। ଉପାଧକ୍ଷା ସଂଘମିତ୍ରା ବିଶ୍ୱାଳ, ସ୍କୁଲ ସମ୍ପାଦକ ମାନସ ପ୍ରଧାନ, ସୁନୀତା ଆଚାର୍ଯ୍ୟ, ପୁଷ୍ପଶ୍ରୀ ବେହେରା, ପ୍ରଣତି ସାହୁ ଓ ମୃତ୍ୟୁଞ୍ଜୟ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ କୁନି ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ୧୨ରୁ ବାରବାଟୀ ଫେଷ୍ଟିଭାଲ



କଟକ ଶାରଳା ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଗୁରୁ ଆଶିଷ କୁମାର ଦାସ ବକ୍ତବ୍ୟ ଦେଉଛନ୍ତି।

**କଟକ ଅଫିସ, ୧୦।୨**

ବାରବାଟୀ ନୃତ୍ୟୋତ୍ସବ ନୂଆ ନାମରେ ନାମିତ ହୋଇଛି ବାରବାଟୀ ଫେଷ୍ଟିଭାଲ। ଓଡ଼ିଶୀ ନୃତ୍ୟମଣ୍ଡଳ ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଏହି ଫେଷ୍ଟିଭାଲ ଆସନ୍ତା ୧୨ରୁ ୧୮ ତାରିଖ ପର୍ଯ୍ୟନ୍ତ କଟକ ଉପର ବାଲିଯାତ୍ରା ପଡ଼ିଆରେ ଅନୁଷ୍ଠିତ ହେବ। ଏଥିରେ ପ୍ରଥମଥର ପାଇଁ ଫ୍ୟାଶନ ଶୋ'କୁ ସାମିଲ କରାଯାଇଛି ବୋଲି କଟକ ସାରଳା ଭବନରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ସଭାପତି ତଥା ସାମ୍ବାଦିକ ଅରୁଣ କୁମାର ପଣ୍ଡା କହିଛନ୍ତି।

ପଣ୍ଡାଙ୍କ ସୂଚନା ଅନୁଯାୟୀ, ୨୦୦୧ରୁ ଏହି କାର୍ଯ୍ୟକ୍ରମ ଉପର ବାଲିଯାତ୍ରା ପଡ଼ିଆରେ ଅନୁଷ୍ଠିତ ହୋଇଆସୁଛି। ଚଳିତବର୍ଷ ୧୫ ଓ ୧୬ ତାରିଖରେ ସାହିତ୍ୟ ଉତ୍ସବ ଆୟୋଜନ କରାଯିବ। ସେହିପରି ଆସାମ, ମଣିପୁର, ପଶ୍ଚିମବଙ୍ଗ, ତ୍ରିପୁରା ରାଜ୍ୟର ଚିତ୍ରଶିଳ୍ପୀମାନେ ଚିତ୍ରକଳା ପ୍ରଦର୍ଶନ କରିବେ। ଏଥିସହ ଓଡ଼ିଶୀ, କଥକ, ଭାରତନାଟ୍ୟମ୍ ଏବଂ ଲୋକନୃତ୍ୟ ପରିବେଷଣ କରାଯିବ। ପଦ୍ମଶ୍ରୀ ଉତ୍ସବ ଚରଣ ଦାସ ଚଇତି ଘୋଡ଼ା ନୃତ୍ୟ ଏବଂ କଣ୍ଠଶିଳ୍ପୀ ନାଜିଆ ଆଲାମ୍ ସଙ୍ଗୀତ ପରିବେଷଣ କରିବେ। ଏଥିସହ ପ୍ରତିଦିନ ଅପରାହ୍ନ ୩ଟାରୁ ୫ଟା ପର୍ଯ୍ୟନ୍ତ ନୃତ୍ୟ, ଗୀତ, ଚିତ୍ରାଙ୍କନ, ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହେବ। କୃତୀ ପ୍ରତିଯୋଗୀମାନଙ୍କୁ ସନ୍ଧ୍ୟା ଉତ୍ସବରେ ବାରବାଟୀ ପ୍ରତିଭା ସମ୍ମାନ ପ୍ରଦାନ କରାଯିବ। ଉତ୍ସବକୁ ସଫଳତାର ସହ ଆୟୋଜନ ନିମନ୍ତେ ସହଯୋଗ କରିବା ପାଇଁ ସିଏମ୍‌ସି, ଟିପିସିଓଏଲ୍, ଜନସ୍ୱାସ୍ଥ୍ୟ ବିଭାଗ, ଅଗ୍ନିସେବା ବିଭାଗ ଓ ପୋଲିସ ପ୍ରଶାସନକୁ ନିବେଦନ କରାଯାଇଛି ବୋଲି ସେ କହିଛନ୍ତି। ଏହି ସମ୍ମିଳନୀରେ ଉତ୍ସବ କମିଟି ପ୍ରତିଷ୍ଠାତା ସଭ୍ୟ ଡ. ପ୍ରଭାକର ସ୍ୱାଇଁ, ଅଭ୍ୟର୍ଥନା କମିଟି ସଭାପତି ପ୍ରିୟରଞ୍ଜନ ଦାସ, ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ, ଭାସ୍କର୍ଯ୍ୟ ଶିଳ୍ପୀ ରବି ରଥ, ପ୍ରଣବ ଅଖଣ୍ଡ, ଡ. ଅମିୟ ମହାପାତ୍ର, ବ୍ରଜକିଶୋର ନନ୍ଦ, ପ୍ରିୟବ୍ରତ ମିଶ୍ର, ସସ୍ମିତା ପଣ୍ଡା ଏବଂ ଗୁରୁ ଆଶିଷ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ୧୨ରେ ଭାଜପା ମହିଳା ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ

**କଟକ ଅଫିସ, ୧୦।୨:** ଭାଜପା ମହିଳା ମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଆସନ୍ତା ୧୨ ତାରିଖରେ କଟକସ୍ଥିତ ଏକ ହୋଟେଲରେ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟରେ ମହିଳାଙ୍କ ସାମ୍ପ୍ରତିକ ସ୍ଥିତି ଓ ସାମାଜିକ ପ୍ରସଙ୍ଗକୁ ନେଇ ଆଲୋଚନା କରାଯିବ। ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ମୃତି ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେବାକୁ ଥିବା ବୈଠକରେ ରାଜ୍ୟ ସଭାପତି ସମୀର ମହାନ୍ତି, ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ ସଭାନେତ୍ରୀ ଭନଥୀ ଶ୍ରୀନିବାସନ, ମହିଳା ମୋର୍ଚ୍ଚା ପ୍ରଭାରୀ ଅନୀତା ପଟ୍ଟନାୟକଙ୍କ ସମେତ ଦଳର ନେତୃବୃନ୍ଦ ଯୋଗଦେବେ। ଏ ସମ୍ପର୍କରେ ଦଳ ପକ୍ଷରୁ ଶୁକ୍ରବାର ଏକ ପ୍ରେସ୍ ବିବୃତ୍ତିରେ ସୂଚନା ଦିଆଯାଇଛି।

## ଅଷ୍ଟପ୍ରହର ନାମ ସଂକୀର୍ତ୍ତନ

**କଟକ ଅଫିସ, ୧୦।୨**

କଟକ ବକ୍ସିବଜାର ବଡେଇ ସାହିସ୍ଥିତ ବାସ୍ତୁରି ମଠ ପରିସରରେ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନ ଅଧିବାସ, ଦ୍ୱିତୀୟ ଦିନ ଅଷ୍ଟପ୍ରହର ନାମଜପ ଓ ତୃତୀୟ ଦିନ ନଗର ସଂକୀର୍ତ୍ତନ ହୋଇଥିଲା। ଉତ୍ସବରେ ବିଧାୟକ ମହମ୍ମଦ ମୋକିମ୍, ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, ସମ୍ପାଦକ ଭିକାରୀ ଦାସ, କର୍ପୋରେଟର ସତ୍ୟରାମ ସାହୁ, ଗଗନ ଓଝା, ଦୀପକ ଦାସ ପ୍ରମୁଖ ସାମିଲ ହୋଇଥିଲେ।

## ଆର୍ଥିକ ଅନ୍ତର୍ଭୁକ୍ତିକରଣ ଶିବିର

**କଟକ ଅଫିସ, ୧୦।୨**

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) କଟକ ମଣ୍ଡଳ କାର୍ଯ୍ୟାଳୟ ପକ୍ଷରୁ ବ୍ୟାଙ୍କର ସମସ୍ତ ଗ୍ରାମୀଣ ଓ ଅର୍ଦ୍ଧସହରାଞ୍ଚଳ ଶାଖାଗୁଡ଼ିକରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନା, ଅଟଳ ପେନ୍‌ସନ୍ ଯୋଜନା, ଜନଧନ ଆକାଉଣ୍ଟ, ଜେସିସି, ଡେବିଟ୍ କାର୍ଡ ଇସ୍ୟୁ ଆଦିରେ ଜନସାଧାରଣ ନାମାଙ୍କନ କରିଥିଲେ। କଟକ ମଣ୍ଡଳ କାର୍ଯ୍ୟାଳୟର ମଣ୍ଡଳ ମୁଖ୍ୟ ଜିତେନ୍ଦ୍ର ସ୍ୱାଇଁ ଏବଂ ବ୍ୟାଙ୍କର ଅନ୍ୟ ଅଧିକାରୀମାନେ ବିଭିନ୍ନ ଶିବିର ପରିଦର୍ଶନ କରିବା ସହ ଗ୍ରାହକଙ୍କ ସହ ଆଲୋଚନା କରିଥିଲେ। ପିଏନ୍‌ବି ପକ୍ଷରୁ ଆଗାମୀ ଦିନରେ ଆହୁରି ୩ଟି ଶିବିର ଆୟୋଜନ କରାଯିବ। ଉକ୍ତ ଶିବିରରେ ଜନସାଧାରଣ ସରକାରୀ ଯୋଜନାଗୁଡ଼ିକର ସୁବିଧା ପାଇବା ସହ ଅନ୍ୟାନ୍ୟ ବ୍ୟାଙ୍କିଂ ଉତ୍ପାଦ ପାଇଁ ନାମାଙ୍କନ କରିପାରିବେ।

# ସମୂହ ଔଷଧ ସେବନ କାର୍ଯ୍ୟକ୍ରମ ଶୁଭାରମ୍ଭ




କାର୍ଯ୍ୟକ୍ରମରେ ସିଏମ୍‌ସି ମେୟର ସୁବାସ ସିଂ, କମିଶନର ନିଖିଳ ପଓ୍ୱନ କଲ୍ୟାଣ ଓ ଅନ୍ୟମାନେ।

**କଟକ ଅଫିସ,୧୦।୨**

ଜାତୀୟ କୃମିନାଶ ଦିବସ ଅବସରରେ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଶୁକ୍ରବାର ମର୍କତନଗର ସେକ୍ଟର-୭ସ୍ଥିତ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କୃମିନାଶ ଓ ବାତଜ୍ୱର ନିରାକରଣ ପାଇଁ ସମୂହ ଔଷଧ ସେବନ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ସିଏମ୍‌ସି ମେୟର ସୁବାସ ସିଂଙ୍କ ଉପସ୍ଥିତ ଅତିଥିମାନେ ଔଷଧ ସେବନ କରି ଏହି କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ। ଏଥିରେ ସିଏମ୍‌ସି କମିଶନର ନିଖିଲ ପଓ୍ୱନ କଲ୍ୟାଣ, ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ରଙ୍କ ସମେତ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଓ ମେଡିକାଲ କର୍ମଚାରୀ ଉପସ୍ଥିତ ଥିଲେ ।

### ଜାତୀୟ କୃମିନାଶ ଦିବସ

କଟକ ସହରରେ ୧୦ ଦିନ ମଧ୍ୟରେ ୫ ଲକ୍ଷ ୩ ହଜାର ୫୫୨ ଜଣଙ୍କୁ ଔଷଧ ଦିଆଯିବ ବୋଲି ମେୟର କହିଥିଲେ। ଏହି ଅବସରରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ନଗର ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଏକ ସଚେତନତା ରଥ ବାହାର କରାଯାଇଥିଲା । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ କେନ୍ଦ୍ର ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ସଦସ୍ୟ ଡା. ସମ୍ପିତ ପ୍ରଧାନ, ପିସିଆଇ ପ୍ରକଳ୍ପ ମ୍ୟାନେଜର ସୋମନାଥ ଚାଟାର୍ଜୀ ଓ କର୍ପୋରେଟରମାନେ ଯୋଗଦେଇଥିଲେ।

# ଜଳାଶୟରୁ ବେଆଇନ ମୋରମ ଚାଲାଣ

**ଖୁଣ୍ଟୁଣୀ,୧୦।୨(ଡି.ଏନ୍.ଏ.)**

ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ କୃଷ୍ଣଶ୍ୟାମପୁର ଗ୍ରାମପାର୍ଶ୍ୱ ଦେଉଳିଆ ସଂରକ୍ଷିତ ଜଙ୍ଗଲରେ ଥିବା କୁମାରୀବନ୍ଧ ଜଳାଶୟରୁ ବେଆଇନ ଭାବେ ମୋରମ ଚାଲାଣ ହେଉଥିଲା। ଖବରପାଇ ବନ ବିଭାଗ ଟିମ୍ ଉକ୍ତ ସ୍ଥାନରେ ଚଢ଼ାଉ କରି ମୋରମ ଚାଲାଣକୁ ବନ୍ଦ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଗ୍ରୀଷ୍ମଋତୁରେ ହାତୀ ଓ ଅନ୍ୟ ଜୀବଜନ୍ତୁ ପାଣି ପିଇବା ପାଇଁ ୧୯୮୫ରେ ଏହି ଜଳାଶୟ ଖନନ କରାଯାଇଥିଲା। ହେଲେ କିଛିଦିନ ହେବ ଜଣେ ଠିକାଦାର ଉକ୍ତ ଜଳାଶୟରୁ ଜେସିବି ଓ ହାଇୱା ସହାୟତାରେ ବେଆଇନ ଭାବେ ମୋରମ ଚାଲାଣ କରୁଛନ୍ତି। ଏହାଦ୍ୱାରା ସେଠାରେ ବଡ଼ ଗର୍ତ୍ତ ହୋଇଛି। ଯାହା ହାତୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଛି। ହାତୀଙ୍କ ସୁରକ୍ଷା ପାଇଁ ସରକାର ବିଭିନ୍ନ ଯୋଜନା କରୁଥିବାବେଳେ ଏଠାରେ ସମ୍ପୃକ୍ତ ଠିକାଦାର ଏଭଳି ବେଆଇନ କାର୍ଯ୍ୟ କରିବାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଆଠଗଡ଼ ଡିଏଫ୍‌ଓ ଖବରପାଇ ମୋରମ ଚାଲାଣ ବନ୍ଦ କରିବା ପାଇଁ ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ନୀଳମାଧବ ସାହୁଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ବନ ବିଭାଗ ଟିମ୍ ସେଠାରେ ଚଢ଼ାଉ କରିଥିଲା। ଏ ନେଇ ବନାଞ୍ଚଳ ଅଧିକାରୀ ସାହୁ କହିଛନ୍ତି, ତହସିଲଦାରଙ୍କୁ ଏ ସମ୍ପର୍କରେ ଅବଗତ କରାଯାଇଛି। ସେ ଯାହା ପଦକ୍ଷେପ ନେବେ। ଅପରପକ୍ଷରେ ତହସିଲଦାର ପ୍ରିୟବ୍ରତ ଦାସ କହିଛନ୍ତି, ଉକ୍ତ ମୋରମ ଚାଲାଣ ବାବଦରେ ଏପର୍ଯ୍ୟନ୍ତ ସରକାରୀ ତହବିଲକୁ ଟଙ୍କାଟିଏ ଆସିନାହିଁ। ରାଜସ୍ୱ ନିରୀକ୍ଷକ ଓ ଅମିନଙ୍କ ପଠାଇ ମାପଚୁପ କରାଯିବା ପରେ ଜରିମାନା ଆଦାୟ କରାଯିବ ବୋଲି ସେ କହିଥିଲେ।

### ହାତୀ ଓ ବନ୍ୟଜନ୍ତୁଙ୍କ ପାଇଁ ବିପଦ



ଜଳାଶୟରୁ ହାଇୱା ଯୋଗେ ମୋରମ ଚାଲାଣ ହେଉଛି।

# ଡିଇଓ କାର୍ଯ୍ୟାଳୟ ଘେରିଲା ଏନ୍‌ପିଏସ୍ ଶିକ୍ଷକ ସଂଘ

**କଟକ ଅଫିସ,୧୦।୨**

ରାଜ୍ୟରେ ଚୁକ୍ତିଭିତ୍ତିକ ନିଯୁକ୍ତି ବ୍ୟବସ୍ଥା ଉଚ୍ଛେଦ ହେବାକୁ ୪ ମାସ ପୁରିଛି। ଏହାସତ୍ତ୍ୱେ ୨୦୧୬ରୁ ୨୦୨୨ ବ୍ୟାଚ୍‌ର ଶିକ୍ଷକମାନଙ୍କୁ ନିୟମିତ କରାଯାଇନାହିଁ। ଏହାକୁ ବିରୋଧ କରି ଶୁକ୍ରବାର କଟକ ଜିଲା ସରକାରୀ ହାଇସ୍କୁଲ ଏନ୍‌ପିଏସ୍ ଶିକ୍ଷକ ସଂଘ ପକ୍ଷରୁ ଜିଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏହା ପୂର୍ବରୁ ୧୦୦୦ରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀଶିକ୍ଷକ ତ୍ରିଶୂଳିଆ ବ୍ରିଜଠାରୁ ଶାନ୍ତିପୂର୍ଣ୍ଣ ପଦଯାତ୍ରାରେ ଜିଲାପାଳ ଏବଂ ଡିଇଓଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ଶିକ୍ଷାଧିକାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ୨୦୦୪ରୁ ୧୪ ବ୍ୟାଚ୍‌ର ଶିକ୍ଷକମାନଙ୍କ କ୍ଷେତ୍ରରେ ମଧ୍ୟ ଅନ୍ୟାୟ ହେଉଥିବା ସଂଘ ଅଭିଯୋଗ କରିଛି। ଏ ପ୍ରସଙ୍ଗରେ ମୁଖ୍ୟ ସଚିବଙ୍କ ସହ ଏକାଧିକ ଆଲୋଚନା ହୋଇଥିଲେ ମଧ୍ୟ ସୁଫଳ ମିଳିନାହିଁ।




କଟକ ଜିଲା ସରକାରୀ ହାଇସ୍କୁଲ ଏନ୍‌ପିଏସ୍ ଶିକ୍ଷକ ସଂଘ ପକ୍ଷରୁ ବାହାରିଥିବା ଶାନ୍ତିପୂର୍ଣ୍ଣ ପଦଯାତ୍ରା।

ତେଣୁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଏଭଳି ପ୍ରତିବାଦ କରାଯାଇଛି ବୋଲି ଆନ୍ଦୋଳନକାରୀ ଶିକ୍ଷକ କହିଛନ୍ତି। ତୁରନ୍ତ ସରକାରୀ ସ୍ତରରେ ଏଥିପ୍ରତି ଧ୍ୟାନ ଦିଆ ନ ଗଲେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ସଂଘ ସଭାପତି ଶୁଭ ସୁନ୍ଦର ପଣ୍ଡା, ସମ୍ପାଦକ ଚନ୍ଦ୍ରକାନ୍ତ ଜେନା, କାର୍ଯ୍ୟକାରୀ ସଭାପତି ସୌଭାଗ୍ୟ ରଞ୍ଜନ ପାତ୍ର, ଉପଦେଷ୍ଟା ଶୁଭ୍ରଜିତ୍ ପ୍ରତିହାରୀ, ସାଙ୍ଗଠନିକ ସମ୍ପାଦକ ବିଭୁଦତ୍ତ ବେହେରା, କୋଷାଧକ୍ଷ ଶାଶ୍ୱତ କୁମାର ସାହୁ ଓ ଯୁଗ୍ମ କୋଷାଧକ୍ଷ ଦେବରାଜ ସାହୁ ପ୍ରମୁଖ ସମସ୍ୟା ସମାଧାନ ପାଇଁ ଦାବି ଉପସ୍ଥାପନ କରିଥିଲେ। ଏଥିରେ ଓଡ଼ିଶା କର୍ମଚାରୀ ମହାମଞ୍ଚର ଆବାହକ ପ୍ରଭାତ ମହାନ୍ତି, ରାଜ୍ୟ ସଂଘର ସଭାପତି ପୂର୍ଣ୍ଣଚନ୍ଦ୍ର ଆଇଚ, ସିବିଟି ରାଜ୍ୟ ସଂଘର ସଭାପତି ରାଜେନ୍ଦ୍ର ମଲ୍ଲିକ ଯୋଗଦେଇ ସରକାରଙ୍କର ଏହି ଶିକ୍ଷକମାରଣ ନୀତିକୁ ନିନ୍ଦା କରିଥିଲେ।

## ଆଜି କ'ଣ କେଉଁଠି

**ସାକ୍ଷୀଗୋପାଳ**

- ୭ମ ସତ୍ୟବାଦୀ ମହୋତ୍ସବ-୨୦୨୩। ପଞ୍ଚସଖା ଖେଳପଡ଼ିଆ, ମୁକ୍ତାକାଶ ରଙ୍ଗମଞ୍ଚ, ଅପରାହ୍ନ ୩ଟା।

## ସଂକ୍ଷେପରେ

### ବରଯାତ୍ରୀ ଦଳରେ ଜବରଦସ୍ତ ପଶି ଗଣ୍ଡଗୋଳ

**ଡେଲାଙ୍ଗ,୧୦।୨(ଡି.ଏନ୍.ଏ.):** ଡେଲାଙ୍ଗ ବଜାର ସନ୍ନିକଟ କନ୍ୟା ଘରକୁ ବରପକ୍ଷ ବରଯାତ୍ରୀ ସହ ଆସିବା ବେଳେ ଜଣେ ଯୁବକ ଜବରଦସ୍ତ ପଶି ଗଣ୍ଡଗୋଳ କରିବା ନେଇ କନ୍ୟାଙ୍କ ଭାଇ ସ୍ୱାଗତ ବରାଳ ଡେଲାଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଶୁକ୍ରବାର ଅପରାହ୍ନ ପ୍ରାୟ ୩ଟାରେ ଡେଲାଙ୍ଗ ବଜାର ସନ୍ନିକଟ ସ୍ୱାଗତଙ୍କ ଭଉଣୀ ବାହାଘର ପାଇଁ ବରଯାତ୍ରୀ ଆସୁଥିଲେ। ଏହି ସମୟରେ ହୁମର ଗ୍ରାମର ଜଣେ ଯୁବକ ଜବରଦସ୍ତ ବରଯାତ୍ରୀଙ୍କ ଗହଣରେ ପଶି ଡିଜେ ବଜାକୁ ନେଇ ଗଣ୍ଡଗୋଳ ଆରମ୍ଭ କରିଥିଲେ। ଖବରପାଇ କନ୍ୟାର ଭାଇ ତାଙ୍କୁ ବାରଣ କରିବାରୁ ଯୁବକଙ୍କ ପାଖରେ ଥିବା ଛୁରିକୁ ବାହାର କରି ଆକ୍ରମଣ କରିବାକୁ ଉଦ୍ୟମ କରିଥିଲା। ପାଖରେ ଥିବା ଲୋକେ ଆକ୍ରମଣକାରୀଙ୍କୁ ଆୟତ୍ତ କରିନେଇଥିଲେ। ସେଠାରୁ ଫେରିବା ପରେ କନ୍ୟା ଭାଇଙ୍କୁ ଫୋନ କରି ଗାଳିମନ୍ଦ କରିବା ସହ ହତ୍ୟା ଧମକ ଦେଇଥିବା ଅଭିଯୋଗରେ କନ୍ୟା ଭାଇ ଦର୍ଶାଇଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ କରୁଥିବା ଥାନାଧିକାରୀ ଅନିଲ କୁମାର ମହାନ୍ତି ସୂଚନା ଦେଇଛନ୍ତି।

### ରାସ୍ତାରୁ ବାଇକ୍ ହଟାଇବାକୁ କହିବାରୁ ଆକ୍ରମଣ, ୪ ଗିରଫ

**ଭୁବନେଶ୍ୱର,୧୦।୨(ବ୍ୟୁରୋ):** ରାସ୍ତାରେ ବାଇକ୍ ହଟାଇବାକୁ କହିବାରୁ ଆକ୍ରମଣ କରିବା ଅଭିଯୋଗରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ଏୟାରଫିଲ୍ଡ ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ସ୍ଥାନୀୟ ଥାନା ସୁନ୍ଦରପଦା ଅଞ୍ଚଳର ସେକ୍ ସଫିକ(୨୩), ସେକ୍ ସହିଦ (୨୭), ସେକ୍ ଜାହାଙ୍ଗିର୍(୧୯) ଓ ଏୟାରପୋର୍ଟ ଥାନା ଅନ୍ତର୍ଗତ ପୋଖରୀପୁଟ ଅଞ୍ଚଳର ଚିରଞ୍ଜୀବ ଦାସ(୨୨। ଅଭିଯୁକ୍ତଙ୍କଠାରୁ ୨ ବାଇକ୍ ଓ ୬ ମୋବାଇଲ ଜବତ କରାଯାଇଛି। ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯିବା ପରେ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ. ୩୨/୨୦୨୩) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଗୁରୁବାର ପୂର୍ବାହ୍ନରେ ଭରତପୁର ଥାନା ଅନ୍ତର୍ଗତ କଳିଙ୍ଗନଗର ଅଞ୍ଚଳର ଅଭିଯୋଗକାରୀ ସେନାପତି ବିକ୍ରମଚୌଧୁରୀ ନିଜ ଡ୍ରାଇଭର ସହ କାର୍ ଯୋଗେ ଶଙ୍କରବଜାର ଛକ ରାସ୍ତା ଦେଇ ଯାଉଥିଲେ। ଉକ୍ତ ରାସ୍ତାରେ ୪ ଯୁବକ ୨ଟି ବାଇକ ରଖିଥିଲେ। ଏନେଇ ବିକ୍ରମଚୌଦୁରୀ ସେମାନଙ୍କୁ ବାଇକ୍ ହଟାଇବାକୁ କହିବାରୁ ଯୁବକମାନେ ରାଗି ଯାଇଥିଲେ। ପରେ ସେମାନେ ବିକ୍ରମଚୌଦୁରୀ ଏବଂ ତାଙ୍କ ଡ୍ରାଇଭରଙ୍କୁ ଗାଳିଗୁଲଜ କରିବା ସହ ସଂଘବଦ୍ଧ ଆକ୍ରମଣ କରିଥିଲେ। ଏ ନେଇ ବ୍ରିକମ ଚୌଧୁରୀ ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକ୍ରମେ ପୋଲିସ ତଦନ୍ତ କରି ୪ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।

# ନୂତନ ୟୁଜର ଫି' ନେଇ ବ୍ୟବସାୟୀଙ୍କ ଅସନ୍ତୋଷ

**ପୁରୀ ଅଫିସ, ୧୦।୨**




ପୁରୀ ପୌରାଞ୍ଚଳରେ ଛୋଟ ବଡ଼ ବ୍ୟବସାୟିକ ଅନୁଷ୍ଠାନଗୁଡ଼ିକରୁ ବାହାରୁଥିବା ଅଳିଆ ଆବର୍ଜନା ସଫେଇ ପାଇଁ ନୂତନ ୟୁଜର ଫି' ଲାଗୁ ହୋଇଛି। ଏହି ୟୁଜର ଫି' ୬ଶହ ଟଙ୍କାରୁ ଆରମ୍ଭ କରି ୫ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ବିଭିନ୍ନ ବ୍ୟବସାୟିକ ଅନୁଷ୍ଠାନରୁ ବାହାରୁଥିବା ଅଳିଆ ଆବର୍ଜନା ପରିମାଣକୁ ନେଇ ପୌରପରିଷଦ ପକ୍ଷରୁ ଭିନ୍ନ ଭିନ୍ନ ୟୁଜର ଫି ଲାଗୁ କରାଯାଇଛି। ତେବେ ଛୋଟ ବ୍ୟବସାୟ ଅନୁଷ୍ଠାନଠାରୁ ୬ଶହ ଟଙ୍କାରୁ ଆରମ୍ଭ କରି ଓଜନ ଅନୁଯାୟୀ ବର୍ଦ୍ଧିତ ଫି' ଆଦାୟ ନିଷ୍ପତ୍ତିକୁ ବ୍ୟବସାୟୀମାନେ ବିରୋଧ କରିବା ସହ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅପରପକ୍ଷେ ସଫେଇ ପାଇଁ ଅନେକ କର୍ମଚାରୀ ନିୟୋଜିତ ଥିବାବେଳେ ସେମାନଙ୍କ ଦରମା ଓ ବିଭିନ୍ନ ଖର୍ଚ୍ଚକୁ ନେଇ ୟୁଜର ଫି ନିଷ୍ପତ୍ତି ହୋଇଛି ବୋଲି ପୌରସଂସ୍ଥା ପକ୍ଷରୁ କୁହାଯାଇଛି।

ପୁରୀ ପୌରାଞ୍ଚଳ ଅଧୀନରେ ଥିବା ସମସ୍ତ ବ୍ୟବସାୟ ପ୍ରତିଷ୍ଠାନଠାରୁ ଅଳିଆ ଆବର୍ଜନା ସଫେଇ ପାଇଁ ୟୁଜର ଫି ଆଦାୟ ହେବ। ଛୋଟ ବ୍ୟବସାୟୀଙ୍କଠାରୁ ଆରମ୍ଭ କରି ବଡ଼ ବଡ଼ ବ୍ୟବସାୟ ଅନୁଷ୍ଠାନ ପର୍ଯ୍ୟନ୍ତ ଭିନ୍ନ ଭିନ୍ନ ୟୁଜର ଫି ଦେବାର ସ୍ଲାବ୍ ରହିଛି। ରାସ୍ତାକଡ଼ରେ ବସୁଥିବା ଉଠାଦୋକାନୀଙ୍କ ପାଇଁ ମାସିକ ୬ଶହ ଟଙ୍କା ୟୁଜର ଫି ଧାର୍ଯ୍ୟ କରାଯାଇଛି। ଦୈନିକ ୫ କେଜି ଆବର୍ଜନା ବାହାରୁଥିବା ଛୋଟ ଦୋକାନଠାରୁ ୬ଶହ ଟଙ୍କା, ୧୫ କେଜି ଆବର୍ଜନା ବାହାରୁଥିବା ବ୍ୟବସାୟିକ ପ୍ରତିଷ୍ଠାନଠାରୁ ୧ହଜାର ଟଙ୍କା ଏବଂ ଏହାଠାରୁ ଅଧିକ ଆବର୍ଜନା ବାହାରୁଥିବା ବଡ଼ ବ୍ୟବସାୟ ପ୍ରତିଷ୍ଠାନ ପାଇଁ ୫ ହଜାର ଟଙ୍କା ପର୍ଯ୍ୟନ୍ତ ୟୁଜର ଫି ରହିଛି। ତେବେ ସଫେଇ ପାଇଁ ପୁରୀ ପୌରପାଳିକା ପକ୍ଷରୁ ଛୋଟ ଦୋକାନ ପାଇଁ ଧାର୍ଯ୍ୟ ହୋଇଥିବା ମାସିକ ୬ଶହ ଟଙ୍କା ୟୁଜର ଫି କୁ ନେଇ କ୍ଷୁଦ୍ର ବ୍ୟବସାୟୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପୂର୍ବରୁ ରାସ୍ତା କଡ଼ରେ ବ୍ୟବସାୟ କରିବା ପାଇଁ ପୌରପାଳିକା ମାହାସୁଲ ଆଦାୟ କରୁଥିବାବେଳେ ଏବେ ୟୁଜର ଫି ନାଁରେ ପୁଣି ମାସକୁ ୬ଶହ ଟଙ୍କା ଆଦାୟ କରିବା ଛୋଟ ବ୍ୟବସାୟୀଙ୍କ ପେଟକୁ ଲାତ ମାରିବା ସଦୃଶ ବୋଲି ଉଠାଦୋକାନୀମାନେ କହିଛନ୍ତି। କ୍ଷୁଦ୍ର ବ୍ୟବସାୟୀ ଅନିଲ ସାହୁ କହିଛନ୍ତି, ତାଙ୍କ ଦୋକାନରୁ ମାସକୁ ଧାର୍ଯ୍ୟ ପରିମାଣଠାରୁ କମ୍ ଓଜନର ଅଳିଆ ବାହାରୁଛି। ମାତ୍ର ପୌର ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ ମାସକୁ ୬୦୦ ଟଙ୍କା ଦେବାକୁ ପଡୁଛି। ପ୍ରଶାସନ ଏହି ନିଷ୍ପତ୍ତି ଉପରେ ପୁନଃ ବିଚାର କରି ଧାର୍ଯ୍ୟ ମୂଲ୍ୟକୁ ହ୍ରାସ କଲେ ଭଲ ହେବ ବୋଲି ସାହୁ ପ୍ରକାଶ କରିଛନ୍ତି।

ପୌରପାଳିକା ବିଭିନ୍ନ ବ୍ୟବସାୟିକ ଅନୁଷ୍ଠାନ ସହ ଆଲୋଚନା କରି ସେମାନଙ୍କ ଅଭିଯୋଗର ସମାଧାନ ସହିତ ସଫେଇ କାର୍ଯ୍ୟକ୍ରମକୁ ଆଗେଇ ନେବାର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। ତେବେ ଏ ନେଇ ପୌର ସଂସ୍ଥାର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ କୁମାର ବେହେରା କହିଛନ୍ତି, ପୁରୀ ବଡ଼ଦାଣ୍ଡ, ସମୁଦ୍ରକୂଳ ସହିତ ପୌରାଞ୍ଚଳରେ ହଜାର ହଜାର ଉଠାଦୋକାନୀ ଦୈନିକ ବ୍ୟବସାୟ କରୁଛନ୍ତି। ସେହିପରି ପୁରୀ ପୌରାଞ୍ଚଳର ସମସ୍ତ ୱାର୍ଡରେ ସଫେଇ ପାଇଁ ବିପୁଳ ଟଙ୍କା ଖର୍ଚ୍ଚ କରୁଛି ପୌରପାଳିକା। ଆବର୍ଜନା ସଂଗ୍ରହ ପାଇଁ ପୌରାଞ୍ଚଳରେ ମୋଟ ୬୦ଟି ଚାରିଚକିଆ ଗାଡ଼ି ବୁଲୁଥିବାବେଳେ ଏଥିରେ ଡ୍ରାଇଭର, ସଫେଇ କର୍ମଚାରୀମାନେ ନିୟୋଜିତ ଅଛନ୍ତି। ତେଣୁ ପୌରପାଳିକା ସଫେଇ କାର୍ଯ୍ୟକ୍ରମକୁ ସୁପରିଚାଳନା କରିବା ଲାଗି ୟୁଜର ଫି ଆଦାୟ କରାଯାଉଛି। ଅନ୍ତର୍ଜାତୀୟ ପର୍ଯ୍ୟଟନସ୍ଥଳୀ ପୁରୀକୁ ସରସ ସୁନ୍ଦର ସହ ସ୍ୱଚ୍ଛ ସହର ଭାବେ ପରିଗଣିତ କରିବା ପାଇଁ ସଫେଇ କାର୍ଯ୍ୟକ୍ରମକୁ ବ୍ୟାପକ କରାଯିବାର ଆବଶ୍ୟକତା ରହିଛି।

# ଜଳବାୟୁ ସହନଶୀଳ ଜୀବିକା ଅଭିବୃଦ୍ଧି ସଂକ୍ରାନ୍ତ କର୍ମଶାଳା




କର୍ମଶାଳାରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**କୃଷ୍ଣପ୍ରସାଦ,୧୦।୨(ଡି.ଏନ୍.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ସିଆଳ ପଞ୍ଚାୟତ ପରିସରରେ ଜଳବାୟୁ ପରିବର୍ତ୍ତନ ଦିଗରେ ଉପକୂଳବର୍ତ୍ତୀ ଲୋକମାନଙ୍କର ଜଳବାୟୁ ସହନଶୀଳ ଜୀବିକା ଅଭିବୃଦ୍ଧି ସମ୍ପର୍କିତ କର୍ମଶାଳା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ଏବଂ ହମାରା ବଚ୍‌ପନ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଆୟୋଜିତ କର୍ମଶାଳାକୁ ସିଆଳ ସରପଞ୍ଚ ରବି ନାରାୟଣ ମାଝୀ ଉଦ୍‌ଘାଟନ କରିଥିଲେ। ଏକ୍ରିକ୍ ପ୍ରକଳ୍ପର ଦଳପତି ଅଶୋକ କୁମାର ନାୟକ ପ୍ରକଳ୍ପ ବିଷୟରେ ପାୱାର ପଏଣ୍ଟ ମାଧ୍ୟମରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଆଳ ପଞ୍ଚାୟତ ସମିତିସଭ୍ୟ ଭୀମସେନ ସେଠୀ, ଅନନ୍ତ ନାରାୟଣ ଓଝା ମତ୍ସ୍ୟ ବୈଷୟିକ ସହାୟକ, ଅଜୟ କୁମାର ବିଶ୍ୱାଳ ପ୍ରାଣୀଧନ ନିରୀକ୍ଷକ, ସିଆଳ ପଞ୍ଚାୟତ ମହିଳା ମହାସଂଘ ସଭାନେତ୍ରୀ ନେତ୍ରମଣି ପ୍ରଧାନ, ସିଆଳ ପଞ୍ଚାୟତ ଏମ୍‌ବିକେ ବନଜା ପଣ୍ଡା, ଶିବାନନ୍ଦ ଦାସ, କେଦାର ମହାରଣା ପ୍ରମୁଖ ଯୋଗଦେଇ ଜଳବାୟୁ ଉପଯୋଗୀ ଓ ସହନଶୀଳ ଜୀବିକା କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ଏଥିରେ ପଞ୍ଚାୟତସ୍ତରୀୟ ମହାସଂଘର ସଭାନେତ୍ରୀ ଓ ସମ୍ପାଦିକା ଅଂଶଗ୍ରହଣ କରିଥିଲେ। ଏକ୍ରିକ ପ୍ରକଳ୍ପର ଆଞ୍ଚଳିକ ସଂଯୋଜକ ପ୍ରତାପ ସେଠୀ, ସୁନୀଲ ଗୌଡ଼ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସତ୍ୟବାଦୀ ମହୋତ୍ସବ ଉଦ୍‌ଘାଟିତ



ବକୁଳବନ ପଞ୍ଚସଖା ମୁକ୍ତାକାଶ ରଙ୍ଗମଞ୍ଚରେ ଅନୁଷ୍ଠିତ ସତ୍ୟବାଦୀ ମହୋତ୍ସବ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

**ସାକ୍ଷୀଗୋପାଳ,୧୦।୨ (ଡି.ଏନ୍.ଏ./ ସ୍ୱ.ପ୍ର.)**

ସତ୍ୟବାଦୀର ଲୋକକଳା, ସଂସ୍କୃତି ଓ ପରମ୍ପରା ସହ ଜଡ଼ିତ ୩ଦିନିଆ ୭ମ ବାର୍ଷିକ ସତ୍ୟବାଦୀ ମହୋତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଦୁଇ ବର୍ଷ କୋଭିଡ୍ କଟକଣା ପରେ ପୁଣି ବକୁଳବନ ପଞ୍ଚସଖା ମୁକ୍ତାକାଶ ରଙ୍ଗମଞ୍ଚ ଚଳଚଞ୍ଚଳ ହୋଇଛି। ପଞ୍ଚସଖା ପଡ଼ିଆଠାରୁ ଆରମ୍ଭକରି ସାକ୍ଷୀଗୋପାଳ ମନ୍ଦିର ଓ ବଜାର ଅଞ୍ଚଳ ରଙ୍ଗବେରଙ୍ଗ ଆଲୋକସଜ୍ଜା ହୋଇଛି। ସତ୍ୟବାଦୀ ଯୁଗର ମହାପୁରୁଷ ପଣ୍ଡିତ ଗୋପବନ୍ଧୁ, ପଣ୍ଡିତ ନୀଳକଣ୍ଠ, ପଣ୍ଡିତ ଗୋଦାବରୀଶ, ପଣ୍ଡିତ କୃପାସିନ୍ଧୁ ଓ ଆଚାର୍ଯ୍ୟ ହରିହରଙ୍କ ଜନ୍ମପୀଠରୁ ଅଣାଯାଇଥିବା ଜ୍ୟୋତିଯାତ୍ରା ସମାରୋହର ମୁଖ୍ୟ ଆକର୍ଷଣ ସାଜିଥିଲା। ଅପରାହ୍ନ ୩ଟାରେ ସାକ୍ଷୀଗୋପାଳ ବସଷ୍ଟାଣ୍ଡଠାରୁ ଜ୍ୟୋତିଯାତ୍ରାରେ ସତ୍ୟବାଦୀର ହଜାର ହଜାର ଜନସାଧାରଣ, ଛାତ୍ରୀଛାତ୍ର, ବିଭିନ୍ନ ସଂଗଠନ କର୍ମକର୍ତ୍ତା ଏକ ବିଶାଳ ଶୋଭାଯାତ୍ରା ପାରମ୍ପରିକ ବାଦ୍ୟ, ରୋଶଣି, ଘୋଡ଼ାନାଚ, ବାଣ, ନାଗା ନାଚ, ଗୋଟିପୁଅ, ପାଇକ ଆଖଡାର ତାଳେ ତାଳେ ବଜାର ପରିକ୍ରମା କରିଥିଲେ। ସାକ୍ଷୀଗୋପାଳଙ୍କ ଆଜ୍ଞାମାଳ ସହ ପଞ୍ଚସଖା ଖେଳ ପଡ଼ିଆ ମହୋତ୍ସବ ମଞ୍ଚରେ ଜ୍ୟୋତି ସ୍ଥାପନ କରାଯାଇଥିଲା।

### ଆକର୍ଷଣ ସାଜିଲା ପଞ୍ଚସଖାଙ୍କ ଜ୍ୟୋତିଯାତ୍ରା

ସନ୍ଧ୍ୟାରେ ଆୟୋଜିତ ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୁରୀ ବିଧାୟକ ତଥା ମହୋତ୍ସବ କମିଟି ଅଧ୍ୟକ୍ଷ ଜୟନ୍ତ କୁମାର ଷଡଙ୍ଗୀ, ସତ୍ୟବାଦୀ ଭାଜପା ନେତା ଓମ ପ୍ରକାଶ ମିଶ୍ର, ରାଷ୍ଟ୍ରୀୟ ନାରିକେଳ ବିକାଶ ପରିଷଦର ଉପାଧ୍ୟକ୍ଷ ବିଶ୍ୱନାଥ ରଥ, ଜିଲା ପରିଷଦ ସଭ୍ୟ ବିଷ୍ଣୁପ୍ରିୟା ବରାଳ, ମହୋତ୍ସବ ମୁଖପତ୍ର 'ତମାଳ'ର ସମ୍ପାଦକ ଡ. ଅଭିମନ୍ୟୁ ବରାଳ, ସଦସ୍ୟ ବିଶ୍ୱଜିତ ଶତପଥୀ, କମିଟି ସଭାପତି ଜାନକୀ ବଲ୍ଲଭ ମିଶ୍ର, ସମ୍ପାଦକ ଜାନକୀ ବଲ୍ଲଭ ବରାଳ, ସଂଯୋଜକ ଦୀପକ ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସାକ୍ଷୀଗୋପାଳ, ପକ୍ଷୀମୁଣ୍ଡ ନୋଡାଲ ସ୍କୁଲ, ଦଶଭୁଜା ଓଡ଼ିଶୀ ଗୋଟିପୁଅ ନୃତ୍ୟ ପରିଷଦ ରଘୁରାଜପୁର, ଆସାମ ବିହୁ, ଅଭିନୟନା ଡ୍ୟାନ୍ସ ଏକାଡେମୀ, ପୁରୁଲିୟା ଛଉ, ଡିଭାଇନି କଲେଜ ଅଫ ହେଲଥ ସାଇନ୍ସ, ସିଲିପିକା ଡ୍ୟାନ୍ସ ଏକାଡେମୀ ଭୁବନେଶ୍ୱର ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଶେଷରେ ଓଲିଉଡ ନାଇଟ୍‌ରେ ପ୍ରତିଷ୍ଠିତ କଳାକାରଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ ମାଧ୍ୟମରେ ମହୋତ୍ସବ ପଡ଼ିଆରେ ବିଳମ୍ବିତ ରାତି ଯାଏଁ ହଜାର ହଜାର ଦର୍ଶକ ବାନ୍ଧି ହୋଇ ଉପଭୋଗ କରିଥିଲେ। ଆଡଭୋକେଟ ଅଞ୍ଜନ ହୋତା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସତ୍ୟବାଦୀ ଥାନା ପକ୍ଷରୁ ଶୃଙ୍ଖଳା ରକ୍ଷା ପାଇଁ ଆଇଆଇସି ବିଜୟ କେତନ ବେହେରାଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବେଆଇନ ମଦ ବିକ୍ରି: ୫ ଗିରଫ

**ପୁରୀ ଅଫିସ, ୧୦।୨**

ବେଆଇନ ଭାବେ ଦେଶୀ ମଦ ବିକ୍ରି କରିବା ଅଭିଯୋଗରେ ଜିଲା ଅବକାରୀ ବିଭାଗ କୁମ୍ଭାରପଡ଼ା ଓ ସମୁଦ୍ରକୂଳ ଅଞ୍ଚଳରେ ଚଢାଉ କରି ୫ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ନରେନ୍ଦ୍ରକୋଣର ସରୋଜନୀ ଦାଶ, ବିଶେଶ୍ୱରୀ ଲେନ୍‌ର ରଞ୍ଜୁଲତା ଦାସ, ଚନ୍ଦ୍ରମଣି ବେଓ୍ୱା, ସମୁଦ୍ରକୂଳ ଥାନା ଅନ୍ତର୍ଗତ ବାଲି ନୋଳିଆ ସାହିର ଏସ୍. ଇରାମା ଏବଂ ବି. ଗୋରେୟା। ଅବକାରୀ ବିଭାଗ କର୍ମଚାରୀମାନେ ଅଭିଯୁକ୍ତମାନଙ୍କଠାରୁ ୧୨୪ ଲିଟର ଦେଶୀ ମଦ ସହ ୨୯୦୦ ଲିଟର ପୋଚ ଜବତ କରିଛନ୍ତି। ଅବକାରୀ ପୋଲିସ ଯଥାକ୍ରମେ କେସ୍ ନଂ. ୨୪୪/୨୪୫/୨୪୬/୨୪୭ ଏବଂ ୨୪୮/୨୨-୨୩ରେ ପୃଥକ ଭାବେ ୫ଟି ମାମଲା ରୁଜୁ କରିଛି।

# ଲଜ୍ଜା ସହି ନ ପାରି ଯୁବତୀଙ୍କ ଆତ୍ମହତ୍ୟା

**ବ୍ରହ୍ମଗିରି,୧୦।୨(ଡି.ଏନ୍.ଏ.)**

ବିବାହ ପାଇଁ ସ୍ଥିର ହୋଇଥିବା ଜଣେ ଯୁବତୀ ଅପହରଣ ହେବା ପରେ ବାହାଘର ଭାଙ୍ଗିଯିବାରୁ ଲଜ୍ଜା ସହି ନ ପାରି ଶୁକ୍ରବାର ଆତ୍ମହତ୍ୟା କରିଛନ୍ତି। ଏଭଳି ଦୁଃଖଦ ଘଟଣା ପୁରୀ ଜିଲା ବ୍ରହ୍ମଗିରି ଥାନା ଅଞ୍ଚଳରେ ଘଟିଛି। ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ଥାନା ଅନ୍ତର୍ଗତ ଏକ ଗ୍ରାମର ଜଣେ ଯୁବତୀଙ୍କ ବିବାହ ପାଇଁ ସ୍ଥିର ହୋଇଥିଲା। କିନ୍ତୁ ଗତ ଦୁଇ ଦିନ ତଳେ ସ୍ଥାନୀୟ ଗ୍ରାମର ଜଣେ ଯୁବକ ଉକ୍ତ ଯୁବତୀଙ୍କୁ ଅପହରଣ କରି ନେଇଥିଲେ। ପରିବାର ଲୋକେ ଏହା ଜାଣିବା ପରେ ବହୁ ଖୋଜାଖୋଜି କରି ଯୁବତୀଙ୍କୁ ଉଦ୍ଧାର କରିଥିଲେ। କିନ୍ତୁ ଏହି ଘଟଣା ଯୁବତୀଙ୍କ ଭାବୀ ଶ୍ୱଶୁର ଘର ଲୋକେ ଜାଣିପାରିବା ପରେ ବିବାହ ଭାଙ୍ଗିଯାଇଥିଲା। ଫଳରେ ଯୁବତୀ ଜଣଙ୍କ ଏହି ଲଜ୍ଜାକୁ ସହ୍ୟ କରି ନ ପାରି ଘରେ କେହି ନ ଥିବା ସମୟରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ପରିବାର ଲୋକେ ତାଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରି ରେବଣାନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ବ୍ରହ୍ମଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି।

# ଅଶ୍ଳୀଳ ଫଟୋ ଭାଇରାଲ ଘଟଣା, ଯୁବକ ଗିରଫ

**ବାଣପୁର,୧୦।୨ (ଡି.ଏନ୍.ଏ.)**

ବାଣପୁର ଥାନା ଅଞ୍ଚଳର ଜଣେ ମହିଳାଙ୍କ ଅଶ୍ଳୀଳ ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଏହି ଥାନା ଅଞ୍ଚଳର ପ୍ରକାଶ ନାୟକ। ସୂଚନା ମୁତାବକ, ଅଭିଯୁକ୍ତ ଜଣଙ୍କ ଜଣେ ମହିଳାଙ୍କ ସହ ଜୋରଜବରଦସ୍ତ ଶାରୀରିକ ସମ୍ପର୍କ ରଖିଥିଲେ। ଏଥିସହିତ ତାଙ୍କର ଆପତ୍ତିଜନକ ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରି ତାଙ୍କୁ ବଦନାମ୍ କରୁଥିବା ନେଇ ମହିଳା ଜଣଙ୍କ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା।



ସତ୍ୟବାଦୀ ମହୋତ୍ସବ ପାଇଁ ଶୁକ୍ରବାର ପଞ୍ଚସଖା ଜ୍ୟୋତିଯାତ୍ରାରେ ପାଇକମାନେ କଳା ପ୍ରଦର୍ଶନ କରୁଛନ୍ତି।

# ଜିଲା ଯୋଗାଣ ବିଭାଗର ଚଢ଼ାଉ: ୩୦ ସିଲିଣ୍ଡର ଜବତ

**ନିମାପଡ଼ା,୧୦।୨(ଡି.ଏନ୍.ଏ.)**



ବିଭିନ୍ନ ଦୋକାନରୁ ଯୋଗାଣ ଅଧିକାରୀମାନେ ଜବତ କରିଥିବା ଗ୍ୟାସ୍ ସିଲିଣ୍ଡର।

ପୁରୀ ଜିଲା ଯୋଗାଣ ବିଭାଗ ପକ୍ଷରୁ ଶୁକ୍ରବାର ଚଢ଼ାଉରେ ୩୦ଟି ସିଲିଣ୍ଡର ଜବତ ହୋଇଛି। ସୂଚନା ଯେ, ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତ ପାଇଁ ଉଦ୍ଦିଷ୍ଟ ଗ୍ୟାସ୍ ବିତରକ ଗ୍ରାମାଞ୍ଚଳଗୁଡ଼ିକରେ ଗ୍ୟାସ୍ ବିତରଣ କରିବା ବଦଳରେ ବେଆଇନ, ମନମୁଖି ଭାବେ ନିମାପଡ଼ା ଏନ୍ଏସି ଅଞ୍ଚଳର ସହରାଞ୍ଚଳରେ ଖୁଲମ୍‌ଖୁଲା ଭାବେ ଗାଡ଼ିରେ ଗ୍ୟାସ୍ ଆଣି ବିତରଣ କରୁଛି। ଫଳରେ ଏନ୍ଏସି ସହରାଞ୍ଚଳରେ ଥିବା ଗ୍ୟାସ ବିତରକମାନେ ବହୁ କ୍ଷତିର ସମ୍ମୁଖୀନ ହେଉଥିବା ଦେଖାଯାଉଛି। ଗ୍ରାମାଞ୍ଚଳ ଛଡ଼ା ବେଆଇନ ଭାବେ ସହରାଞ୍ଚଳରେ ଗ୍ୟାସ୍ ବିତରଣ କରୁଥିବା ବିତରକମାନଙ୍କ ବିରୋଧରେ ଯୋଗାଣ ବିଭାଗ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

ଅନ୍ୟପକ୍ଷରେ ଗ୍ରାମାଞ୍ଚଳ ପାଇଁ ଉଦ୍ଦିଷ୍ଟ ଗ୍ୟାସ୍ ବିତରକମାନେ ନିମାପଡ଼ା ଅଞ୍ଚଳରେ ଗ୍ୟାସ୍‌ର ବ୍ୟାପକ କଳାବଜାର କରୁଥିବା ଅଭିଯୋଗ ହେଉଛି। ଯୋଗାଣ ବିଭାଗ ନିମାପଡ଼ା ବଜାର, ବଳଙ୍ଗା ବଜାର, ଚାରିଛକ ବଜାର, ତୁଳସୀପୁର ଛକ, ବଜାରରେ ଥିବା ବିଭିନ୍ନ ହୋଟେଲ, ଢାବା, ଜଳଖିଆ ଦୋକାନ, ଗ୍ୟାସ୍ ବିକ୍ରି ଆଦି ଦୋକାନଗୁଡ଼ିକରେ ଚଢ଼ାଉ କରିଥିଲା। ଚଢ଼ାଉବେଳେ ବେଆଇନ ଭାବେ ଗ୍ୟାସ ସିଲିଣ୍ଡର ଗଚ୍ଛିତ ରଖିଥିବା କମର୍ସିଆଲ୍ ବଦଳରେ ଘରୋଇ ଭାବେ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକରେ ଗ୍ୟାସ୍ ବ୍ୟବହାର କରାଯାଉଥିବା ଅଭିଯୋଗ ହେଉଥିଲା। ପୁରୀ ଜିଲାପାଳ ସମର୍ଥ ବର୍ମାଙ୍କ ନିର୍ଦ୍ଦେଶକ୍ରମେ ପୁରୀ ଜିଲା ସହକାରୀ ଯୋଗାଣ ଅଧିକାରୀ ଜାନକୀ ଭୂଷଣ ହାୱାଡା ସିଂ, ନିମାପଡ଼ା ବ୍ଲକ ଯୋଗାଣ ନିରୀକ୍ଷକ ଦୀପ୍ତିରଞ୍ଜନ ଇନ୍ଦ୍ର ସିଂ, ପୁରୀ ସଦର ଯୋଗାଣ ନିରୀକ୍ଷକ ସତ୍ୟବ୍ରତ, ଗୋପ ବ୍ଲକ ଯୋଗାଣ ନିରୀକ୍ଷକ ପ୍ରଦୀପ ସେଠୀ, ଡେଲାଙ୍ଗ ବ୍ଲକ ଯୋଗାଣ ନିରୀକ୍ଷକ ଅକ୍ଷୟ ସେଠୀ ପ୍ରମୁଖ ଏହି ଚଢ଼ାଉରେ ସାମିଲ ହୋଇଥିଲେ। ଏଥିରେ ଯୋଗାଣ ବିଭାଗ ନିମାପଡ଼ା ଥାନା ପୋଲିସର ସହାୟତା ଲୋଡ଼ିଥିଲା।

# ଆବାସ ତାଲିକାରେ ଅନିୟମିତତା

**ପିପିଲି,୧୦।୨(ଡି.ଏନ୍.ଏ./ସ୍ୱ.ପ୍ର.)**

### ଯୋଗ୍ୟ ହିତାଧିକାରୀ ବଞ୍ଚିତ ଅଭିଯୋଗ

- ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଜନ କଲ୍ୟାଣ ମଞ୍ଚର ବିକ୍ଷୋଭ
- ଜିଲାପାଳଙ୍କ ଉଦ୍ଦେଶ୍ୟରେ ୭ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ

ଡେଲାଙ୍ଗ-ପିପିଲି ଜନ କଲ୍ୟାଣ ମଞ୍ଚ ପକ୍ଷରୁ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ୭ ଦଫା ଦାବି କରି ଶୁକ୍ରବାର ପିପିଲି ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପ୍ରଥମେ ପିପିଲି ସଙ୍କଟ ମୋଚନ ହନୁମାନ ମନ୍ଦିର ପ୍ରାଙ୍ଗଣରୁ ମଞ୍ଚର ଆବାହକ ରାଧାମୋହନ ଓ ମୁଖ୍ୟ ସଂଯୋଜକ ଜନ୍ମେଜୟ ଜେନାଙ୍କ ନେତୃତ୍ୱରେ ୩ ହଜାରରୁ ଊର୍ଦ୍ଧ୍ୱ ସମର୍ଥକ ବାହାରି ବଜାର, ଗ୍ରାମ ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଦେବାଶିଷ ଦୀକ୍ଷିତଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ସେଠାରେ କରାଯାଇଛି।

ପିପିଲି ବ୍ଲକର ସମସ୍ତ ପଞ୍ଚାୟତ ସମେତ ଏନ୍ଏସିରେ ଆବାସ ଯୋଜନାରେ ଅନିୟମିତତା ହେଉଥିବାରୁ ଯୋଗ୍ୟ ହିତାଧିକାରୀ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ତଦନ୍ତ କରି ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଜନା ନ ପାଇଲେ ଆନ୍ଦୋଳନ ଜୋରସୋର ହେବ ବୋଲି ଜିଲା ଓ ବ୍ଲକ ପ୍ରଶାସନକୁ ରାଧାମୋହନ ଚେତାବନୀ ଦେଇଛନ୍ତି। ୭ ଦଫା ଦାବି ମଧ୍ୟରେ ଫନୀ କ୍ଷତିଗ୍ରସ୍ତଙ୍କୁ ଆବାସ ଯୋଜନାରେ ସାମିଲ କରାଯାଉ, ଆବାସ ଯୋଜନା ଦେବା ନାମରେ ୨୦ରୁ ୩୦ ହଜାର ପିସି ଆଦାୟକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ, ପିପିଲିର ଚାନ୍ଦୁଆ ଗ୍ରାମ ଭୂତ କୋଠି ହେବା ସହିତ ଅସାମାଜିକ ବ୍ୟକ୍ତିଙ୍କ ଆଡାସ୍ଥଳୀ ପାଲଟିଲାଣି। ତୁରନ୍ତ ଚାନ୍ଦୁଆ ଗ୍ରାମକୁ କାର୍ଯ୍ୟକ୍ଷମ କରାଯାଉ। ଅଚଳ ପଡ଼ିଥିବା ମା' ଉତ୍ତରାୟଣୀ ଶୀତଳ ଭଣ୍ଡାରକୁ କାର୍ଯ୍ୟକ୍ଷମ କରାଯାଉ। ପାଣି ପଞ୍ଚାୟତରେ ଚାଷୀର ବିଲମୁଣ୍ଡକୁ ପାଣି ପହଞ୍ଚୁପାରୁ ନାହିଁ। ଏହାର ତୁରନ୍ତ ତଦନ୍ତ କରାଯାଇ ଜମିକୁ ପାଣି ପହଞ୍ଚାଇବା ବ୍ୟବସ୍ଥା କରାଯିବା ଏଭଳି ୭ ଦଫା ଦାବି କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ରକୁ ପିପିଲି ଏବିଡିଓ ଶୈଳବାଳା ତ୍ରିପାଠୀଙ୍କ ଜରିଆରେ ପ୍ରଦାନ କରାଯାଇଛି। ବିକ୍ଷୋଭକାରୀ ମୁଖ୍ୟମନ୍ତ୍ରୀ ଓ ବିଧାୟକଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଆଇନଶୃଙ୍ଖଳା ପରିସ୍ଥିତିକୁ ନଜର କରି ପିପିଲି ଥାନା ଅଧିକାରୀ ଅଭିମନ୍ୟୁ ନାୟକଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ସଦାଶିବ ପରିଡ଼ା, ଭବାନୀ ସାହୁ, ଚଣ୍ଡେଶ୍ୱର ଦାସ, ନରେନ୍ଦ୍ର ବିଶ୍ୱାଳ, ସୁକାନ୍ତ ସ୍ୱାଇଁ, ସାହିଦ ରାଜା, ସୁରେଶ ମହାରଣା, ସରୋଜ ପ୍ରଧାନ, ପ୍ରଦୀପ ବାରିକ ପ୍ରମୁଖ ବିକ୍ଷୋଭରେ ସହଯୋଗ କରିଥିଲେ।



ଜନ କଲ୍ୟାଣ ମଞ୍ଚ ପକ୍ଷରୁ ପିପିଲି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ଘରପୋଡ଼ି ଅଭିଯୋଗରେ ୩ ଗିରଫ

ମଙ୍ଗୁଳି-ଜଗତପୁର,(ଡି.ଏନ୍.ଏ.): ମହିଳାଙ୍କ ଘର ପୋଡ଼ିଦେବା ଅଭିଯୋଗରେ ଜଗତ୍‌ପୁର ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଜଗତପୁର ଥାନା ଅଧୀନ ନଈକୂଳସାହିର ମମ୍‌ତାଜ୍ ଖାନ୍, ଅବ୍‌ଦୁଲ୍ ଯହିଦ ଖାନ୍ ଓ ଅବ୍‌ଦୁଲ୍ ତାହିର ଖାନ୍। ସୂଚନା ଅନୁଯାୟୀ, ଜମିବାଡ଼ିକୁ ନେଇ ନଈକୂଳସାହିର ଜିନତ ବିବିଙ୍କ ପରିବାର ସହ ଅଭିଯୁକ୍ତମାନଙ୍କ ବିବାଦ ଲାଗି ରହିଥିଲା। ବୁଧବାର ବିଳମ୍ବିତ ରାତିରେ ଏହାକୁ କେନ୍ଦ୍ରକରି ସେମାନଙ୍କ ମଧ୍ୟରେ କଳିଝଗଡ଼ା ଲାଗିଥିଲା। ଫଳରେ ଅଭିଯୁକ୍ତମାନେ ଜିନତଙ୍କ ଚାଳଘରେ ନିଆଁ ଲଗାଇ ଦେଇଥିଲେ। ପାଟି ଶୁଣି ଗ୍ରାମବାସୀ ଘଟଣାସ୍ଥଳକୁ ଆସିଯିବାରୁ ଅଭିଯୁକ୍ତମାନେ ପଳାଇ ଯାଇଥିଲେ। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୬୮/୨୩)ରୁଜୁ କରିଛି।

**ସଂକ୍ଷେପରେ**

## ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ୨ ଦିନିଆ ଧର୍ମଘଟ

**କଟକ ଅଫିସ, ୧୦।୨:** ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରରେ ଦୁଇଦିନିଆ ଦେଶବ୍ୟାପୀ ଧର୍ମଘଟ ୯ ଓ ୧୦ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ନୂତନ ନିଯୁକ୍ତି ନ କରିବା ଓ ଗଣବଦଳିକୁ ବିରୋଧ କରି ବ୍ୟାଙ୍କର ସମସ୍ତ କର୍ମଚାରୀ ଓ ଅଫିସରଙ୍କ ୭ଟି ସଙ୍ଗଠନକୁ ନେଇ ଗଠିତ ମିଳିତ ମଞ୍ଚ ପକ୍ଷରୁ ଏହି ଧର୍ମଘଟ ଡାକରା ଦିଆଯାଇଥିଲା। ରାଜ୍ୟରେ ଥିବା ୩୯ଟି ଶାଖା ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। କଟକ ବଜ୍ରକବାଟୀ ରୋଡ୍‌ଠାରେ ଥିବା ମୁଖ୍ୟ ଶାଖା ସମ୍ମୁଖରେ ମିଳିତ ମଞ୍ଚ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଦିଲୀପ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିକ୍ଷୋଭରେ ପ୍ରକାଶ କୁମାର ବିହାରୀ, ବିଶ୍ୱଜିତ୍ ରାଉତ, ମୁକେଶ ନାଥ, ପ୍ରଜ୍ଞା ପଣ୍ଡା, ସ୍ମାରକୀ ଜେନା, ସେନା ନାୟକ, ପୁଷ୍ପକାନ୍ତ ପରିଜା ପ୍ରମୁଖ ସାମିଲ ଥିଲେ। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି।

## ବରିଷ୍ଠ ନାଗରିକଙ୍କ ବନ୍ଧୁମିଳନ

**କଟକ ଅଫିସ, ୧୦।୨:** କଟକ ଜିଲା ଟାଙ୍ଗୀ ବିଦ୍ୟାପୀଠର ପୁରାତନ ଛାତ୍ରଙ୍କୁ ନେଇ ଗଠିତ 'କ୍ଲବ ଟିଭି-୭୪' ପକ୍ଷରୁ ବରିଷ୍ଠ ନାଗରିକଙ୍କ ବନ୍ଧୁମିଳନ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଭଗତପୁରସ୍ଥିତ ଏକ ରିସର୍ଟରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କ୍ଲବ ଟିଭି-୭୪ର ପ୍ରତିଷ୍ଠାତା ସଭାପତି ତଥା ଡ୍ରିମ୍ସ ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥଙ୍କ ଜନ୍ମଦିନ ଉପଲକ୍ଷେ ଉପସ୍ଥିତ ସଦସ୍ୟ ଓ ବରିଷ୍ଠ ନାଗରିକ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ। ଉଦ୍ୟୋଗପତି ପଦ୍ମଲୋଚନ ପାତ୍ର, ସୌମେନ୍ଦୁ ଶେଖର ରାୟ, ରମାକାନ୍ତ ମିଶ୍ର, ଶାନ୍ତନୁ କୁମାର ଶତପଥୀ, ଦିଗମ୍ବର ମଙ୍ଗରାଜ, ସତ୍ୟାନନ୍ଦ ଦାସ, ବିଜୟ କୁମାର ମହାନ୍ତି, ଗୌରୀଶଙ୍କର ପଟ୍ଟନାୟକ, ଇଂ. ଶ୍ୟାମବାବୁ ଦୋରା, ଅଭୟ ଚରଣ ପରିଡ଼ା ପ୍ରମୁଖ ଆଲୋଚନାରେ ଭାଗନେଇଥିଲେ। ପ୍ରଶାନ୍ତ ତ୍ରିପାଠୀ, ସୁଶାନ୍ତ କଅଁର ଓ ଶିବରାମ ସୁର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଡ୍ରିମ୍ସରେ 'ବସନ୍ତିକା-୨୦୨୩' ଉଦ୍‌ଯାପିତ

**କଟକ ଅଫିସ, ୧୦।୨:** ଡ୍ରିମ୍ସ ସ୍ୱୟଂଶାସିତ ବୈଷୟିକ ମହାବିଦ୍ୟାଳୟର ଦୁଇଦିନିଆ ବାର୍ଷିକ ସାଂସ୍କୃତିକ ମହୋତ୍ସବ 'ବସନ୍ତିକା-୨୦୨୩' ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏଥିସହ ଡିଜେ ସଙ୍ଗୀତ ଓ କଳାକାରଙ୍କ ନୃତ୍ୟରେ ଉପସ୍ଥିତ ଦର୍ଶକ ଝୁମିଥିଲେ। ଏଥିରେ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ସହଅଧ୍ୟକ୍ଷ ଇଂ. ଦୁର୍ଗାପ୍ରସାଦ ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶକ ଲୋକନାଥ ବେହେରା, ପଦ୍ମିନୀ କେୟାର ହସ୍ପିଟାଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ଜ୍ୟୋତି ପ୍ରକାଶ ପରିଜା, କ୍ରୀଡ଼ା ନିର୍ଦ୍ଦେଶକ ନବକିଶୋର ମିଶ୍ର, ପ୍ରଫେସର ସୁଶାନ୍ତ ଦାସ, ଡ. କଲ୍ୟାଣ କୁମାର ସାହୁ, ଅଧ୍ୟକ୍ଷ ଡ. ନୟନ ରଞ୍ଜନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ଚୋରି ଅଳଙ୍କାର ଜବତ, ୯ ଗିରଫ

ଚୌଦ୍ୱାର,୧୦।୨(ଡି.ଏନ୍.ଏ.)



ଚୌଦ୍ୱାର ପୋଲିସ ଗିରଫ କରିଥିବା ୯ ଅଭିଯୁକ୍ତ।

ବିଭିନ୍ନ ଗହଣା ଦୋକାନ ଓ ଘରେ ପଶି ଚୋରି କରିବା ଘଟଣାରେ ୬ ଜଣ ଅଭିଯୁକ୍ତଙ୍କୁ ଚୌଦ୍ୱାର ପୋଲିସ ଗିରଫ କରିଛି। ଏଥିସହ ଚୋରି ଅଳଙ୍କାର କିଣିଥିବା ୩ ଜଣ ବ୍ୟବସାୟୀଙ୍କୁ ମଧ୍ୟ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଖୋର୍ଦ୍ଧା ଜିଲା ଗୁଣ୍ଠୁରପୁର ସାହିର ସୁରେଶ ଗଜେନ୍ଦ୍ର, ଧଉଳି ଥାନା ଅଧୀନ ଲିଙ୍ଗିପୁର ଗ୍ରାମର ଅସିତ୍ କର, ଲିଙ୍ଗରାଜ ଥାନା ଓଲ୍ଡ ଟାଉନ୍ ଅଞ୍ଚଳର ହେମନ୍ତ ଦାସ, କଟକ ଜିଲା ଚୌଦ୍ୱାର ଓଟିଏମ୍ କଲୋନି ଜୟନ୍ତୀ ନଗରର ସୁକାନ୍ତ ସ୍ୱାଇଁ, ଜଗତପୁର ଥାନା ବାରବାଟିଆ ଗ୍ରାମର ଧର୍ମେନ୍ଦ୍ର ସ୍ୱାଇଁ, ଜଗତସିଂହପୁର ଜିଲା ଜଗନ୍ନାଥପୁର ଗ୍ରାମର ରାଜେଶ ଖଟୁଆ, ଅଳଙ୍କାର କିଣିଥିବା ବ୍ୟବସାୟୀ କଟକ ମଙ୍ଗଳାବାଗ ଥାନା ନୂଆପାଟଣାର ମହେଶ ପୃଷ୍ଟି, ମଙ୍ଗଳାବାଗର ସରୋଜକାନ୍ତ ସାହୁ ଓ ପୁରୀଘାଟ ଥାନା ଅନ୍ତର୍ଗତ ଦୋଳମୁଣ୍ଡେଇ ଅଞ୍ଚଳର ସନ୍ତୋଷ ଭୋସ୍‌ଲେ। ସେମାନଙ୍କ ନିକଟରୁ ୬ଟି ସୁନା ନେକ୍‌ଲେସ୍, ୯ ସୁନାଚେନ୍, ୩୯ ସୁନାମୁଦି, ୧୩ ହଳ କାନଫୁଲ, ୪ ହଳ ପାଉଁଜି, ଗୋଟିଏ ବ୍ରୋଞ୍ଜ ଚୁଡ଼ି, ଗୋଟିଏ କାର, ଦୁଇଟି ଲାପ୍‌ଟପ୍, ଗୋଟିଏ ଏଲ୍‌ଇଡ଼ି ଟିଭି ସହିତ ଚୋରି ଘଟଣାରେ ବ୍ୟବହୃତ ବିଭିନ୍ନ ଯନ୍ତ୍ରପାତି ଜବତ କରାଯାଇଛି ବୋଲି ଚୌଦ୍ୱାର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କଟକ ଡିସିପି ପିନାକ ମିଶ୍ର କହିଛନ୍ତି।



ଜବତ ସୁନାହାର, ଚେନ୍, ମୁଦି ଓ ଅନ୍ୟ ଅଳଙ୍କାର।

ଡିସିପିଙ୍କ ସୂଚନା ଅନୁଯାୟୀ, ଚୌଦ୍ୱାର ଶିବାଜୀନଗରର ବାସିନ୍ଦା ସୁଶାନ୍ତ କୁମାର ସାହୁଙ୍କ ଘରେ କେହି ନ ଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତମାନେ ଗତ ଜାନୁୟାରୀ ୨୩ ତାରିଖ ରାତିରେ ତାଙ୍କ ଘରେ ପଶି ସୁନା ଅଳଙ୍କାର ଓ ଟଙ୍କା ଚୋରିକରି ନେଇଥିଲେ। ଏ ନେଇ ସୁଶାନ୍ତ ୨୪ ତାରିଖରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୪୩/୨୩) ରୁଜୁ କରିଥିଲା। ଆଇଆଇସି ବିରଞ୍ଚି ନାରାୟଣ ପତିଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ସ୍ଥାନୀୟ ଅଞ୍ଚଳର କୁଖ୍ୟାତ୍ ଲୁଟେରା ସୁକାନ୍ତ ଓ ତାଙ୍କ ସହଯୋଗୀ କଜଳଖଣା ଛକରେ ଏକ କାର୍‌ରେ ସନ୍ଦିଗ୍ଧ ଅବସ୍ଥାରେ ବୁଲୁଥିବା ତଦନ୍ତକାରୀ ଅଧିକାରୀ ନିରଞ୍ଜନ ଭୋଇ ଖବର ପାଇଥିଲେ। ତୁରନ୍ତ ସେଠାରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲେ। ସେମାନଙ୍କୁ ପଚରାଉଚରା କରାଯିବାରୁ ସେମାନେ କଳିଙ୍ଗ ଛକସ୍ଥିତ କାଞ୍ଚନ ଜୁଏଲର ଓ ଶିବାଜୀ ନଗରର ଜଣଙ୍କ ଘରୁ ଲୁଟ୍ କରିଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲେ। ସେହିପରି କଟକ ଓ ଜଗତପୁର ଅଞ୍ଚଳରେ ୬ଟି, ସଦର, ମଧୁପାଟଣା ଓ ୪୨ମୌଜା ଅଞ୍ଚଳର ୫ଟି ସ୍ଥାନରୁ ଚୋରି କରିବା ସହିତ ଓଡ଼ିଶାର ବିଭିନ୍ନ ଜିଲାରେ ବହୁ ଆପରାଧିକ ଘଟଣା ଘଟାଇଥିବା ମଧ୍ୟ ପୋଲିସକୁ କହିଥିଲେ। ଚୋରି ଅଳଙ୍କାରକୁ ଉପରୋକ୍ତ ବ୍ୟବସାୟୀଙ୍କୁ ବିକ୍ରି କରିଥିଲେ। ଅଭିଯୁକ୍ତମାନଙ୍କ ନାମରେ ରାଜ୍ୟର ବିଭିନ୍ନ ଥାନାରେ ବହୁସଂଖ୍ୟକ ଆପରାଧିକ ମାମଲା ରହିଛି। ତେବେ ଏ ନେଇ ଅଧିକ ତଦନ୍ତ ଜାରୀ ରହିଥିବା ଡିସିପି କହିଛନ୍ତି।

## ଲଜ୍ଜା ସହି ନ ପାରି ଯୁବତୀଙ୍କ ଆତ୍ମହତ୍ୟା

ବ୍ରହ୍ମଗିରି,୧୦।୨(ଡି.ଏନ୍.ଏ.)

ବିବାହ ପାଇଁ ସ୍ଥିର ହୋଇଥିବା ଜଣେ ଯୁବତୀ ଅପହରଣ ହେବା ପରେ ବାହାଘର ଭାଙ୍ଗିଯିବାରୁ ଲଜ୍ଜା ସହି ନ ପାରି ଶୁକ୍ରବାର ଆତ୍ମହତ୍ୟା କରିଛନ୍ତି। ଏଭଳି ଦୁଃଖଦ ଘଟଣା ପୁରୀ ଜିଲା ବ୍ରହ୍ମଗିରି ଥାନା ଅଞ୍ଚଳରେ ଘଟିଛି। ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ଥାନା ଅନ୍ତର୍ଗତ ଏକ ଗ୍ରାମର ଜଣେ ଯୁବତୀଙ୍କ ବିବାହ ପାଇଁ ସ୍ଥିର ହୋଇଥିଲା। କିନ୍ତୁ ଗତ ଦୁଇ ଦିନ ତଳେ ସ୍ଥାନୀୟ ଗ୍ରାମର ଜଣେ ଯୁବକ ଉକ୍ତ ଯୁବତୀଙ୍କୁ ଅପହରଣ କରି ନେଇଥିଲେ। ପରିବାର ଲୋକେ ଏହା ଜାଣିବା ପରେ ବହୁ ଖୋଜାଖୋଜି କରି ଯୁବତୀଙ୍କୁ ଉଦ୍ଧାର କରିଥିଲେ। କିନ୍ତୁ ଏହି ଘଟଣା ଯୁବତୀଙ୍କ ଭାବୀ ଶ୍ୱଶୁର ଘର ଲୋକେ ଜାଣିପାରିବା ପରେ ବିବାହ ଭାଙ୍ଗିଯାଇଥିଲା। ଫଳରେ ଯୁବତୀ ଜଣଙ୍କ ଏହି ଲଜ୍ଜାକୁ ସହ୍ୟ କରି ନ ପାରି ଘରେ କେହି ନ ଥିବା ସମୟରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ପରିବାର ଲୋକେ ତାଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରି ରେବଣାନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ବ୍ରହ୍ମଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି।

## ସତ୍ୟବାଦୀ ମହୋତ୍ସବ ଉଦ୍‌ଘାଟିତ



ବକୁଳବନ ପଞ୍ଚସଖା ମୁକ୍ତାକାଶ ରଙ୍ଗମଞ୍ଚରେ ଅନୁଷ୍ଠିତ ସତ୍ୟବାଦୀ ମହୋତ୍ସବ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ସାକ୍ଷୀଗୋପାଳ,୧୦।୨ (ଡି.ଏନ୍.ଏ./ ସ୍ୱ.ପ୍ର.)

ସତ୍ୟବାଦୀର ଲୋକକଳା, ସଂସ୍କୃତି ଓ ପରମ୍ପରା ସହ ଜଡ଼ିତ ୩ଦିନିଆ ୭ମ ବାର୍ଷିକ ସତ୍ୟବାଦୀ ମହୋତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଦୁଇ ବର୍ଷ କୋଭିଡ୍ କଟକଣା ପରେ ପୁଣି ବକୁଳବନ ପଞ୍ଚସଖା ମୁକ୍ତାକାଶ ରଙ୍ଗମଞ୍ଚ ଚଳଚଞ୍ଚଳ ହୋଇଛି। ପଞ୍ଚସଖା ପଡ଼ିଆଠାରୁ ଆରମ୍ଭକରି ସାକ୍ଷୀଗୋପାଳ ମନ୍ଦିର ଓ ବଜାର ଅଞ୍ଚଳ ରଙ୍ଗବେରଙ୍ଗ ଆଲୋକସଜ୍ଜା ହୋଇଛି। ସତ୍ୟବାଦୀ ଯୁଗର ମହାପୁରୁଷ ପଣ୍ଡିତ ଗୋପବନ୍ଧୁ, ପଣ୍ଡିତ ନୀଳକଣ୍ଠ, ପଣ୍ଡିତ ଗୋଦାବରୀଶ, ପଣ୍ଡିତ କୃପାସିନ୍ଧୁ ଓ ଆଚାର୍ଯ୍ୟ ହରିହରଙ୍କ ଜନ୍ମପୀଠରୁ ଅଣାଯାଇଥିବା ଜ୍ୟୋତିଯାତ୍ରା ସମାରୋହର ମୁଖ୍ୟ ଆକର୍ଷଣ ସାଜିଥିଲା। ଅପରାହ୍ନ ୩ଟାରେ ସାକ୍ଷୀଗୋପାଳ ବସଷ୍ଟାଣ୍ଡଠାରୁ ଜ୍ୟୋତିଯାତ୍ରାରେ ସତ୍ୟବାଦୀର ହଜାର ହଜାର ଜନସାଧାରଣ, ଛାତ୍ରୀଛାତ୍ର, ବିଭିନ୍ନ ସଂଗଠନ କର୍ମକର୍ତ୍ତା ଏକ ବିଶାଳ ଶୋଭାଯାତ୍ରା ପାରମ୍ପରିକ ବାଦ୍ୟ, ରୋଶଣି, ଘୋଡ଼ାନାଚ, ବାଣ, ନାଗା ନାଚ, ଗୋଟିପୁଅ, ପାଇକ ଆଖଡାର ତାଳେ ତାଳେ ବଜାର ପରିକ୍ରମା କରିଥିଲେ। ସାକ୍ଷୀଗୋପାଳଙ୍କ ଆଜ୍ଞାମାଳ ସହ ପଞ୍ଚସଖା ଖେଳ ପଡ଼ିଆ ମହୋତ୍ସବ ମଞ୍ଚରେ ଜ୍ୟୋତି ସ୍ଥାପନ କରାଯାଇଥିଲା।

ସନ୍ଧ୍ୟାରେ ଆୟୋଜିତ ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୁରୀ ବିଧାୟକ ତଥା ମହୋତ୍ସବ କମିଟି ଅଧ୍ୟକ୍ଷ ଜୟନ୍ତ କୁମାର ଷଡଙ୍ଗୀ, ସତ୍ୟବାଦୀ ଭାଜପା ନେତା ଓମ ପ୍ରକାଶ ମିଶ୍ର, ରାଷ୍ଟ୍ରୀୟ ନାରିକେଳ ବିକାଶ ପରିଷଦର ଉପାଧ୍ୟକ୍ଷ ବିଶ୍ୱନାଥ ରଥ, ଜିଲା ପରିଷଦ ସଭ୍ୟ ବିଷ୍ଣୁପ୍ରିୟା ବରାଳ, ମହୋତ୍ସବ ମୁଖପତ୍ର 'ତମାଳ'ର ସମ୍ପାଦକ ଡ. ଅଭିମନ୍ୟୁ ବରାଳ, ସଦସ୍ୟ ବିଶ୍ୱଜିତ ଶତପଥୀ, କମିଟି ସଭାପତି ଜାନକୀ ବଲ୍ଲଭ ମିଶ୍ର, ସମ୍ପାଦକ ଜାନକୀ ବଲ୍ଲଭ ବରାଳ, ସଂଯୋଜକ ଦୀପକ ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସାକ୍ଷୀଗୋପାଳ, ପକ୍ଷୀମୁଣ୍ଡ ନୋଡାଲ ସ୍କୁଲ, ଦଶଭୁଜା ଓଡ଼ିଶୀ ଗୋଟିପୁଅ ନୃତ୍ୟ ପରିଷଦ ରଘୁରାଜପୁର, ଆସାମ ବିହୁ, ଅଭିନୟନା ଡ୍ୟାନ୍ସ ଏକାଡେମୀ, ପୁରୁଲିୟା ଛଉ, ଡିଭାଇନି କଲେଜ ଅଫ ହେଲଥ ସାଇନ୍ସ, ସିଲିପିକା ଡ୍ୟାନ୍ସ ଏକାଡେମୀ ଭୁବନେଶ୍ୱର ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଶେଷରେ ଓଲିଉଡ ନାଇଟ୍‌ରେ ପ୍ରତିଷ୍ଠିତ କଳାକାରଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ ମାଧ୍ୟମରେ ମହୋତ୍ସବ ପଡ଼ିଆରେ ବିଳମ୍ବିତ ରାତି ଯାଏଁ ହଜାର ହଜାର ଦର୍ଶକ ବାନ୍ଧି ହୋଇ ଉପଭୋଗ କରିଥିଲେ। ଆଡଭୋକେଟ ଅଞ୍ଜନ ହୋତା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସତ୍ୟବାଦୀ ଥାନା ପକ୍ଷରୁ ଶୃଙ୍ଖଳା ରକ୍ଷା ପାଇଁ ଆଇଆଇସି ବିଜୟ କେତନ ବେହେରାଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

**ଆକର୍ଷଣ ସାଜିଲା ପଞ୍ଚସଖାଙ୍କ ଜ୍ୟୋତିଯାତ୍ରା**

# ୧୨ରୁ ବାରବାଟୀ ଫେଷ୍ଟିଭାଲ




କଟକ ଶାରଳା ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଗୁରୁ ଆଶିଷ କୁମାର ଦାସ ବକ୍ତବ୍ୟ ଦେଉଛନ୍ତି।

କଟକ ଅଫିସ, ୧୦।୨

ବାରବାଟୀ ନୃତ୍ୟୋତ୍ସବ ନୂଆ ନାମରେ ନାମିତ ହୋଇଛି ବାରବାଟୀ ଫେଷ୍ଟିଭାଲ। ଓଡ଼ିଶୀ ନୃତ୍ୟମଣ୍ଡଳ ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଏହି ଫେଷ୍ଟିଭାଲ ଆସନ୍ତା ୧୨ରୁ ୧୮ ତାରିଖ ପର୍ଯ୍ୟନ୍ତ କଟକ ଉପର ବାଲିଯାତ୍ରା ପଡ଼ିଆରେ ଅନୁଷ୍ଠିତ ହେବ। ଏଥିରେ ପ୍ରଥମଥର ପାଇଁ ଫ୍ୟାଶନ ଶୋ'କୁ ସାମିଲ କରାଯାଇଛି ବୋଲି କଟକ ସାରଳା ଭବନରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ସଭାପତି ତଥା ସାମ୍ବାଦିକ ଅରୁଣ କୁମାର ପଣ୍ଡା କହିଛନ୍ତି।

ପଣ୍ଡାଙ୍କ ସୂଚନା ଅନୁଯାୟୀ, ୨୦୦୧ରୁ ଏହି କାର୍ଯ୍ୟକ୍ରମ ଉପର ବାଲିଯାତ୍ରା ପଡ଼ିଆରେ ଅନୁଷ୍ଠିତ ହୋଇଆସୁଛି। ଚଳିତବର୍ଷ ୧୫ ଓ ୧୬ ତାରିଖରେ ସାହିତ୍ୟ ଉତ୍ସବ ଆୟୋଜନ କରାଯିବ। ସେହିପରି ଆସାମ, ମଣିପୁର, ପଶ୍ଚିମବଙ୍ଗ, ତ୍ରିପୁରା ରାଜ୍ୟର ଚିତ୍ରଶିଳ୍ପୀମାନେ ଚିତ୍ରକଳା ପ୍ରଦର୍ଶନ କରିବେ। ଏଥିସହ ଓଡ଼ିଶୀ, କଥକ, ଭାରତନାଟ୍ୟମ୍ ଏବଂ ଲୋକନୃତ୍ୟ ପରିବେଷଣ କରାଯିବ। ପଦ୍ମଶ୍ରୀ ଉତ୍ସବ ଚରଣ ଦାସ ଚଇତି ଘୋଡ଼ା ନୃତ୍ୟ ଏବଂ କଣ୍ଠଶିଳ୍ପୀ ନାଜିଆ ଆଲାମ୍ ସଙ୍ଗୀତ ପରିବେଷଣ କରିବେ। ଏଥିସହ ପ୍ରତିଦିନ ଅପରାହ୍ନ ୩ଟାରୁ ୫ଟା ପର୍ଯ୍ୟନ୍ତ ନୃତ୍ୟ, ଗୀତ, ଚିତ୍ରାଙ୍କନ, ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହେବ। କୃତୀ ପ୍ରତିଯୋଗୀମାନଙ୍କୁ ସନ୍ଧ୍ୟା ଉତ୍ସବରେ ବାରବାଟୀ ପ୍ରତିଭା ସମ୍ମାନ ପ୍ରଦାନ କରାଯିବ। ଉତ୍ସବକୁ ସଫଳତାର ସହ ଆୟୋଜନ ନିମନ୍ତେ ସହଯୋଗ କରିବା ପାଇଁ ସିଏମ୍‌ସି, ଟିପିସିଓଡିଏଲ୍, ଜନସ୍ୱାସ୍ଥ୍ୟ ବିଭାଗ, ଅଗ୍ନିସେବା ବିଭାଗ ଓ ପୋଲିସ ପ୍ରଶାସନକୁ ନିବେଦନ କରାଯାଇଛି ବୋଲି ସେ କହିଛନ୍ତି। ଏହି ସମ୍ମିଳନୀରେ ଉତ୍ସବ କମିଟି ପ୍ରତିଷ୍ଠାତା ସଭ୍ୟ ଡ. ପ୍ରଭାକର ସ୍ୱାଇଁ, ଅଭ୍ୟର୍ଥନା କମିଟି ସଭାପତି ପ୍ରିୟରଞ୍ଜନ ଦାସ, ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ, ଭାସ୍କର୍ଯ୍ୟ ଶିଳ୍ପୀ ରବି ରଥ, ପ୍ରଣବ ଅଖଣ୍ଡ, ଡ. ଅମିୟ ମହାପାତ୍ର, ବ୍ରଜକିଶୋର ନନ୍ଦ, ପ୍ରିୟବ୍ରତ ମିଶ୍ର, ସସ୍ମିତା ପଣ୍ଡା ଏବଂ ଗୁରୁ ଆଶିଷ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଅଷ୍ଟପ୍ରହର ନାମ ସଂକୀର୍ତ୍ତନ

କଟକ ଅଫିସ, ୧୦।୨

କଟକ ବକ୍ସିବଜାର ବଢେଇ ସାହିସ୍ଥିତ ବାସ୍ତରି ମଠ ପରିସରରେ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନ ଅଧିବାସ, ଦ୍ୱିତୀୟ ଦିନ ଅଷ୍ଟପ୍ରହର ନାମଜପ ଓ ତୃତୀୟ ଦିନ ନଗର ସଂକୀର୍ତ୍ତନ ହୋଇଥିଲା। ଉତ୍ସବରେ ବିଧାୟକ ମହମ୍ମଦ ମୋକିମ, ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, ସମ୍ପାଦକ ଭିକାରୀ ଦାସ, କର୍ପୋରେଟର ସତ୍ୟରାମ ସାହୁ, ଗଗନ ଓଝା, ଦୀପକ ଦାସ ପ୍ରମୁଖ ସାମିଲ ହୋଇଥିଲେ।

## ଆର୍ଥିକ ଅନ୍ତର୍ଭୁକ୍ତିକରଣ ଶିବିର

କଟକ ଅଫିସ, ୧୦।୨

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) କଟକ ମଣ୍ଡଳ କାର୍ଯ୍ୟାଳୟ ପକ୍ଷରୁ ବ୍ୟାଙ୍କର ସମସ୍ତ ଗ୍ରାମୀଣ ଓ ଅର୍ଦ୍ଧସହରାଞ୍ଚଳ ଶାଖାଗୁଡ଼ିକରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନା, ଅଟଳ ପେନ୍‌ସନ୍ ଯୋଜନା, ଜନଧନ ଆକାଉଣ୍ଟ, ଜେସିସି, ଡେବିଟ୍ କାର୍ଡ ଇସ୍ୟୁ ଆଦିରେ ଜନସାଧାରଣ ନାମାଙ୍କନ କରିଥିଲେ। କଟକ ମଣ୍ଡଳ କାର୍ଯ୍ୟାଳୟର ମଣ୍ଡଳ ମୁଖ୍ୟ ଜିତେନ୍ଦ୍ର ସ୍ୱାଇଁ ଏବଂ ବ୍ୟାଙ୍କର ଅନ୍ୟ ଅଧିକାରୀମାନେ ବିଭିନ୍ନ ଶିବିର ପରିଦର୍ଶନ କରିବା ସହ ଗ୍ରାହକଙ୍କ ସହ ଆଲୋଚନା କରିଥିଲେ। ପିଏନ୍‌ବି ପକ୍ଷରୁ ଆଗାମୀ ଦିନରେ ଆହୁରି ୩ଟି ଶିବିର ଆୟୋଜନ କରାଯିବ। ଉକ୍ତ ଶିବିରରେ ଜନସାଧାରଣ ସରକାରୀ ଯୋଜନାଗୁଡ଼ିକର ସୁବିଧା ପାଇବା ସହ ଅନ୍ୟାନ୍ୟ ବ୍ୟାଙ୍କିଂ ଉତ୍ପାଦ ପାଇଁ ନାମାଙ୍କନ କରିପାରିବେ।

## ୧୨ରେ ଭାଜପା ମହିଳା ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ

**କଟକ ଅଫିସ, ୧୦।୨:** ଭାଜପା ମହିଳା ମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଆସନ୍ତା ୧୨ ତାରିଖରେ କଟକସ୍ଥିତ ଏକ ହୋଟେଲରେ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟରେ ମହିଳାଙ୍କ ସାମ୍ପ୍ରତିକ ସ୍ଥିତି ଓ ସାମାଜିକ ପ୍ରସଙ୍ଗକୁ ନେଇ ଆଲୋଚନା କରାଯିବ। ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ମୃତି ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେବାକୁ ଥିବା ବୈଠକରେ ରାଜ୍ୟ ସଭାପତି ସମୀର ମହାନ୍ତି, ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ ସଭାନେତ୍ରୀ ଭନଥୀ ଶ୍ରୀନିବାସନ, ମହିଳା ମୋର୍ଚ୍ଚା ପ୍ରଭାରୀ ଅନୀତା ପଟ୍ଟନାୟକଙ୍କ ସମେତ ଦଳର ନେତୃବୃନ୍ଦ ଯୋଗଦେବେ। ଏ ସମ୍ପର୍କରେ ଦଳ ପକ୍ଷରୁ ଶୁକ୍ରବାର ଏକ ପ୍ରେସ୍ ବିବୃତ୍ତିରେ ସୂଚନା ଦିଆଯାଇଛି।

## ଅଶ୍ଳୀଳ ଫଟୋ ଭାଇରାଲ ଘଟଣା, ଯୁବକ ଗିରଫ

ବାଣପୁର,୧୦।୨ (ଡି.ଏନ୍.ଏ.)

ବାଣପୁର ଥାନା ଅଞ୍ଚଳର ଜଣେ ମହିଳାଙ୍କ ଅଶ୍ଳୀଳ ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଏହି ଥାନା ଅଞ୍ଚଳର ପ୍ରକାଶ ନାୟକ। ସୂଚନା ମୁତାବକ, ଅଭିଯୁକ୍ତ ଜଣଙ୍କ ଜଣେ ମହିଳାଙ୍କ ସହ ଜୋରଜବରଦସ୍ତ ଶାରୀରିକ ସମ୍ପର୍କ ରଖିଥିଲେ। ଏଥିସହିତ ତାଙ୍କର ଆପତ୍ତିଜନକ ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରି ତାଙ୍କୁ ବଦନାମ୍ କରୁଥିବା ନେଇ ମହିଳା ଜଣଙ୍କ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା।

# ଜଳାଶୟରୁ ବେଆଇନ ମୋରମ ଚାଲାଣ

ଖୁଣ୍ଟୁଣୀ,୧୦।୨(ଡି.ଏନ୍.ଏ.)

ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ କୃଷ୍ଣଶ୍ୟାମପୁର ଗ୍ରାମପାର୍ଶ୍ୱ ଦେଉଳିଆ ସଂରକ୍ଷିତ ଜଙ୍ଗଲରେ ଥିବା କୁମାରୀବନ୍ଧ ଜଳାଶୟରୁ ବେଆଇନ ଭାବେ ମୋରମ ଚାଲାଣ ହେଉଥିଲା। ଖବରପାଇ ବନ ବିଭାଗ ଟିମ୍ ଉକ୍ତ ସ୍ଥାନରେ ଚଢ଼ାଉ କରି ମୋରମ ଚାଲାଣକୁ ବନ୍ଦ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଗ୍ରୀଷ୍ମଋତୁରେ ହାତୀ ଓ ଅନ୍ୟ ଜୀବଜନ୍ତୁ ପାଣି ପିଇବା ପାଇଁ ୧୯୮୫ରେ ଏହି ଜଳାଶୟ ଖନନ କରାଯାଇଥିଲା। ହେଲେ କିଛିଦିନ ହେବ ଜଣେ ଠିକାଦାର ଉକ୍ତ ଜଳାଶୟରୁ ଜେସିବି ଓ ହାଇୱା ସହାୟତାରେ ବେଆଇନ ଭାବେ ମୋରମ ଚାଲାଣ କରୁଛନ୍ତି। ଏହାଦ୍ୱାରା ସେଠାରେ ବଡ଼ ଗର୍ତ୍ତ ହୋଇଛି। ଯାହା ହାତୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଛି। ହାତୀଙ୍କ ସୁରକ୍ଷା ପାଇଁ ସରକାର ବିଭିନ୍ନ ଯୋଜନା କରୁଥିବାବେଳେ ଏଠାରେ ସମ୍ପୃକ୍ତ ଠିକାଦାର ଏଭଳି ବେଆଇନ କାର୍ଯ୍ୟ କରିବାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଆଠଗଡ଼ ଡିଏଫ୍‌ଓ ଖବରପାଇ ମୋରମ ଚାଲାଣ ବନ୍ଦ କରିବା ପାଇଁ ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ନୀଳମାଧବ ସାହୁଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ବନ ବିଭାଗ ଟିମ୍ ସେଠାରେ ଚଢାଉ କରିଥିଲା। ଏ ନେଇ ବନାଞ୍ଚଳ ଅଧିକାରୀ ସାହୁ କହିଛନ୍ତି, ତହସିଲଦାରଙ୍କୁ ଏ ସମ୍ପର୍କରେ ଅବଗତ କରାଯାଇଛି। ସେ ଯାହା ପଦକ୍ଷେପ ନେବେ। ଅପରପକ୍ଷରେ ତହସିଲଦାର ପ୍ରିୟବ୍ରତ ଦାସ କହିଛନ୍ତି, ଉକ୍ତ ମୋରମ ଚାଲାଣ ବାବଦରେ ଏପର୍ଯ୍ୟନ୍ତ ସରକାରୀ ତହବିଲକୁ ଟଙ୍କାଟିଏ ଆସିନାହିଁ। ରାଜସ୍ୱ ନିରୀକ୍ଷକ ଓ ଅମିନଙ୍କ ପଠାଇ ମାପଚୁପ କରାଯିବା ପରେ ଜରିମାନା ଆଦାୟ କରାଯିବ ବୋଲି ସେ କହିଥିଲେ।

**ହାତୀ ଓ ବନ୍ୟଜନ୍ତୁଙ୍କ ପାଇଁ ବିପଦ**




ଜଳାଶୟରୁ ହାଇୱା ଯୋଗେ ମୋରମ ଚାଲାଣ ହେଉଛି।

# ଡିଇଓ କାର୍ଯ୍ୟାଳୟ ଘେରିଲା ଏନ୍‌ପିଏସ୍ ଶିକ୍ଷକ ସଂଘ

କଟକ ଅଫିସ,୧୦।୨

ରାଜ୍ୟରେ ଚୁକ୍ତିଭିତ୍ତିକ ନିଯୁକ୍ତି ବ୍ୟବସ୍ଥା ଉଚ୍ଛେଦ ହେବାକୁ ୪ ମାସ ପୂରିଛି। ଏହାସତ୍ତ୍ୱେ ୨୦୧୬ରୁ ୨୦୨୨ ବ୍ୟାଚ୍‌ର ଶିକ୍ଷକମାନଙ୍କୁ ନିୟମିତ କରାଯାଇନାହିଁ। ଏହାକୁ ବିରୋଧ କରି ଶୁକ୍ରବାର କଟକ ଜିଲା ସରକାରୀ ହାଇସ୍କୁଲ ଏନ୍‌ପିଏସ୍ ଶିକ୍ଷକ ସଂଘ ପକ୍ଷରୁ ଜିଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏହା ପୂର୍ବରୁ ୧୦୦୦ରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀଶିକ୍ଷକ ତ୍ରିଶୂଳିଆ ବ୍ରିଜଠାରୁ ଶାନ୍ତିପୂର୍ଣ୍ଣ ପଦଯାତ୍ରାରେ ଜିଲାପାଳ ଏବଂ ଡିଇଓଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ଶିକ୍ଷାଧିକାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ୨୦୦୪ରୁ ୧୪ ବ୍ୟାଚ୍‌ର ଶିକ୍ଷକମାନଙ୍କ କ୍ଷେତ୍ରରେ ମଧ୍ୟ ଅନ୍ୟାୟ ହେଉଥିବା ସଂଘ ଅଭିଯୋଗ କରିଛି। ଏ ପ୍ରସଙ୍ଗରେ ମୁଖ୍ୟ ସଚିବଙ୍କ ସହ ଏକାଧିକ ଆଲୋଚନା ହୋଇଥିଲେ ମଧ୍ୟ ସୁଫଳ ମିଳିନାହିଁ।




କଟକ ଜିଲା ସରକାରୀ ହାଇସ୍କୁଲ ଏନ୍‌ପିଏସ୍ ଶିକ୍ଷକ ସଂଘ ପକ୍ଷରୁ ବାହାରିଥିବା ଶାନ୍ତିପୂର୍ଣ୍ଣ ପଦଯାତ୍ରା।

ତେଣୁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଏଭଳି ପ୍ରତିବାଦ କରାଯାଇଛି ବୋଲି ଆନ୍ଦୋଳନକାରୀ ଶିକ୍ଷକ କହିଛନ୍ତି। ତୁରନ୍ତ ସରକାରୀ ସ୍ତରରେ ଏଥିପ୍ରତି ଧ୍ୟାନ ଦିଆ ନ ଗଲେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ସଂଘ ସଭାପତି ଶୁଭ ସୁନ୍ଦର ପଣ୍ଡା, ସମ୍ପାଦକ ଚନ୍ଦ୍ରକାନ୍ତ ଜେନା, କାର୍ଯ୍ୟକାରୀ ସଭାପତି ସୌଭାଗ୍ୟ ରଞ୍ଜନ ପାତ୍ର, ଉପଦେଷ୍ଟା ଶୁଭ୍ରଜିତ୍ ପ୍ରତିହାରୀ, ସାଙ୍ଗଠନିକ ସମ୍ପାଦକ ବିଭୁଦତ୍ତ ବେହେରା, କୋଷାଧ୍ୟକ୍ଷ ଶାଶ୍ୱତ କୁମାର ସାହୁ ଓ ଯୁଗ୍ମ କୋଷାଧ୍ୟକ୍ଷ ଦେବରାଜ ସାହୁ ପ୍ରମୁଖ ସମସ୍ୟା ସମାଧାନ ପାଇଁ ଦାବି ଉପସ୍ଥାପନ କରିଥିଲେ। ଏଥିରେ ଓଡ଼ିଶା କର୍ମଚାରୀ ମହାମଞ୍ଚର ଆବାହକ ପ୍ରଭାତ ମହାନ୍ତି, ରାଜ୍ୟ ସଂଘର ସଭାପତି ପୂର୍ଣ୍ଣଚନ୍ଦ୍ର ଆଇଚ, ସିବିଟି ରାଜ୍ୟ ସଂଘର ସଭାପତି ରାଜେନ୍ଦ୍ର ମଲ୍ଲିକ ଯୋଗଦେଇ ସରକାରଙ୍କର ଏହି ଶିକ୍ଷକମାରଣ ନୀତିକୁ ନିନ୍ଦା କରିଥିଲେ।

## ଆଜି କ'ଣ କେଉଁଠି

କଟକ

- ୨୧ତମ ଜାତୀୟ ଟିଏସ୍ ଏବଂ ଟିଓଏସ୍ ସମ୍ମିଳନୀ, କଟକ ଲଜ୍, ଥିଓସେଫି ହାଉସ୍, ସକାଳ ୮ଟା।
- ଜିଲାଜଜ୍ ସମ୍ମିଳନୀ ଉଦ୍‌ଘାଟନ ଓ ବାର୍ଷିକ ରିପୋର୍ଟ ଉନ୍ମୋଚନ, ଓଡ଼ିଶା ଜୁଡିସିଆଲ ଏକାଡେମୀ, ପୂର୍ବାହ୍ନ ୧୦ଟା।
- ରଘୁନାଥଜୀଉ ସ୍ନାତକ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, କଲେଜ ପରିସର, ଦେଉଳସାହି, ତୁଳସୀପୁର, ପୂର୍ବାହ୍ନ ୧୧ଟା।

## ସଂକ୍ଷେପରେ

### ଶିବିରରେ ୧୦୨ ଜଣଙ୍କ ଚକ୍ଷୁ ପରୀକ୍ଷା

ସାଲେପୁର,୧୦।୨(ଡି.ଏନ୍.ଏ.)- କଟକ ଜେ.ପି.ଏମ୍. ରୋଟାରୀ ଚକ୍ଷୁ ଚିକିତ୍ସାଳୟ ଆନୁକୂଲ୍ୟରେ ବିଜୟାନନ୍ଦ ଯୁବ ପରିଷଦ ଓ ରୋଟ୍ରାକ୍ଟ କ୍ଲବ ଅଫ୍ ବିରୂପା ଗୋପୀନାଥପୁର ସହଯୋଗରେ ଗୋପୀନାଥପୁରସ୍ଥିତ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ମହାଦେବ ମନ୍ଦିର ପରିସରରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରକୁ ମନ୍ଦିରର ମ୍ୟାନେଜିଂ ଟ୍ରଷ୍ଟି ବିରଞ୍ଚି ନାରାୟଣ ଦାଶ ଉଦ୍‌ଘାଟନ କରିଥିଲେ। ଅରବିନ୍ଦ ବିଦ୍ୟାଳୟ ଗୋପୀନାଥପୁର ସମ୍ପାଦକ ବୀରବର ସାହୁ, ମନ୍ଦିର କମିଟି ସମ୍ପାଦକ ବିଷ୍ଣୁଚରଣ ସାହୁ, କବି ପରମାନନ୍ଦ ସ୍ୱାଇଁ, ଶିକ୍ଷାବିତ୍ ଶିଶିର ପ୍ରଧାନ, କବି ହରେକୃଷ୍ଣ ଷଡ଼ଙ୍ଗୀ, ଶିକ୍ଷାବିତ୍ ରାମଚନ୍ଦ୍ର ପାଣି ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ୧୦୨ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇ ଚଷମା ଓ ଔଷଧ ବଣ୍ଟନ ସହ ୨୩ ଜଣଙ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ଚିହ୍ନଟ କରାଯାଇଥିଲା। ବିଜୟାନନ୍ଦ ଯୁବ ପରିଷଦର ସମ୍ପାଦକ ବିଶ୍ୱରଞ୍ଜନ ସାହୁଙ୍କ ସଂଯୋଜନାରେ ଆୟୋଜିତ ଶିବିରରେ ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ଶଶିକାନ୍ତ ଦାଶ, ନନ୍ଦିନୀ ନାୟକ, ବିନୋଦିନୀ ଦାଶ, ପରେଶ ସାହୁ ପ୍ରମୁଖ ଚକ୍ଷୁ ପରୀକ୍ଷା କରିଥିଲେ। ଉକ୍ତ ଶିବିରକୁ ବିଜୟାନନ୍ଦ ଯୁବ ପରିଷଦ ଓ ରୋଟ୍ରାକ୍ଟ କ୍ଲବ ଅଫ୍ ବିରୂପା ପକ୍ଷରୁ ପ୍ରଶାନ୍ତ ମହାନ୍ତି, ଧନେଶ୍ୱର ସାହୁ, ଦେବ ଜେନା, ରାଜକିଶୋର ସାହୁ, ଲିପି ପୃଷ୍ଟି, ମୋନାଲିସା ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

### ସାମାଜିକ କର୍ମୀଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

କଟକ ଅଫିସ, ୧୦।୨: ସାମାଜିକ କର୍ମୀ ନିର୍ମଳପ୍ରଭା ନାୟକଙ୍କ ବିୟୋଗରେ ସାରଳା ସାହିତ୍ୟ ସଂସଦ ପକ୍ଷରୁ କଟକ ସାରଳା ଭବନରେ ଶ୍ରଦ୍ଧାଞ୍ଜଳି ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଇଂ. ପ୍ରଭାକର ସ୍ୱାଇଁ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି କହିଥିଲେ, ନିର୍ମଳପ୍ରଭା ଜଣେ ସୁସାହିତ୍ୟିକା ଥିଲେ। ତାଙ୍କ ରଚିତ ସ୍ୱାମୀ ତଥା ସ୍ୱାଧୀନତା ସଂଗ୍ରାମୀ ଓ ପୂର୍ବତନ ବିଧାୟକ ରାଜକିଶୋର ନାୟକଙ୍କ ଜୀବନୀ 'ସାୟାହ୍ନର ସ୍ମୃତି' ଓଡ଼ିଆ ସାହିତ୍ୟର ଏକ ଅନବଦ୍ୟ କୃତି ବୋଲି ସେ କହିଥିଲେ। ଏଥିରେ ସାମ୍ବାଦିକ ଅରୁଣ କୁମାର ପଣ୍ଡା, ଚିତ୍ରଶିଳ୍ପୀ ରବିନାରାୟଣ ରଥ, ସାହିତ୍ୟିକା ଡ. ସୁଲୋଚନା ଦାସ, ନିମାଇଁ ପରିଜା, ଡା. ନୀରଦ ଗଚ୍ଛାୟତ, ଗୁରୁ ଆଶିଷ ଦାସ, ଚଳଚ୍ଚିତ୍ର ନିର୍ଦ୍ଦେଶକ ବସନ୍ତ ସାହୁ, ପ୍ରଣବ ଅଖଣ୍ଡ, ପ୍ରିୟବ୍ରତ ମିଶ୍ର ଉପସ୍ଥିତ ଥିଲେ। ବିଭୁ ପ୍ରସାଦ ରାଉତ, ବ୍ରଜକିଶୋର ବେଉରା, ଅକ୍ଷୟ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ହୋଟେଲ, ଦୋକାନରେ ଚଢ଼ାଉ
# ୪୦ କେଜି ଖାଦ୍ୟ ନଷ୍ଟ

- ୨ ବ୍ୟବସାୟୀଙ୍କଠାରୁ ଜରିମାନା ଆଦାୟ
- ଗୋଟିଏ ଦୋକାନ ସିଲ୍

କଟକ ଅଫିସ,୧୦।୨

ସହରରେ ଅପମିଶ୍ରିତ, ବାସି ଓ ନିମ୍ନମାନର ଖାଦ୍ୟ ବିକ୍ରି କରାଯାଉଛି। ଏହା ସ୍ୱାସ୍ଥ୍ୟ ପକ୍ଷରେ ହାନିକାରକ । ଏ ସମ୍ପର୍କରେ ଅଭିଯୋଗ ହେବା ପରେ କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ବାସି ଓ ନିମ୍ନମାନର ଖାଦ୍ୟ ଉପରେ ରୋକ୍ ଲଗାଇବା ପାଇଁ କିଛିଦିନ ହେବ ଚଢ଼ାଉ ଜାରି ରହିଛି। ଏହି କ୍ରମରେ ଶୁକ୍ରବାର ସିଏମ୍‌ସି ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ମର୍କତନଗର ସିଡିଏ ସେକ୍ଟର ୬, ୭ ଓ ୮ରେ ଥିବା ବିଭିନ୍ନ ହୋଟେଲ ଓ ଦୋକାନରେ ଚଢ଼ାଉ କରାଯାଇ ଖାଦ୍ୟର ମାନ ଯାଞ୍ଚ କରାଯାଇଥିଲା। ପ୍ରାୟ ୪୦ କେଜି ବାସି ଓ ନିମ୍ନମାନର ଖାଦ୍ୟ ନଷ୍ଟ କରାଯାଇଥିବା ସିଏମ୍‌ସି ପକ୍ଷରୁ କୁହାଯାଇଛି। ସେହିପରି


ସିଏମ୍‌ସି ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଖାଦ୍ୟର ମାନ ଯାଞ୍ଚ କରାଯାଉଛି ।

ଲାଇସେନ୍ସ ଓ ଆବଶ୍ୟକ କାଗଜପତ୍ର ଠିକ୍ ନ ଥିବାରୁ ୨ ବ୍ୟବସାୟୀଙ୍କଠାରୁ ୪ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ବିଶେଷକରି ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ବିକ୍ରି କରୁଥିବା ଗୋଟିଏ ଦୋକାନକୁ ସିଲ୍ କରାଯାଇଥିଲା। ବ୍ୟବସାୟୀମାନେ ସେମାନଙ୍କର ଲାଇସେନ୍ସ ଓ କାଗଜପତ୍ର ଠିକ୍ ରଖିବା ସହ ଉନ୍ନତମାନର ଖାଦ୍ୟ ବିକ୍ରି ପାଇଁ ଖାଦ୍ୟ ସୁରକ୍ଷା ବିଭାଗ ଅଧିକାରୀମାନେ ସଚେତନ କରିଥିଲେ। ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଚଢ଼ାଉରେ ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରତୀକ୍ଷା ଦାସ ମହାପାତ୍ରଙ୍କ ସମେତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ସାମିଲ ଥିଲେ ।

# ରାଜ୍ୟ ନିରାମୟ ଉପଦେଷ୍ଟାଙ୍କ ନିରାମୟ ପରିଦର୍ଶନ


ରାଜ୍ୟ ନିରାମୟ ଉପଦେଷ୍ଟା ଡା. ରଞ୍ଜନ ବିଶ୍ୱାଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଲୋଚନା କରୁଛନ୍ତି ।

ମାହାଙ୍ଗା,୧୦।୨(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକର ମାହାଙ୍ଗା ଓ ଜଗନ୍ନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିରାମୟ ଯୋଜନାରେ ଔଷଧ ନ ମିଳିବା ନେଇ ଖବରପ୍ରକାଶ ପାଇବା ପରେ ସରକାରଙ୍କ ଚେତା ପଶିଛି। ରାଜ୍ୟ ନିରାମୟ ଉପଦେଷ୍ଟା ଡା. ରଞ୍ଜନ ବିଶ୍ୱାଳ ଶୁକ୍ରବାର ମାହାଙ୍ଗା ଗସ୍ତରେ ଆସି ପ୍ରଥମେ ଜଗନ୍ନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ସେଠାରେ କାର୍ଯ୍ୟରତ ଡାକ୍ତର ଏବଂ ଔଷଧ ବଣ୍ଟନ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଔଷଧ ମିଳୁଛି କି ନାହିଁ ପଚାରି ବୁଝିଛନ୍ତି। ଯେଉଁ ଔଷଧଗୁଡ଼ିକ ସ୍ୱାସ୍ଥ୍ୟକେନ୍ଦ୍ରରେ ମିଳୁନାହିଁ ସେସମ୍ପର୍କରେ କଟକ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ କଥାହୋଇ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯିବ ବୋଲି ରାଜ୍ୟ ନିରାମୟ ଉପଦେଷ୍ଟା ବିଶ୍ୱାଳ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେହିପରି ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ନିରାମୟ ଔଷଧ ସମ୍ପର୍କରେ ପଚାରି ବୁଝିଥିଲେ। ସୂଚନାଯୋଗ୍ୟ, ରାଜ୍ୟ ସରକାର ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ନିମନ୍ତେ ବିଭିନ୍ନ ଯୋଜନା କରି ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ମାଗଣାରେ ଔଷଧ ଯୋଗାଉଛନ୍ତି।

# 'ଶାରଳା ଦାସ ଓଡ଼ିଆ ସାହିତ୍ୟ କାନନର ମହାଦ୍ରୁମ'

ରଘୁନାଥପୁର,୧୦।୨ (ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ରେନ୍ତୁଆସ୍ଥିତ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ପକ୍ଷରୁ ଶୁକ୍ରବାର 'ମାଟିର ମହାକବି ଶାରଳା ଦାସ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ନାଇଜରର କୁଳସଚିବା ତଥା କଲେଜ ପରିଚାଳନା ପରିଷଦର ସଭାପତି ଆଭାସୀ ଜରିଆରେ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରି ଏହାର ସଫଳତା କାମନା କରିଥିଲେ। ସମ୍ମାନିତ ଅତିଥି ଭାବେ ତିର୍ତ୍ତୋଲ ଆଦି କବି ଶାରଳା ଦାସ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡ.ସୁରଞ୍ଜନ ଲେଙ୍କା ଯୋଗଦେଇ ଶାରଳା ଦାସ ଓଡ଼ିଆ ସାହିତ୍ୟ କାନନର ମହାଦ୍ରୁମ ବୋଲି ମତ ରଖିଥିଲେ। ସେହିପରି ୪୨ ମୌଜା ସୁଦର୍ଶନ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ.ବିଜୟ କୁମାର ପଟ୍ଟନାୟକ ଓ ଗୋବିନ୍ଦପୁର



ଆଲୋଚନା ଚକ୍ରରେ ଯୋଗଦେଇଥିବା ଅତିଥିମାନେ ।

ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ.ଅଭିଲାଷ ଚନ୍ଦ୍ର ବେହେରା ଅନ୍ୟତମ ଅତିଥିଭାବେ ଯୋଗଦେଇ ଶାରଳା ଦାସଙ୍କ ସମ୍ପର୍କରେ ବହୁ ସାରଗର୍ଭକ ଟିପ୍ପଣୀ ରଖିଥିଲେ। ଛାତ୍ରୀ ସରୋଜିନୀ ସାହୁ, ଶିକ୍ଷା ସୁଧାରିକା ବସ୍ତିଆ, ସୁରେଶ କୁମାର ସେଠୀ ସ୍ୱଲିଖିତ ସନ୍ଦର୍ଭ ପାଠ କରିଥିଲେ। କଲେଜର ଅଧ୍ୟକ୍ଷ ସରୋଜ କୁମାର ପଣ୍ଡା ଆଲୋଚନାଚକ୍ରରେ ପୌରୋହିତ୍ୟ କରି ଶାରଳା ଦାସ ଓଡ଼ିଆ ଜାତିର ପରିଚୟ ବୋଲି ମତବ୍ୟକ୍ତ କରିଥିଲେ। ସୁଶ୍ରୀ ଗୀତା ରଥ ଓ ପ୍ରାଧ୍ୟାପିକା ଡ.ବିରସ କୁମାରୀ ନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ଗଦାଧର ପାଣି ଅତିଥି ପରିଚୟ ଓ କାର୍ଯ୍ୟ ସଞ୍ଚାଳନ କରିଥିଲେ। ଅଧ୍ୟାପିକା ସ୍ମିତାରାଣୀ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଏଥିରେ ସମସ୍ତ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।

# ଶିଶୁକନ୍ୟାଙ୍କୁ ଅସଦାଚରଣ ଅଭିଯୋଗ: ଯୁବକ ଗିରଫ

ମାହାଙ୍ଗା,୧୦।୨(ସ୍ୱ.ପ୍ର.)

ମାହାଙ୍ଗା ଥାନା ଅଧୀନ ଜୟପୁର ଫାଣ୍ଡି ଅଞ୍ଚଳରେ ଜଣେ ୫ ବର୍ଷୀୟା ଶିଶୁକନ୍ୟାଙ୍କୁ ଅସଦାଚରଣ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଜଣେ ଯୁବକଙ୍କୁ ଗିରଫ କରାଯାଇ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ହେଲେ ଉକ୍ତ ଅଞ୍ଚଳର ରାଜେନ୍ଦ୍ର କୁମାର ଜେନା (୪୦)। ଏନେଇ ଥାନାରେ ମାମଲା (ନଂ. ୪୭/୨୩) ରୁଜୁ କରାଯାଇଛି। ସମ୍ପୃକ୍ତା ଶିଶୁକନ୍ୟାଙ୍କ ଘରେ କେହି ନ ଥିବା ବେଳେ ଅଭିଯୁକ୍ତ ରାଜେନ୍ଦ୍ର ତାଙ୍କ ଘରେ ପଶି ଅସଦାଚରଣ କରିଥିଲେ। ଏନେଇ ଶିଶୁକନ୍ୟା ଜଣକ ମା'ଙ୍କୁ ଜଣାଇବାପରେ ଫାଣ୍ଡିରେ ରାଜେନ୍ଦ୍ରଙ୍କ ବିରୋଧରେ ଲିଖିତ ଅଭିଯୋଗ କରାଯାଇଥିଲା। ଏହାକୁ ଭିତ୍ତିକରି ଫାଣ୍ଡି ଅଧିକାରୀ ଗୋପବନ୍ଧୁ ମଲିକ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ରାଜେନ୍ଦ୍ରଙ୍କୁ ଛତିଆ ଅଞ୍ଚଳରୁ ଗିରଫ କରିଥିଲେ।

# ଫାଇନାଲରେ ବରଗଡ଼ ୟୁନାଇଟେଡ୍

## ବାପୁଜୀ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ

ବଡ଼ମ୍ବା,୧୦।୨(ଡି.ଏନ.ଏ.)

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଶଙ୍ଖାମେରୀ ଗ୍ରାମସ୍ଥିତ ପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ବାପୁଜୀ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ବାପୁଜୀ ଫୁଟବଲ୍ ଆସୋସିଏସନ୍ ଆନୁକୂଲ୍ୟରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଉଛି। ଶୁକ୍ରବାର ବରଗଡ଼ ୟୁନାଇଟେଡ୍ ଟିମ୍ ଓ କେବିଏଫ୍‌ସି ଚାଉଳିଆଗଞ୍ଜ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ବରଗଡ଼ ୭–୧ ଗୋଲରେ ବିଜୟୀ ହୋଇ ଫାଇନାଲକୁ ପ୍ରବେଶ କରିଛି। ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ମାଧବ ଚନ୍ଦ୍ର ରାଉତ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥିଭାବେ ପୂର୍ବତନ ସରପଞ୍ଚ ଫକୀର ସେଠୀ ଉପସ୍ଥିତ ଥିଲେ। ମୁଖ୍ୟ ରେଫରିଭାବେ ଆଲୋକ ଦେହୁରୀ ମ୍ୟାଚ ପରିଚାଳନା କରିଥିଲେ। ରବିବାର ବରଗଡ଼ ୟୁନାଇଟେଡ୍ ଓ ପ୍ରତାପନଗରୀ, କଟକ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

# ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକଙ୍କ ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ


ବିପର୍ଯ୍ୟୟ ପରିଚାଳନା ତାଲିମ ଶିବିରରେ ପ୍ରମାଣପତ୍ର ପାଇଥିବା ଶିବିରାର୍ଥୀ ଓ ଅନ୍ୟମାନେ ।

## ବିପର୍ଯ୍ୟୟ ପରିଚାଳନା ତାଲିମ ଶିବିର ଉଦ୍‌ଯାପିତ

ମାହାଙ୍ଗା,୧୦।୨(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ ଅନ୍ତର୍ଗତ ମୂଳବସନ୍ତ ପଞ୍ଚାୟତ ବାତ୍ୟା ଆଶ୍ରୟସ୍ଥଳ ପରିସରରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ସହାୟତା, ଜିଲା ପ୍ରଶାସନର ମିଳିତ ସହଯୋଗ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ବିପର୍ଯ୍ୟୟ ସମୟରେ ଉଦ୍ଧାର କାର୍ଯ୍ୟ ସମ୍ପର୍କରେ ଜ୍ଞାନକୌଶଳ ଓ ଉପକରଣ ଉପରେ ୫ ଦିନ, ପ୍ରାଥମିକ ଚିକିତ୍ସାର ଜ୍ଞାନକୌଶଳ ଉପରେ ୨ ଦିନ, ବାତ୍ୟା ଆଶ୍ରୟସ୍ଥଳର ପରିଚାଳନା କମିଟି, ବିପର୍ଯ୍ୟୟ ପରିଚାଳନା, ନଥିପତ୍ର ପ୍ରସ୍ତୁତି, ରକ୍ଷଣାବେକ୍ଷଣ ଉପରେ ୪ ଦିନ ତାଲିମ ପ୍ରଦାନ କରାଯାଇଥିଲା। ସରପଞ୍ଚଙ୍କ ପ୍ରତିନିଧି ପ୍ରଶାନ୍ତ କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ମୁଖ୍ୟ ଅତିଥି ଭାବେ ମାହାଙ୍ଗା ବ୍ଲକ ଅଗ୍ନିଶମ ସେବା ଅଧିକାରୀ ପ୍ରଭଞ୍ଜନ ସିଂ, ସମ୍ମାନିତ ଅତିଥି ଭାବେ ବ୍ଲକ ପ୍ରୋଗ୍ରାମ ଅଧିକାରୀ ବିଶ୍ୱନାଥ ସାହୁ, ତାଲିମ୍‌ଦାତା ମନୋରଞ୍ଜନ ତ୍ରିପାଠୀ, ଦିଲୀପ ମିଶ୍ର, ପ୍ରମୋଦ ଓଝା, ଇଂ. ଅନୟ ଅଭିନବ, ମଳୟ ଷଡ଼ଙ୍ଗୀ, ପ୍ରଧାନ ଶିକ୍ଷକ ବିଶ୍ୱଜିତ୍ ସେଠୀ ପ୍ରମୁଖ ଯୋଗଦେଇଥିଲେ। ବାତ୍ୟା, ବନ୍ୟା ଓ ଭୂମିକମ୍ପ ଆଦି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକଙ୍କୁ କିପରି ସୁରକ୍ଷିତ ଭାବେ ରଖାଯାଇପାରିବ ସେ ଉପରେ ଅତିଥିମାନେ ତାଲିମ କରିଥିଲେ। ନୋଡାଲ ଏନ୍‌ଜିଓ ଅଭିଯାନ ଅକ୍ଷୟ ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଅନୁଷ୍ଠାନର ସମ୍ପାଦକ ଦେବୀ ପ୍ରସାଦ ପଲେଇ ଧନ୍ୟବାଦ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ତାଲିମ ନେଇଥିବା ସମସ୍ତ ୭୫ ଜଣ ଶିବିରାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# ମାଙ୍କଡ଼ା ପଥର ଚୋରି, ୨ ଜମି ଦଲାଲ ଗିରଫ

ବାରଙ୍ଗ,୧୦।୨(ଡି.ଏନ୍.ଏ.)

ଚନ୍ଦକା ଥାନା ଅଧୀନ ହରିପୁର ମୌଜାରେ ଜଣେ ପୋଲିସ ଅଧିକାରୀ ଜମି କିଣି ସେଠାରେ ପାଚେରି ନିର୍ମାଣ କରୁଥିଲେ। ସେହି ଜମିକୁ ବିକିବା ପାଇଁ ୨ ଜମିଦଲାଲ ବାଧ୍ୟ କରିଥିଲେ। କିନ୍ତୁ ପୋଲିସ ଅଧିକାରୀ ଏଥିରେ ରାଜି ନ ହେବାରୁ ରାତାରାତି ପଥର ପାଚେରିକୁ ଭାଙ୍ଗି ମାଙ୍କଡା ପଥର ସବୁ ଚୋରି କରି ନେଇଯାଇଥିବା ଅଭିଯୋଗରେ ୨ ଜମିଦଲାଲଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ମେଣ୍ଢାଶାଳ ଗ୍ରାମ ଦକ୍ଷିଣ ସାହିର ସୁରେଶ କୁମାର ଦାସ ଓ ସିଂହସାହିର ସୌମ୍ୟରଞ୍ଜନ ବଳିୟାରସିଂ। ଏ ନେଇ ପୋଲିସ ମାମଲା(ନଂ.୪୫/୨୩) ରୁଜୁ କରିଛି। ମେଣ୍ଢାଶାଳ ଗାଁ ପାଖରେ ହରିପୁର ମୌଜାରେ ସିଆଇଏସଏଫ୍‌ର ଏସ୍‌ଆଇ ଅରୁଣ କୁମାର ମୁଦୁଲି ଏକ ଜାଗା କିଣି ମାଙ୍କଡା ପଥରରେ ପାଚେରି କରୁଥିଲେ। ତେବେ ସୁରେଶ ଓ ସୌମ୍ୟରଞ୍ଜନ ସେଠାରେ ପହଞ୍ଚି ଉକ୍ତ ଜମି କମ୍ ଦାମରେ ସେମାନଙ୍କୁ ବିକିବାକୁ କହିଥିଲେ। ପୋଲିସ ଅଧିକାରୀ ଜଣଙ୍କ ଜମିଦଲାଲଙ୍କ ପ୍ରଲୋଭନରେ ନ ଆସିବାରୁ ଉକ୍ତ ଜମିରେ ହୋଇଥିବା ପାଚେରିକୁ ଭାଙ୍ଗି ମାଙ୍କଡା ପଥର ଚୋରି କରି ନେଇଯାଇଥିଲେ।

# ଫାଇନାଲରେ କଟକ ଗାଲାଣ୍ଟ କ୍ଲବ


ଅତିଥିଙ୍କ ଗହଣରେ ଖେଳାଳିମାନେ।

## ରାଜ୍ୟସ୍ତରୀୟ ସାଲେପୁର କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

ସାଲେପୁର,୧୦।୨(ଡି.ଏନ୍.ଏ.)

ସାଲେପୁର ସ୍ପୋର୍ଟ୍ସ ଏକାଡ଼େମୀ ଆନୁକୂଲ୍ୟରେ ସାଲେପୁର ହାଇସ୍କୁଲ ଖେଳ ପଡ଼ିଆଠାରେ ଚାଲିଥିବା ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଗାଲାଣ୍ଟ କ୍ଲବ, କଟକ ଓ ଚାନ୍ଦ କ୍ଲବ, କେନ୍ଦ୍ରାପଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍ ଚିତାକର୍ଷକ ହୋଇଥିବାବେଳେ ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ୍ ଦେଇପାରି ନ ଥିଲେ। ପରେ ଟାଇବ୍ରେକର ମାଧ୍ୟମରେ ଗାଲାଣ୍ଟ କ୍ଲବ, କଟକ ୫–୪ ଗୋଲରେ ଚାନ୍ଦ କ୍ଲବ, କେନ୍ଦ୍ରାପଡ଼ାକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ଫୁଟବଲ ଖେଳାଳୀ ପ୍ରେମାନନ୍ଦ ଜେନା ଯୋଗଦେଇ ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ। ମ୍ୟାଚ୍‌କୁ ଜ୍ୟୋତିରଞ୍ଜନ ସ୍ୱାଇଁ, ସଞ୍ଜୀବ ଦାଶ, ଜୀବନଜ୍ୟୋତି ନାୟକ, ରସାନନ୍ଦ ସାମଲ ପ୍ରମୁଖ ରେଫରୀ ଭାବେ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ସେକ୍ ରହିମ୍ ବକ୍ସ, ନନ୍ଦ କିଶୋର ଭୂୟାଁ, ସମ୍ପାଦକ କିରଣ ଭୂୟାଁ, ଅଶୋକ ସେଠୀ, ବସନ୍ତ କର, ପ୍ରଦୀପ୍ତ କର, ଭାସ୍କର ସେଠୀ, ତପନ କର, ମଦନ ଜେନା, କୈଳାସ ବେହେରା, ବିଭୂତି ଶତପଥୀ, ମୀନକେତନ ବେହେରା, କୃଷ୍ଣଚରଣ ଦାଶ, ସୁରେନ୍ଦ୍ର ନାଥ ବେହେରା, ଅନୁଷ୍ଠାନର କୋଷାଧ୍ୟକ୍ଷ ମାନସ ରଞ୍ଜନ ସାହୁଙ୍କ ସମେତ ସାଲେପୁର ସ୍ପୋର୍ଟ୍ସ ଏକାଡ଼େମୀର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ୟୁନାଇଟେଡ୍ କ୍ଲବ, ଭଦ୍ରକ ଓ ମଙ୍ଗଳା କ୍ଲବ, କଟକ ମଧ୍ୟରେ ଶନିବାର ଦ୍ୱିତୀୟ ସେମିଫାଇନାଲ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ମିଳିଛି।

# ଲାଲ୍ ସଂସ୍ଥାରୁ ପ୍ରଶିକ୍ଷଣ ନେଲେ ୪ ଅଣଓଡ଼ିଆ ଛାତ୍ରୀଛାତ୍ର

ରଘୁନାଥପୁର,୧୦।୨(ଡି.ଏନ୍.ଏ.)

କୃଷି ଓ କୃଷକଙ୍କ ପାଇଁ କାର୍ଯ୍ୟ କରୁଥିବା ରଘୁନାଥପୁର ବ୍ଲକ ରେନ୍ତୁଆ ନଆଗଡ଼ସ୍ଥିତ ଲାଲ(ଲିଭ୍ ଆଣ୍ଡ ଲେଟ ଲିଭ୍) କୃଷିଭିତ୍ତିକ ସଂସ୍ଥାରେ ଟାଟା ଇନଷ୍ଟିଚ୍ୟୁଟ ଅଫ ସୋସିଆଲ ସାଇନ୍ସ ମହାରାଷ୍ଟ୍ରରୁ ୪ ଜଣ ଛାତ୍ରୀଛାତ୍ର ଆସି ଇଣ୍ଟର୍ନସିପ ପାଇଁ ପ୍ରଶିକ୍ଷଣ ନେଇଛନ୍ତି। ସେମାନେ ହେଲେ ଛାତ୍ରୀ ଆଶିକା ଓକାନ, ଯମୁନା ମୁଣ୍ଡା, ଛାତ୍ର ଆନାସାହେବ ରନବାହୁ ସିଟେ, ଦୟାନନ୍ଦ ତାତ୍ୟାରାଓ ଲାଙ୍ଗଡେ। ସେମାନଙ୍କୁ ସଂସ୍ଥା ପକ୍ଷରୁ ସମ୍ପାଦକ କ୍ଷେତ୍ରମୋହନ ବେହେରା କୃଷି ଓ ଏହାର ଆନୁଷଙ୍ଗିକ ବିଧିବ୍ୟବସ୍ଥା ସମ୍ପର୍କରେ ତାଲିମ ଦେଇଥିଲେ। ପୂର୍ବତନ କୃଷି ଯୁଗ୍ମ ନିର୍ଦ୍ଦେଶକ ଆଗ୍ରକ୍ଷେତ୍ର ଗୁରୁପ୍ରସାଦ ତ୍ରିପାଠୀ,ଉପଦେଷ୍ଟା ସୁକାନ୍ତ କୁମାର ଜେନା, ପୂର୍ବତନ ଜିଲା କୃଷି ଅଧିକାରୀ ରମେଶ ଚନ୍ଦ୍ର ଦାଶ ଓ ସଞ୍ଜୀବ ରାୟ ପ୍ରମୁଖ ବିହନ ଉତ୍ପାଦନ ସହ ବିଶୋଧନ, କୃଷି ଉଦ୍ୟୋଗ ଓ ବଜାରୀକରଣ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ଏହାଛଡା ଛାତ୍ରୀଛାତ୍ରମାନେ ଅଞ୍ଚଳର ସଫଳ ଚାଷୀଙ୍କଠାରୁ କୃଷିଭିତ୍ତିକ ଜ୍ଞାନ ଆହରଣ କରିବା ସହ ତୃଣମୂଳ ସ୍ତରରେ ପହଞ୍ଚି ଧାନ ଉତ୍ପାଦନ, କୃଷି ବ୍ୟବସ୍ଥା ଓ ସମସ୍ତ ପ୍ରକ୍ରିୟା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଉଦ୍‌ଯାପନୀ ଅବସରରେ ଆୟୋଜିତ ସଭାରେ ଛାତ୍ରୀଛାତ୍ରମାନେ ଦୀର୍ଘ ଏକମାସ ଧରି ରହିଣି ସମୟର ଅନୁଭୂତି ବଖାଣି ଥିଲେ। ଏଠାରେ ଆହରଣ କରିଥିବା ଜ୍ଞାନକୁ କୃଷି କ୍ଷେତ୍ରରେ ବିନିଯୋଗ କରି ସଫଳ ହେବା ପାଇଁ ସେମାନେ ଆଶାବାଦୀ ହୋଇଥିଲେ। ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପୂର୍ବତନ ଶିକ୍ଷକ ସୁରେଶ ଚନ୍ଦ୍ର ରାଉତ ସଭାରେ ପୌରୋହିତ୍ୟ କରି ଛାତ୍ରୀଛାତ୍ରଙ୍କ ଧୈର୍ଯ୍ୟଶକ୍ତି ରହିଲେ ସଫଳତା ହାସଲ କରିବେ ବୋଲି ମତ ରଖିଥିଲେ। ଏହି ଅବସରରେ କାଦମ୍ବିନୀ ବେହେରା, ତାପସ ବିଶ୍ୱାଳ, କୃଷ୍ଣପ୍ରିୟା ବିଶ୍ୱାଳ ଓ ଅର୍ପିତା ବରାଳ ପ୍ରମୁଖ କୃଷି କ୍ଷେତ୍ରରେ ନିଜର ଅନୁଭୂତି ବଖାଣିବା ସହ ଏ ସମ୍ପର୍କିତ ଦିଗ୍‌ଦର୍ଶନ ଦେଇଥିଲେ।


କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ ।

- ୧ ମାସ ହେବ ଇଣ୍ଟର୍ନଶିପ୍ କରୁଥିଲେ

# ମନମୋହିଲା ମେଲୋଡି, ସାଂସ୍କୃତିକ କାର୍ଯ୍ୟକ୍ରମ

## ରାଧାକାନ୍ତଜୀଉ ମହୋତ୍ସବ ଉଦ୍‌ଯାପିତ

ସାଲେପୁର,୧୦।୨(ଡି.ଏନ୍.ଏ.)

ସାଲେପୁର ବ୍ଲକ ପାଟପୁର ଗ୍ରାମର ରାଧାକାନ୍ତ ମନ୍ଦିର ପରିସରରେ ୩ ଦିନ ଚାଲିଥିବା ଶ୍ରୀ ଶ୍ରୀ ବିଷ୍ଣୁ ମହାଯଜ୍ଞ ଓ ରାଧାକାନ୍ତ ଜୀଉ ମହୋତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଭିନ୍ନ କଳାକାର ଓ ବ୍ୟକ୍ତିବିଶେଷମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ମେଲୋଡ଼ି 'ସୁରତାଲ' ମୁଖ୍ୟ ଆକର୍ଷଣ ପାଲଟିଥିଲା। ତେଲଗୁ ଓଡ଼ିଆ ଅଭିନେତ୍ରୀ ଅନୁରାଧା ପାଣିଗ୍ରାହୀ ନିଜର କଳା ପ୍ରଦର୍ଶନ କରି ଉପସ୍ଥିତ ଦର୍ଶକମାନଙ୍କ ମନୋରଞ୍ଜନ କରିଥିଲେ। ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ନେହା ନିହାରିକା, ସଂଗୀତ ନିର୍ଦ୍ଦେଶକ ବୈଦ୍ୟନାଥ ଦାଶ ପ୍ରମୁଖ ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦ୍ୱିଗୁଣିତ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମକୁ ଆୟୁଷ୍ମାନ୍ ମିଶ୍ର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବିଭିନ୍ନ କଳାକାରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ସହ ବହୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଚଳଚ୍ଚିତ୍ର ପ୍ରଯୋଜକ ଦିଲୀପ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ଓଡ଼ିଶାର ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ମନ୍ମଥ ମିଶ୍ର ଯୋଗଦେଇଥିବାବେଳେ ସାଲେପୁର ବ୍ଲକ ଯୁବ ବିଜେଡି ସଭାପତି ସଞ୍ଜିତ୍ ଦାଶ, ସମିତିସଭ୍ୟ ହିମାଂଶୁ ଶେଖର ଦାଶ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସାଲେପୁର ଅଞ୍ଚଳର ବିଭିନ୍ନ ସାମାଜିକ କର୍ମୀ, କୃତିତ୍ୱ ହାସଲ କରିଥିବା ବ୍ୟକ୍ତିବିଶେଷ ଏବଂ କାର୍ଯ୍ୟକ୍ରମରେ ନିଜର କଳାପ୍ରଦର୍ଶନ କରିଥିବା କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ସୁବାସ ଚନ୍ଦ୍ର ଦାଶ, ଅବସରପ୍ରାପ୍ତ ଶିକ୍ଷକ ଗୋପବନ୍ଧୁ ମହାନ୍ତି, ବିଜୟ କୁମାର ଦାଶ, ମଦନମୋହନ ଦାଶ, ଜୟନ୍ତ ଦାଶ, ଶରତ ପ୍ରଧାନ, ଦୁର୍ଯ୍ୟୋଧନ ବେହେରା ଓ ବିଶ୍ୱରଞ୍ଜନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ରୀତିନୀତି ଅନୁଯାୟୀ ବିଷ୍ଣୁ ମହାଯଜ୍ଞର ପୂର୍ଣ୍ଣାହୁତି ହୋଇଥିଲା।



ଉଦ୍‌ଯାପନୀ ଉତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଦି ପେଡିଆଟ୍ରିକ୍ ଅର୍ଥୋପେଡିକ୍ ସୋସାଇଟି ଅଫ୍ ଇଣ୍ଡିଆର ୨୯ତମ ବାର୍ଷିକ ସମ୍ମିଳନୀ, ସ୍ୱସ୍ତି ପ୍ରିମିୟମ୍, ସକାଳ ୮ଟା।
- ଉତ୍କଳ ବାର୍ଷିକ ସ୍ପୋର୍ଟ୍ସ ମିଟ୍, ଜୟଦେବ କଲେଜ ଖେଳପଡ଼ିଆ, ନହରକଣ୍ଟା, ସକାଳ ୮ଟା।
- ୧୫ତମ ରାଜ୍ୟସ୍ତରୀୟ କଳିଙ୍ଗ ହର୍ବାଲ ମେଳା, ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ପୂର୍ବାହ୍ନ ୧୦ଟା।
- ରିଡ୍‌ଭିକାର ୧୦ମ ପ୍ରତିଷ୍ଠା ଦିବସ, ମାଷ୍ଟରକ୍ୟାଣ୍ଟିନ୍, ପୂର୍ବାହ୍ନ ୧୧ଟା।
- ତୋଷାଳି ମେଳା, ଜନତା ମଇଦାନ, ଅପରାହ୍ନ ୨ଟା।
- କର୍ପୋରେଟ୍ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନ୍‌ଶିପ୍, ରେଲ୍‌ୱେ ଇନ୍‌ଡୋର ଷ୍ଟାଡିୟମ, ଅପରାହ୍ନ ୨ଟା।
- ପ୍ରଥା ମ୍ୟୁଜିକ୍‌ର ଶୁଭ ମହୁରତ, ମେଫେୟାର ଲାଗୁନ, ଜୟଦେବ ବିହାର, ଅପରାହ୍ନ ୪ଟା।
- କଳିଙ୍ଗ ହେରିଟେଜ ପ୍ରିଜର୍ଭେଶନ ଟ୍ରଷ୍ଟର ଆଲୋଚନାଚକ୍ର, ଭାରତୀୟ ବିଦ୍ୟାଭବନ, ଅପରାହ୍ନ ୪ଟା ୩୦।
- ସାରସ୍ୱତ ସମ୍ବର୍ଦ୍ଧନା ଓ କବିତା ପାଠୋତ୍ସବ 'ଶିଶୁକଲମ', ଭାରତୀୟ ବିଦ୍ୟାଭବନ, ଅପରାହ୍ନ ୫ଟା।
- ଶୋଭନୀୟ ପ୍ଲେ ସ୍କୁଲର ୨୧ତମ ବାର୍ଷିକ ଉତ୍ସବ, ସୂଚନା ଭବନ, ଅପରାହ୍ନ ୫ଟା।
- ୧୯ତମ ଧଉଳି-କଳିଙ୍ଗ ମହୋତ୍ସବ, ଧଉଳି ଶାନ୍ତିସ୍ତୁପ, ସନ୍ଧ୍ୟା ୬ଟା ୩୦।
- ଆଉଟ୍‌ରିଚ୍ ପକ୍ଷରୁ ୯ମ ଅନ୍ତର୍ଜାତୀୟ ରେଡିଓ ଫେୟାର, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।

**ବାଲିଅନ୍ତା**

- ଅଖଣ୍ଡ ଶାନ୍ତି ଜ୍ଞାନ ଯଜ୍ଞ ଶିବିର, ବଂଶୀ ବିହାର, ସନ୍ଧ୍ୟା ୬ଟା।
- ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନ ଯଜ୍ଞ, ଦୁର୍ଗା ପୂଜା ମଣ୍ଡପ, ଭିଙ୍ଗାରପୁର, ରାତି ୭ଟା ୩୦।

# ହତ୍ୟା ମାମଲା ରୁଜୁ, ଜେଲ ଗଲେ ଭଉଣୀଭାଇ

**ଅପହରଣ ପରେ ଥାନା ପରିସରରେ ଯୁବକଙ୍କ ମୃତ୍ୟୁ ଘଟଣା**

- ଧାର ଟଙ୍କାକୁ ନେଇ ବିବାଦ ଥିଲା
- ଏସିପି ର୍ୟାଙ୍କର ଅଧିକାରୀ ନେଲେ ତଦନ୍ତ ଭାର




ବ୍ୟକ୍ତି ଜଣକ ପଡିଯିବା ସମୟର ସିସିଟିଭି ଦୃଶ୍ୟ ।



ଗିରଫ ହୋଇଥିବା ଭାଇ ଭଉଣୀ ।

ଭୁବନେଶ୍ୱର,୧୦।୨ (ବ୍ୟୁରୋ): ଧାର ଟଙ୍କାକୁ କେନ୍ଦ୍ର କରି ବିଚିତ୍ର ପଲେଇ (୪୨)ଙ୍କୁ ଅପହରଣ କରାଯିବା ଏବଂ ପରେ ଶହୀଦନଗର ଥାନା ପରିସରରେ ତାଙ୍କର ମୃତ୍ୟୁ ଘଟଣାକୁ ନେଇ କମିଶନରେଟ ପୋଲିସ ତଦନ୍ତକୁ ଅଧିକ ତ୍ୱରାନ୍ୱିତ କରିଛି। ଗିରଫ ସମ୍ପର୍କୀୟ ଭଉଣୀଭାଇ ଶାନ୍ତିପଲ୍ଲୀ ବସ୍ତିର ନେତ୍ରମଣି ବେହେରା(୪୦) ଏବଂ କଟକ ସଦର ଥାନା ଅନ୍ତର୍ଗତ ଉରାଙ୍ଗପ୍ରଧାନ ଗ୍ରାମର ବଟକୃଷ୍ଣ ବେହେରା(୩୧)ଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ମୃତ ବିଚିତ୍ରଙ୍କ ସ୍ତ୍ରୀ ମୋନାଲିଙ୍କ ଅଭିଯୋଗ ଆଧାରରେ ଆଇପିସି ଦଫା ୩୪୧, ୩୨୩, ୩୬୫, ୩୦୨ରେ ଏକ ମାମଲା (ନଂ. ୫୬/୨୦୨୩) ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି। ଅନ୍ୟପକ୍ଷରେ କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ବିଚିତ୍ରଙ୍କ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଡିସିପି ପ୍ରତୀକ ସିଂ ଖବରଦାତା ସମ୍ମିଳନୀରେ କହିଛନ୍ତି , ମାମଲାର ତଦନ୍ତ ଭାର ଏସିପି କୃଷ୍ଣଚନ୍ଦ୍ର ପଲେଇଙ୍କୁ ଦିଆଯାଇଛି। ଘଟଣାସ୍ଥଳରେ ଥିବା ପ୍ରତ୍ୟକ୍ଷଦର୍ଶୀଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କର ମାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ସିଆର୍‌ପିସି ୧୬୪ ଧାରାରେ ବୟାନ ରେକର୍ଡ କରାଯିବ। ଥାନା ପରିସରରେ ଏଭଳି ଘଟଣା ଘଟିଥିବାରୁ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ନିର୍ଦ୍ଦେଶାବଳୀକୁ ତଦନ୍ତରେ ଅନୁସରଣ କରାଯାଉଛି ବୋଲି ସେ କହିଛନ୍ତି।

ସୂଚନା ଅନୁଯାୟୀ, ଅଭିଯୁକ୍ତା ନେତ୍ରମଣୀ ଏକ ବିଉଟି ପାର୍ଲର କରିଛନ୍ତି। ଗାଡ଼କଣ ଅଞ୍ଚଳରେ ରହୁଥିବା ଯାଜପୁର ଜିଲା ବରୀ ଅଞ୍ଚଳର ମୃତ ବିଚିତ୍ର ମିଠା ଦୋକାନ କରିଥିଲେ। କିଛି ବର୍ଷ ତଳେ ନେତ୍ରମଣୀଙ୍କଠୁ ବିଚିତ୍ର ୩ଲକ୍ଷ ଟଙ୍କା ଧାର ନେଇ ଫେରାଉ ନ ଥିଲେ। ଫଳରେ ନେତ୍ରମଣୀ ତାଙ୍କ ଭାଇ ବଟକୃଷ୍ଣଙ୍କ ସହଯୋଗରେ ଗୁରୁବାର ସନ୍ଧ୍ୟାରେ ବିଚିତ୍ରଙ୍କୁ ପଟିଆ ଅଞ୍ଚଳରୁ ଜବରଦସ୍ତ ଏକ କାର୍‌ରେ ବସାଇ କେଉଁଆଡ଼େ ନେଇଯାଉଥିଲେ। ବାଣୀବିହାର ଛକ ନିକଟରେ ଗାଡ଼ିର ବେଗ ଧୀର ହେବାରୁ ବିଚିତ୍ର କାର୍‌ରୁ ଡେଇଁ ପଡ଼ି ଦୌଡ଼ିଥିଲେ। ବଟକୃଷ୍ଣ ଓ ନେତ୍ରମଣୀ ତାଙ୍କୁ ପିଛା କରି ମାଡ଼ ମାରିଥିଲେ। ଏହାଦେଖି ବାଣୀବିହାରର କିଛି ଛାତ୍ର ଓ ସ୍ଥାନୀୟ ଲୋକ ସେଠାରେ ରୁଣ୍ଡ ହୋଇ ଘଟଣା ସମାଧାନ କରିବାକୁ ଚେଷ୍ଟା କରିଥିଲେ। ପରେ ୨ଯୁବକ ବିଚିତ୍ରଙ୍କୁ ଉଦ୍ଧାର କରି ଥାନାକୁ ନେଇଯାଇଥିଲେ। ପରେ ବଟକୃଷ୍ଣ ଓ ନେତ୍ରମଣୀ ମଧ୍ୟ ଥାନକୁ ଯାଇଥିଲେ। ହେଲେ ବିଚିତ୍ର ଥାନା ପରିସରରେ ଅସୁସ୍ଥ ହୋଇ ତଳେ ପଡ଼ିଯାଇଥିଲେ। ତାଙ୍କୁ ହସ୍ପିଟାଲରେ ନିଆଗଲା ପରେ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ ବଟକୃଷ୍ଣ ଓ ନେତ୍ରମଣୀଙ୍କ ଟଣାଓଟରା ଓ ମାଡ଼ରେ ବିଚିତ୍ର ଅସୁସ୍ଥ ହୋଇଥିଲେ ବୋଲି ପୋଲିସ ସନ୍ଦେହ କରୁଛି। ତଦନ୍ତର ପ୍ରଥମ ପର୍ଯ୍ୟାୟରେ ହତ୍ୟା ମାମଲାର ଦିଗକୁ ନେଇ ତଦନ୍ତ କରୁଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ପୋଲିସ ଅପେକ୍ଷା କରିଛି।

## ରାସ୍ତାରେ ବାଇକ୍ ହଟାଇବାକୁ କହିବାରୁ ଆକ୍ରମଣ, ୪ ଗିରଫ

ଭୁବନେଶ୍ୱର,୧୦।୨(ବ୍ୟୁରୋ): ରାସ୍ତାରେ ବାଇକ୍ ହଟାଇବାକୁ କହିବାରୁ ଆକ୍ରମଣ କରିବା ଅଭିଯୋଗରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ଏୟାରଫିଲ୍ଡ ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ସ୍ଥାନୀୟ ଥାନା ସୁନ୍ଦରପଦା ଅଞ୍ଚଳର ସେକ୍ ସଫିକ(୨୩), ସେକ୍ ସହିଦ (୨୭), ସେକ୍ ଜାହାଙ୍ଗୀର୍(୧୯) ଓ ଏୟାରପୋର୍ଟ ଥାନା ଅନ୍ତର୍ଗତ ପୋଖରୀପୁଟ ଅଞ୍ଚଳର ଚିରଞ୍ଜୀବ ଦାସ(୨୨। ଅଭିଯୁକ୍ତଙ୍କଠାରୁ ୨ ବାଇକ୍ ଓ ୬ ମୋବାଇଲ ଜବତ କରାଯାଇଛି। ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯିବା ପରେ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ. ୩୨/୨୦୨୩) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଗୁରୁବାର ପୂର୍ବାହ୍ନରେ ଭରତପୁର ଥାନା ଅନ୍ତର୍ଗତ କଳିଙ୍ଗନଗର ଅଞ୍ଚଳର ଅଭିଯୋଗକାରୀ ସେନାପତି ବିକ୍ରମଚୌଧୁରୀ ନିଜ ଡ୍ରାଇଭର ସହ କାର୍ ଯୋଗେ ଶଙ୍କରବଜାର ଛକ ରାସ୍ତା ଦେଇ ଯାଉଥିଲେ। ଉକ୍ତ ରାସ୍ତାରେ ୪ ଯୁବକ ୨ଟି ବାଇକ ରଖିଥିଲେ। ଏନେଇ ବିକ୍ରମଚୌଧୁରୀ ସେମାନଙ୍କୁ ବାଇକ୍ ହଟାଇବାକୁ କହିବାରୁ ଯୁବକମାନେ ରାଗି ଯାଇଥିଲେ। ପରେ ସେମାନେ ବିକ୍ରମଚୌଦୁରୀ ଏବଂ ତାଙ୍କ ଡ୍ରାଇଭରଙ୍କୁ ଗାଳିଗୁଲଜ କରିବା ସହ ସଂଘବଦ୍ଧ ଆକ୍ରମଣ କରିଥିଲେ। ଏ ନେଇ ବିକ୍ରମ ଚୌଧୁରୀ ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକ୍ରମେ ପୋଲିସ ତଦନ୍ତ କରି ୪ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।

## ସରିଲା ଖଣ୍ଡଗିରି ଯାତ୍ରା ମହାସମର

ଭୁବନେଶ୍ୱର,୧୦।୨(ବ୍ୟୁରୋ)

୧୦ ରାତି ଧରି ଖଣ୍ଡଗିରି ମେଳାରେ ଚାଲିଥିବା ଯାତ୍ରା ମହାକୁମ୍ଭ ଶୁକ୍ରବାର ଶେଷ ହୋଇଛି। ଶେଷ ରାତିରେ ଯାତ୍ରାପ୍ରେମୀଙ୍କ ମଧ୍ୟରେ ଯାତ୍ରା ଦେଖିବାକୁ ଅହେତୁକ ଉତ୍କଣ୍ଠା ଦେଖିବାକୁ ମିଳିଛି। ଦିନକ ଆଗରୁ ଟିକେଟ୍ କାଉଣ୍ଟରରୁ ଟିକେଟ୍ ସରିଯିବା ଫଳରେ ଦୂର ଦୂରାନ୍ତରୁ ଆସିଥିବା ଅନେକ ଯାତ୍ରାପ୍ରେମୀଙ୍କୁ ନିରାଶ ହେବାକୁ ପଡ଼ିଥିଲା। ଦର୍ଶକଙ୍କ ଚାହିଦାକୁ ରଖି ତୁଳସୀ ଗଣନାଟ୍ୟ ପକ୍ଷରୁ ଗୁରୁବାର ୨ଟି ଶୋ' କରାଯାଇଥିଲା। ସନ୍ଧ୍ୟା ୬ଟାରୁ ୧୧ଟା ପ୍ରଥମ ଶୋ' ପରିବେଷିତ ହୋଇଥିବାବେଳେ ଓ ରାତି ୧୨ ଟାରୁ ଦ୍ୱିତୀୟ ପର୍ଯ୍ୟାୟ ଶୋ'ରେ 'ଆଧା ରାତିର ସାଥୀ' ଦେଖିବାକୁ ଲୋକଙ୍କ ଗହଳି ଜମିଥିଲା। ଅପେରା ରଙ୍ଗ ମହଲ ୧୦ରାତି ଦର୍ଶକଙ୍କ ମନୋରଞ୍ଜନ କରୁଥିବାବେଳେ ଏପର୍ଯ୍ୟନ୍ତ ୩ଟି ନାଟକ ପରିବେଷଣ କରିଛି। ଶୁକ୍ରବାର ରାତିରେ 'ଜାରଜ ନୁହେଁ ଜହର କାହାର' ବେଶ୍ କରତାଳି ସାଉଁଟିଥିଲା। ସେହିପରି କୋଣାର୍କ ଗଣନାଟ୍ୟର 'କନିଆଁ କାନ୍ଦୁଛି କୋଣାର୍କ'ରେ ଦର୍ଶକଙ୍କ ଆଖିରେ ଲୁହ ଭରିଯାଇଥିଲା। ଯାତ୍ରା ମହାରଥୀ କଳିଙ୍ଗ ଗଣନାଟ୍ୟରେ ନାଟକ 'ସଞ୍ଜ ଆସେ ନଇଁ ନଇଁଲୋ' ବାରମ୍ବାର ପରିବେଷଣ ହେଉଥିଲେ ମଧ୍ୟ ପେଣ୍ଡାଲ ହାଉସ୍‌ଫୁଲ୍ ହୋଇଥିଲା। ସ୍ୱର୍ଣ୍ଣମହଲର 'ହାଟ ବସେଇଛି ହଟ ନାଗରୀ' ସହ ସ୍ୱର୍ଣ୍ଣ ମନ୍ଦିରର 'ଘୋଡ଼ାହାତୀ ଗଣ୍ଡାକୁ ଗଣ୍ଡା, ଏକା ଲଢ଼ିବ ରାନୀପଣ୍ଡା' ଦର୍ଶକଙ୍କ ମନୋରଞ୍ଜନ କରିଥିଲା।

## ମାଙ୍କଡ଼ା ପଥର ଚୋରି, ୨ ଜମି ଦଲାଲ ଗିରଫ

ବାରଙ୍ଗ,୧୦।୨(ଡି.ଏନ୍.ଏ.)

ଚନ୍ଦକା ଥାନା ଅଧୀନ ହରିପୁର ମୌଜାରେ ଜଣେ ପୋଲିସ ଅଧିକାରୀ ଜମି କିଣି ସେଠାରେ ପାଚେରି ନିର୍ମାଣ କରୁଥିଲେ। ସେହି ଜମିକୁ ନାନା ପ୍ରଲୋଭନ ଦେଖାଇ ବିକିବା ପାଇଁ ୨ ଜମିଦଲାଲ ବାଧ କରିଥିଲେ। କିନ୍ତୁ ପୋଲିସ ଅଧିକାରୀ ଏଥିରେ ରାଜି ନ ହେବାରୁ ରାତାରାତି ପଥର ପାଚେରିକୁ ଭାଙ୍ଗି ମାଙ୍କଡା ପଥର ସବୁ ଚୋରି କରି ନେଇଯାଇଥିବା ଅଭିଯୋଗରେ ୨ ଜମିଦଲାଲକୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ମେଣ୍ଢାଶାଳ ଗ୍ରାମ ଦକ୍ଷିଣ ସାହିର ସୁରେଶ କୁମାର ଦାସ ଓ ସିଂହସାହିର ସୌମ୍ୟରଞ୍ଜନ ବଳିୟାରସିଂ। ଏ ନେଇ ପୋଲିସ ମାମଲା(ନଂ.୪୫/୨୩) ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ମେଣ୍ଢାଶାଳ ଗାଁ ପାଖରେ ହରିପୁର ମୌଜାରେ ସିଆଇଏସଏଫ୍‌ର ଏସ୍‌ଆଇ ଅରୁଣ କୁମାର ମୁଦୁଲି ଏକ ଜାଗା କିଣି ମାଙ୍ଗଡା ପଥରରେ ପାଚେରି କରୁଥିଲେ। ତେବେ ସୁରେଶ ଓ ସୌମ୍ୟରଞ୍ଜନ ସେଠାରେ ପହଞ୍ଚି ଉକ୍ତ ଜମି କମ୍ ଦାମରେ ସେମାନଙ୍କୁ ବିକିବାକୁ କହିଥିଲେ। ପୋଲିସ ଅଧିକାରୀ ଜଣଙ୍କ ଜମିଦଲାଲଙ୍କ ପ୍ରଲୋଭନରେ ନ ଆସିବାରୁ ଉକ୍ତ ଜମିରେ ହୋଇଥିବା ପାଚେରିକୁ ଭାଙ୍ଗି ମାଙ୍କଡା ପଥର ସବୁ ଚୋରି କରି ନେଇଯାଇଥିଲେ। ଏହା ଜାଣି ପୋଲିସ ଅଧିକାରୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ କରି ୨ ଜମିଦଲାଲଙ୍କୁ ଗିରଫ କରିବା ସହ ମାଙ୍ଗଡା ପଥର ଜବତ କରିଥିଲେ।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ସାଂସ୍କୃତିକ କ୍ରୀଡ଼ା ସଂସଦର ବାର୍ଷିକ ଉତ୍ସବର ଶୁକ୍ରବାର ପରିବେଷିତ ନାଟକ 'ଜୀବନ ଯଜ୍ଞ'ର ଏକ ଦୃଶ୍ୟ। (ଫଟୋ-ମନୋରଞ୍ଜନ)

## ସଂକ୍ଷେପରେ

### ଜମିବାଡ଼ିକୁ କେନ୍ଦ୍ରକରି ଗୋଷ୍ଠୀ ସଂଘର୍ଷ, ୪ ଗିରଫ

ଭୁବନେଶ୍ୱର,୧୦।୨ (ବ୍ୟୁରୋ): ଜମିବାଡ଼ିକୁ କେନ୍ଦ୍ର କରି ଶୁକ୍ରବାର ରାତିରେ ୨ ପଡ଼ୋଶୀଙ୍କ ମଧ୍ୟରେ ସଂଗଠିତ ଗୋଷ୍ଠୀସଂଘର୍ଷ ଘଟଣାରେ ଇନ୍‌ଫୋସିଟି ଥାନା ପୋଲିସ ଉଭୟ ପକ୍ଷର ୪ ଜଣଙ୍କୁ ଶନିବାର ଗିରଫ କରିଛି। ମାମଲା (ନଂ.୫୧/୨୦୨୩)ରେ ଅଭିଯୁକ୍ତ ହେଲେ ସ୍ଥାନୀୟ ଥାନା ଶିଖରଚଣ୍ଡୀ ନଗରରେ ରହୁଥିବା ମୋହିତ କୌଲ (୨୮)। ସେହିପରି ମାମଲା (ନଂ.୫୨/୨୦୨୩)ର ଅଭିଯୁକ୍ତ ହେଲେ ଶିଖରଚଣ୍ଡୀ ନଗରର କଂଗ୍ରେସ ପାତ୍ର (୪୮) ଏବଂ ତାଙ୍କ ପୁଅ ବାବୁନି (୧୯) ଓ କୁନାଲ ପାତ୍ର। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବା ପରେ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ଶ୍ରେୟାସୀ ଚୌଧୁରୀଙ୍କୁ ଜିଲା ରତ୍ନ ସମ୍ମାନ

ଭୁବନେଶ୍ୱର,୧୦।୨(ବ୍ୟୁରୋ)- ଓଡ଼ିଶା ସଂସ୍କୃତି ଏକାଡେମୀ ଓ ସଙ୍ଗୀତ ମୂର୍ଚ୍ଛନା ଦ୍ୱାରା ଭଞ୍ଜକଳା ମଣ୍ଡପରେ ଏକ ସମ୍ବର୍ଦ୍ଧନା ଉତ୍ସବ ହୋଇଥିଲା। ଏହି ଉତ୍ସବରେ ସିଡିଏସ୍ଥିତ ଡିଏଭି ପବ୍ଲିକ ସ୍କୁଲର ଷ୍ଟାଣ୍ଡାର୍ଡ-୧ର ଛାତ୍ରୀ ଶ୍ରେୟାସୀ ଚୌଧୁରୀଙ୍କୁ ଜିଲା ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ନୃତ୍ୟ କ୍ଷେତ୍ରରେ ତାଙ୍କୁ ଏହି ସମ୍ମାନ ମିଳିଛି। ଜୀବ ବିଜ୍ଞାନ ଅଧାପକ ସ୍ମୃତିରଞ୍ଜନ ଚୌଧୁରୀ ଓ ମା' ଶିକ୍ଷୟିତ୍ରୀ ଶୁଚିସ୍ମିତା ଚୌଧୁରୀଙ୍କ ସେ ଏକମାତ୍ର ସନ୍ତାନ। ସେ ରାଜ୍ୟ ତଥା ରାଜ୍ୟ ବାହାରୁ ନୃତ୍ୟ ପାଇଁ ପୁରସ୍କୃତ ହୋଇଛନ୍ତି।

### ହରେକୃଷ୍ଣ ମହାମନ୍ତ୍ର ଜପ ସାନ୍ନିଧ୍ୟ ପ୍ରାପ୍ତିର ମାର୍ଗ

ପୁରୁଣା ଭୁବନେଶ୍ୱର,୧୦।୨(ଡି.ଏନ୍.ଏ.)- ହରେକୃଷ୍ଣ ମହାମନ୍ତ୍ର ଜପ କରିବା ସାନ୍ନିଧ ପ୍ରାପ୍ତିର ମୁଖ୍ୟ ମାର୍ଗ। ଠାକୁର ସୀତାରାମ ଦାଶ ଓଁକାରନାଥ ଦେବଙ୍କ ୧୩୨ ତମ ଜନ୍ମୋତ୍ସବ ପାଳନ ଅବସରରେ ବକ୍ତାମାନେ ଏହା ମତ ଦେଇଛନ୍ତି। ସ୍ଥାନୀୟ ଶ୍ୟାମାଶଙ୍କର ମଠ ପରିସରରେ ଶୁକ୍ରବାର ଆୟୋଜିତ ଉତ୍ସବ ଅବସରରେ ପ୍ରାତଃରୁ ଆଳତି, ଗୁରୁପୂଜା ପାଠ କରାଯାଇଥିଲା। ପରେ ଶ୍ରଦ୍ଧାଳୁ ଦୀକ୍ଷା ନେଇଥିଲେ। ନାମ ସଂକୀର୍ତ୍ତନ, ଭଜନ, ଆଧାତ୍ମିକ କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ଠାକୁରଙ୍କ ପ୍ରତିମୂର୍ତ୍ତିଠାରେ ୧୩୨ ଦୀପ ଦାନ କରାଯାଇଥିଲା। ତ୍ରୈମାସିକ ଆଧାତ୍ମିକ ପତ୍ରିକାର ସ୍ପେଶାଲ ସଂସ୍କରଣ ଉନ୍ମୋଚନ ହୋଇଥିଲା। ମଠ ମୁଖ୍ୟ ପରିଚାଳକ ଅରୁଣ ଗାଙ୍ଗୁଲିଙ୍କ ପରିଚାଳନାରେ ପୂର୍ଣ୍ଣଚନ୍ଦ୍ର ସାହୁ, ଜୟଦେବ ପଣ୍ଡା, ପ୍ରଶାନ୍ତ ପରିଡ଼ା, କୃପାସିନ୍ଧୁ ପାତ୍ର ସାମନ୍ତ, ସତୀ ସଂଘ ସଭାନେତ୍ରୀ ସଂଯୁକ୍ତା ସାମନ୍ତରାୟ, ସମ୍ପାଦିକା ସୁଷମା ପଟ୍ଟନାୟକ, ଛନ୍ଦା ଚାଟାର୍ଜୀ, ସ୍ନିଗ୍ଧା ମିତ୍ର, ତ୍ରିବେଣୀ ଗାଙ୍ଗୁଲି ପ୍ରମୁଖ ସହଯୋଗ କରିଥିଲେ।

# ଆଇଏସ୍‌ବିଟି ପରିଦର୍ଶନକଲେ ସଚିବ

**ମାର୍ଚ୍ଚ ସୁଦ୍ଧା ବସ୍ ଟର୍ମିନାଲ କାର୍ଯ୍ୟ ସାରିବାକୁ ଲକ୍ଷ୍ୟ**

ଭୁବନେଶ୍ୱର,୧୦।୨(ବ୍ୟୁରୋ)

ବରମୁଣ୍ଡାସ୍ଥିତ ଇଣ୍ଟରନ୍ୟାଶନାଲ ଷ୍ଟେଟ୍ ବସ୍ ଟର୍ମିନାଲ (ଆଇଏସ୍‌ବିଟି)ର ନିର୍ମାଣ କାର୍ଯ୍ୟ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଗୃହ ଓ ନଗର ଉନ୍ନୟନ ବିଭାଗ ସଚିବ ଜି ମାଥିଭାଥନ୍ ଓ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଉପାଧକ୍ଷ ବଲୱନ୍ତ ସିଂହ ଆଇଏସ୍‌ବିଟି ପରିଦର୍ଶନ କରିଛନ୍ତି। କାର୍ଯ୍ୟର ଅଗ୍ରଗତିର ସମୀକ୍ଷା କରିବା ପରେ ନିର୍ଦ୍ଧାରିତ ସମୟରେ ସମସ୍ତ କାର୍ଯ୍ୟ ସାରିବା ପାଇଁ ମାଥିଭାଥନ୍ ନିର୍ଦ୍ଦେଶ ଦେଇଛନ୍ତି। ଟ୍ରାଫିକ ବ୍ୟବସ୍ଥାର ସୁପରିଚାଳନା ନେଇ ବିଶେଷ ଆଲୋଚନା କରାଯାଇଛି। ୨୦୧୮ରୁ ଡିପୋର ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ଯାତ୍ରୀ ତଥା ଯାନାବାହାନ ଚଳାଚଳରେ ସମସ୍ୟା ହେଉଛି। ତେବେ ଆସନ୍ତା ମାର୍ଚ୍ଚ ସୁଦ୍ଧା ବସ୍ ଟର୍ମିନାଲର ନିର୍ମାଣ କାର୍ଯ୍ୟ ସମାପ୍ତ ହେବା ସହ ଆସନ୍ତା ସେପ୍ଟେମ୍ବର ଶେଷ ସୁଦ୍ଧା ଇନ୍‌ଡୋର କାର୍ଯ୍ୟ ସମାପ୍ତ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବିଡିଏ ପକ୍ଷରୁ କୁହାଯାଇଛି। କ୍ଷେତ୍ର ପରିଦର୍ଶନ ସମୟରେ ବିଡିଏର ବରିଷ୍ଠ ଅଧିକାରୀଙ୍କ ସମେତ ପ୍ରକଳ୍ପ ସହ ଜଡ଼ିତ ବିଭିନ୍ନ ବିଭାଗର କାର୍ଯ୍ୟକାରୀ ସଦସ୍ୟ ଉପସ୍ଥିତ ଥିଲେ।

ସୂଚନାଥାଉ କି, ବରମୁଣ୍ଡା ଆଇଏସ୍‌ବିଟି କାର୍ଯ୍ୟକ୍ଷମ ହେବା ଦ୍ୱାରା ୧୦୦ରୁ ଅଧିକ ବସ୍ ସେବା ବ୍ୟବସ୍ଥା ସହ ଅନ୍ୟାନ୍ୟ ସେବା ମିଳିପାରିବ। ୬ଟି ବ୍ଲକରେ ପ୍ରାୟ ୧୨୨ଟି ଦୋକାନ ଗୃହ ରହିବ। ପ୍ରଥମ ବ୍ଲକରେ ୧୦ଟି ଦୋକାନ, ଫୁଡ୍ କୋର୍ଟ, ଶୌଚାଳୟ, ବିଦ୍ୟୁତ୍ ସରଞ୍ଜାମ ଗୃହ, ଡର୍ମିଟୋରୀ, ବିଶ୍ରାମ ଗୃହ, କ୍ୟାଣ୍ଟିନ ଆଦି ରହିବ। ଦ୍ୱିତୀୟ ବ୍ଲକ୍‌ରେ ଲିଫ୍ଟ, ଏସ୍କାଲେଟର, ଶୌଚାଳୟ, ଟିକେଟ୍ କାଉଣ୍ଟର, ଲବି, ଏଟିଏମ୍, କୋରିୟର୍ ସେବା, ଲିଫ୍ଟ ଲବି, ପୋଲିସ୍ ଆଉଟପୋଷ୍ଟ, ୨ଟି ଦୋକାନ, ଆସୋସିଏଶନ୍ ଅଫିସ୍, ରିଟେଲ ଅଫିସ୍ ରହିବ। ସେହିପରି ବ୍ଲକ-୩ରେ ହେଲ୍ପଡେସ୍କ, ଲଗେଜ୍ ସ୍କାନର, ୪ଟି କିଓସ୍କ, ପ୍ରତୀକ୍ଷାସ୍ଥଳ, ହକର୍ସ ଜୋନ୍, କରିଡର୍ ଆଦି ରହିବ। ତେବେ ବ୍ଲକ୍-୪ରେ ପ୍ରାୟ ୨୩ଜଣ ବ୍ୟବସାୟୀ ଦୋକାନର ସୁବିଧା ପାଇପାରିବେ। ଏହି ବ୍ଲକ୍‌ରେ କିଚେନ୍, ରେଷ୍ଟୁରାଣ୍ଟ, ସିସିଡି, ଇଏଲଭି ରୁମ୍ ମଧ୍ୟ ରହିବ। ପଞ୍ଚମ ବ୍ଲକରେ ୨୭ଜଣ ବ୍ୟବସାୟୀଙ୍କୁ ଦୋକାନ ଘର ମିଳିବ। ଏଥିସହ ରେଭେନ୍ୟୁ ଅଫିସ୍, ମେଣ୍ଟେନାନ୍ସ ଷ୍ଟାଫ୍ ରୁମ୍, କଣ୍ଟ୍ରୋଲ ରୁମ୍ ଆଦି ରହିବ। ତେବେ ଷଷ୍ଠ ବ୍ଲକର ଗ୍ରାଉଣ୍ଡ ଫ୍ଲୋରରେ ୨୮ଟି ଏବଂ ପ୍ରଥମ ମହାଲାରେ ୩୨ଦୋକାନ ରହିବ। ସେହିପରି ବସଷ୍ଟାଣ୍ଡରେ ଓଡ଼ିଶା ଐତିହ୍ୟର ପ୍ରତିଛବି ଦେଖିବାକୁ ମିଳିବ।

## ପଶ୍ଚିମ ଓଡ଼ିଶାର ଲୋକ ସଂସ୍କୃତି ଜାଣିଲେ ଦର୍ଶକ

**ତୋଷାଳି ମେଳାର ଦଶମ ସନ୍ଧ୍ୟା**

ଭୁବନେଶ୍ୱର,୧୦।୨(ବ୍ୟୁରୋ)

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଆନୁକୂଲ୍ୟରେ ଜନତା ମଇଦାନରେ ଆୟୋଜିତ ସପ୍ତଦଶ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା ଶୁକ୍ରବାର ଦଶମ ସନ୍ଧ୍ୟାରେ ପହଞ୍ଚିଛି। ଏହି ଅବସରରେ ଅତିଥି ଭାବେ ଓଡ଼ିଶା ହାଇକୋର୍ଟର ଜଷ୍ଟିସ ଚିତ୍ତରଞ୍ଜନ ଦାଶ ଏବଂ ଲେଖିକା ଅଭିପ୍ସା ଦାସ ଯୋଗଦେଇଥିଲେ। ମଞ୍ଚରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ସ୍ୱତନ୍ତ୍ର ସଚିବ ଶ୍ରୀକାନ୍ତ ପୃଷ୍ଟି ଏବଂ ହସ୍ତଶିଳ୍ପ ନିର୍ଦ୍ଦେଶକ ଶ୍ୟାମଭକ୍ତ ମିଶ୍ର ଉପସ୍ଥିତ ରହି ଅତିଥିଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ। ଆୟୋଜିତ ସାଂସ୍କୃତିକ ସନ୍ଧ୍ୟା ପଶ୍ଚିମ ଓଡ଼ିଶାର ଲୋକପ୍ରିୟ ଲୋକସଂସ୍କୃତି ପାଇଁ ସମର୍ପିତ ଥିଲା। ଦର୍ଶକ ତଥା ପରିଦର୍ଶକଙ୍କୁ ଏହା ଓଡ଼ିଶାର କଳା, ସଂସ୍କୃତି ତଥା ଜୀବନଶୈଳୀ ସହ ପରିଚିତ କରାଇଥିଲା। ଡାପ ପୁଆଁରୀ କଳାକେନ୍ଦ୍ର, ଟିଟିଲାଗଡର କଳାକାରବୃନ୍ଦ ରସରକେଲୀ ନୃତ୍ୟର ତାଳେ ତାଳେ ଦର୍ଶକଙ୍କ ମନ ମୋହି ଥିବାବେଳେ କଳାଜୀବୀ, ବରଗଡ଼ ଏବଂ କୋଶଳ ଫୋକ୍ ଏକାଡେମୀ, ବଲାଙ୍ଗୀରର ନୃତ୍ୟଶିଳ୍ପୀମାନେ ଡାଲଖାଇର ନାଚ ଦ୍ୱାରା ପରିଦର୍ଶକଙ୍କର ମନୋରଞ୍ଜନ କରିଥିଲେ। ଗାୟିକା ପଦ୍ମିନୀ ଡୋରା ଓ ତାଙ୍କର ସାଥି କଳାକାରମାନେ ଏହି ସମ୍ବଲପୁରୀ ସଙ୍ଗୀତର ସନ୍ଧ୍ୟାର ଆସରକୁ ଜମାଇଥିଲେ।

## ଶକ୍ତିଶାଳୀ ସମାଜ ଗଠନରେ କ୍ରୀଡ଼ା ମୁଖ୍ୟ ଆଧାର

**କେନ୍ଦୁପାଟଣା ବିଦ୍ୟାଳୟର ୩୪ତମ ବାର୍ଷିକୋତ୍ସବ**

ବାରଙ୍ଗ,୧୦।୨(ଡି.ଏନ୍.ଏ.)

ଏକ ସୁସ୍ଥ ଓ ଶକ୍ତିଶାଳୀ ସମାଜ ଗଠନରେ ଉତ୍ତମ କ୍ରୀଡ଼ା ମୁଖ୍ୟ ଆଧାର ବୋଲି ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ କହିଛନ୍ତି। ଭୁବନେଶ୍ୱର ବ୍ଲକ ଅନ୍ତର୍ଗତ କେନ୍ଦୁପାଟଣା ଉତ୍କଳମଣି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୩୪ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଧାୟକ ରାଉତ ଯୋଗଦେଇ ଉପରୋକ୍ତ ବ୍ୟକ୍ତ କରିଛନ୍ତି। ଆହୁରି ସେ କହିଛନ୍ତି, ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ପ୍ରତି ସର୍ବଦା ଯତ୍ନଶୀଳ ହେବା ସହିତ ସେମାନଙ୍କୁ ଉତ୍ତମ ତଥା ନୈତିକ ଶିକ୍ଷା ପ୍ରଦାନ କରିବାରେ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକମାନେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଗୁରୁତ୍ୱାରୋପ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜଗନ୍ନାଥ ଭଞ୍ଜ ଉତ୍ସବକୁ ସଭାପତିତ୍ୱ କରିଥିଲେ। ପୂର୍ବତନ ଜିଲା ପରିଷଦ କୁନାଲ ରାଉତ, ସରପଞ୍ଚ ନିଶିପଦ୍ମା କାଣ୍ଡି, ଦେବରାଜ ଭୋଇ, ନାଏବ ସରପଞ୍ଚ ରଞ୍ଜିତ ଦାସ ସମେତ ମୁରବୀ ଭଗବାନ ଜେନା ପ୍ରମୁଖ ଅତିଥିଭାବେ ଯୋଗଦେଇ ଗୁରୁଜନ ଏବଂ ବିଦ୍ୱାନମାନଙ୍କୁ ସର୍ବଦା ଭକ୍ତି ଓ ଆଦର କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ବରିଷ୍ଠ ଶିକ୍ଷକ ସଂଗ୍ରାମ କେଶରୀ ପଟ୍ଟନାୟକ ଅତିଥି ପରିଚୟ ଓ ପ୍ରଧାନଶିକ୍ଷକ ଯୋଗେନ୍ଦ୍ର ସେନାପତି ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ବାଳକ ବିଭାଗର ଚାମ୍ପିୟନ ନିର୍ମାଲ୍ୟ ଭଞ୍ଜ ଓ ବାଳିକା ବିଭାଗର ପ୍ରିୟଦର୍ଶିନୀ ଭୋଇଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷକ ସୁରେନ୍ଦ୍ର ରେଡ୍ଡି ଧନ୍ୟବାଦ ଦେଇଥିବାବେଳେ ଶିକ୍ଷୟିତ୍ରୀ ସୁକାନ୍ତୀ ସିଂହ, ସୀମାରାଣୀ ବେହେରା, ପ୍ରଦୀପ୍ତାରାଣୀ ବସ୍ତିଆ, ଶିକ୍ଷକ ସୋମନାଥ ସିଂହ, ପୂର୍ବତନ ସିଆରସିସି ସଞ୍ଜୟ ସାହୁ ପ୍ରମୁଖ ଉତ୍ସବକୁ ପରିଚାଳନା କରିଥିଲେ।

# ନୂତନ ୟୁଜର ଫି' ନେଇ ବ୍ୟବସାୟୀଙ୍କ ଅସନ୍ତୋଷ

ପୁରୀ ଅଫିସ, ୧୦।୨




ପୁରୀ ପୌରାଞ୍ଚଳରେ ଛୋଟ ବଡ଼ ବ୍ୟବସାୟିକ ଅନୁଷ୍ଠାନଗୁଡ଼ିକରୁ ବାହାରୁଥିବା ଅଳିଆ ଆବର୍ଜନା ସଫେଇ ପାଇଁ ନୂତନ ୟୁଜର ଫି' ଲାଗୁ ହୋଇଛି। ଏହି ୟୁଜର ଫି' ୬ଶହ ଟଙ୍କାରୁ ଆରମ୍ଭ କରି ୫ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ବିଭିନ୍ନ ବ୍ୟବସାୟିକ ଅନୁଷ୍ଠାନରୁ ବାହାରୁଥିବା ଅଳିଆ ଆବର୍ଜନା ପରିମାଣକୁ ନେଇ ପୌରପରିଷଦ ପକ୍ଷରୁ ଭିନ୍ନ ଭିନ୍ନ ୟୁଜର ଫି ଲାଗୁ କରାଯାଇଛି। ତେବେ ଛୋଟ ବ୍ୟବସାୟ ଅନୁଷ୍ଠାନଠାରୁ ୬ଶହ ଟଙ୍କାରୁ ଆରମ୍ଭ କରି ଓଜନ ଅନୁଯାୟୀ ବର୍ଦ୍ଧିତ ଫି' ଆଦାୟ ନିଷ୍ପତ୍ତିକୁ ବ୍ୟବସାୟୀମାନେ ବିରୋଧ କରିବା ସହ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅପରପକ୍ଷେ ସଫେଇ ପାଇଁ ଅନେକ କର୍ମଚାରୀ ନିୟୋଜିତ ଥିବାବେଳେ ସେମାନଙ୍କ ଦରମା ଓ ବିଭିନ୍ନ ଖର୍ଚ୍ଚକୁ ନେଇ ୟୁଜର ଫି ନିଷ୍ପତ୍ତି ହୋଇଛି ବୋଲି ପୌରସଂସ୍ଥା ପକ୍ଷରୁ କୁହାଯାଇଛି।

ପୁରୀ ପୌରାଞ୍ଚଳ ଅଧୀନରେ ଥିବା ସମସ୍ତ ବ୍ୟବସାୟ ପ୍ରତିଷ୍ଠାନଠାରୁ ଅଳିଆ ଆବର୍ଜନା ସଫେଇ ପାଇଁ ୟୁଜର ଫି ଆଦାୟ ହେବ। ଛୋଟ ବ୍ୟବସାୟୀଙ୍କଠାରୁ ଆରମ୍ଭ କରି ବଡ଼ ବଡ଼ ବ୍ୟବସାୟ ଅନୁଷ୍ଠାନ ପର୍ଯ୍ୟନ୍ତ ଭିନ୍ନ ଭିନ୍ନ ୟୁଜର ଫି ଦେବାର ସ୍ଲାବ୍ ରହିଛି। ରାସ୍ତାକଡ଼ରେ ବସୁଥିବା ଉଠାଦୋକାନୀଙ୍କ ପାଇଁ ମାସିକ ୬ଶହ ଟଙ୍କା ୟୁଜର ଫି ଧାର୍ଯ୍ୟ କରାଯାଇଛି। ଦୈନିକ ୫ କେଜି ଆବର୍ଜନା ବାହାରୁଥିବା ଛୋଟ ଦୋକାନଠାରୁ ୬ଶହ ଟଙ୍କା, ୧୫ କେଜି ଆବର୍ଜନା ବାହାରୁଥିବା ବ୍ୟବସାୟିକ ପ୍ରତିଷ୍ଠାନଠାରୁ ୧ହଜାର ଟଙ୍କା ଏବଂ ଏହାଠାରୁ ଅଧିକ ଆବର୍ଜନା ବାହାରୁଥିବା ବଡ଼ ବ୍ୟବସାୟ ପ୍ରତିଷ୍ଠାନ ପାଇଁ ୫ ହଜାର ଟଙ୍କା ପର୍ଯ୍ୟନ୍ତ ୟୁଜର ଫି ରହିଛି। ତେବେ ସଫେଇ ପାଇଁ ପୁରୀ ପୌରପାଳିକା ପକ୍ଷରୁ ଛୋଟ ଦୋକାନ ପାଇଁ ଧାର୍ଯ୍ୟ ହୋଇଥିବା ମାସିକ ୬ଶହ ଟଙ୍କା ୟୁଜର ଫି କୁ ନେଇ କ୍ଷୁଦ୍ର ବ୍ୟବସାୟୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପୂର୍ବରୁ ରାସ୍ତା କଡ଼ରେ ବ୍ୟବସାୟ କରିବା ପାଇଁ ପୌରପାଳିକା ମାହାସୁଲ ଆଦାୟ କରୁଥିବାବେଳେ ଏବେ ୟୁଜର ଫି ନାଁରେ ପୁଣି ମାସକୁ ୬ଶହ ଟଙ୍କା ଆଦାୟ କରିବା ଛୋଟ ବ୍ୟବସାୟୀଙ୍କ ପେଟକୁ ଲାତ ମାରିବା ସଦୃଶ ବୋଲି ଉଠାଦୋକାନୀମାନେ କହିଛନ୍ତି। କ୍ଷୁଦ୍ର ବ୍ୟବସାୟୀ ଅନିଲ ସାହୁ କହିଛନ୍ତି, ତାଙ୍କ ଦୋକାନରୁ ମାସକୁ ଧାର୍ଯ୍ୟ ପରିମାଣଠାରୁ କମ୍ ଓଜନର ଅଳିଆ ବାହାରୁଛି। ମାତ୍ର ପୌର ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ ମାସକୁ ୬୦୦ ଟଙ୍କା ଦେବାକୁ ପଡୁଛି। ପ୍ରଶାସନ ଏହି ନିଷ୍ପତ୍ତି ଉପରେ ପୁନଃ ବିଚାର କରି ଧାର୍ଯ୍ୟ ମୂଲ୍ୟକୁ ହ୍ରାସ କଲେ ଭଲ ହେବ ବୋଲି ସାହୁ ପ୍ରକାଶ କରିଛନ୍ତି। ପୌରପାଳିକା ବିଭିନ୍ନ ବ୍ୟବସାୟିକ ଅନୁଷ୍ଠାନ ସହ ଆଲୋଚନା କରି ସେମାନଙ୍କ ଅଭିଯୋଗର ସମାଧାନ ସହିତ ସଫେଇ କାର୍ଯ୍ୟକ୍ରମକୁ ଆଗେଇ ନେବାର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। ତେବେ ଏ ନେଇ ପୌର ସଂସ୍ଥାର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ କୁମାର ବେହେରା କହିଛନ୍ତି, ପୁରୀ ବଡ଼ଦାଣ୍ଡ, ସମୁଦ୍ରକୂଳ ସହିତ ପୌରାଞ୍ଚଳରେ ହଜାର ହଜାର ଉଠା ଦୋକାନୀ ଦୈନିକ ବ୍ୟବସାୟ କରୁଛନ୍ତି।

## ସଂକ୍ଷେପରେ

### ଜିଲା କଂଗ୍ରେସ କମିଟିର ବୈଠକ

**ପୂର୍ଣ୍ଣକାଳୀନ ସଭାପତି ମନୋନୟନ କରାଯିବାକୁ ମତ ପ୍ରକାଶ**

**ପୁରୀ ଅଫିସ, ୧୦।୨:** ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ପୁରୀ ଜିଲା କଂଗ୍ରେସର ପ୍ରମୁଖ କର୍ମକର୍ତ୍ତାଙ୍କୁ ନେଇ ଶୁକ୍ରବାର ସ୍ଥାନୀୟ ଇନ୍ଦିରା ଭବନରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବିଷୟକୁ ନେଇ ଆଲୋଚନା ଓ ପର୍ଯ୍ୟାଲୋଚନା କରାଯାଇଥିଲା। ପିସିସି ସଭାପତିଙ୍କ ଉପରେ ଜିଲା ସମେତ ସମସ୍ତ ଜିଲାର କଂଗ୍ରେସ କର୍ମୀଙ୍କ ମଧ୍ୟରେ ଏକ ବିଶ୍ୱାସ ସଞ୍ଚାର ହୋଇଛି ଏବଂ ସେ ଆଗାମୀ ଦିନରେ ଦଳକୁ ସଫଳ ନେତୃତ୍ୱ ଦେଇପାରିବେ ବୋଲି ବୈଠକରେ ମତ ପ୍ରକାଶ ପାଇଛି। ଜିଲା ସଭାପତି ରୂପେ ପିସିସି ସଭାପତି ଯାହାଙ୍କୁ ମନୋନୟନ କରିବେ ତାହାକୁ ସମସ୍ତେ ସମର୍ଥନ ଜଣାଇ ସହଯୋଗ କରିବେ ବୋଲି ନିଷ୍ପତ୍ତି ହୋଇଛି। ତେଣୁ ତୁରନ୍ତ ଜିଲା ପାଇଁ ଦକ୍ଷ ସଙ୍ଗଠକ ହୋଇଥିବା ଜଣେ ବ୍ୟକ୍ତିଙ୍କୁ ପୂର୍ଣ୍ଣକାଳୀନ ସଭାପତି ମନୋନୟନ କରାଯିବାକୁ ମତ ପ୍ରକାଶ ପାଇଛି। ବୈଠକରେ ବରିଷ୍ଠ କଂଗ୍ରେସ ନେତା ପୁଷ୍କର ମହାପାତ୍ର, ଶରତ ରଥ, ବିନାୟକ ଦାସ ମହାପାତ୍ର, ପ୍ରେମାନନ୍ଦ ମହାନ୍ତିଙ୍କ ସମେତ ବହୁ ନେତା ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ୧୭ରେ ସାମୂହିକ ମାଗଣା ବ୍ରତୋପନୟନ

**ପୁରୀ ଅଫିସ, ୧୦।୨:** ପୁରୀ ବାଲିସାହିସ୍ଥିତ ଜୀୟର ସ୍ୱାମୀ ମଠ ତରଫରୁ ଆସନ୍ତା ୧୭ତାରିଖ ଶୁକ୍ରବାର ବୈଦିକ ରୀତିନୀତିରେ ମାଗଣା ସାମୂହିକ ବ୍ରତୋପନୟନ ଅନୁଷ୍ଠିତ ହେବ। ମଠ ପରିସରରେ ମହନ୍ତ ଇନ୍ଦିରା ରମଣ ରାମାନୁଜ ଦାସଜୀ ମହାରାଜଙ୍କ ତତ୍ତ୍ୱାବଧାନରେ ଏହା ଆୟୋଜନ ହେବ। ବ୍ରତଧାରୀ ଓ ତାଙ୍କ ସମ୍ପର୍କୀୟଙ୍କ ରହିବା, ଖାଇବା ସହିତ ଆବଶ୍ୟକ ସମସ୍ତ ସାମଗ୍ରୀ ଯୋଗାଇ ଦିଆଯିବ। ଏଥିଲାଗି ରାଜ୍ୟ ଓ ରାଜ୍ୟ ବାହାରର ଆଗ୍ରହୀ ବ୍ରାହ୍ମଣ ପରିବାର ଚଳିତ ମାସ ୧୪ତାରିଖ ସୁଦ୍ଧା ଜୀୟର ସ୍ୱାମୀ ମଠ, ମୋବାଇଲ ନଂ. ୯୮୬୧୦୩୩୩୯୭ ଏବଂ ୯୪୩୭୫୦୦୭୪୫ରେ ଯୋଗାଯୋଗ କରି ଏହାର ସୁବିଧା ନେବା ପାଇଁ ସନ୍ଥ ସୁଦର୍ଶନ ରାମାନୁଜ ଦାସଜୀ ମହାରାଜ ଅନୁରୋଧ କରିଛନ୍ତି।

### ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

**ଡେଲାଙ୍ଗ,୧୦।୨(ଡି.ଏନ୍.ଏ.):** ଡେଲାଙ୍ଗ ହାଟ ବଜାରସ୍ଥିତ ୟୁଜିୟୁପି ବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ୪୬ଜଣ ବାଳିକାଙ୍କୁ ରାଣୀ ଲକ୍ଷ୍ମୀବାଇ ଆତ୍ମରକ୍ଷା ପ୍ରଶିକ୍ଷଣ ପକ୍ଷରୁ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ରାଉତରାୟ ଓ ବିଷ୍ଣୁପ୍ରିୟା ପରିଡା ପ୍ରଶିକ୍ଷଣ ଦେଇଥିଲେ। ଏହି ଶିବିରକୁ ପ୍ରଧାନ ଶିକ୍ଷୟିତ୍ରୀ ସତ୍ୟଭାମା ଦେବୀ, ଶିକ୍ଷକ ଅଭୟଚରଣ ସାହୁ, କ୍ରୀଡା ଶିକ୍ଷୟିତ୍ରୀ ପ୍ରିୟତମା ସାହୁ, ପରିଚାଳନା କମିଟି ସଭାପତି ପ୍ରମୋଦ ସେଠୀ, ସତ୍ୟଭାମା ବେହେରା, ପପ୍‌ଲିନ୍ ପ୍ରଧାନ, ନାରାୟଣ ବରାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିବା ସହିତ ଆତ୍ମରକ୍ଷାର ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ।

# 'ପାଠ ସହ କ୍ରୀଡ଼ା ପ୍ରତି ଯତ୍ନବାନ ହୁଅନ୍ତୁ ପିଲା'

- ଜିଲା ମାଧ୍ୟମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ସମ୍ମିଳନୀ ଉଦ୍‌ଯାପିତ
- ଜାତୀୟ ଶିକ୍ଷା ନୀତି ସମେତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା

**ପୁରୀ ଅଫିସ, ୧୦।୨**

ସ୍ଥାନୀୟ ଟାଉନ ହଲ୍‌ରେ ଗତ ୩ଦିନ ଧରି ଚାଲିଥିବା ପୁରୀ ଜିଲା ମାଧ୍ୟମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସମ୍ମିଳନୀ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଗୃହ, କ୍ରୀଡ଼ା ଓ ଯୁବ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାଠପଢ଼ା ସହ କ୍ରୀଡ଼ା କ୍ଷେତ୍ରରେ ଛାତ୍ରୀଛାତ୍ର ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ପାଠରେ ଭଲ କରୁ ନ ଥିବା ଛାତ୍ର କ୍ରୀଡ଼ା କ୍ଷେତ୍ରରେ ଉନ୍ନତ ପ୍ରଦର୍ଶନ କରି ଜୀବନ ଓ ଜୀବିକାକୁ ସାର୍ଥକ କରିପାରିବେ ବୋଲି ସେ ମତପୋଷଣ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ ଯୋଗଦେଇ ଶିକ୍ଷା ବ୍ୟବସ୍ଥାରେ ପ୍ରଧାନ ଶିକ୍ଷକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଓ ସେମାନେ ସକ୍ରିୟ ହେଲେ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ପାଇବା ସହ ସାମଗ୍ରିକ ବିକାଶ ସାଧିତ ହୋଇପାରିବ ବୋଲି କହିଥିଲେ। ଏନ୍‌ସିଇଆର୍‌ଟି ପ୍ରଫେସର ଲକ୍ଷ୍ମୀଧର ବେହେରା ଯୋଗଦେଇ ୨୦-୨୦ ଜାତୀୟ ଶିକ୍ଷା ନୀତି ସମ୍ବନ୍ଧରେ ବିଶଦ ବିବରଣୀ ପ୍ରଦାନ କରିଥିଲେ। ପୁରୀ ଜିଲା ସ୍କୁଲ୍‌ର ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ମିଶ୍ର ବିଦ୍ୟାଳୟର ପ୍ରାର୍ଥନା ସଭା ସୁପରିଚାଳନା ଏବଂ ଅନ୍ୟାନ୍ୟ ଇନୋଭେଟିଭ୍ କାର୍ଯ୍ୟକ୍ରମ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଜିଲା ସମଗ୍ର ଶିକ୍ଷା ବିଭାଗର ରମେଶ ଚନ୍ଦ୍ର ସାହୁ ଏବଂ ବିଚିତ୍ରାନନ୍ଦ ଜେନା ଶିକ୍ଷାଶାସ୍ତ୍ର (ପେଡ଼ାଗୋଗି) ଓ ଅର୍ଥ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ପୁରୀ ଆର୍‌ଟିଓ ରବୀନ୍ ପଟ୍ଟନାୟକ ସଡ଼କ ନିରାପତ୍ତା ସମ୍ପର୍କରେ ସୂଚନା ଦେଇଥିବାବେଳେ ଡିସିପିଓ ମନୋଜ କୁମାର ତ୍ରିପାଠୀ ଶିଶୁ ସୁରକ୍ଷା ବିଷୟରେ ଆଲୋଚନା କରିଥିଲେ। ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ମହେନ୍ଦ୍ର କୁମାର ବିଶ୍ୱାଳ କ୍ରୀଡ଼ା, ସ୍କାଉଟ୍ସ ଓ ରେଡ୍‌କ୍ରସ୍ ବିଷୟରେ ବିବରଣୀ ପ୍ରଦାନ କରିଥିଲେ। ପ୍ରୋଗ୍ରାମର ବିଶ୍ୱଜିତ ଭୋଳ ପିଏମ୍ ପୋଷଣ, ଏମ୍‌ଡିଏମ୍ କାର୍ଯ୍ୟକ୍ରମ ସମ୍ପର୍କରେ ତଥ୍ୟ ରଖିଥିଲେ। ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ କାର୍ତ୍ତିକେଶ୍ୱର ପ୍ରଧାନ ଦିବ୍ୟାଙ୍ଗ ପିଲାଙ୍କ ଅନ୍ତର୍ନିବେଶୀ ଶିକ୍ଷା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ଗୋପ ଶିକ୍ଷାଧିକାରୀ ସୁଶୀଲ କୁମାର ବ୍ରହ୍ମା ମଣ୍ଡଳ ଶିକ୍ଷାର୍ଥୀଙ୍କ ବୀମା ଯୋଜନା ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ମମତା ମିଶ୍ର ଏବଂ ହିମାଂଶୁ ଭୂଷଣ ସମରଥ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମର ସଭାପତି ତଥା ଜିଲା ଶିକ୍ଷାଧିକାରୀ ଡ. ବିଶ୍ୱଜିତ ଘୋଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ରୂପଶ୍ରୀ ଛୋଟରାୟ ବିବରଣୀ ପାଠ କରିଥିଲେ। ଶଙ୍କର କୁମାର ସୁବୁଦ୍ଧି ଧନ୍ୟବାଦ ଦେଇଥିଲେ।



ସମ୍ମିଳନୀରେ ମନ୍ତ୍ରୀ ତୁଷାରକାନ୍ତି ବେହେରା ଏବଂ ଅନ୍ୟ ଅତିଥିମାନେ।

# ସମାଜ ପାଇଁ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଦର୍ପଣ ସଦୃଶ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

**ଗୋପ,୧୦।୨(ଡି.ଏନ୍.ଏ.)**

ଦିବ୍ୟାଙ୍ଗମାନଙ୍କୁ କେବେ ବି ଅବହେଳା କରନ୍ତୁ ନାହିଁ। ସେମାନଙ୍କୁ ନିଜର ଭଳି ଭଲ ପାଆନ୍ତୁ। ସେମାନେ ସମାଜ ପାଇଁ ଦର୍ପଣ ସଦୃଶ ବୋଲି ଗୁରୁବାର ଗୋପ ବ୍ଲକ ଅନ୍ତର୍ଗତ ଓଗାଳପୁରସ୍ଥିତ ଭିନ୍ନକ୍ଷମ ସ୍କୁଲରେ ଅନୁଷ୍ଠିତ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ବୌଦ୍ଧିକ ଶିକ୍ଷା ସଂକ୍ରାନ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା ରାଇଜିଂ ଫାଉଣ୍ଡେଶନର ପ୍ରୋଗ୍ରାମ ମ୍ୟାନେଜର ଶର୍ମିଷ୍ଠା ମହାରଣା କହିଛନ୍ତି। ସମ୍ମାନିତ ଅତିଥି ଭାବରେ ନିକଟସ୍ଥ ହନ୍ତସରା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଭୂଦତ୍ତ ନାୟକ, ସ୍କୁଲ ପ୍ରତିଷ୍ଠାତା ତଥା ମା' ଭଗବତୀ ସେବା ସଂଘର ସମ୍ପାଦିକା ରେଣୁବାଳା ବେଉରା ଯୋଗଦେଇ ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନେ ଆଗାମୀ ଦିନରେ ଆମର ଭବିଷ୍ୟତ ବୋଲି କହିବା ସହ ରାଜ୍ୟ ସରକାର ଦିବ୍ୟାଙ୍ଗଙ୍କ ଲାଗି ବିଭିନ୍ନ ଯୋଜନା ମାଧ୍ୟମରେ ସେମାନଙ୍କ ଭବିଷ୍ୟତ ଗଠନ କରୁଥିବା କହିଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ଦିଆଯାଇଥିଲା। ପରେ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସ୍କୁଲର ସଙ୍ଗୀତ ଶିକ୍ଷକ କ୍ଷେତ୍ର ମୋହନ ପାତ୍ରଙ୍କ ସହିତ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ପୁରୀ ଶରଧାବାଲିଠାରେ ଆୟୋଜିତ କୃଷିମେଳା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଅତିଥିଙ୍କ ଗହଣରେ ପୁରସ୍କୃତ କୃଷିବିତ୍ ଏବଂ ଏସ୍‌ଏଚ୍‌ଜିର ସଦସ୍ୟାମାନେ।

# ଜିଲାସ୍ତରୀୟ କୃଷିମେଳା ଉଦ୍‌ଯାପିତ

**ପୁରୀ ଅଫିସ, ୧୦।୨**

ଶରଧାବାଲିଠାରେ ଗତ ୪ଦିନ ଧରି ଚାଲିଥିବା ପୁରୀ ଜିଲା କୃଷି ମହୋତ୍ସବ ତଥା କୃଷି ଯନ୍ତ୍ରପାତି ମେଳା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କୃଷି କ୍ଷେତ୍ରରେ ଯାନ୍ତ୍ରିକୀକରଣକୁ ଆପଣାଇବା ପାଇଁ ଚାଷୀଙ୍କୁ ସେ ଅନୁରୋଧ କରିଥିଲେ। ସମ୍ମାନିତ ଅତିଥି ଭାବେ ମୃତ୍ତିକା ସଂରକ୍ଷଣ ବିଭାଗର ସହକାରୀ ନିର୍ଦ୍ଦେଶକ ଦାମୋଦର ପାଣିଗ୍ରାହୀ ଏବଂ ଜିଲା କୃଷି ଅଧିକାରୀ ରମେଶ ଚନ୍ଦ୍ର ରାଏ ମଞ୍ଚାସୀନ ଥିଲେ। ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ହାସଲ କରିଥିବା ସଫଳ ଚାଷୀମାନଙ୍କୁ ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଏବଂ ବିଜିଆର୍‌ଇଆର୍ ଯୋଜନା ଆନୁକୂଲ୍ୟରେ ସଫଳ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ତଥା ଚାଷୀମାନଙ୍କୁ ପ୍ୟାଡି ରବର ରୋଲର ସେଲର ଓ ପ୍ରକଳ୍ପ ଆରମ୍ଭପତ୍ର ପ୍ରଦାନ କରାଯାଇଥିଲା। ସେହିପରି ସଫଳ ଡିଲର ଭାବେ ପିପିଲିର କରିସ୍ମା ମୋଟର, ଯାନ୍ତ୍ରିକୀକରଣ କ୍ଷେତ୍ରରେ ଶ୍ରେଷ୍ଠ କ୍ଲବ୍ ଭାବେ ପିପିଲି କ୍ଲବ୍ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ଯାନ୍ତ୍ରିକୀକରଣରେ ଗୋପ ବ୍ଲକ୍‌କୁ ପୁରସ୍କୃତ କରାଯାଇଥିଲା। ପିପିଲି ବ୍ଲକ୍ କୃଷି ଅଧିକାରୀ ପୀୟୂଷ ପରିଡ଼ା ସଭା ପରିଚାଳନା କରିଥିଲେ। ନିମାପଡ଼ା ଜିଲା କୃଷି ଅଧିକାରୀ ଶରତ କୁମାର ପରିଡ଼ା ଧନ୍ୟବାଦ ଦେଇଥିଲେ। ସଭାକାର୍ଯ୍ୟ ପରେ କୁମାର ଭୀମସେନ୍‌ଙ୍କ ନୃତ୍ୟ ଗ୍ରୁପ୍ ଏବଂ ମା' ଜାଗୁଲାଇ ସତ୍ୟନାରାୟଣ ପାଲା ପରିଷଦ ସଂଘର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



ଜିଲା କାରାଗାରରେ ଅନୁଷ୍ଠିତ ଫିନାଇଲ ପ୍ରସ୍ତୁତି ତାଲିମ୍ କାର୍ଯ୍ୟକ୍ରମ ଉଦ୍‌ଯାପନୀ ଦିବସରେ ଅତିଥିଙ୍କ ଗହଣରେ ପ୍ରଶିକ୍ଷାର୍ଥୀମାନେ।

# ଫିନାଇଲ୍ ପ୍ରସ୍ତୁତି ତାଲିମ ନେଲେ ଜିଲା କାରାଗାର ଅନ୍ତେବାସୀ

**ପୁରୀ ଅଫିସ, ୧୦।୨**

ନାଗାପାଟଣାସ୍ଥିତ ୟୁକୋ ବ୍ୟାଙ୍କ ଆର୍‌ଏସ୍‌ଇଟିଆଇ ପକ୍ଷରୁ ଗତ ୬ଦିନ ଧରି ଚାଲିଥିବା ଫିନାଇଲ୍, ବାସନମଜା ଓ ହାତଧୁଆ ଲିକ୍ୟୁଇଡ୍ ପ୍ରସ୍ତୁତି ତାଲିମ୍ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଜିଲା କାରାଗାରରେ ୨୯ ଜଣ କଏଦୀଙ୍କୁ ଏହି ତାଲିମ ଦିଆଯାଇଥିଲା। ଉଦ୍‌ଯାପନୀ ଦିବସରେ ଅତିଥିଭାବେ କାରାପାଳ ଅକ୍ଷୟ କୁମାର ଜେନା, ଉପସହାୟକ କାରାପାଳ କିଶୋର କୁମାର ସାହୁ, କାରାମଙ୍ଗଳ ଅଧିକାରୀ ମାନସ ରଞ୍ଜନ ପୁଷ୍ପାଳକ, ପୁରୀ ଜିଲା ଅଗ୍ରଣୀ ବ୍ୟାଙ୍କ୍ ଅଧିକାରୀ କିଶୋର କୁମାର ଆଚାର୍ଯ୍ୟ, ଜିଲା ପ୍ରକଳ୍ପ ଅଧିକାରୀ ବନଜାକାନ୍ତ ମାହାରୀ, ବିତ୍ତୀୟ ସାକ୍ଷରତା ଅଧିକାରୀ ନୀଳାମ୍ବର ମହନ୍ତ ଏବଂ ଆର୍‌ଏସ୍‌ଇଟିଆଇ ନିର୍ଦ୍ଦେଶକ ପ୍ରତାପଚନ୍ଦ୍ର ଲେଙ୍କା ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ କଏଦୀମାନଙ୍କୁ ପ୍ରଶିକ୍ଷଣ ପ୍ରମାଣପତ୍ର ପ୍ରଦାନ କରିବା ସହ କିପରି ସ୍ୱାବଲମ୍ବୀ ହୋଇ ସମାଜରେ ଆଗକୁ ବଢ଼ିବେ ସେ ବିଷୟରେ ବୁଝାଇଥିଲେ। ପ୍ରତିଭା ସାହୁ ଓ ରୁନୁବାଳା ସାହୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରଭାତ କୁମାର ଆଚାର୍ଯ୍ୟ, ସ୍ୱାଗତିକା ମହାପାତ୍ର ଏବଂ ସୁକାନ୍ତ କୁମାର ମୁଦୁଲି ସହଯୋଗ କରିଥିଲେ ।

# ମାଛ ପାଇଁ ନଦୀରେ ଡିନାମାଇଟ ଫୁଟାଇ ୫ ଗିରଫ

**କଣାସ,୧୦।୨(ସ୍ୱ.ପ୍ର.)**

ନଦୀରେ ଡିନାମାଇଟ୍ ଫୁଟାଇ ମାଛ ଧରୁଥିବାବେଳେ ପୋଲିସ ୫ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଜଟଣୀ ଥାନା ଅନ୍ତର୍ଗତ କୋଠବଣିଆ ଶବରସାହିର ମାନସ ନାୟକ (୨୭), ରମେଶ ନାୟକ(୨୨), ଅନନ୍ତ ବଡ଼ାଇ (୨୨), ଦେବେନ୍ଦ୍ର ବେହୁରୀ(୨୫) ଓ ଅମିତ୍ ଦେହୁରୀ (୨୫)। ଏନେଇ କଣାସ ଥାନାରେ ଏକ ମାମଲା (ନଂ.୨୫/୨୩) ରୁଜୁକରି ପୋଲିସ ତଦନ୍ତ ଚଳାଇଛି। ସୂଚନା ମୁତାବକ, କଣାସ ବ୍ଲକରେ ପ୍ରବାହିତ ଦୟାନଦୀର ଶାଖାନଦୀ ରାଜୁଆ ନଦୀରେ ବାରମ୍ବାର ଡିନାମାଇଟ ଫୁଟାଇ ମାଛମାରି ନଦୀଜଳକୁ ପ୍ରଦୂଷିତ କରାଯାଉଛି। ଏନେଇ ବାରମ୍ବାର ସ୍ଥାନୀୟ ଗ୍ରାମବାସୀ ମନ୍ଦାରବସ୍ତ ଫାଣ୍ଡି ଓ କଣାସ ଥାନାରେ ଅଭିଯୋଗ କରିଆସୁଥିଲେ। ଗୁରୁବାର ଅପରାହ୍ଣରେ ଜଟଣୀ ଥାନା ଅନ୍ତର୍ଗତ କୋଠବଣିଆ ଶବର ସାହିର ୫ ଯୁବକ ମନ୍ଦାରବସ୍ତ ଫାଣ୍ଡି ନିକଟ ହଳଦିଆପଡ଼ା ଗ୍ରାମ ନିକଟ ରାଜୁଆ ନଦୀରେ ଡିନାମାଇଟ ଫୁଟାଇ ମାଛ ଧରୁଥିବାବେଳେ ସ୍ଥାନୀୟ ଲୋକେ ମନ୍ଦାରବସ୍ତ ଫାଣ୍ଡିକୁ ଖବର ଦେଇଥିଲେ। ଫାଣ୍ଡି ଅଧିକାରୀ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ୫ ଜଣଙ୍କୁ ଗିରଫ କରିଥିଲେ।

# ପଶ୍ଚିମାଶମ୍ଭୁ ସୋମନାଥ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ


ମନ୍ଦିରରେ ବିଶ୍ୱଶାନ୍ତି ମହାଯଜ୍ଞ ଚାଲିଛି।

**ଡେଲାଙ୍ଗ,୧୦।୨(ଡି.ଏନ୍.ଏ.)**

ହରିରାଜପୁର ଗ୍ରାମର ଆରାଧ୍ୟ ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଚାଲିଛି। ଶନିବାର ଗୋଧୂଳି ଲଗ୍ନରେ ପ୍ରଭୁଙ୍କର ପୂର୍ଣ୍ଣାହୁତି ଉତ୍ସବ ହେବ ବୋଲି ଯଜ୍ଞ କମିଟି ପକ୍ଷରୁ ସୂଚନା ମିଳିଛି। ଗତ ୫ତାରିଖରେ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ଅଙ୍କୁରାରୋପଣ କରାଯାଇଥିବା ବେଳେ ଦୟାନଦୀର କାକୁଡିଆ ଘାଟରୁ ୧୧୯ ବ୍ରତୀ କଳସ ବୁଡାଇ ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ଯଜ୍ଞର ନୀତିକାନ୍ତି ଅନୁଯାୟୀ ଶାଳାମଣ୍ଡନ, ସୂର୍ଯ୍ୟପୂଜା, ଗୋପୂଜା, ସର୍ବଦେବଦେବୀ ପୂଜା, ଗୀତାପାଠ, ଚଣ୍ଡୀ ପାଠ, ମହାରୁଦ୍ରାଭିଷେକ ପ୍ରଭୃତି ପୂଜାର୍ଚ୍ଚନା କରାଯାଇଛି। କର୍ତ୍ତା ଭାବେ ହୁଲାସ ଦାଶ କର୍ତ୍ତ୍ରୀ ବେବିନା ଦାଶ କାର୍ଯ୍ୟନିର୍ବାହ କରିଥିବା ବେଳେ ମୁଖ୍ୟପୂଜକ ଭାବେ ଉପେନ୍ଦ୍ର ପଣ୍ଡା, ସୁବାସ ଦାଶ ଓ ସହଯୋଗୀମାନେ ଯଥାବିଧି ପୂଜାର୍ଚ୍ଚନା କରୁଛନ୍ତି। ପୂର୍ଣ୍ଣାହୁତି ଉତ୍ସବରେ ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ଯୋଗଦେବେ ବୋଲି ପଶ୍ଚିମାଶମ୍ଭୁ ସୋମନାଥ ଦେବ ଯଜ୍ଞ କମିଟି ପକ୍ଷରୁ ସୂଚନା ମିଳିଛି।

# ଆଇଏସ୍‌ବିଟି ପରିଦର୍ଶନ କଲେ ସଚିବ

**ମାର୍ଚ୍ଚ ସୁଦ୍ଧା ବସ୍ ଟର୍ମିନାଲ କାର୍ଯ୍ୟ ସାରିବାକୁ ଲକ୍ଷ୍ୟ**

**ଭୁବନେଶ୍ୱର,୧୦।୨(ବ୍ୟୁରୋ)**

ବରମୁଣ୍ଡାସ୍ଥିତ ଇଣ୍ଟରନ୍ୟାଶନାଲ ଷ୍ଟେଟ୍ ବସ୍ ଟର୍ମିନାଲ (ଆଇଏସ୍‌ବିଟି)ର ନିର୍ମାଣ କାର୍ଯ୍ୟ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଗୃହ ଓ ନଗର ଉନ୍ନୟନ ବିଭାଗ ସଚିବ ଜି ମାଥିଭାଥ୍ନନ ଓ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ଉପାଧ୍ୟକ୍ଷ ବଲୱନ୍ତ ସିଂହ ଆଇଏସ୍‌ବିଟି ପରିଦର୍ଶନ କରିଛନ୍ତି। କାର୍ଯ୍ୟର ଅଗ୍ରଗତିର ସମୀକ୍ଷା କରିବା ପରେ ନିର୍ଦ୍ଧାରିତ ସମୟରେ ସମସ୍ତ କାର୍ଯ୍ୟ ସାରିବା ପାଇଁ ମାଥିଭାଥ୍ନନ ନିର୍ଦ୍ଦେଶ ଦେଇଛନ୍ତି। ଟ୍ରାଫିକ ବ୍ୟବସ୍ଥାର ସୁପରିଚାଳନା ନେଇ ବିଶେଷ ଆଲୋଚନା କରାଯାଇଛି। ୨୦୧୮ରୁ ଡିପୋର ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ଯାତ୍ରୀ ତଥା ଯାନବାହାନ ଚଳାଚଳରେ ସମସ୍ୟା ହେଉଛି। ତେବେ ଆସନ୍ତା ମାର୍ଚ୍ଚ ସୁଦ୍ଧା ବସ୍ ଟର୍ମିନାଲର ନିର୍ମାଣ କାର୍ଯ୍ୟ ସମାପ୍ତ ହେବା ସହ ଆସନ୍ତା ସେପ୍ଟେମ୍ବର ଶେଷ ସୁଦ୍ଧା ଇନ୍‌ଡୋର କାର୍ଯ୍ୟ ସମାପ୍ତ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବିଡିଏ ପକ୍ଷରୁ କୁହାଯାଇଛି। କ୍ଷେତ୍ର ପରିଦର୍ଶନ ସମୟରେ ବିଡିଏର ବରିଷ୍ଠ ଅଧିକାରୀଙ୍କ ସମେତ ପ୍ରକଳ୍ପ ସହ ଜଡ଼ିତ ବିଭିନ୍ନ ବିଭାଗର କାର୍ଯ୍ୟକାରୀ ସଦସ୍ୟ ଉପସ୍ଥିତ ଥିଲେ।

ସୂଚନାଥାଉ କି, ବରମୁଣ୍ଡା ଆଇଏସ୍‌ବିଟି କାର୍ଯ୍ୟକ୍ଷମ ହେବା ଦ୍ୱାରା ୧୦୦ରୁ ଅଧିକ ବସ୍ ସେବା ବ୍ୟବସ୍ଥା ସହ ଅନ୍ୟାନ୍ୟ ସେବା ମିଳିପାରିବ। ୬ଟି ବ୍ଲକରେ ପ୍ରାୟ ୧୨୨ଟି ଦୋକାନ ଗୃହ ରହିବ। ପ୍ରଥମ ବ୍ଲକରେ ୧୦ଟି ଦୋକାନ, ଫୁଡ୍ କୋର୍ଟ, ଶୌଚାଳୟ, ବିଦ୍ୟୁତ୍ ସରଞ୍ଜାମ ଗୃହ, ଡର୍ମିଟୋରୀ, ବିଶ୍ରାମ ଗୃହ, କ୍ୟାଣ୍ଟିନ ଆଦି ରହିବ। ଦ୍ୱିତୀୟ ବ୍ଲକ୍‌ରେ ଲିଫ୍ଟ, ଏସ୍କାଲେଟର, ଶୌଚାଳୟ, ଟିକେଟ୍ କାଉଣ୍ଟର, ଲବି, ଏଟିଏମ୍, କୋରିୟର୍ ସେବା, ଲିଫ୍ଟ ଲବି, ପୋଲିସ୍ ଆଉଟପୋଷ୍ଟ, ୨ଟି ଦୋକାନ, ଆସୋସିଏଶନ୍ ଅଫିସ୍, ରିଟେଲ ଅଫିସ୍ ରହିବ। ସେହିପରି ବ୍ଲକ-୩ରେ ଘଡ଼ି କଠୋରି, ହେଲ୍ପଡେସ୍କ, ଲଗେଜ୍ ସ୍କାନର, ୪ଟି , କିଓସ୍କ, ପ୍ରତୀକ୍ଷାସ୍ଥଳ, ହକର୍ସ ଜୋନ୍, କରିଡର୍ ଆଦି ରହିବ। ତେବେ ବ୍ଲକ୍-୪ରେ ପ୍ରାୟ ୨୩ଜଣ ବ୍ୟବସାୟୀ ଦୋକାନର ସୁବିଧା ପାଇପାରିବେ। ଏହି ବ୍ଲକ୍‌ରେ କିଚେନ୍, ରେଷ୍ଟୁରାଣ୍ଟ, ସିସିଡି, ଇଏଲଭି ରୁମ୍ ମଧ୍ୟ ରହିବ। ପଞ୍ଚମ ବ୍ଲକରେ ୨୭ଜଣ ବ୍ୟବସାୟୀଙ୍କୁ ଦୋକାନ ଘର ମିଳିବ। ଏଥିସହ ରେଭେନ୍ୟୁ ଅଫିସ୍, ମେଣ୍ଟେନାନ୍ସ ଷ୍ଟାଫ୍ ରୁମ୍, କଣ୍ଟ୍ରୋଲ ରୁମ୍ ଆଦି ରହିବ। ତେବେ ଷଷ୍ଠ ବ୍ଲକର ଗ୍ରାଉଣ୍ଡ ଫ୍ଲୋରରେ ୨୮ଟି ଏବଂ ପ୍ରଥମ ମହାଲାରେ ୩୨ଦୋକାନ ରହିବ। ସେହିପରି ବସଷ୍ଟାଣ୍ଡରେ ଓଡ଼ିଶା ଐତିହ୍ୟର ପ୍ରତିଛବି ଦେଖିବାକୁ ମିଳିବ।

# ୧୨ରୁ ଜିଲାସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା

- ୧୦ ବର୍ଗରେ ଭାଗନେବେ ୬୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ
- ମୁଖ୍ୟ ଆକର୍ଷଣ ହେବ 'ପୁରୀଶ୍ରୀ-୨୦୨୩'

**ପୁରୀ ଅଫିସ, ୧୦।୨**

ପୁରୀ ଜିଲା ପ୍ରଶାସନ ଏବଂ ଜିଲା ବଡି ବିଲ୍‌ଡିଙ୍ଗ୍ ଆସୋସିଏଶନ ଆନୁକୂଲ୍ୟରେ ୬୧ତମ ଜିଲାସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଚଳିତ ମାସ ୧୨ ତାରିଖରେ ଟିଆଡ଼ିସାହିସ୍ଥିତ ଅଡ଼ଙ୍ଗ ଟିଆଡ଼ି କଲ୍ୟାଣ ମଣ୍ଡପରେ ଆୟୋଜନ ହେବ। ଏଥିରେ ୧୦ଟି ବର୍ଗରେ ୬୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଏ ନେଇ ଶୁକ୍ରବାର ସର୍କିଟ ହାଉସରେ ପ୍ରଶାସନ ଏବଂ ଆୟୋଜକଙ୍କ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ ଅଧ୍ୟକ୍ଷତା କରି କହିଥିଲେ, ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ବା ବଡି ବିଲ୍ଡିଂ ଏକ ପ୍ରାଚୀନ କ୍ରୀଡ଼ା। ଏହାକୁ ଚଳିତ ବର୍ଷ ରାମାୟଣୀ ଯୁବ ସାଂସ୍କୃତିକ ସଂସଦ ଆୟୋଜନ କରୁଛି। ସୁରକ୍ଷା, ସ୍ୱାସ୍ଥ୍ୟ ଚିକିତ୍ସା, ପରିଷ୍କାର ପରିଚ୍ଛନ୍ନତା, ପାନୀୟଜଳ ଇତ୍ୟାଦିର ବିଭିନ୍ନ ବ୍ୟବସ୍ଥା ପାଇଁ ପଦକ୍ଷେପ ନିଆଯାଇଛି ବୋଲି ଅତିରିକ୍ତ ଜିଲାପାଳ ସୂଚନା ଦେଇଥିଲେ। ମୁଖ୍ୟ ମାର୍ଗଦର୍ଶକ ମନୋଜ କୁମାର ରଥ, ବିଜୟକୃଷ୍ଣ ବ୍ରହ୍ମା, ବଡି ବିଲ୍‌ଡିଙ୍ଗ୍ ଆସୋସିଏଶନ ସମ୍ପାଦକ ଭାରତୀ କୃଷ୍ଣ ବ୍ରହ୍ମା କହିଥିଲେ, ଏହି ପ୍ରତିଯୋଗିତା ୧୨ତାରିଖ ଅପରାହ୍ଣ ୫ଟାରେ ଆରମ୍ଭ ହେବ। ୫୫ରୁ ୧୦୦ କିଗ୍ରାର ୧୦ଟି ବର୍ଗରେ ପ୍ରତିଯୋଗିତା ହେବ। ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ମାନପତ୍ର, ଟ୍ରଫି ସହ ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ। ଏହି ଜିଲାସ୍ତରୀୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ ଆସନ୍ତା ଏପ୍ରିଲରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ପ୍ରତିଯୋଗିତାର ମୁଖ୍ୟ ଆର୍କଷଣ ରହିବ 'ପୁରୀଶ୍ରୀ-୨୦୨୩'। ସମସ୍ତ ୧୦ଟି ବର୍ଗରେ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀମାନଙ୍କ ମଧ୍ୟରେ 'ପୁରୀଶ୍ରୀ-୨୦୨୩' ପ୍ରତିଯୋଗିତା ଅନୁଷ୍ଠିତ ହେବ। ପୁରୀବାସୀଙ୍କୁ ନିଶା ସମ୍ପର୍କରେ ସଚେତନ କରାଇବା ପାଇଁ 'ଖେଳକୁ ଆପଣାନ୍ତୁ, ନିଶାକୁ ଦୂରାନ୍ତୁ' ସଚେତନତା ବାର୍ତ୍ତା ଦିଆଯିବ। ଏଥିରେ ଆଠସାହି ଆଖଡ଼ା ସମନ୍ୱୟ ସମିତିର କର୍ମକର୍ତ୍ତା ସହଯୋଗ କରିବେ। ବୈଠକରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, ରାମାୟଣୀ ଯୁବ ସାଂସ୍କୃତିକ ସଂସଦର ସଭାପତି ଶିଶିର ପ୍ରତିହାରୀ, ସମ୍ପାଦକ ଗୋପିକୃଷ୍ଣ ପଣ୍ଡା, ସଦସ୍ୟ ଦେବୀ ପ୍ରକାଶ ବ୍ରହ୍ମା ପ୍ରମୁଖ ଯୋଗଦେଇଥିଲେ।


ବୈଠକରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ ଏବଂ ଅନ୍ୟମାନେ।

**ଖସିଲା ଶେୟାର ବଜାର**

ନୂଆଦିଲ୍ଲୀ: ଦିନକ ପରେ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସ (ଶୁକ୍ରବାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ଶୁକ୍ରବାର ଶେୟାର ବଜାରର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୨୪ (୧୨୩.୫୨) ପଏଣ୍ଟ ଖସି ୬୦,୬୮୩ (୬୦,୬୮୨.୭୦) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୩୭ (୩୭.୯୫) ପଏଣ୍ଟ ହ୍ରାସ ଘଟି ୧୭,୮୫୭ (୧୭,୮୫୬.୫୦) ଅଙ୍କରେ କାରବାର ବନ୍ଦ ହୋଇଥିଲା।

# ୟୁପିରେ ୭୫,୦୦୦ କୋଟି ନିବେଶ କରିବ ରିଲାଏନ୍ସ

ନୂଆଦିଲ୍ଲୀ,୧୦।୨


ମୁକେଶ ଅମ୍ବାନୀ

ଦେଶର ପ୍ରମୁଖ ବାଣିଜ୍ୟିକ ସଂସ୍ଥା ତଥା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ୍ (ଆର୍‌ଆଇଏଲ୍)ର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ଶୁକ୍ରବାର ଉତ୍ତର ପ୍ରଦେଶରେ ୭୫,୦୦୦ କୋଟି ଟଙ୍କା ନିବେଶ ସମ୍ପର୍କରେ ଘୋଷଣା କରିଛନ୍ତି। ଏହାଦ୍ୱାରା ପ୍ରାୟ ୧ଲକ୍ଷ ନୂଆ ନିଯୁକ୍ତି ସୃଷ୍ଟି ହେବା ସମ୍ଭାବନା ରହିଛି। ଏପରିକି ୟୁପିର ଲକ୍ଷ୍ନୌଠାରେ ଆୟୋଜିତ 'ଉତ୍ତର ପ୍ରଦେଶ ଗ୍ଲୋବାଲ ଇନ୍‌ଭେଷ୍ଟର୍ସ ସମିଟ୍'ରେ ଯୋଗଦେଇ ମୁକେଶ କହିଛନ୍ତି, ଆଗାମୀ ୫ ବର୍ଷ ମଧ୍ୟରେ ୟୁପିର ଅର୍ଥନୀତି ୧ ଟ୍ରିଲିଅନ ଡଲାରରେ ପହଞ୍ଚିବ। ସେହିଭଳି ରିଲାଏନ୍ସ ଉତ୍ତର ପ୍ରଦେଶରେ ୧୦ଗିଗାୱାଟ୍‌ର ଅକ୍ଷୟ ଶକ୍ତି ଉତ୍ପାଦନ କ୍ଷମତା ସ୍ଥାପନ କରିବ। ଏହା ଉତ୍ତର ପ୍ରଦେଶରେ ଏ ପର୍ଯ୍ୟନ୍ତ ସବୁଠାରୁ ବଡ଼ ଅକ୍ଷୟ ଶକ୍ତି ପରି ଯୋଜନା ହେବ। ବିଶେଷକରି ଆର୍‌ଆଇଏଲ୍ ୟୁପିରେ ବାୟୋଗ୍ୟାସ୍ ବ୍ୟବସାୟ କରିବା ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଛି। ଏ ସମ୍ପର୍କରେ ଆର୍‌ଆଇଏଲ୍‌ର ଅଧ୍ୟକ୍ଷ ମୁକେଶ କହିଛନ୍ତି, ବାୟୋଗ୍ୟାସ୍ ଦ୍ୱାରା ପରିବେଶରେ ସୁଧାର ଆସିବ। ତାହା ସହିତ କୃଷକମାନଙ୍କୁ ମଧ୍ୟ ବଡ଼ ଲାଭ ମିଳିବ। ଆମ ଦେଶର କୃଷକମାନେ ଅନ୍ନଦାତା । ବର୍ତ୍ତମାନ ସେମାନେ ଉର୍ଜାଦାତା ପାଲଟିବେ। ଏପରିକି ରାଜ୍ୟର ଗାଁ ଏବଂ ଛୋଟ ସହରଗୁଡ଼ିକରେ ଗୁଣାତ୍ମକ ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ଯୋଗାଣ ପାଇଁ ରିଲାଏନ୍ସ ଜିଓ ପ୍ଲାଟ୍‌ଫର୍ମ ଜରିଆରେ ଦୁଇଟି ପାଇଲଟ ପ୍ରକଳ୍ପ 'ଜିଓ ସ୍କୁଲ' ଏବଂ 'ଜିଓ-ଏଆଇ-ଡାକ୍ତର' ସମ୍ପର୍କରେ ମଧ୍ୟ ସେ ଘୋଷଣା କରିଛନ୍ତି। ଏହା ସହିତ ଉତ୍ତର ପ୍ରଦେଶର କୃଷି ଏବଂ ଅଣକୃଷି ଉତ୍ପାଦ ସଂଗ୍ରହ ପରିମାଣ ବହୁଗୁଣ ବୃଦ୍ଧି କରିବାକୁ ମୁକେଶ ନିଜର ଉଦ୍ଦେଶ୍ୟ ସମ୍ପର୍କରେ ପ୍ରକାଶ କରିଛନ୍ତି। ଏହାଦ୍ୱାରା କୃଷକ, ସ୍ଥାନୀୟ କାରିଗର, ଶିଳ୍ପକାର ଏବଂ ଛୋଟ ଓ ମଧ୍ୟମ ଉଦ୍ୟୋଗଗୁଡ଼ିକୁ ଫାଇଦା ମିଳିବ। ସେହିପରି ମୁକେଶ ଅମ୍ବାନୀ ୨୦୨୩ ଶେଷ ସୁଦ୍ଧା ଉତ୍ତର ପ୍ରଦେଶର ସମସ୍ତ ସହରରେ ୫ଜି ସେବା ପ୍ରଚଳନ କରିବା ସମ୍ପର୍କରେ ମଧ୍ୟ ମତ ପ୍ରକାଶ କରିଛନ୍ତି। ସେ କହିଥିଲେ, ନୂଆ ଭାରତ ଗଠନ ନିମନ୍ତେ ଉତ୍ତର ପ୍ରଦେଶ ଆଶାର କେନ୍ଦ୍ର ପାଲଟିଯାଇଛି। ବିଶେଷକରି ନଏଡାରୁ ଗୋରଖପୁର ପର୍ଯ୍ୟନ୍ତ ଜନସାଧାରଣଙ୍କ ମଧ୍ୟରେ ଢେର ଆତ୍ମବିଶ୍ୱାସ ଓ ଉତ୍ସାହ ଦେଖିବାକୁ ମିଳୁଛି। ଆମେ ସମସ୍ତେ ସମ୍ମିଳିତ ଭାବେ ଭାରତର ସବୁଠାରୁ ଜନବହୁଳ ରାଜ୍ୟକୁ ଦେଶର ସବୁଠାରୁ ସମୃଦ୍ଧ ରାଜ୍ୟ ମଧ୍ୟରେ ଅନ୍ୟତମରେ ପରିଣତ କରିବା।

## ଇନ୍‌ଷ୍ଟା ଲୋନ୍ ପ୍ରଦାନରେ ଏଲ୍‌ଟିଏଫ୍‌ଏସ୍‌ର ଅଭିବୃଦ୍ଧି

ନୂଆଦିଲ୍ଲୀ,୧୦।୨

ଇନ୍‌ଷ୍ଟା ଲୋନ୍ ପ୍ରଦାନ କ୍ଷେତ୍ରରେ ଏଲ୍ ଆଣ୍ଡ ଟି ଫାଇନାନସିଆଲ ସର୍ଭିସେସ୍ (ଏଲ୍‌ଟିଏଫ୍‌ଏସ୍)ର ଦମ୍‌ଦାର ଅଭିବୃଦ୍ଧି ଦେଖିବାକୁ ମିଳିଛି। ଏହା ଏକ ଗ୍ରାହକ କୈନ୍ଦ୍ରିକ ରିଟେଲ ଫାଇନାନ୍ସ କମ୍ପାନୀ ଭାବେ ଆକର୍ଷଣୀୟ ବୃଦ୍ଧି ଘଟାଇପାରିଛି। ଏପରିକି ୨୦୨୨ ସେପ୍ଟେମ୍ବରରେ ଏଲ୍‌ଟିଏଫ୍‌ଏସ୍‌ର ଉକ୍ତ ସେବା ଆରମ୍ଭ ହେବା ଦିନଠାରୁ ଲୋକପ୍ରିୟତା ହାସଲ କରିଛି। ଇନ୍‌ଷ୍ଟା ଲୋନ୍ ପ୍ରଦାନ କ୍ଷେତ୍ରରେ ମଜଭୁଦ ଅଭିବୃଦ୍ଧି ସହ ୨୦୨୩ ଜାନୁୟାରୀ ଶେଷସୁଦ୍ଧା ଏହା ୯୧.୪ କୋଟି ଟଙ୍କାରେ ପହଞ୍ଚିଛି, ଯାହା ୨୦୨୨ ଅକ୍ଟୋବର ଶେଷ ସୁଦ୍ଧା ୨୨କୋଟି ଟଙ୍କା ଥିଲା। ଏଲ୍‌ଟିଏଫ୍‌ଏସ୍‌ର ଏମ୍‌ଡି ତଥା ସିଇଓ ଦୀନନାଥ ଦୁଭାଷୀ କହିଛନ୍ତି, ଆମେ ଗ୍ରାହକଙ୍କ ଆବଶ୍ୟକତା ଉପରେ ବର୍ଦ୍ଧିତ ଦୃଷ୍ଟି ନିବଦ୍ଧ କରିଥାଉ। ଏପରିକି ଉକ୍ତ ଶ୍ରେଣୀରେ ସର୍ବୋତ୍ତମ ଉତ୍ପାଦକୁ ନେଇ ଏବଂ ଗ୍ରାହକଙ୍କ ପାଇଁ ସେବା ଯୋଗାଣ ତଥା ଉନ୍ନତ ଟର୍ନ ଆରାଉଣ୍ଡ ଟାଇମ ନିମନ୍ତେ ଆମର ରିଟେଲ ପୋର୍ଟଫୋଲିଓକୁ ସମ୍ପ୍ରସାରିତ କରୁଛୁ। ଆମର ଗତ ତ୍ରୈମାସିକ ଆର୍ଥିକ ଫଳାଫଳରୁ ଏହା ସ୍ପଷ୍ଟ ଯେ ଆମେ ଆମର ଲକ୍ଷ୍ୟ ୨୦୨୬ ଦୂରଦୃଷ୍ଟି ହାସଲ ଦିଗରେ ଠିକ୍ ଦିଗରେ ଅଗ୍ରସର ହେଉଛୁ।

## ରାଜସ୍ଥାନରେ ଭାରତ ମସଲା ପୁରସ୍କୃତ

ରାଜସ୍ଥାନ,୧୦।୨


ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

ରାଜସ୍ଥାନ ମସଲା ଆସୋସିଏସନ ପକ୍ଷରୁ ସ୍ଥାନୀୟ ଜୟପୁରର ରାଜସ୍ଥାନୀ ରେସୋର୍ଟ ପରିସରରେ ସ୍ପାଇସେସ୍ ବିଜ୍‌ନେସ୍ ମିଟ୍-୨୦୨୩ ନିକଟରେ ଆୟୋଜିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ସୁଶାନ୍ତ କୁମାର ପଣ୍ଡାଙ୍କୁ ସମ୍ମାନିତ କରାଯାଇଛି। ଏପରିକି ଉକ୍ତ ସମିଟ୍‌ରେ ଭାରତ ମସଲା ମଧ୍ୟ ପୁରସ୍କୃତ ହୋଇଥିବା ଜଣାପଡ଼ିଛି। ବିଶେଷକରି ମସଲା ବ୍ୟବସାୟ କ୍ଷେତ୍ରରେ ଉତ୍ତମ ଗୁଣବତ୍ତାମାନ,ପରିମାଣ ବଜାୟ ରଖିବାରେ କମ୍ପାନୀ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବାରୁ ଭାରତ ମସଲାକୁ ଏଭଳି ଏକ ଜାତୀୟସ୍ତରୀୟ ସମ୍ମାନ ଓ ପୁରସ୍କାର ପ୍ରଦାନ କରାଯାଇଥିବା ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଭାରତ ମସଲାର ଏମ୍‌ଡି ସୁଶାନ୍ତ କୁମାର ପଣ୍ଡାଙ୍କୁ ସମ୍ମାନିତ କରିବା ସହ ଉଚ୍ଚ ପ୍ରଶଂସା କରିଥିଲେ। ସୂଚନାଯୋଗ୍ୟ, ସ୍ପାଇସେସ୍ ବିଜ୍‌ନେସ୍ ମିଟ୍‌ରେ ବିଭିନ୍ନ ରାଜ୍ୟର ମସଲା କମ୍ପାନୀ ବା ଉତ୍ପାଦନକାରୀମାନେ ଯୋଗଦେଇଥିଲେ।

## ଜାମକାନି କୋଇଲା ଖଣିରେ ଖନନ କାର୍ଯ୍ୟ ଆରମ୍ଭ

ଭୁବନେଶ୍ୱର,୧୦।୨

ବେଦାନ୍ତର ନିଲାମାଧୀନ ସୁନ୍ଦରଗଡ଼ ଜାମକାନି କୋଇଲା ଖଣି କେତେକ ସ୍ଥାନୀୟ କାରଣ ପାଇଁ ଖନନ ହୋଇପାରୁ ନ ଥିଲା। ଏପରିକି ଖଣି ଖନନ ସ୍ଥଳରେ ସ୍ଥାନୀୟ ବାସିନ୍ଦା ଦୀର୍ଘଦିନ ହେବ ଆନ୍ଦୋଳନ କରିଆସୁଥିଲେ। ଉକ୍ତ ଆନ୍ଦୋଳନ ସ୍ଥଳରେ ଶୁକ୍ରବାର ବିସ୍ଥାପିତମାନଙ୍କ ଦାବି ନେଇ କମ୍ପାନୀ କର୍ତ୍ତୃପକ୍ଷ, ଜିଲା ପ୍ରଶାସନ ଏବଂ ବିସ୍ଥାପିତ ଗ୍ରାମବାସୀଙ୍କ ମଧ୍ୟରେ ଏକ ଆଲୋଚନା ସଭା ସଫଳ ଭାବେ ଅନୁଷ୍ଠିତ ହୋଇଯାଇଛି। ଏକ ସୁସ୍ଥ ବାତାବରଣରେ ସମସ୍ତଙ୍କ ସହମତିରେ ଚୁକ୍ତିନାମା କରାଯାଇ ଆନ୍ଦୋଳନ ପ୍ରତ୍ୟାହାର କରିବା ସହ ଖଣି କାର୍ଯ୍ୟ ଆରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ସୁନ୍ଦରଗଡ଼ ସଦର ବିଧାୟିକା କୁସୁମ ଟେଟେ, ଏଡିଏମ୍ ଅଭିମନ୍ୟୁ ବେହେରା, ଉପଜିଲାପାଳ ଦାଶରଥି ସରାବୋ, ବେଦାନ୍ତ ମାଇନିଂର ସିଇଓ ଭି.ଶ୍ରୀକାନ୍ତ, ଜମି ଏବଂ ଆଇନ ବିଭାଗର ମୁଖ୍ୟ ନୱାଲ ଶର୍ମା, ବାହ୍ୟ ସମ୍ପର୍କ ବିଭାଗ ମୁଖ୍ୟ ପ୍ରଣୟ ଶତପଥୀଙ୍କ ସମେତ ସୁନ୍ଦରଗଡ଼ ସାଂସଦଙ୍କ ପ୍ରତିନିଧି ବଟ କିଶୋରେ ମିଶ୍ର ଏବଂ ମେଣ୍ଡରା, ଜାମକାନି, ଗିରିଶିମା ଓ ଝରପଲ ଆଦି ଗ୍ରାମର ୧୫ ଶହରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଉପସ୍ଥିତ ଥିଲେ।

## ରଘୁନାଥପୁରରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ନୂଆ ଶାଖା ଉଦ୍‌ଘାଟିତ



ଭୁବନେଶ୍ୱର,୧୦।୨

ଏଚ୍‌ଡିଏଫ୍‌ସି ବ୍ୟାଙ୍କ୍‌ର ନୂତନ ଶାଖା ଶୁକ୍ରବାର ସ୍ଥାନୀୟ ନନ୍ଦନକାନନସ୍ଥିତ ରଘୁନାଥପୁରଠାରେ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ସେହିଭଳି ସମ୍ମାନିତ ଅତିଥି ଭାବେ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମତ୍ସ୍ୟ ଉନ୍ନୟନ ନିଗମର ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ଏଚ୍‌ଡିଏଫ୍‌ସିର ସିନିୟର ଭାଇସ୍ ପ୍ରେସିଡେଣ୍ଟ ତଥା ଓଡ଼ିଶା ଜୋନ୍‌ର ଜୋନାଲ୍ ମୁଖ୍ୟ ଦୀପକ କୁମାର ସିଂ କହିଛନ୍ତି, ଉକ୍ତ ଶାଖା ଜରିଆରେ ଆମେ ସ୍ଥାନୀୟ ଅଞ୍ଚଳର ସବୁବର୍ଗର ଲୋକଙ୍କୁ ବ୍ୟାଙ୍କିଙ୍ଗ୍ ସେବା ଯୋଗାଇଦେବୁ। ଏପରିକି ଗୃହଋଣ, ସୁନାଋଣ ସହ ସମସ୍ତ ପ୍ରକାର ବ୍ୟାଙ୍କିଙ୍ଗ୍ ସୁବିଧା ଏଠାରେ ଉପଲବ୍ଧ ହେବ। ସୂଚନାଯୋଗ୍ୟ, ଭୁବନେଶ୍ୱରରେ ଏହା ୩୨ତମ ଶାଖା ହୋଇଥିବା ବେଳେ ରାଜ୍ୟରେ ଏହା ୧୮୮ ତମ ଶାଖା ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଉଦଘାଟନୀ ଉତ୍ସବରେ ବ୍ୟାଙ୍କର କଲଷ୍ଟର ହେଡ୍ ଦେବେନ୍ଦ୍ର ଜେନା ଓ ଶାଖା ପରିଚାଳକ ତାରିଣୀ ପ୍ରସାଦ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONIIIBBS2023005, ତା. 08.02.2023

**କାର୍ଯ୍ୟର ନାମ :** (1)ନୂଆ ବ୍ରୋଡ୍ ଗେଜ୍ (BG) ରେଳ ଲାଇନ୍ ପ୍ରକଳ୍ପଗୁଡ଼ିକ ନିମନ୍ତେ ଅନ୍ତିମ ସ୍ଥାନ ସର୍ବେକ୍ଷଣ ସମ୍ପାଦନ ଏବଂ (2) ପୂର୍ବ ତଟ ରେଳପଥରେ ଦୋହରୀକରଣ / ତୃତୀୟ ଲାଇନ୍ / ତୃତୀୟ ଏବଂ ଚତୁର୍ଥ ଲାଇନ୍ / ଫ୍ଲାଇ ଓଭରର ନିର୍ମାଣ ନିମନ୍ତେ ଅନ୍ତିମ ସ୍ଥାନ ସର୍ବେକ୍ଷଣ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 3534.40 ଲକ୍ଷ, EMD (ଟଙ୍କାରେ) : 19,17,200/-, କାର୍ଯ୍ୟ ଶେଷ ହେବା ଅବଧି (ଉଭୟ ଟେଣ୍ଡର ନିମନ୍ତେ) : 24 (ଚବିଶ)ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.14.03.2023 ରିଖ 1200 ଘଟିକାରେ ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।

ସମ୍ପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ । ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ପନ୍ଦର ଦିନ ପୂର୍ବରୁ ୱେବସାଇଟ୍ କୁ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଇଟାର୍ଡ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B/G ଏବଂ G1 ର ଦାଖଲ, ଟେଣ୍ଡର ନଥିପତ୍ର ଭଲ୍ୟୁର 2 ର ଅନୁଲଗ୍ନକ-I , ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀ ଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-167/CF/22-23

**ODISHA PUBLIC SERVICE COMMISSION, CUTTACK**

**NOTICE**

**No.1599/PSC, Dt.10.02.23**

**No.D-319:** It is for information of all concerned that, the Programme of OCS (Main) Examination, 2021 issued vide this Office Notice No.479/PSC, dt.16.01.2023 is hereby modified to the extent as indicated below:-

| Sl. No. | Existing date of OCS Main Examination, 2021 | Modified date of OCS Main Examination, 2021 |
|---|---|---|
| 01. | 19.02.2023 (Sunday) (Odia language & English) | **21.02.2023 (Tuesday)** Odia Language (Forenoon session) & English (Afternoon session) |
| 02. | 21.02.2023 (Tuesday) (General Studies, Paper-I & General Studies, Paper-II) | **12.03.2023 (Sunday)** General Studies-I (Forenoon session) & General Studies-II (Afternoon session) |
| 03. | 12.03.2023 (Sunday) (Philosophy, Paper-II & Psychology, Paper-II) | **13.03.2023 (Monday)** Philosophy-II (Forenoon session) & Psychology-II (Afternoon session) |

Besides above, the date of examination of all other papers of OCS Main Examination, 2021 intimated vide Notice stated above shall remain unchanged.

Hence, as per the revised schedule, the OCS (Main) Exam, 2021 will be conducted from 21.02.2023 to 13.03.2023.

**Sd./- Secretary**

OIPR-12002/11/0272/2223

## ଖାଲି ପଦବୀ ପୂରଣକୁ ଗୁରୁତ୍ୱାରୋପ

ଭୁବନେଶ୍ୱର,୧୦।୨

ପୂର୍ବତଟ ରେଳପଥ ମଧ୍ୟରେ ଗତ ୮ ବର୍ଷରେ ରେଳପଥ ନିଯୁକ୍ତି ବୋର୍ଡ (ଆର୍‌ଆର୍‌ବି) ଏବଂ ରେଳପଥ ନିଯୁକ୍ତି ସେଲ୍ (ଆର୍‌ଆର୍‌ସି) ଦ୍ୱାରା ନିଯୁକ୍ତି ଅଭିଯାନ ମାଧ୍ୟମରେ ୧୬,୪୦୫ ଖାଲି ପଦ ପୂରଣ କରାଯାଇଛି। ବିଶେଷକରି ରେଲୱେରେ ନିରାପତ୍ତାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଉଛି। ଫଳରେ ରେଳ ଚଳାଚଳ କ୍ଷେତ୍ରରେ ନିରାପତ୍ତା ସମ୍ବନ୍ଧୀୟ ସମ୍ବେଦନଶୀଳ ବିଷୟରେ ରେଲୱେ ସର୍ବଦା ଅବଗତ ଅଛି। ଏପରିକି ପୂର୍ବତଟ ରେଳପଥ କ୍ରମାଗତ ଭାବେ ତା'ର ମାନବ ସମ୍ବଳ ବିଷୟବସ୍ତୁକୁ ନଜରରେ ରଖି ନିରନ୍ତର ଭାବେ ଖାଲି ପଦବୀ ପୂରଣ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛି। ସେହିଭଳି କୋଭିଡ୍ ମହାମାରୀର ଆହ୍ୱାନ ସତ୍ତ୍ୱେ ପୂର୍ବତଟ ରେଳପଥ କାର୍ଯ୍ୟବଳ ୨୦୧୯ ଏପ୍ରିଲ ୧ ସୁଦ୍ଧା ୪୫,୫୦୭ରୁ ୨୦୨୩ ଜାନୁୟାରୀ ୧ରେ ୪୭,୩୩୧କୁ ବୃଦ୍ଧି ପାଇଛି। ଏପରିକି ଗତ ୮ ବର୍ଷ ମଧ୍ୟରେ ପୂର୍ବତଟ ରେଳପଥର ଲେବଲ-୧ ପଦବୀରେ ମୋଟ ୫,୨୫୯ ଜଣ ପ୍ରାର୍ଥୀ ନିଯୁକ୍ତ ହୋଇଛନ୍ତି। ବିଶେଷକରି ଉକ୍ତ ନିଯୁକ୍ତି ପ୍ରକ୍ରିୟା ଆର୍‌ଆର୍‌ସି ଦ୍ୱାରା କରାଯାଇଥିଲା। ସେହିପରି ଲେବଲ-୧ ପଦବୀ ବ୍ୟତୀତ ଗତ ୮ ବର୍ଷ ମଧ୍ୟରେ ବିଭିନ୍ନ ବର୍ଗ ପାଇଁ ମୋଟ ୧୧,୧୪୬ ପ୍ରାର୍ଥୀ ପୂର୍ବତଟ ରେଳପଥରେ ନିଯୁକ୍ତ ହୋଇଛନ୍ତି। ଏପରିକି ଉପରୋକ୍ତ ସମସ୍ତ ପଦବୀରେ ଅଧିକ ସଂଖ୍ୟକ ସୁରକ୍ଷା ବର୍ଗ ପଦବୀ ଏବଂ କିଛି ସାଧାରଣ ବର୍ଗ ପଦବୀ ଅନ୍ତର୍ଭୁକ୍ତ ରହିଛି। ଏହା ବ୍ୟତୀତ ସୁରକ୍ଷା ବର୍ଗରେ ସର୍ବାଧିକ ସଂଖ୍ୟା ସମେତ ବିଭିନ୍ନ ସ୍ତରରେ ଆର୍‌ଆର୍‌ବି ଏବଂ ଆର୍‌ଆର୍‌ସି ଦ୍ୱାରା ୨,୮୫୮ ପଦବୀ ପୂରଣ ପାଇଁ ନିଯୁକ୍ତି ପ୍ରକ୍ରିୟା ମଧ୍ୟ ଶେଷ ପର୍ଯ୍ୟାୟରେ ରହିଛି। ଫଳସ୍ୱରୂପ ପୂର୍ବତଟ ରେଳପଥରେ ମୋଟ ଅନୁମୋଦିତ କର୍ମଚାରୀଙ୍କ ଖାଲିଥିବା ପଦବୀଗୁଡିକ ୨୦୧୯ ଏପ୍ରିଲ ୧ ବେଳକୁ ୧୭.୩% ରୁ ହ୍ରାସ ପାଇ ୨୦୨୩ ଜାନୁୟାରୀ ୧ରେ ୧୪.୯% କୁ ଖସି ଆସିଛି। ଏହା ସୂଚିତ କରେ ଯେ ପୂର୍ବତଟ ରେଳପଥରେ ଉକ୍ତ ପଦବୀଗୁଡ଼ିକ ନିୟମିତ ଭାବେ ପୂରଣ ହେଉଛି।

**ୟୁକୋ ବ୍ୟାଙ୍କ**

ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩

**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ, କଟକ ମୁଖ୍ୟ ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ**କୁ ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ, କଟକ ମୁଖ୍ୟ ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ ।

| କଟକ ମୁଖ୍ୟ ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ଶ୍ରୀମତୀ ସସ୍ମିତା ମହାପାତ୍ର,** ସ୍ୱାମୀ: ଶ୍ରୀ ଅନାମ ଚରଣ ନାୟକ / **ଗ୍ୟାରେଣ୍ଟିଦାତା: ଶ୍ରୀ ଅନାମ ଚରଣ ନାୟକ,** ପିତା: କାଙ୍ଗାଳି ଚରଣ ନାୟକ, ଉଭୟଙ୍କ ଠିକଣା- ସା: ନୂଆଗଡ଼, ତେଲେଙ୍ଗାପେଣ୍ଠ, ପୋ: ଗୋପାଳପୁର, ଜିଲ୍ଲା: କଟକ - ୭୫୩୦୧୧ | **୩୧.୦୮.୨୦୨୨ ସୁଦ୍ଧା ଟ.୨,୫୨,୧୧୯.୪୫** + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | **୨୮.୧୦.୨୦୨୨/ ୦୭.୦୨.୨୦୨୩** | **ଶ୍ରୀମତୀ ସସ୍ମିତା ମହାପାତ୍ର,** ସ୍ୱାମୀ: ଶ୍ରୀ ଅନାମ ଚରଣ ନାୟକଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ପ୍ରତାପ ନଗରୀ, ଥାନା: କଟକ ସଦର, ତହସିଲ: କଟକ, ଜିଲ୍ଲା: କଟକ, ଖାତା ନଂ.: ୧୪୬-ଡ଼ି୧, ପ୍ଲଟ୍ ନଂ.: ୨୩୮୬/୩୬୩୫, କ୍ଷେତ୍ର: ଏକର୦.୦୧୫ ଡ଼ିସିମିଲି ଏବଂ ପ୍ଲଟ୍ ନଂ.: ୨୩୯୦/୩୬୩୬, କ୍ଷେତ୍ର: ଏକର ୦.୦୨୫ ଡ଼ିସିମିଲି, **ସମୁଦାୟ କ୍ଷେତ୍ର: ଏକର୦.୦୪୦ ଡ଼ିସିମିଲି** |

ସ୍ଥାନ: ଭୁବନେଶ୍ୱର, ତାରିଖ : ୧୦.୦୨.୨୦୨୩

କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ

## ନାଲ୍‌କୋର ୩ୟ ତ୍ରୈମାସିକ ଫଳାଫଳ

नालको NALCO NATIONAL ALUMINIUM COMPANY LIMITED

ଭୁବନେଶ୍ୱର,୧୦।୨

ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍‌କୋ) ପକ୍ଷରୁ ଚଳିତ ଆର୍ଥିକ ବର୍ଷର ୩ୟ ତ୍ରୈମାସିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ୨୦୨୨ ଡିସେମ୍ବରରେ ଶେଷ ହୋଇଥିବା ତୃତୀୟ ତ୍ରୈମାସିକ ଫଳାଫଳ ଶୁକ୍ରବାର ଘୋଷିତ ହୋଇଛି। ଭୁବନେଶ୍ୱରଠାରେ ଅନୁଷ୍ଠିତ କମ୍ପାନୀର ବୋର୍ଡସ୍ତରୀୟ ବୈଠକରେ ଉପସ୍ଥାପିତ ଆର୍ଥିକ ଫଳାଫଳ ଅନୁସାରେ କମ୍ପାନୀ ୨୦୨୨-୨୩ ଆର୍ଥିକ ବର୍ଷର ୩ୟ ତ୍ରୈମାସରେ ୨୭୪ କୋଟି ଟଙ୍କା ଲାଭ କରିଥିଲାବେଳେ ଗତ ତ୍ରୈମାସରେ କମ୍ପାନୀର ଲାଭ ୧୭୦ କୋଟି ଟଙ୍କା ଥିଲା। ଚଳିତ ତ୍ରୈମାସରେ ନେଟ୍ ବିକ୍ରୟ କାରବାର ୩୨୯୦ କୋଟି ଟଙ୍କା ହୋଇଥିଲା। ତୃତୀୟ ତ୍ରୈମାସରେ କମ୍ ପରିମାଣର ଆଲୁମିନା ବିକ୍ରୟ,ଉତ୍ପାଦନ ଖର୍ଚ୍ଚ ବୃଦ୍ଧି ସହ ବିଶ୍ୱସ୍ତରୀୟ ବାଣିଜ୍ୟିକ କାରବାରରେ ଅସ୍ଥିରତା ଯୋଗୁ କମ୍ପାନୀର ଲାଭ ପରିମାଣ ପ୍ରଭାବିତ ହୋଇଛି। ଏସବୁ ସତ୍ତ୍ୱେ ମଧ୍ୟ କମ୍ପାନୀ ଉତ୍ପାଦନର ସମସ୍ତ ଦିଗରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି। ନାଲ୍‌କୋର ପରିଚାଳନା ଦକ୍ଷତା ଓ ଦଳଗତ କାର୍ଯ୍ୟ ଏହି ମାନ୍ଦା ଅବସ୍ଥାକୁ ସାମ୍ନା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଏ ସମ୍ପର୍କରେ କମ୍ପାନୀର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀଧର ପାତ୍ର କହିଛନ୍ତି, ବିଶ୍ୱସ୍ତରରେ ଆଲୁମିନିୟମ ମୂଲ୍ୟରେ ଅଭିବୃଦ୍ଧି ଓ ବର୍ଦ୍ଧିତ ଉତ୍ପାଦନ ପରିମାଣ ସହିତ ଆଗାମୀ ତ୍ରୈମାସଗଡ଼ିକରେ କମ୍ପାନୀ ଆଶାନୁରୂପ ଲାଭ ଅର୍ଜନ କରିବ। ଏପରିକି ଚତୁର୍ଥ ତ୍ରୈମାସର ଫଳାଫଳ ସମ୍ପୂର୍ଣ୍ଣ ଆର୍ଥିକ ବର୍ଷର ସମୁଦାୟ ଫଳାଫଳ ପାଇଁ ଯଥେଷ୍ଟ ସହାୟକ ହେବ ବୋଲି ପାତ୍ର ଆଶା ପ୍ରକଟ କରିଛନ୍ତି।

नालको NALCO National Aluminium Company Limited (A Government of India Enterprise)

Nalco Bhawan, P/1, Nayapalli, Bhubaneswar-751 013, Odisha, India
CIN : L27203OR1981GOI000920
A NAVRATNA COMPANY

आज़ादी का अमृत महोत्सव

G20 भारत 2023 INDIA

**Extracts of Financial Results for the Quarter and Nine Months ended December 31, 2022**

Rs. In Crore

| Sl. No. | Particulars | Standalone | | | | | | Consolidated | | | | | |
|---|---|---|---|---|---|---|---|---|---|---|---|---|---|
| | | Quarter Ended | | | Nine Months Ended | | Year Ended | Quarter Ended | | | Nine Months Ended | | Year Ended |
| | | 31/12/2022 (Unaudited) | 30/09/2022 (Unaudited) | 31/12/2021 (Unaudited) | 31/12/2022 (Unaudited) | 31/12/2021 (Unaudited) | 31/03/2022 (Audited) | 31/12/2022 (Unaudited) | 30/09/2022 (Unaudited) | 31/12/2021 (Unaudited) | 31/12/2022 (Unaudited) | 31/12/2021 (Unaudited) | 31/03/2022 (Audited) |
| 1. | Total Income from Operations | 3,289.98 | 3,489.57 | 3,773.26 | 10,562.87 | 9,839.99 | 14,180.81 | 3,289.98 | 3,489.57 | 3,773.26 | 10,562.87 | 9,839.99 | 14,180.81 |
| 2. | Net Profit/(Loss) for the period (before Tax, Exceptional and /or Extraordinary items) | 364.80 | 245.88 | 1,109.13 | 1,388.73 | 2,586.81 | 3,954.87 | 364.80 | 245.88 | 1,109.13 | 1,388.73 | 2,586.81 | 3,954.87 |
| 3. | Net Profit/(Loss) for the period before Tax (after Exceptional and/or Extraordinary items) | 364.80 | 245.88 | 1,109.13 | 1,388.73 | 2,586.81 | 3,954.87 | 347.27 | 201.19 | 1,108.94 | 1,305.78 | 2,586.47 | 3,954.31 |
| 4. | Net Profit/(Loss) for the period after Tax ( after Exceptional and/or Extraordinary items) | 273.85 | 170.12 | 830.86 | 1,022.61 | 1,926.29 | 2,951.97 | 256.32 | 125.43 | 830.67 | 939.66 | 1,925.95 | 2,951.41 |
| 5. | Total Comprehensive Income for the period Comprising Profit/Loss for the period (after tax) and other Comprehensive Income (after tax) | 323.34 | 194.35 | 836.32 | 1,094.65 | 1,942.67 | 2,975.92 | 305.81 | 149.66 | 836.13 | 1,011.70 | 1,942.33 | 2,975.36 |
| 6. | Equity Share Capital | 918.32 | 918.32 | 918.32 | 918.32 | 918.32 | 918.32 | 918.32 | 918.32 | 918.32 | 918.32 | 918.32 | 918.32 |
| 7. | Reserves (excluding Revaluation Reserve) as shown in the Audited Balance Sheet of the previous year | | | | | | 11,636.32 | | | | | | 11,634.07 |
| 8. | Earnings Per Share (before extraordinary items) (of Rs.5/- each) (not annualised): | | | | | | | | | | | | |
| | 1. Basic | 1.49 | 0.93 | 4.52 | 5.57 | 10.49 | 16.07 | 1.40 | 0.68 | 4.52 | 5.12 | 10.49 | 16.07 |
| | 2. Diluted | 1.49 | 0.93 | 4.52 | 5.57 | 10.49 | 16.07 | 1.40 | 0.68 | 4.52 | 5.12 | 10.49 | 16.07 |

The above is an extract of the detailed format of Quarterly Financial Results filed with the Stock Exchanges under regulation 33 of the SEBI ( Listing Obligations and Disclosure Requirements) Regulations, 2015. The full format of the above financial results are available on the Stock Exchange websites, www.nseindia.com and www.bseindia.com; and Company's website, www.nalcoindia.com.

**Notes :**

(1) The Financial Results have been reviewed by the Audit Committee and approved by the Board of Directors at their respective meeting held on 10th February, 2023. Limited Review as required under Regulation 33 of the SEBI (Listing Obligations and Disclosure Requirements) Regulations, 2015 has been carried out by the Statutory Auditors of the Company.

(2) The consolidated financials for the quarter and nine months ended 31st Dec, 2022 includes the financial results of M/s. Angul Aluminium Park Private Ltd., M/s. Utkarsha Aluminium Dhatu Nigam Limited, M/s. Khanij Bidesh India Limited and M/s. GACL- NALCO Alkalies & Chemicals Private Limited.

(3) The Company paid final dividend of Rs.1.5/- per equity share (30% on face value of Rs.5/- each) amounting to Rs.275.49 crore for the FY 2021-22. With this the total amount of dividend pay out for the FY 2021-22 is Rs. 6.50/- per equity share (interim dividend of Rs. 5.00/- per share and final dividend of Rs. 1.5/- per share) amounting to Rs.1,193.81 crore.

(4) The Board of Directors at its meeting held on 17.01.2023 has approved interim dividend of Rs.1/- per equity share (20% on face value of Rs. 5/- each) amounting to Rs. 183.66 crore for the FY 2022-23.

(5) Figures pertaining to previous periods have been regrouped, recasted and rearranged, wherever necessary.

Place : Bhubaneswar
Dated : 10th February, 2023

Sd/-
( CA Sridhar Patra )
Chairman-cum-Managing Director



ଜେପିସି ତଦନ୍ତ ନ ହେବା ଯାଏ ପାର୍ଲାମେଣ୍ଟ ଭିତରେ ଓ ବାହାରେ ଆମେ ଆଦାନୀ ପ୍ରସଙ୍ଗ ଉଠାଇବା ଜାରି ରଖିବୁ। ଏହା ଏକ ବଡ଼ ଦୁର୍ନୀତି, ଯହିଁରେ ଲୋକଙ୍କ ଟଙ୍କା ଆତ୍ମସାତ କରାଯାଇଛି। କେନ୍ଦ୍ର ସରକାର ଗଣତାନ୍ତ୍ରିକ ଉପାୟରେ କାର୍ଯ୍ୟ ନ କଲେ ଦେଶବାସୀ ଏହାର ଉଚିତ ଜବାବ ଦେବେ।
-ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ଅଧ୍ୟକ୍ଷ

**ସଂକ୍ଷେପରେ**

## ୧୪ରେ ପାଳନ ହେବନି ଗାଈ ଆଲିଙ୍ଗନ ଦିବସ

**ନୂଆଦିଲ୍ଲୀ,୧୦।୨(ପି.ଟି.):** ଆସନ୍ତା ୧୪ ତାରିଖରେ ଗାଈ ଆଲିଙ୍ଗନ ଦିବସ ପାଳନ ହେବନାହିଁ। ଏହି ଦିବସ ପାଳନ ଲାଗି ଭାରତର ପ୍ରାଣୀ କଲ୍ୟାଣ ବୋର୍ଡ (ଏଡବ୍ଲ୍ୟୁବିଆଇ) କରିଥିବା ଅପିଲକୁ ଶୁକ୍ରବାର ପ୍ରତ୍ୟାହାର କରିନେଇଛି। ସୋସିଆଲ ମିଡିଆରେ କାଓ ହଗ୍ ଡେ'କୁ ନେଇ ସମାଲୋଚନା କରାଯିବା ପରେ ସରକାରଙ୍କ ନିର୍ଦ୍ଦେଶକ୍ରମେ ବୋର୍ଡ ଉପରୋକ୍ତ ନିଷ୍ପତ୍ତି ନେଇଛି। ଫେବୃୟାରୀ ୧୪ ସାରା ବିଶ୍ୱରେ ଭାଲେଣ୍ଟାଇନ୍ସ ଡେ' ଭାବେ ପାଳିତ ହେଉଛି। ସେହିଦିନକୁ ଗାଈ ଆଲିଙ୍ଗନ ଭାବେ ପାଳନ ପାଇଁ ବୋର୍ଡ ଦେଇଥିବା ଆହ୍ୱାନକୁ ଜନସମର୍ଥନ ମିଳିଲେ ଭଲ ହେବ ବୋଲି ଦିନକ ପୂର୍ବରୁ କେନ୍ଦ୍ରମନ୍ତ୍ରୀ ପର୍ଶୋତ୍ତମ ରୁପାଲା କହିଥିଲେ। ତେବେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରଣାଳୟ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକ୍ରମେ ପ୍ରାଣୀ କଲ୍ୟାଣ ବୋର୍ଡ ଦେଇଥିବା ଆହ୍ୱାନ ପ୍ରତ୍ୟାହାର କରିନେଇଥିବା ଏହାର ସଚିବ ଏସ୍.କେ. ଦତ୍ତ ଏକ ବିଜ୍ଞପ୍ତିରେ କହିଛନ୍ତି।

## ୨୦୨୬ ସୁଦ୍ଧା ଭାରତକୁ ୩ କୋଟି ଡିଜିଟାଲି ଦକ୍ଷ ପେସାଦାର ଆବଶ୍ୟକ

**ନୂଆଦିଲ୍ଲୀ,୧୦।୨(ଆଇଏଏନ୍ଏସ୍):** ଭାରତ ୨୦୨୬ ବେଳକୁ ୩୦ ନିୟୁତ ଡିଜିଟାଲି ଦକ୍ଷ ପେସାଦାର ଆବଶ୍ୟକ କରିବ ଏବଂ ବର୍ତ୍ତମାନର କାର୍ଯ୍ୟଶକ୍ତିର ପ୍ରାୟ ୫୦ ପ୍ରତିଶତଙ୍କୁ ସେମାନେ କାର୍ଯ୍ୟ କରୁଥିବା ପ୍ରଯୁକ୍ତି କ୍ଷେତ୍ରରେ ପୁନଃ ଦକ୍ଷତା ତାଲିମ ନେବା ଆବଶ୍ୟକ ହେବ ବୋଲି ଏକ ନୂଆ ରିପୋର୍ଟରେ କୁହାଯାଇଛି। ଭାରତରେ ଏବେ କାର୍ଯ୍ୟ କରିବା ବୟସର ୫୦ କୋଟି ଲୋକ ଅଛନ୍ତି। ଦେଶର ମୋଟ ଯୁବ ଗୋଷ୍ଠୀ (୨୨ରୁ ୨୫ ବର୍ଷ ବୟସ ବର୍ଗ)ର ମାତ୍ର ୪୯ ପ୍ରତିଶତ କାର୍ଯ୍ୟ କରିବାକୁ ଯୋଗ୍ୟ ହୋଇଥିବା ନିଯୁକ୍ତି ସେବା ପ୍ରଦାନକାରୀ ସଂସ୍ଥା ଟିମ୍‌ଲିଜ୍ ରିପୋର୍ଟରେ କୁହାଯାଇଛି। ଏହାର ସର୍ଭେ ଅନୁଯାୟୀ ଶିଳ୍ପ ସଂସ୍ଥାଗୁଡ଼ିକରେ ୭୫ ପ୍ରତିଶତ କମ୍ପାନୀ କୌଶଳ ଅନ୍ତରର ସମ୍ମୁଖୀନ ହୋଇଛନ୍ତି। ଏବେ କାର୍ଯ୍ୟରତ ଥିବା ୪୦ ପ୍ରତିଶତଙ୍କ ମୌଳିକ ସାମର୍ଥ୍ୟରେ ପରିବର୍ତ୍ତନ ଆବଶ୍ୟକ। ସେମାନଙ୍କୁ ପୁନର୍ବାର ଦକ୍ଷ କରାଇବା କମ୍ପାନୀଗୁଡ଼ିକ ପାଇଁ ଜରୁରୀ ବୋଲି ଟିମ୍‌ଲିଜ୍ ସର୍ଭିସେସ୍‌ର ସହ ପ୍ରତିଷ୍ଠାତା ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରତ୍ନୁପର୍ଣ୍ଣା ଚକ୍ରବର୍ତ୍ତୀ କହିଛନ୍ତି।

## ୨ ବନ୍ଦେ ଭାରତ ଏକ୍ସପ୍ରେସ୍‌ର ଶୁଭାରମ୍ଭ କଲେ ମୋଦି

**ନୂଆଦିଲ୍ଲୀ,୧୦।୨:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଦୁଇଟି ବନ୍ଦେ ଭାରତ ଏକ୍ସପ୍ରେସ୍‌ର ଚଳାଚଳ ଶୁଭାରମ୍ଭ କରିଛନ୍ତି ଏହା ମୁମ୍ବାଇରୁ ଶିରିଡି ଏବଂ ସୋଲାପୁର ମଧ୍ୟରେ ଚଳାଚଳ କରିବ। ବନ୍ଦେ ଭାରତ ଏକ୍ସପ୍ରେସ୍ ଆଜିର ଆଧୁନିକ ଭାରତର ଏକ ସୁନ୍ଦର ଚିତ୍ର ବୋଲି ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ। ଦକ୍ଷିଣ ମୁମ୍ବାଇର ଛତ୍ରପତି ଶିବାଜୀ ମହାରାଜ ଟର୍ମିନସ୍‌ରୁ ପ୍ରଥମେ ସିଏସ୍ଏମ୍‌ଟି-ସୋଲାପୁର ବନ୍ଦେ ଭାରତ ଏକ୍ସପ୍ରେସ୍‌ର ଚଳାଚଳକୁ ମୋଦି ପତାକା ଦେଖାଇ ଶୁଭାରମ୍ଭ କରିଥିବାବେଳେ ପରେ ମୁମ୍ବାଇରୁ ଅହମଦନଗର ଜିଲାର ସାଇନଗର ଶିରିଡି ମନ୍ଦିର ସହରକୁ ଅନ୍ୟତମ ଏକ୍ସପ୍ରେସ୍‌ର ଯାତ୍ରା ଶୁଭାରମ୍ଭ କରିଥିଲେ।

## ଆଇସିଏଓ ବିମାନ ଚଳାଚଳ ନିରାପତ୍ତା ର୍‍ୟାଙ୍କିଙ୍ଗ୍: ୫୫ତମ ସ୍ଥାନରେ ଭାରତ

**ନୂଆଦିଲ୍ଲୀ,୧୦।୨(ପି.ଟି.):** ଭାରତର ବିମାନ ଚଳାଚଳ ନିରାପତ୍ତା ନିରୀକ୍ଷଣ ର୍‍ୟାଙ୍କିଙ୍ଗ୍ ୫୫ତମ ସ୍ଥାନକୁ ଉନ୍ନୀତ ହୋଇଛି। ପୂର୍ବରୁ ଭାରତ ଏହି ର୍‍ୟାଙ୍କିଙ୍ଗ୍‌ରେ ୧୧୨ତମ ସ୍ଥାନରେ ରହିଥିଲା। ବିମାନ ଚଳାଚଳ ନିରାପତ୍ତାରେ ଅନ୍ତର୍ଜାତୀୟ ବେସାମରିକ ବିମାନ ଚଳାଚଳ ସଂଗଠନ (ଆଇସିଏଓ)ର ସମନ୍ୱିତ ଭାଲିଡେଶନ ମିଶନ୍‌ରେ ଭାରତ ଯଥେଷ୍ଟ ଉନ୍ନତି କରିଥିବା ଡିଜିସିଏ ପକ୍ଷରୁ କୁହାଯାଇଛି। ଗତବର୍ଷ ନଭେମ୍ବର ୯ରୁ ୧୬ ତାରିଖ ମଧ୍ୟରେ ଭାରତରେ ବିମାନ ଚଳାଚଳ ନିରାପତ୍ତା ଉପରେ ଅନୁଧ୍ୟାନ କରାଯାଇଥିଲା। ଆଇସିଏଓ ଟିମ୍ ୧୩୭ଟି ପ୍ରୋଟୋକଲ ପ୍ରଶ୍ନ (ପିକ୍ୟୁ)ରୁ ନିରାପତ୍ତା ପ୍ରଗତିର ସମୀକ୍ଷା କରିଥିଲେ। ୧୦୧ଟି ପିକ୍ୟୁରେ ସ୍ଥିତି ସନ୍ତୋଷଜନକକୁ ପରିବର୍ତ୍ତନ ହୋଇଥିବାବେଳେ ଗୋଟିଏ ପିକ୍ୟୁ ଲାଗୁ ହୋଇ ନ ଥିଲା। ୩୫ଟି ପିକ୍ୟୁ ସନ୍ତୋଷଜନକ ନ ଥିଲା।



ତୁର୍କୀରେ ଘାତକ ଭୂକମ୍ପ ଅନେକ ହଜାର ଲୋକଙ୍କ ଜୀବନ ନେଇଥିବାବେଳେ ହତୟସ୍ଥିତ ଏକ ଧ୍ୱସ୍ତ କୋଠା ନିକଟରେ ନିଜ ଛୁଆକୁ ଧରି ଆତ୍ମୀୟଙ୍କୁ ଖୋଜୁଛନ୍ତି ଜଣେ ମହିଳା।

# ଭୂକମ୍ପ ମୃତ୍ୟୁ ୨୨,୭୦୦ ଟପିଲା

**ଉଦ୍ଧାର କାର୍ଯ୍ୟରେ ବିଳମ୍ବକୁ ନେଇ ବଢୁଛି ଉତ୍ତେଜନା**

ଇସ୍କେଣ୍ଡେରନ୍(ତୁର୍କୀ),୧୦।୨

ତୁର୍କୀ ଓ ସିରିଆରେ ପ୍ରଳୟଙ୍କରୀ ଭୂକମ୍ପଜନିତ ମୃତ୍ୟୁସଂଖ୍ୟା ଶୁକ୍ରବାର ୨୨,୭୬୫ରେ ପହଞ୍ଚିଛି। ଉଦ୍ଧାର କାର୍ଯ୍ୟକୁ ୧୦୦ ଘଣ୍ଟାରୁ ଅଧିକ ବିତିଥିବାବେଳେ ବହୁସଂଖ୍ୟାରେ ଲୋକଙ୍କୁ ଭଗ୍ନାବଶେଷ ତଳୁ ଜୀବନ୍ତ ଉଦ୍ଧାର କରାଗଲାଣି। କେବଳ ତୁର୍କୀରେ ମୃତ୍ୟୁସଂଖ୍ୟା ୧୯,୩୮୮ରେ ପହଞ୍ଚିଥିବାବେଳେ ୭୭,୭୧୧ ଜଣ ଆହତ ହୋଇଛନ୍ତି। ସେହିପରି ସିରିଆରେ ମୃତ୍ୟୁସଂଖ୍ୟା ୩,୩୭୭ ଏବଂ ଆହତଙ୍କ ସଂଖ୍ୟା ୨୨,୭୬୫ରେ ପହଞ୍ଚିଛି। ଭୂକମ୍ପର ୪ ଦିନ ପରେ ଉଦ୍ଧାର କାର୍ଯ୍ୟରେ ଯଥେଷ୍ଟ ଅଗ୍ରଗତି ହେଉ ନ ଥିବାରୁ ଉତ୍ତେଜନା ବଢ଼ିବାରେ ଲାଗିଛି। ଲୋକମାନେ ଘରଦ୍ୱାର ହରାଇ ପ୍ରବଳ ଥଣ୍ଡାରେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ୧୦୪ ଘଣ୍ଟା ପରେ ଭଗ୍ନାବଶେଷ ତଳେ ଏକ ସ୍ଥାନରୁ ୬ ଜଣ ସମ୍ପର୍କୀୟଙ୍କୁ ଉଦ୍ଧାର କରାଯାଇଛି। ଜଣେ ନାବାଳକ ଶୋଷ ମେଣ୍ଟାଇବା ପାଇଁ ନିଜ ପରିସ୍ରା ପିଇଥିବାବେଳେ ଜଣେ ୪ ବର୍ଷର ଶିଶୁକୁ ଶାନ୍ତ କରାଇବାକୁ ଜେଲି ବିନ୍ ଦେଇଥିଲେ।

ତୁର୍କୀ ଇତିହାସରେ ଏହା ସବୁଠୁ ବିପର୍ଯ୍ୟୟ ସୃଷ୍ଟିକାରୀ ଭୂକମ୍ପ ବୋଲି ଏହାର ରାଷ୍ଟ୍ରପତି ରିସେପ ତାୟିପ ଏର୍ଦୋଗାନ କହିଛନ୍ତି। ସମସ୍ତ ନଭଶ୍ଚୁମ୍ବୀ ଅଟାଳିକା ମାଟିରେ ମିଶିଯାଇଛି। ଜାପାନର ଫୁକୁସୀମା ଭୂକମ୍ପ ଓ ସୁନାମୀ ତୁଳନାରେ ଅଧିକ ଲୋକଙ୍କ ମୃତ୍ୟୁ ଘଟିଲାଣି। ଏବେ ବି ଭଗ୍ନାବଶେଷ ତଳେ ବହୁସଂଖ୍ୟାରେ ମୃତଦେହ ରହିଥିବା ନିଃସନ୍ଦେହ ବୋଲି କୁହାଯାଉଛି। ଉଦ୍ଧାର କାର୍ଯ୍ୟରେ ଭାରତୀୟ ଟିମ୍ ସହ ବିଭିନ୍ନ ଦେଶରୁ ସୁରକ୍ଷା କର୍ମୀ ଓ ଉଦ୍ଧାରକାରୀ ନିୟୋଜିତ ହୋଇଛନ୍ତି। ଇସ୍କେଣ୍ଡେରନରେ ୧୦୯ ଘଣ୍ଟା ପରେ ଭଗ୍ନାବଶେଷ ତଳୁ ଏକ ଦମ୍ପତିଙ୍କୁ ଉଦ୍ଧାର କରାଯାଇଛି। ଜର୍ମାନ ଟିମ୍ ଜଣେ ମହିଳାଙ୍କୁ ଉଦ୍ଧାର କରିବା ପାଇଁ ୫୦ ଘଣ୍ଟା ପରିଶ୍ରମ କରିଥିଲା। କହରାମାନମାରାସ ସହରରେ ଦୁଇ ନାବାଳିକା ଭଉଣୀଙ୍କୁ ଉଦ୍ଧାର କରାଯାଇଛି।

# ବଡ଼ମାଛ ଧରୁନାହିଁ କେନ୍ଦ୍ର

**ଅନ୍ତର୍ଜାତୀୟ ଡ୍ରଗ୍ ସିଣ୍ଡିକେଟ୍‌କୁ ତଦନ୍ତକାରୀ ସଂସ୍ଥା ଛାଡ଼ିଦେଉଛି: ସୁପ୍ରିମକୋର୍ଟ**

ନୂଆଦିଲ୍ଲୀ,୧୦।୨

ନିଶା ସାମଗ୍ରୀ କାରବାର ରୋକିବା ପାଇଁ ୧୯୮୫ ମସିହାରୁ ଭାରତରେ ନାର୍କୋଟିକ୍ ଡ୍ରଗ୍ସ ଆଣ୍ଡ ସାଇକୋଟ୍ରୋପିକ୍ ସବ୍‌ଷ୍ଟାନ୍ସେସ୍ (ଏନ୍‌ଡିପିଏସ୍) ଆଇନ ପ୍ରଚଳିତ। ଅନ୍ତର୍ଜାତୀୟ ଡ୍ରଗ୍ ସିଣ୍ଡିକେଟ୍ ସଦସ୍ୟମାନେ ଏହି ଆଇନକୁ ଫାଙ୍କି ଗଳିଯାଉଛନ୍ତି। ଏଭଳି ଗଞ୍ଜେଇ ଓ ଅଫିମ ଚାଲାଣକାରୀମାନଙ୍କୁ କେନ୍ଦ୍ର ସରକାର ଏବଂ ତଦନ୍ତକାରୀ ସଂସ୍ଥାଗୁଡ଼ିକ ଗିରଫ କରୁନାହାନ୍ତି। ଚାଷୀ ଓ ବସ୍‌ଷ୍ଟାଣ୍ଡରେ ଛିଡ଼ା ହୋଇଥିବା ଲୋକଙ୍କୁ ସେମାନେ ଧରୁଛନ୍ତି ବୋଲି ଶୁକ୍ରବାର ସୁପ୍ରିମକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ନିଜ ଜମିରେ ଅଫିମ ଚାଷ କରିବା ଅଭିଯୋଗରେ ସବିର ନାମକ ଜଣେ ବ୍ୟକ୍ତି ଗିରଫ ହୋଇଥିଲେ। ଅଭିଯୁକ୍ତ ୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଜେଲରେ ରହିସାରିବା ପରେ ସୁପ୍ରିମକୋର୍ଟରେ ଜାମିନ ଆବେଦନ କରିଥିଲେ। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ପି.ଏସ୍. ନରସିଂହ ଏବଂ ଜେ.ବି. ପର୍ଦିୱାଲାଙ୍କୁ ନେଇ ଗଠିତ ଖଣ୍ଡପୀଠ ତାଙ୍କ ଜାମିନ ଆବେଦନର ଶୁଣାଣି କରି କହିଛନ୍ତି, ଭାରତ ସରକାର ଓ ତଦନ୍ତକାରୀ



ସଂସ୍ଥାଗୁଡ଼ିକ ବଡ଼ମାଛଙ୍କୁ ଗିରଫ କରୁନାହାନ୍ତି। ଅନ୍ତର୍ଜାତୀୟ ଡ୍ରଗ୍ ସିଣ୍ଡିକେଟ ପଛରେ କାହିଁକି ଗୋଡ଼ାଉନାହାନ୍ତି? ସେମାନଙ୍କୁ ଧରିବାକୁ ଚେଷ୍ଟା କରନ୍ତୁ। କେବଳ ଚାଷୀ ଏବଂ ବସ୍‌ଷ୍ଟାଣ୍ଡ ତଥା ଅନ୍ୟ କୌଣସି ସ୍ଥାନରେ ଛିଡ଼ା ହୋଇଥିବା ଚୁନାମାଛଙ୍କୁ ଧରିଲେ କ'ଣ ହେବ ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ।

ମଧ୍ୟପ୍ରଦେଶ ସରକାର ଓ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଅତିରିକ୍ତ ସଲିସିଟର ଜେନେରାଲ ବିକ୍ରମଜିତ୍ ବାନାର୍ଜୀ ଅଭିଯୁକ୍ତ ସବିରଙ୍କ ଜାମିନ ଆବେଦନକୁ ବିରୋଧ କରିଥିଲେ। ବିକ୍ରମଜିତ୍ କହିଥିଲେ, ସବିରଙ୍କ ଚାଷଜମିରୁ ମିଳିଥିବା ଅଫିମର ପରିମାଣ କମ୍ ନୁହେଁ। ସେ ଏହା ପୂର୍ବରୁ ମଧ୍ୟ ୨ ଥର ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଖଣ୍ଡପୀଠ କହିଲେ, ଜବତ ହୋଇଥିବା ସାଇକୋଟ୍ରୋପିକ୍ ସବ୍‌ଷ୍ଟାନ୍ସ (ମନଃପ୍ରଭାବୀ ଦ୍ରବ୍ୟ)ର ପରିମାଣ ଅନୁସାରେ ସର୍ବାଧିକ ୧୦ ବର୍ଷ ଜେଲଦଣ୍ଡର ବ୍ୟବସ୍ଥା ରହିଛି। ଅଭିଯୁକ୍ତ ୫ ବର୍ଷରୁ ଅଧିକ ସମୟ ଜେଲରେ ଦଣ୍ଡ ଭୋଗିସାରିଲେଣି। ଏମାନେ ସ୍ୱଳ୍ପକାଳୀନ ଚାଷୀ ହୋଇଥିବାରୁ ନିଜ ଅପରାଧ ପାଇଁ ଜାମିନ ପାଇପାରୁ ନାହାନ୍ତି। ଅଭିଯୁକ୍ତ ସବିର ଜାମିନ ପାଇବାକୁ ଯୋଗ୍ୟ କହି ଖଣ୍ଡପୀଠ ରାଜ୍ୟ ସରକାର ଏବଂ ଏନ୍‌ସିବିର ନିବେଦନକୁ ଅଗ୍ରାହ୍ୟ କରିଦେଇଛନ୍ତି।

## ସୁପ୍ରିମକୋର୍ଟରେ ଆଉ ୨ ବିଚାରପତି ନିଯୁକ୍ତ

ନୂଆଦିଲ୍ଲୀ,୧୦।୨(ପି.ଟି.)

କେନ୍ଦ୍ର ସରକାର ଶୁକ୍ରବାର ଦୁଇ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ସୁପ୍ରିମକୋର୍ଟ ବିଚାରପତି ଭାବେ ପଦୋନ୍ନତି ପ୍ରଦାନ କରିଛନ୍ତି। ଫଳରେ ୯ ମାସ ପରେ ସର୍ବୋଚ୍ଚ ଅଦାଲତ ଏହାର ପୂର୍ଣ୍ଣ ସାମର୍ଥ୍ୟ ୩୪ ବିଚାରପତି ପ୍ରାପ୍ତ ହୋଇଛି। ନୂଆ ବିଚାରପତି ନିଯୁକ୍ତି ସମ୍ପର୍କରେ ଆଇନମନ୍ତ୍ରୀ କିରେନ ରିଜିଜୁ ଟୁଇଟ୍ କରି ଘୋଷଣା କରିଛନ୍ତି। ଆଲ୍ଲାହାବାଦ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ରାଜେଶ ବିନ୍ଦଲ ଏବଂ ଗୁଜରାଟ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ଅରବିନ୍ଦ କୁମାର ସୁପ୍ରିମକୋର୍ଟ ବିଚାରପତି ଭାବେ ଦୁଇଦିନ ମଧ୍ୟରେ ଶପଥ ଗ୍ରହଣ କରିବେ। ଜାନୁୟାରୀ ୩୧ରେ ସୁପ୍ରିମକୋର୍ଟ କଲେଜିୟମ ସେମାନଙ୍କ ନାମ ସୁପାରିସ କରିଥିଲେ। ଦୁଇ ମୁଖ୍ୟ ବିଚାରପତିଙ୍କ ପଦୋନ୍ନତି ପରେ ପ୍ରୀତିଙ୍କର ଦିୱାକର ଏବଂ ସୋନିଆ ଗିରିଧର କୋଗନିଙ୍କୁ ଯଥାକ୍ରମେ ଆଲ୍ଲାହାବାଦ ଏବଂ ଗୁଜରାଟ ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ଦିଆଯାଇଛି।



ଜଷ୍ଟିସ ରାଜେଶ ବିନ୍ଦଲ ଜଷ୍ଟିସ ଅରବିନ୍ଦ କୁମାର

## ବିବିସି ବ୍ୟାନ୍‌କୁ ସୁପ୍ରିମକୋର୍ଟଙ୍କ ନା

ନୂଆଦିଲ୍ଲୀ,୧୦।୨

୨୦୦୨ ଗୁଜରାଟ ଦଙ୍ଗା ପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଦାୟୀ କରି ବ୍ରିଟିଶ୍ ବ୍ରୋଡ୍‌କାଷ୍ଟିଂ କର୍ପୋରେଶନ୍ (ବିବିସି) ପକ୍ଷରୁ ପ୍ରସାରିତ ଡକ୍ୟୁମେଣ୍ଟାରି ବିବାଦ ତୁଟିନାହିଁ। ବ୍ରିଟେନର ଏହି ଜାତୀୟ ଟିଭି ଚ୍ୟାନେଲର ପ୍ରସାରଣ ଉପରେ ସମ୍ପୂର୍ଣ୍ଣ ନିଷେଧାଦେଶ ଜାରି ନିମନ୍ତେ ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଖଲ ହୋଇଥିଲା। ହିନ୍ଦୁ ସେନା ଅଧ୍ୟକ୍ଷ ବିଷ୍ଣୁ ଗୁପ୍ତା ଓ କୃଷକ ବୀରେନ୍ଦ୍ର କୁମାର ସିଂଙ୍କ ପକ୍ଷରୁ ଦାଖଲ ଉକ୍ତ ଆବେଦନକୁ ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଏବଂ ଏମ୍.ଏମ୍. ସୁନ୍ଦରେଶଙ୍କ ଖଣ୍ଡପୀଠ ଖାରଜ କରିଦେଇଛନ୍ତି। ଏହି ପିଟିଶନ ସମ୍ପୂର୍ଣ୍ଣ ଭାବେ ବିଭ୍ରାନ୍ତିକର ହୋଇଥିବାରୁ ଶୁଣାଣିଯୋଗ୍ୟ ନୁହେଁ ବୋଲି ଖଣ୍ଡପୀଠ କହିଛନ୍ତି।

## ପଶ୍ଚିମବଙ୍ଗରେ ୧୭% ଗର୍ଭବତୀ ସ୍ୱଳ୍ପବୟସ୍କା

କୋଲକାତା,୧୦।୨

ପଶ୍ଚିମବଙ୍ଗରେ ପ୍ରତି ୬ ଜଣ ଗର୍ଭବତୀ ମହିଳାଙ୍କ ମଧ୍ୟରୁ ଜଣେ (୧୭ ପ୍ରତିଶତ) ସ୍ୱଳ୍ପବୟସ୍କା ବୋଲି ଏକ ସର୍ଭେରୁ ଜଣାପଡ଼ିଛି। ବିବାହିତ ମହିଳାଙ୍କ ମଧ୍ୟରେ ସେମାନଙ୍କ ଅନୁପାତ ୪ ପ୍ରତିଶତ ବୋଲି ସରକାରଙ୍କ ମାତ୍ରିମା ପ୍ରୋଗ୍ରାମ୍‌ରେ ସଂଗୃହୀତ ତଥ୍ୟରୁ ଜଣାପଡ଼ିଛି। ଝିଅଙ୍କ ବିବାହ ପାଇଁ ୧୮ କିମ୍ବା ୧୯ ବର୍ଷ ବୈଧ ବୟସ ହୋଇଥିବାବେଳେ ଉଭୟ ମାଆ ଓ ଶିଶୁଙ୍କ ସ୍ୱାସ୍ଥ୍ୟଗତ ସୁରକ୍ଷା କାରଣରୁ ଗର୍ଭଧାରଣର ସର୍ବନିମ୍ନ ବୟସ ୨୧ ବର୍ଷ ହେବା ଆବଶ୍ୟକ ବୋଲି ସ୍ୱାସ୍ଥ୍ୟ ବିଭାଗ କହିଛି। ସ୍ୱଳ୍ପବୟସ୍କା ଗର୍ଭବତୀ ମାଆଙ୍କ ସ୍ୱାସ୍ଥ୍ୟ ପ୍ରତି ଅଧିକ ବିପଦ ରହିଛି। ଏପରିକି ପ୍ରସବ ସମୟରେ ସେମାନଙ୍କ ଜୀବନ ପ୍ରତି ବିପଦ ରହିଥାଏ ବୋଲି ବିଶେଷଜ୍ଞମାନେ କହିଛନ୍ତି। ମାତ୍ରିମା ପୋର୍ଟାଲ ତଥ୍ୟ ଅନୁଯାୟୀ ଗତବର୍ଷ ସେପ୍ଟେମ୍ବର ସୁଦ୍ଧା ପଶ୍ଚିମବଙ୍ଗରେ ୪ ଲକ୍ଷ ସ୍ୱଳ୍ପବୟସ୍କ ଦମ୍ପତି ରହିଛନ୍ତି। ସେଠାରେ ବର୍ଷକ ମଧ୍ୟରେ ସ୍ୱଳ୍ପବୟସ୍କାଙ୍କ ଗର୍ଭନିରୋଧକ ବ୍ୟବହାର ୫ ପ୍ରତିଶତ ବଢ଼ି ୫୫ ପ୍ରତିଶତରେ ପହଞ୍ଚିଥିବା ସର୍ଭେରୁ ଜଣାପଡ଼ିଛି।

## ଆଇଏମ୍ଏଫ୍-ପାକ୍ ଚୁକ୍ତି ହୋଇପାରିଲାନି

**୧.୧ ବିଲିୟନ୍ ବେଲ୍‌ଆଉଟ୍ ପ୍ୟାକେଜ୍**

**କରାଚୀ,୧୦।୨:** ଘୋର ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ପାକିସ୍ତାନ ୧.୧ ବିଲିୟନ ଆମେରିକୀୟ ଡଲାର ପାଇବା ପାଇଁ ଆଇଏମ୍ଏଫ୍‌ର ସର୍ତ୍ତଗୁଡ଼ିକୁ ମାନିନେଇଥିବା ଶୁକ୍ରବାର ଅର୍ଥମନ୍ତ୍ରୀ ଇଶକ୍ ଦାର ସୂଚନା ଦେଇଛନ୍ତି। ନାଥନ୍ ପୋର୍ଟରଙ୍କ ଅଧ୍ୟକ୍ଷତାରେ ଇସ୍‌ଲାମାବାଦ ଆସିଥିବା ଆଇଏମ୍ଏଫ୍ ମିଶନ ୧୦ ଦିନ ଧରି ଆଲୋଚନା କରିବା ପରେ ଗୁରୁବାର ପ୍ରତ୍ୟାବର୍ତ୍ତନ କରିଛି। ଇଶକ୍ କହିଛନ୍ତି, ୬.୫ ବିଲିୟନ ଡଲାର ବେଲ୍‌ଆଉଟ୍ ପ୍ୟାକେଜ୍ ପାଇଁ ପାକିସ୍ତାନ ୨୦୧୯ରେ ଏକ ଚୁକ୍ତି ହୋଇଥିଲେ ମଧ୍ୟ ପ୍ୟାକେଜ୍ ରିଲିଜ୍ ହୋଇପାରି ନ ଥିଲା। ଏହାର ଏକ ଅଂଶ ପ୍ରଦାନ କରିବାକୁ ଆଇଏମ୍ଏଫ୍ ରାଜି ହୋଇଛି। ଜୁନ୍‌ରେ ଆଇଏମ୍ଏଫ୍ ୧.୪ ବିଲିୟନ ଡଲାର ପାଣ୍ଠି ଯୋଗାଇଦେବ। ତେଣୁ ସର୍ତ୍ତ ପୂରଣ ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ କହିଛନ୍ତି। ଅନ୍ୟପକ୍ଷେ ଉଭୟ ପକ୍ଷ ମଧ୍ୟରେ ଆଲୋଚନା ବିଫଳ ହୋଇଥିବା କେତେକ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି।

## କକ୍ଷପଥରେ ୩ ଉପଗ୍ରହ

**ଇସ୍ରୋର ଆଉ ଏକ ସଫଳତା**

**ଚେନ୍ନାଇ,୧୦।୨:** ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଶୁକ୍ରବାର ୩ଟି ସାଟେଲାଇଟ୍‌କୁ ସେମାନଙ୍କ ନିର୍ଦ୍ଦିଷ୍ଟ କକ୍ଷପଥରେ ସଫଳତାର ସହ ସ୍ଥାପନ କରିଛି। ଶ୍ରୀହରିକୋଟାର ସତୀଶ ଧାୱନ ଉତ୍କ୍ଷେପଣ କେନ୍ଦ୍ରର ପ୍ରଥମ ଲଞ୍ଚ ପ୍ୟାଡ୍‌ରୁ ପୂର୍ବାହ୍ନ ୯ଟା ୧୮ ମିନିଟ ସମୟରେ ଇସ୍ରୋର ସ୍ମଲ୍ ସାଟେଲାଇଟ୍ ଲଞ୍ଚ ଭେହିକିଲ୍ (ଏସ୍ଏସ୍ଏଲ୍‌ଭି-ଡି୨) ୩ ଉପଗ୍ରହକୁ ନେଇ ମହାକାଶକୁ ଯାଇଥିଲା ଏବଂ ୯୦୦ ସେକେଣ୍ଡ ମଧ୍ୟରେ କକ୍ଷପଥରେ ସ୍ଥାପନ କରିଥିଲା। ଏସ୍ଏସ୍ଏଲ୍‌ଭିରେ କ୍ଷୁଦ୍ର,



ଅଣୁ ଏବଂ ନାନୋସାଟେଲାଇଟ୍ (୧୦ରୁ ୫୦୦ କିଲୋଗ୍ରାମ ଓଜନ) ପୃଥିବୀର ନିମ୍ନ କକ୍ଷପଥରେ ସ୍ଥାପନ କରାଯାଇପାରିବ। ଏସ୍ଏସ୍ଏଲ୍‌ଭିର ଲମ୍ବ ୩୪ ମିଟର ଏବଂ ବ୍ୟାସ ୨ ମିଟର ହୋଇଥିବାବେଳେ ଏହା ୧୨୦ ଟନ୍ ଉପରକୁ ନେଇପାରିବ। ଇସ୍ରୋ ପ୍ରସ୍ତୁତ ଭୂସର୍ବେକ୍ଷଣ ସାଟେଲାଇଟର ଓଜନ ୧୫୬.୩ କିଲୋଗ୍ରାମ ହୋଇଥିବାବେଳ ଆମେରିକା ଷ୍ଟାର୍ଟଅପ୍ କମ୍ପାନୀ ଆଣ୍ଟାରିଆ ପ୍ରସ୍ତୁତ ଜାନୁସ୍-୧ର ଓଜନ ୧୦.୨ କିଲୋଗ୍ରାମ ଏବଂ ଚେନ୍ନାଇ ଷ୍ଟାର୍ଟଅପ୍ ସ୍ପେସ୍ କିଡ୍‌ଜ ଇଣ୍ଡିଆ ପ୍ରସ୍ତୁତ ଆଜାଦିସାଟ୍-୨ର ଓଜନ ୮.୭ କିଲୋଗ୍ରାମ। ଏଗୁଡ଼ିକୁ ୪୫୦ କିଲୋମିଟର ବର୍ତ୍ତୁଳାକାର କକ୍ଷପଥରେ ସ୍ଥାପନ କରାଯାଇଛି।

## 'ଆପଣ କେତେଥର ପ୍ରେମ କରିଛନ୍ତି'

**ଉପରାଷ୍ଟ୍ରପତିଙ୍କୁ କଂଗ୍ରେସ ଏମ୍‌ପିଙ୍କ ପ୍ରଶ୍ନ**

ନୂଆଦିଲ୍ଲୀ,୧୦।୨

'ଆପଣ କେତେଥର ପ୍ରେମ କରିଛନ୍ତି' ବୋଲି ରାଜ୍ୟ ସଭାରେ ଅଧ୍ୟକ୍ଷତା କରୁଥିବା ଉପରାଷ୍ଟ୍ରପତି ଜଗଦୀପ୍ ଧନ୍‌କରଙ୍କୁ ଶୁକ୍ରବାର କଂଗ୍ରେସ ଏମ୍‌ପି ପ୍ରମୋଦ ତିୱାରୀ ପ୍ରଶ୍ନ କରିବାରୁ ହାସ୍ୟରୋଳ ସୃଷ୍ଟି ହୋଇଥିଲା। ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ବେଳେ ବିରୋଧୀ ଦଳ ନେତାଙ୍କ ଭାଷଣର କିଛି ଅଂଶକୁ ବାଦ୍ ଦେବା ପାଇଁ ଅଧ୍ୟକ୍ଷଙ୍କ ନିଷ୍ପତ୍ତି ବିରୋଧରେ ଆଲୋଚନା ବେଳେ ତିୱାରୀ କହିଥିଲେ, ମଲ୍ଲିକାର୍ଜୁନ ଖାର୍ଗେ ଆପଣଙ୍କ ପ୍ରେମରେ ଏକ କବିତା ଲେଖିଛନ୍ତି। କବିତାରୁ ପ୍ରେମ ହୋଇଥାଏ ନା ପ୍ରେମରୁ କବିତା ବୋଲି ଧନ୍‌କର ପ୍ରଶ୍ନ କରିଥିଲେ।



ଜଗଦୀପ୍ ଧନ୍‌କର

ଆପଣ କେତେଥର ପ୍ରେମ କରିଛନ୍ତି ବୋଲି ତିୱାରୀ ଧନ୍‌କରଙ୍କୁ ପଚାରିଥିଲେ। ଯେହେତୁ ସମସ୍ତେ ଆପଣଙ୍କୁ ଭଲ ପାଉଛନ୍ତି, ତେଣୁ ବିରୋଧୀ ଦଳ ନେତା ଏକ କବିତା ଆବୃତ୍ତି କରିଛନ୍ତି ବୋଲି ତିୱାରୀ କହିବାରୁ ଧନ୍‌କର କିଛି ଉତ୍ତର ନ ଦେଇ କେବଳ ହସିଥିଲେ।

# କଶ୍ମୀରରେ ୫.୯ ନିୟୁତ ଟନ୍ ଲିଥିୟମ

**ଦେଶରେ ପ୍ରଥମ ଲିଥିୟମ ଖଣିର ସନ୍ଧାନ**

ନୂଆଦିଲ୍ଲୀ,୧୦।୨

ଦେଶର ପ୍ରଥମ ଲିଥିୟମ ଖଣି ଜମ୍ମୁ-କଶ୍ମୀରରେ ଠାବ ହୋଇଛି। ଏଥିରେ ଗଚ୍ଛିତ ଲିଥିୟମର ପରିମାଣ ୫.୯ ନିୟୁତ ଟନ୍। ପ୍ରଥମ ଥର ପାଇଁ ଭାରତରେ ଏହି ଗୁରୁତ୍ୱପୂର୍ଣ୍ଣ ଧାତୁ ଜମ୍ମୁ-କଶ୍ମୀରର ରିଆସି ଜିଲାରୁ ମିଳିଥିବାରୁ ଏହା ଏକ ବଡ଼ ସଫଳତା ବୋଲି ଖଣି ସଚିବ ବିବେକ ଭରଦ୍ୱାଜ କହିଛନ୍ତି। ଏବେ ଲିଥିୟମ, ନିକେଲ ଏବଂ କୋବାଲ୍ଟ ଭଳି ଅନେକ ଖଣିଜ ପାଇଁ ଭାରତ ଆମଦାନୀ ଉପରେ ନିର୍ଭରଶୀଳ। ଦେଶ ଆତ୍ମନିର୍ଭର ହେବା ଲାଗି ଜଟିଳ ଖଣିଜ ଖୋଜି ବାହାର କରିବା ଏବଂ ତାହାର ପ୍ରକ୍ରିୟାକରଣ କରିବା



ଗୁରୁତ୍ୱପୂର୍ଣ୍ଣ। ଏହିସବୁ ସାମଗ୍ରୀ ଆମଦାନୀ ହ୍ରାସ ପାଇପାରିଲେ ଆମେ ଆତ୍ମନିର୍ଭର ହୋଇପାରିବା ବୋଲି ୬୨ତମ କେନ୍ଦ୍ରୀୟ ଭୂତାତ୍ତ୍ୱିକ କାର୍ଯ୍ୟକ୍ରମ ବୋର୍ଡ ବୈଠକରେ ଉଦ୍‌ବୋଧନ ଦେଇ ଖଣି ସଚିବ କହିଛନ୍ତି। ଆମେରିକା ଭୂତାତ୍ତ୍ୱିକ ସର୍ଭେ (ୟୁଏସ୍‌ଜିଏସ୍) ରିପୋର୍ଟ ଅନୁଯାୟୀ ବିଶ୍ୱରେ ୮୦ ନିୟୁତ ଟନ୍ ପରିମାଣର ଲିଥିୟମ ଖଣି ଚିହ୍ନଟ ହୋଇଥିବାବେଳେ ସେଥିରୁ ମାତ୍ର ୨୨ ନିୟୁତ ଟନ୍ ଖଣି ଉତ୍ତୋଳନ ଉପଯୋଗୀ ହୋଇପାରିଛି। ଲିଥିୟମ ବିଭିନ୍ନ କାର୍ଯ୍ୟରେ ବ୍ୟବହୃତ ହେଉଥିଲେ ହେଁ ମୋବାଇଲ ଫୋନ, ଲାପ୍‌ଟପ, ବିଦ୍ୟୁତଚାଳିତ ଏବଂ ହାଇବ୍ରିଡ୍ ଯାନର ବ୍ୟାଟେରି ପ୍ରସ୍ତୁତିରେ ଏହା ସବୁଠୁ ଗୁରୁତ୍ୱପୂର୍ଣ୍ଣ ଉପାଦାନ। ଏହା ବ୍ୟତୀତ କାଚ ଏବଂ ସେରାମିକ୍‌କୁ ସୁଦୃଢ଼ ଓ ତାପ ପ୍ରତିରୋଧୀ କରିବାକୁ ସେଥିରେ ଲିଥିୟମ ମିଶ୍ରଣ କରାଯାଇଥାଏ। ଆଲୁମିନିୟମ ଏବଂ ତମ୍ବା ସହ ଲିଥିୟମ ମିଶାଇ ବିମାନ, ମହାକାଶ ଯାନ ନିର୍ମାଣରେ ବ୍ୟବହାର କରାଯାଇଥାଏ।

# ହାଇଦ୍ରାବାଦକୁ ହରାଇଲା ଓଏଫ୍‌ସି

ଭୁବନେଶ୍ୱର,୧୦।୨
(ସ୍ପୋର୍ଟ୍ସ ବ୍ୟୁରୋ)

**ଇଣ୍ଡିଆନ୍ ସୁପର୍ ଲିଗ୍**

**ଦୋର୍ଜିଙ୍କ ଆତ୍ମଘାତୀ ଗୋଲ୍**

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଇଣ୍ଡିଆନ୍ ସୁପର ଲିଗ୍‌ର ଏକ ମ୍ୟାଚ୍‌ରେ ନିମ୍ ଦୋର୍ଜିଙ୍କ ଆତ୍ମଘାତୀ ଗୋଲ ବଳରେ ଡିଫେଣ୍ଡିଂ ଚାମ୍ପିୟନ ହାଇଦ୍ରାବାଦ ଏଫ୍‌ସିକୁ ୩-୧ରେ ପରାସ୍ତ କରି ଓଡିଶା ଏଫ୍‌ସି(ଓଏଫ୍‌ସି) ୩ ପଏଣ୍ଟ ଅର୍ଜନ କରିଛି। ଫଳରେ ୧୮ ମ୍ୟାଚ୍‌ରୁ ୧୦ ବିଜୟ ସହିତ ଓଏଫ୍‌ସି ୨୭ ପଏଣ୍ଟ ହାସଲ କରି ଷଷ୍ଠ ସ୍ଥାନକୁ ଉନ୍ନୀତ ହୋଇ ପ୍ଲେ ଅଫ୍ ଦାବିଦାରିକୁ ଦୃଢ଼ କରିଛି। ଓଏଫ୍‌ସି ପକ୍ଷରୁ ଆଇଜାକ ଭନଲାଲରୁଆଟଫେଲା ୩୩ ଓ ଡିଏଗୋ ମରିସିଓ ୯୦+୪ ମିନିଟ୍‌ରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଘରୋଇ ଦର୍ଶକଙ୍କ ସମ୍ମୁଖରେ ଓଏଫ୍‌ସି ବେଶ୍ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲା। ପ୍ରଥମାର୍ଦ୍ଧରେ ଡିଏଗୋ ମରିସିଓ ଏକାଧିକ ସ୍କୋରିଂ ସୁଯୋଗ ପାଇଥିଲେ ମଧ ଏହାକୁ ହାତଛଡ଼ା କରିଥିଲେ। ୩୩ତମ ମିନିଟ୍‌ରେ ଆଇଜାକ ଭନଲାଲରୁଆଟଫେଲା ଏକ ଚମତ୍କାର ଗୋଲ ସହିତ ଓଏଫ୍‌ସି ପକ୍ଷରୁ ଆଗୁଆ ସ୍କୋର କରିଥିଲେ। ପେଡ୍ରୋ ମାର୍ଟିନ୍‌ଙ୍କ ପାସ୍‌କୁ ଏକ ଶକ୍ତିଶାଳୀ ଶଟ୍ ସହିତ ଗୋଲରେ ପରିଣତ କରିଥିଲେ ଆଇଜାକ। ପ୍ରଥମାର୍ଦ୍ଧ ଶେଷହେବାର ଠିକ୍ ପୂର୍ବରୁ ଅର୍ଥାତ୍ ୪୪ତମ ମିନିଟ୍‌ରେ ନିମ୍ ଦୋର୍ଜି ଓଏଫ୍‌ସି ଗୋଲି ଅମରିନ୍ଦର ସିଂଙ୍କୁ ଚକମା ଦେଇ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧ ୧-୧ରେ ଶେଷ ହେବା ପରେ ୭୨ତମ ମିନିଟ୍‌ରେ ଓଏଫ୍‌ସି ଅଗ୍ରଣୀ ହାସଲ କରିଥିଲା। ଡିଏଗୋ ମରିସିଓଙ୍କ ପାସ୍‌କୁ ନନ୍ଦକୁମାର ଶେକର ଗୋଲପୋଷ୍ଟ ଆଡ଼କୁ ମାରିଥିଲେ। ତେବେ ଦୋର୍ଜିଙ୍କ ଦୁର୍ବଳ ଡିଫେନ୍ସ କାରଣରୁ ଏହା ଆତ୍ମଘାତୀ ଗୋଲରେ ପରିଣତ ହୋଇଥିଲା। ଇଞ୍ଜୁରି ଟାଇମ୍‌ରେ ଆଇଜାକ ଛାକଛୁଆକଙ୍କ ପାସ୍‌ରୁ ଗୋଲ ଦେବା ସହିତ ୯୦+୪ ମିନିଟ୍‌ରେ ଓଡ଼ିଶାକୁ ୩ ପଏଣ୍ଟ ପ୍ରଦାନ କରିଥିଲେ ଡିଏଗୋ ମରିସିଓ। ଆଇଜାକ ଭନଲାଲରୁଆଟଫେଲାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା।


ଓଡ଼ିଶା ଏଫ୍‌ସି ଓ ହାଇଦ୍ରାବାଦ୍ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ଓଡ଼ିଶା ଏଫ୍‌ସିରେ ଯୋଗଦେଲେ ବାଲା ଦେବୀ

ଭୁବନେଶ୍ୱର,୧୦।୨
(ସ୍ପୋର୍ଟ୍ସ ବ୍ୟୁରୋ)


ବାଲା ଦେବୀ

ଓଡ଼ିଶା ଏଫ୍‌ସି ମହିଳା ଦଳରେ ଯୋଗ ଦେଇଛନ୍ତି ଭାରତୀୟ ଫୁଟ୍‌ବଲ ଦଳର ଅଧିନାୟିକା ବାଲା ଦେବୀ। ଆଇଏସ୍‌ଏଲ୍‌ର ଆସନ୍ତା ସଂସ୍କରଣ ପାଇଁ ବାଲା ଦେବୀ ଓଏଫ୍‌ସି ସହିତ ଏକ ବର୍ଷର ଚୁକ୍ତି ସ୍ୱାକ୍ଷର କରିଛନ୍ତି। ମଣିପୁରର ଇମ୍ଫାଲରେ ଜନ୍ମିତ ବାଲା ୨୦୦୨ରୁ ୧୯ ବର୍ଷରୁ କମ୍ ମଣିପୁର ଦଳର ପ୍ରତିନିଧିତ୍ୱ କରିଥିଲେ। ସମାନ ବର୍ଷରେ ମଣିପୁର ଦଳକୁ ୧୯ ବର୍ଷରୁ କମ୍ ମହିଳା ଚାମ୍ପିୟନଶିପ୍‌ରେ ବିଜୟୀ କରାଇବା ସହିତ ଶ୍ରେଷ୍ଠ ଖେଳାଳିର ମାନ୍ୟତା ହାସଲ କରିଥିଲେ। କ୍ରମାଗତ ଦୁଇ ବର୍ଷ ମଣିପୁର ଚାମ୍ପିୟନ ହେବା ସହିତ ବାଲା ଦେବୀଙ୍କୁ ମିଳିଥିଲା ୧୭ ବର୍ଷରୁ କମ୍ ଭାରତୀୟ ଦଳକୁ ଡାକରା। ୨୦୧୪ରେ ସେ ମଣିପୁରକୁ ଜାତୀୟ ଚାମ୍ପିୟନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସମାନ ବର୍ଷର ସାଫ୍ କ୍ରୀଡ଼ାରେ ସେ ୫ ମ୍ୟାଚ୍‌ରୁ ୧୬ଟି ଗୋଲ ସ୍କୋର କରିଥିଲେ। ସର୍ବଭାରତୀୟ ଫୁଟ୍‌ବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ପକ୍ଷରୁ ତାଙ୍କୁ ବର୍ଷର ଶ୍ରେଷ୍ଠ ମହିଳା ଖେଳାଳି ଭାବେ ଘୋଷଣା କରାଯାଇଥିଲା। ୨୦୧୫ ଜାତୀୟ ଚାମ୍ପିୟନଶିପ୍‌ରେ ଓଡ଼ିଶା ବିପକ୍ଷରେ ସ୍କୋର କରିଥିଲେ ବାଲା ଦେବୀ। ଏହି ଗୋଲ୍ ବଳରେ ମଣିପୁର ଜାତୀୟ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ନିଜ କ୍ୟାରିୟରରେ ବାଲା ଏକାଧିକ ପୁରସ୍କାର ଜିତିଥିଲେ। ଇଣ୍ଡିଆନ୍ ଓମେନ୍ସ ଲିଗ୍ ଓ ନର୍ଥ ଇଷ୍ଟ ଓମେନ୍ସ ଲିଗ୍ ଚାମ୍ପିୟନ ହେବା ସହିତ ଇତିହାସ ରଚିଥିଲେ। ୨୦୨୦ରେ ପ୍ରଥମ ଭାରତୀୟ ମହିଳା ଖେଳାଳି ଭାବେ ଏକ ଅନ୍ତର୍ଜାତୀୟ ଫୁଟ୍‌ବଲ କ୍ଲବ ସହିତ ସେ ଚୁକ୍ତି ସ୍ୱାକ୍ଷର କରିଥିଲେ। ସ୍କଟିସ୍ ପ୍ରିମିୟର ଲିଗ୍‌ରେ ରେଞ୍ଜର ଏଫ୍‌ସି ୯-୦ ଗୋଲରେ ମଦରୱେଲକୁ ପରାସ୍ତ କରିଥିଲା। ଏହାସହିତ ପ୍ରଥମ ମହିଳା ଭାବେ ଏକ ୟୁରୋପିଆନ୍ ଲିଗ୍‌ରେ ସ୍କୋର କରିବାର ସୌଭାଗ୍ୟ ହାସଲ କରିଥିଲେ। ଭାରତ ପାଇଁ ୪୬ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ୩୬ ଗୋଲ ସ୍କୋର କରିଛନ୍ତି। ନିୟମିତ ଗୋଲ ସ୍କୋର କରିବାରେ ବାଲା ଦେବୀଙ୍କ ଦକ୍ଷତା ତାଙ୍କୁ ବିଶ୍ୱ ଫୁଟ୍‌ବଲରେ ଏକ ସ୍ୱତନ୍ତ୍ର ସ୍ଥାନ ଦେଇଥିବା ବେଳେ ସେ ଲକ୍ଷ ଲକ୍ଷ ମହିଳାଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି।

# ମ୍ୟାଚ୍ ଦେଖିଲେ ୨୦୦୦ ଛାତ୍ରୀଛାତ୍ର

ଭୁବନେଶ୍ୱର,୧୦।୨
(ସ୍ପୋର୍ଟ୍ସ ବ୍ୟୁରୋ)

କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଓଡ଼ିଶା ଫୁଟ୍‌ବଲ କ୍ଲବ ଓ ହାଇଦ୍ରାବାଦ ଫୁଟ୍‌ବଲ କ୍ଲବ ମଧ୍ୟରେ ଅନୁଷ୍ଠିତ ଇଣ୍ଡିଆନ୍ ସୁପର ଲିଗ୍ (ଆଇଏସ୍‌ଏଲ୍) ମ୍ୟାଚ୍ ଦେଖିଛନ୍ତି ୨୦୦୦ରୁ ଅଧିକ ଛାତ୍ରୀଛାତ୍ର। ଫୁଟ୍‌ବଲ ଖେଳ ପ୍ରତି ଛାତ୍ରୀଛାତ୍ରଙ୍କ ଉତ୍ସାହ ବଢ଼ାଇବା ଲାଗି ମୋ କଲେଜ ପକ୍ଷରୁ ବିଭିନ୍ନ କଲେଜ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ମ୍ୟାଚ ଦେଖାଇବା ଲାଗି ଟିକେଟର ବ୍ୟବସ୍ଥା କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ସହ ଅଭିଭାବକ ଏବଂ କଲେଜ କର୍ତ୍ତୃପକ୍ଷଙ୍କ ମଧ ମ୍ୟାଚ ଉପଭୋଗ କରିଥିଲେ। ମ୍ୟାଚରେ ଅତିଥି ଭାବେ ଓଡ଼ିଶା ଫୁଟ୍‌ବଲ କ୍ଲବର ସଭାପତି ରାଜ୍ ଆଠୱେଲ ଓ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ନୃତ୍ୟ ଶିଳ୍ପୀ ରତିକାନ୍ତ ମହାପାତ୍ର ଯୋଗ ଦେଇଥିଲେ। ମୋ କଲେଜ ଅଭିଯାନର ଅଧକ୍ଷ ଆକାଶ ଦାସନାୟକ ଜଣେ ଫୁଟ୍‌ବଲପ୍ରେମୀ। ସେ କହିଛନ୍ତି, ମୋ କଲେଜ ହେଉଛି ଏପରି ଏକ ପ୍ଲାଟଫର୍ମ ଯାହା ପୁରାତନ ଛାତ୍ରୀଛାତ୍ର ମାନଙ୍କୁ ସେମାନଙ୍କ ଶିକ୍ଷାନୁଷ୍ଠାନ ସହ ଯୋଡ଼ି ଅନୁଷ୍ଠାନର ବିକାଶ ପାଇଁ ଅନ୍ୟାନ୍ୟ ସୁଯୋଗ ସୃଷ୍ଟି କରିବା।



ଛାତ୍ରୀଛାତ୍ରମାନେ ମ୍ୟାଚ ଉପଭୋଗ କରୁଛନ୍ତି।

# ଘାନା ଫୁଟ୍‌ବଲର ଅଟ୍‌ସୁଙ୍କ ପତ୍ତା ମିଳୁନି

**ୱାଶିଂଟନ୍, ୧୦।୨ (ଏପି):** ଘାନା ଅନ୍ତର୍ଜାତୀୟ ଫୁଟବଲର କ୍ରିଷ୍ଟିଆନ୍ ଅଟ୍‌ସୁଙ୍କ ପତ୍ତା ମିଳୁନାହିଁ। ତୁର୍କୀ ଭୂମିକମ୍ପରେ ଅଟ୍‌ସୁଙ୍କୁ ଏକ ଭଗ୍ନାବଶେଷ ତଳୁ ଉଦ୍ଧାର କରାଯାଇଥିଲା। ଏହାପରେ ତାଙ୍କୁ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲେ ମଧ ତାଙ୍କ ସମ୍ପର୍କରେ କୌଣସି ସୂଚନା ମିଳୁନଥିବା କହିଛନ୍ତି ତାଙ୍କ ମ୍ୟାନେଜର। କେଉଁ ହସ୍ପିଟାଲକୁ ତାଙ୍କୁ ନିଆଯାଇଛି ସେ ସମ୍ପର୍କରେ କୌଣସି ସୂଚନା ନଥିବା କହିଛନ୍ତି ତୁର୍କୀର ରାଷ୍ଟ୍ରଦୂତ। ଅଟ୍‌ସୁଙ୍କ କ୍ଲବ୍ ହାଟାୟସ୍ପୋର ଉପ ମୁଖ୍ୟ ଆୟଡିନ୍ ଟୋକସୋଜ୍ କହିଛନ୍ତି ଦେଶର କ୍ରୀଡା ନିର୍ଦ୍ଦେଶକଙ୍କୁ ଟାନେର ସାବୁଟ୍‌ଙ୍କୁ ଏ ସମ୍ପର୍କରେ ପ୍ରଶ୍ନ କରାଯାଇଥିଲେ ମଧ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ଦକ୍ଷିଣ ତୁର୍କୀ ଓ ସିରିଆରେ ୭.୮ ତୀବ୍ରତାର ଭୟାବହ ଭୂମିକମ୍ପ ହୋଇଥିବା ବେଳେ ୧୯ ହଜାରରୁ ଅଧିକ ଲୋକଙ୍କ ପ୍ରାଣହାନି ଘଟିଥିଲା। ୩୧ ବର୍ଷୀୟ ଅଟ୍‌ସୁ ଏହା ପୂର୍ବରୁ ଚେଲ୍‌ସୀ ଓ ନ୍ୟୁ କାସେଲ ପରି କ୍ଲବ ପାଇଁ ଖେଳି ସାରିଛନ୍ତି। ଗତବର୍ଷ ଅଟ୍‌ସୁ ହାଟାୟସ୍ପୋରରେ ଯୋଗ ଦେଇଥିଲେ। ଅଟ୍‌ସୁଙ୍କ ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ ତାଙ୍କ ଏଜେଣ୍ଟ ନାନା ସେଚେର୍ ତୁର୍କୀ ଗସ୍ତ କରିଥିଲେ। ମାତ୍ର ସେଚେର ତୁର୍କୀରେ ପହଞ୍ଚିବା ପରେ ତାଙ୍କୁ ଅଟ୍‌ସୁଙ୍କ ସମ୍ପର୍କରେ କୌଣସି ସୂଚନା ମିଳିନଥିଲା। ତୁର୍କୀ ରାଷ୍ଟ୍ରଦୂତଙ୍କ ସହିତ ମିଶି ସେଚେର ଅନୁସନ୍ଧାନ ଜାରି ରଖିଛନ୍ତି।

# ଫାଇନାଲରେ ରାମେଶ୍ୱର ସ୍ପୋର୍ଟିଂ



ସମ୍ବିତ୍ ବରାଳଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

ଭୁବନେଶ୍ୱର,୧୦।୨
(ସ୍ପୋର୍ଟ୍ସ ବ୍ୟୁରୋ)

**ପଞ୍ଚାନନ ଜେନା ମେମୋରିଆଲ ଟ୍ରଫି**

କେଶୁରା ଖେଳପଡ଼ିଆରେ ଅନୁଷ୍ଠିତ ତୃତୀୟ ପଞ୍ଚାନନ ଜେନା ମେମୋରିଆଲ ଟ୍ରଫିରେ ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି ଭୁବନେଶ୍ୱରର ରାମେଶ୍ୱର ସ୍ପୋର୍ଟିଂ। ଶୁକ୍ରବାର କଟକର ଜୁଭେନାଇଲ କ୍ରିକେଟ କ୍ଲବକୁ ଦଳ ୫ ଉଇକେଟରେ ହରାଇଛି। ପ୍ରଥମେ ବ୍ୟାଟିଂ କରିଥିବା ଜୁଭେନାଇଲ ୩୬.୫ ଓଭର ଖେଳି ୧୬୮ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ନିଆମତ ଅଲ୍ଲୀ ସର୍ବାଧିକ ୫୮ ରନ୍ କରିଥିଲେ। ନୀହାର ଭୂୟାଁ ୪ ଓ ପ୍ରତୀକ ସ୍ୱାଇଁ ୩ ଉଇକେଟ ନେଇଥିଲେ। ଜବାବରେ ସମ୍ବିତ୍ ବରାଳଙ୍କ ୪୫* ଏବଂ ଓମ୍ ଟି ମୁଣ୍ଡେଙ୍କ ୩୬ ରନ୍ ବଳରେ ୨୭.୫ ଓଭରରେ ୫ ଉଇକେଟ ହରାଇ ମ୍ୟାଚ ଜିତି ନେଇଥିଲା ରାମେଶ୍ୱର ସ୍ପୋର୍ଟିଂ। ଜୁଭେନାଇଲ ପକ୍ଷରୁ ଶାଶ୍ୱତ ମହାନ୍ତି ୩ ଓ ବିଘ୍ନେଶ ୨ ଉଇକେଟ ନେଇଥିଲେ। ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ସମ୍ବିତ୍ ବରାଳ(୪୫ ରନ୍ ଓ ୧ ଉଇକେଟ)ଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ ପୂର୍ବତନ ରଣ୍‌ଜୀ ଟ୍ରଫି ଖେଳାଳି ଦୀପକ ମଙ୍ଗରାଜ। ଶରତ ଚନ୍ଦ୍ର ସାହୁ ଓ ଦିଲୀପ କୁମାର ସାମଲ ମ୍ୟାଚ୍ ପରିଚାଳନା କରିଥିଲେ। ରବିବାର ସୋଲାର କ୍ରିକେଟ କ୍ଲବ ଓ ରାମେଶ୍ୱର ସ୍ପୋର୍ଟିଂ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯିବ।

# ଅଧିନାୟକ ଭାବେ ୩ ଫର୍ମାଟ୍‌ରେ ରୋହିତଙ୍କ ଶତକ

**ନାଗପୁର, ୧୦।୨:** ବର୍ଡର-ଗାଭାସ୍କର ଟ୍ରଫିର ପ୍ରଥମ ଟେଷ୍ଟରେ ଶତକ ହାସଲ ସହିତ ଫର୍ମକୁ ଫେରିଛନ୍ତି ଭାରତୀୟ ଦଳର ଅଧିନାୟକ ରୋହିତ ଶର୍ମା। ଏହାସହିତ ପ୍ରଥମ ଭାରତୀୟ ଅଧିନାୟକ ଭାବେ ୩ଟି ଯାକ ଫର୍ମାଟ୍‌ରେ ଶତକ ହାସଲର ବିରଳ ରେକର୍ଡ ନିଜ ନାମରେ କରିଛନ୍ତି। ପୂର୍ବରୁ ଦିନିକିଆ ଏବଂ ଟି୨୦ରେ ଅଧିନାୟକ ଭାବରେ ସେ ଶତକ ହାସଲ କରିଥିଲେ। ଟେଷ୍ଟ ଅଧିନାୟକ ଭାବେ ଏହା ରୋହିତଙ୍କ ତୃତୀୟ ମ୍ୟାଚ୍ ରହିଥିବା ବେଳେ ସେ ଶତକ ହାସଲ କରିଛନ୍ତି। ବିଶ୍ୱର ଚତୁର୍ଥ ଅଧିନାୟକ ରୂପେ ରୋହିତ ଏହି ରେକର୍ଡ କରିଛନ୍ତି। ପୂର୍ବରୁ ଶ୍ରୀଲଙ୍କାର ତିଲକରତ୍ନେ ଦିଲସାନ, ଦକ୍ଷିଣ ଆଫ୍ରିକାର ଫାଫ୍ ଡୁ ପ୍ଲେସିସ୍ ଓ ପାକିସ୍ତାନର ବାବର ଆଜମ୍ ଏହି ରେକର୍ଡ କରିଛନ୍ତି। ୧୭୧ ବଲ୍‌ରୁ ନିଜର ନବମ ଟେଷ୍ଟ ଶତକ ସହିତ ଅଷ୍ଟ୍ରେଲିଆ ବିପକ୍ଷରେ ନିଜର ପ୍ରଥମ ଶତକ ରେକର୍ଡ କରିଥିଲେ ରୋହିତ। ୨୦୧୯ରେ ଟେଷ୍ଟ ପଦାର୍ପଣ କରିଥିବା ରୋହିତ ୨୦୧୯-୨୧ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ରେ ୧୨ ଟେଷ୍ଟରୁ ସର୍ବାଧିକ ୧୦୯୪ ରନ୍ କରିଥିଲେ।

**ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ**

# ଅଭିଶିକ୍ତାଙ୍କୁ ବ୍ରୋଞ୍ଜ ପଦକ



ଭୁବନେଶ୍ୱର, ୧୦।୨
(ସ୍ପୋର୍ଟ୍ସ ବ୍ୟୁରୋ)

ମଧ୍ୟପ୍ରଦେଶର ଇନ୍ଦୋରରେ ଅନୁଷ୍ଠିତ ହୋଇଯାଇଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ କିଟ୍ ବିଶ୍ୱବିଦ୍ୟାଳୟ ଛାତ୍ରୀ କାଦୁଲୁରି ଅଭିଶିକ୍ତା ମହିଳା ୮୧ କେଜି କାଟେଗୋରିରେ ଭାରୋତ୍ତୋଳନରେ ଏକ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ସେ ସ୍ନାଚ୍‌ରେ ୭୨ କେଜି ଏବଂ କ୍ଲିନ୍ ଆଣ୍ଡ ଜର୍କରେ ୯୩ କେଜି ସହିତ ମୋଟ ୧୬୫ କେଜି ଓଜନ ଉଠାଇଥିଲେ। ଅଭିଶିକ୍ତା ବର୍ତ୍ତମାନ କିଟ୍ ବିଶ୍ୱବିଦ୍ୟାଳୟରେ କ୍ରୀଡ଼ା କୋଟାରେ ବିଏ (ସୋସିଓଲୋଜି) ଦ୍ୱିତୀୟ ବର୍ଷ ଛାତ୍ରୀ। ବିଶ୍ୱବିଦ୍ୟାଳୟସ୍ଥିତ ଖେଲୋ ଇଣ୍ଡିଆ ୱେଟ୍ ଲିଫ୍ଟିଂ ସେଣ୍ଟରରେ ସେ ଟ୍ରେନିଂ ନେଇ ଆସୁଛନ୍ତି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ପ୍ରଫେସର ଅଚ୍ୟୁତ ସାମନ୍ତ ଅଭିଶିକ୍ତାଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କର ଆଗାମି ପ୍ରତିଯୋଗିତାଗୁଡ଼ିକ ଲାଗି ଶୁଭକମନା କରିଛନ୍ତି।

# କ୍ରିଷ୍ଟିଆନୋ ରୋନାଲ୍‌ଡୋଙ୍କ ୪ ଗୋଲ୍

ମିକ୍କା, ୧୦।୨ (ସାଉଦି ଆରବ)

**ସାଉଦି ପ୍ରୋ ଲିଗ୍ ଗେମ୍**



କ୍ରିଷ୍ଟିଆନୋ ରୋନାଲ୍‌ଡୋ ତାଙ୍କ ନୂଆ ସାଉଦି ଆରବ ଟିମ୍ ଅଲ୍ ନାସେର ଦଳ ତରଫରୁ ଖେଳିବା ଆରମ୍ଭ କରି ଏକ ମ୍ୟାଚ୍‌ରେ ୪ ଗୋଲ ସ୍କୋର କରିଛନ୍ତି। ଫଳରେ ଘରୋଇ ଲିଗ୍‌ରେ ତାଙ୍କ ଗୋଲ୍ ସଂଖ୍ୟା ୫୦୩ରେ ପହଞ୍ଚିଛି। ଚାରିଦିନ ପୂର୍ବେ ରୋନାଲ୍‌ଡୋ ତାଙ୍କର ୩୮ତମ ଜନ୍ମଦିବସ ପାଳିଛନ୍ତି। ସାଉଦି ପ୍ରୋ-ଲିଗ୍‌ର ଏକ ଗେମ୍‌ରେ ଅଲ୍ ନାସେର ୪-୦ ଗୋଲ୍‌ରେ ଅଲ୍ ୱେହଦାକୁ ହରାଇ ଦେଇଛି। ମ୍ୟାଚ୍‌ର ସମସ୍ତ ଗୋଲ୍ ରୋନାଲ୍‌ଡୋ ସ୍କୋର କରିଛନ୍ତି। ସେ ପ୍ରଥମାର୍ଦ୍ଧରେ ଦୁଇଟି ଗୋଲ୍ ଏବଂ ଅନ୍ୟ ଦୁଇଟି ଦ୍ୱିତୀୟାର୍ଦ୍ଧରେ ସ୍କୋର କରିଥିଲେ। ୫ଥର ବାଲନ ଡି'ଅର୍ ପୁରସ୍କାର ବିଜେତା ପୂର୍ବରୁ ରିଅଲ ମାଡ୍ରିଡ୍, ଜୁଭେଣ୍ଟସ୍ ଓ ମାଞ୍ଚେଷ୍ଟର ୟୁନାଇଟେଡ୍‌ର ଷ୍ଟାର ଖେଳାଳି ରହିଥିଲେ। ବିଶ୍ୱକପ୍ ପରେ ସେ ଅଲ୍ ନାସେରରେ ଯୋଗଦେଇଥିଲେ।

# ପୁରସ୍କାର ଦୌଡ଼ରେ ମେସି, ଏମ୍‌ବାପେ, ବେଞ୍ଜେମା

ଜୁରିଚ୍, ୧୦।୨ (ଏପି.)

ଫିଫା ଶ୍ରେଷ୍ଠ ପୁରୁଷ ଖେଳାଳି ପୁରସ୍କାର ୨୦୨୨ ପାଇଁ ଏଥର ପୁଣି ଲିଓନେଲ ମେସି ଓ କିଲିଆନ ଏମ୍‌ବାପେଙ୍କ ମଧ ହେବ ଲଢେଇ। ଫିଫା ପକ୍ଷରୁ ଶୁକ୍ରବାର ଘୋଷଣା କରାଯାଇଥିବା ୩ ଖେଳାଳି ସର୍ଟଲିଷ୍ଟ ତାଲିକାରେ ଆର୍ଜେଣ୍ଟିନାର ବିଶ୍ୱକପ୍ ବିଜୟୀ ଅଧିନାୟକ ଏବଂ ଫ୍ରାନ୍ସର ସୁପରଷ୍ଟାର ଫରୱାର୍ଡ ଆଗରେ ରହିଛନ୍ତି। ସର୍ଟଲିଷ୍ଟ ତାଲିକାରେ ସ୍ଥାନ ପାଇଥିବା ତୃତୀୟ ଖେଳାଳି ହେଲେ କରିମ୍ ବେଞ୍ଜେମା। ଫିଫାର ୨୧୧ ସଦସ୍ୟ ରାଷ୍ଟ୍ରର ଜାତୀୟ ଦଳ ଅଧିନାୟକ, କୋଚ୍, ମନୋନୀତ ଜର୍ନାଲିଷ୍ଟଙ୍କ ବ୍ୟତୀତ ପ୍ରଶଂସକମାନଙ୍କୁ ନେଇ ଏକ ଗ୍ଲୋବାଲ ପ୍ୟାନେଲର ମତାମତ ଅନୁସାରେ ଏହି ସର୍ଟଲିଷ୍ଟ ପ୍ରସ୍ତୁତ କରାଯାଇଛି। ଅନ୍‌ଲାଇନ୍ ଜରିଆରେ ଭୋଟ୍ ହୋଇଥିଲା। ସେହିପରି ଶ୍ରେଷ୍ଠ ମହିଳା ଖେଳାଳି ପୁରସ୍କାର ଦୌଡ଼ରେ ଇଂଲଣ୍ଡର ବେଥ୍ ମିଡ୍, ଯୁକ୍ତରାଷ୍ଟ୍ର ଆମେରିକାର ଆଲେକ୍ସ ମୋର୍ଗାନ ଏବଂ ସ୍ପେନର ଆଲକ୍ସିଆ ପୁଟେଲାସ୍ ରହିଛନ୍ତି।


ଭୁବନେଶ୍ୱର ରେଲୱେ ଇନ୍ଡୋର ଷ୍ଟାଡିୟମରେ କର୍ପୋରେଟ୍ ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍ 'ଲେଟ୍ସ ସଟ୍ଲ' ଶୁକ୍ରବାର ଆନୁଷ୍ଠାନିକ ଭାବେ ଉଦ୍ଘାଟିତ ହୋଇଯାଇଛି।

# ସେମିଫାଇନାଲରେ ପ୍ରଗତି, ବାପୁଜୀ କ୍ଲବ

ଭୁବନେଶ୍ୱର, ୧୦।୨
(କ୍ରୀଡ଼ା ପ୍ରତିନିଧି)

**ନବ ଦାସ ଓ ପ୍ରଶାନ୍ତ ମହାପାତ୍ର ସ୍ମାରକୀ କ୍ରିକେଟ**

ସ୍ଥାନୀୟ ବିଜେବି କଲେଜ ଖେଳପଡ଼ିଆରେ ଚାଲିଥିବା ୬ଷ୍ଠ ନବ ଦାସ ଏବଂ ୨ୟ ପ୍ରଶାନ୍ତ ମହାପାତ୍ର ମେମୋରିଆଲ ଟି୨୦ କ୍ରିକେଟ୍ ଟୁର୍ନାମେଣ୍ଟରେ ପ୍ରଗତି ସ୍ପୋର୍ଟିଂ ଓ ବାପୁଜୀ କ୍ରିକେଟ କ୍ଲବ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ନବ ଦାସ ସ୍ମୃତି କମିଟି ଏବଂ ମୁନ୍‌ଲାଇଟ୍ ୟୁଥ୍ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାର ଶୁକ୍ରବାର ଅନୁଷ୍ଠିତ ତୃତୀୟ କ୍ୱାର୍ଟର ଫାଇନାଲରେ ବାପୁଜୀ କ୍ରିକେଟ କ୍ଲବ ୫ ଉଇକେଟରେ ରେଡ୍ ଷ୍ଟାରକୁ ପରାସ୍ତ କରିଛି। ଟସ୍ ଜିତି ବ୍ୟାଟିଂ କରିଥିବା କ୍ଲବ ରେଡ୍ ଷ୍ଟାର ୨୦ ଓଭରରେ ୭ ଉଇକେଟ ହରାଇ ୧୨୬ ରନ୍ କରିଥିଲା। ଦଳ ପକ୍ଷରୁ ପଙ୍କଜ ସାହୁ ସର୍ବାଧିକ ୪୬ ରନ୍ କରିଥିଲେ। ବିପକ୍ଷ ଦଳର ବୋଲରଙ୍କ ମଧ୍ୟରୁ ମନୋଜ ବାରିକ ୩ଟି ଉଇକେଟ ନେଇଥିଲେ। ଜବାବରେ ବାପୁଜୀ କ୍ଲବ ୧୨.୫ ଓଭରରେ ୫ ଉଇକେଟ ହରାଇ ୧୨୮ ରନ୍ ସଂଗ୍ରହ କରି ନେଇଥିଲା। ଦଳ ପକ୍ଷରୁ କ୍ଷମାସାଗର ବଳ ୨୪ ବଲ୍‌ରୁ ୬ ଚୌକା ଓ ୩ ଛକା ସହାୟତାରେ ଦ୍ରୁତ ୪୭ ରନ୍ କରି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। କୈଳାସ ପାତ୍ର ଅତିଥିଭାବେ ଯୋଗ ଦେଇଥିଲେ। ୪ର୍ଥ ତଥା ଅନ୍ତିମ କ୍ୱାର୍ଟର ଫାଇନାଲରେ ପ୍ରଗତି ସ୍ପୋର୍ଟିଂ ୯ ରନ୍‌ରେ ୟୁନିୟନ ସ୍ପୋର୍ଟିଂକୁ ହରାଇ ଦେଇଛି। ପ୍ରଥମେ ବ୍ୟାଟିଂ କରିଥିବା ପ୍ରଗତି ୨୦ ଓଭରରେ ୪ ଉଇକେଟ ହରାଇ ୧୬୧ ରନ୍ କରିଥିଲା। ରଣ୍‌ଜୀ ଟ୍ରଫି ଖେଳାଳି ଶାନ୍ତନୁ ମିଶ୍ର ୩୭ ବଲ୍‌ରୁ ସର୍ବାଧିକ ୬୧ (୮ ଚୌକା, ୧ ଛକା) ରନ୍ କରି ଅପରାଜିତ ରହିଥିଲେ। ଅଧିନାୟକ ଟୁକୁନା ସାହୁ ୩୧ ରନ୍ କରିଥିଲେ। ବିପକ୍ଷ ଦଳର ଜ୍ୟୋତିରଞ୍ଜନ ଦଳାଇ ୨ଟି ଉଇକେଟ ନେଇଥିଲେ। ୧୬୨ ରନ୍‌ର ବିଜୟ ଲକ୍ଷ୍ୟରେ ୟୁନିୟନ ସ୍ପୋର୍ଟିଂ ୧୯.୫ ଓଭରରେ ୧୫୨ ରନ୍ କରି ଅଲ୍‌ଆଉଟ ହୋଇଯାଇଥିଲା। ପଙ୍କଜ ସେନାପତି ୪୮ ଓ ବିନାୟକ ସାହୁ ୩୬ ରନ୍ କରିଥିବାବେଳେ ଅନ୍ୟ କୌଣସି ବ୍ୟାଟର ଉପଯୋଗୀ ବ୍ୟାଟିଂ କରିପାରି ନ ଥିଲେ। ବିଜୟୀ ଦଳର ସୁକାନ୍ତ ହାତୀ ୩ଟି ଓ ମିଳନ ସାମଲ ୨ଟି ଉଇକେଟ ନେଇଥିଲେ। ସ୍ମିତେଶ୍ ମହାପାତ୍ର ଅତିଥିଭାବେ ଯୋଗଦେଇ ଶାନ୍ତନୁ ମିଶ୍ରଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ।



ଶାନ୍ତନୁ ମିଶ୍ରଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

# ସ୍କାନ୍ ପରେ ପଡ଼ିଆକୁ ଫେରିଲେ ରେନ୍‌ଶ

**ନାଗପୁର, ୧୦।୨ (ପିଟି)** ଅଷ୍ଟ୍ରେଲିଆ ଖେଳାଳି ମ୍ୟାଟ୍ ରେନ୍‌ଶ ଆଣ୍ଠୁ ସ୍କାନିଂ ପରେ ପଡ଼ିଆକୁ ଫେରିଛନ୍ତି। ଦ୍ୱିତୀୟ ଦିନର ଖେଳ ଆରମ୍ଭ ପୂର୍ବରୁ ୱାର୍ମଅପ୍ ସମୟରେ ରେନ୍‌ଶଙ୍କ ଆଣ୍ଠୁରେ ଆଘାତ ଲାଗିଥିଲା। ଏହାପରେ ଆଣ୍ଠୁ ସ୍କାନିଂ ପାଇଁ ତାଙ୍କୁ ନିଆଯାଇଥିବା ବେଳେ ଆଷ୍ଟନ ଆଗର ସବ୍‌ଷ୍ଟିଚ୍ୟୁଟ୍ ଭାବରେ ଫିଲ୍ଡିଂ କରିଥିଲେ। ତେବେ ସ୍କାନିଂ ପରେ ଆଘାତ ସମସ୍ୟା ଏତେ ଗୁରୁତର ନ ଥିବା ଜଣାପଡ଼ିଥିଲା। ଏହାପରେ ତାଙ୍କର ଫିଟନେସ୍ ଟେଷ୍ଟ କରାଯିବା ସହିତ ସେ ଅପରାହ୍ନରେ ପଡ଼ିଆକୁ ଫେରିଥିଲେ। ୨୬ ବର୍ଷୀୟ ରେନ୍‌ଶ ୧୨ ଟେଷ୍ଟ ଖେଳିଥିବା ବେଳେ ଟ୍ରାଭିସ୍ ହେଡ୍‌ଙ୍କୁ ବାଦ୍ ଦେଇ ତାଙ୍କୁ ଖେଳାଯିବାକୁ ନେଇ ପ୍ରଶ୍ନ ଉଠିଥିଲା। ପ୍ରଥମ ଇନିଂସ୍‌ରେ ଅଷ୍ଟ୍ରେଲିଆ ୧୭୭ ରନ୍‌ରେ ଅଲ୍‌ଆଉଟ ହୋଇଥିବା ବେଳେ ସେ ଖାତା ଖୋଲିପାରି ନ ଥିଲେ। ଅଷ୍ଟ୍ରେଲିଆ ଦଳର ଅନ୍ୟ ପ୍ରମୁଖ ଖେଳାଳି ଅଲରାଉଣ୍ଡର କାମେରନ୍ ଗ୍ରୀନ୍ ଓ ମିଚେଲ ଷ୍ଟାର୍କ ମଧ ଆହତ ଅଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଟିଟୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## କବାଟ ଭାଙ୍ଗି ନେଇଗଲେ ଟଙ୍କା

ଅନୁଗୋଳ ଅଫିସ, ୧୦।୨: ଅନୁଗୋଳ ଜିଲା ନାଲ୍କୋ ଥାନା ଅଞ୍ଚଳର ଶିଶୁ ହଟିଙ୍ଗରୁ ବବୁଲ ବେହେରାଙ୍କ ଘରୁ ଚୋରି ହୋଇଛି। ଏ ନେଇ ସେ ଥାନାରେ ଅଭିଯୋଗ ପରେ ପୋଲିସ ନଂ. ୨୫/୨୩ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମଧ୍ୟାହ୍ନରେ ବବୁଲଙ୍କ ଘରେ କେହି ନ ଥିବାବେଳେ ଦୁର୍ବୃତ୍ତ ଘରେ ପଶି ଟଙ୍କା ନେଇଯାଇଛନ୍ତି।

# ଏଏସ୍ଓ ପରୀକ୍ଷା ନିୟମାବଳୀ ଚ୍ୟାଲେଞ୍ଜ ମାମଲା: ଶୁଣାଣି ଶେଷ, ରାୟ ସଂରକ୍ଷିତ

**କଟକ ଅଫିସ,୧୦।୨:** ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍ସି) ଦ୍ୱାରା ଅନୁଷ୍ଠିତ ଆସିଷ୍ଟାଣ୍ଟ ସେକ୍ସନ ଅଫିସର (ଏଏସ୍ଓ) ପରୀକ୍ଷାର ନିୟମାବଳୀକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ଆଗତ ମାମଲାର ଶୁଣାଣି ଶୁକ୍ରବାର ହୋଇଛି। ମଙ୍ଗଳବାର ଶୁଣାଣିରେ ଓପିଏସ୍ସି ଓ ଆଡ୍ଭୋକେଟ ଜେନେରାଲ ଜବାବ ଦାଖଲ କରି ଏଏସ୍ଓ ପରୀକ୍ଷାର ନିୟମାବଳୀକୁ ଯଥାର୍ଥ ବୋଲି ଦର୍ଶାଇଥିଲେ। ଆବେଦନକାରୀ ଶୁକ୍ରବାର ଶୁଣାଣିରେ ଅଦାଲତ ଆଗରେ ପ୍ରତିଜବାବ ରଖିଥିଲେ। ବିଚାରପତି ଆଦିତ୍ୟ କୁମାର ମହାପାତ୍ରଙ୍କ ଖଣ୍ଡପୀଠ ଉକ୍ତ ମାମଲାର ଶୁଣାଣି ଶେଷ କରି ରାୟକୁ ସଂରକ୍ଷିତ ରଖିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ମନୋଜ ମିଶ୍ର ମାମଲା ପରିଚାଳନା କରିଥିଲେ।

ସୂଚନାଯୋଗ୍ୟ, ଗତ ଅଗଷ୍ଟ ୨୭ରେ ଏଏସ୍ଓ ପରୀକ୍ଷା ହୋଇଥିଲା। ୭୯୬ ପଦ ପାଇଁ ଦେଢ଼ ଲକ୍ଷ ଆଶାୟୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୧୦୪ ଜଣ କୃତକାର୍ଯ୍ୟ ହୋଇଥିଲେ। ଏଥିରେ ବ୍ୟାପକ ତ୍ରୁଟି ହୋଇଥିବା ଅଭିଯୋଗ କରି ଓପିଏସ୍ସି କାର୍ଯ୍ୟାଳୟ ସମ୍ମୁଖରେ ଆଶାୟୀ ପରୀକ୍ଷାର୍ଥୀମାନେ ଧାରଣା ଦେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏହାକୁ ନେଇ ନଭେମ୍ବର ୧୨ରେ ହାଇକୋର୍ଟରେ ଏକାଧିକ ମାମଲା ଦାଏର ହୋଇଥିଲା। ନଭେମ୍ବର ୧୪ରେ ମାମଲାର ଶୁଣାଣି ହୋଇ ହାଇକୋର୍ଟ ସମସ୍ତ ପରୀକ୍ଷାର୍ଥୀଙ୍କ ମାର୍କ ୨୦୧୬ ନୀତି ଆଧାରରେ ପ୍ରକାଶ କରିବାକୁ ନିର୍ଦ୍ଦେଶ ଦେଇ ମାମଲାର ଅନ୍ତ ଘଟାଇଥିଲେ। ପୁଣି ଗତ ନଭେମ୍ବର ୩୦ରେ ହାଇକୋର୍ଟରେ ଆଉ ଏକ ମାମଲା ରୁଜୁ ହୋଇଥିଲା। କେତେଜଣ ପରୀକ୍ଷାର୍ଥୀ ଏନେଇ ସାନି ଆବେଦନ କରି ଚୟନ ପ୍ରକ୍ରିୟାରେ ବିଷୟଭିତ୍ତିକ ସର୍ବନିମ୍ନ ମାର୍କ ବ୍ୟବସ୍ଥା ଉଚ୍ଛେଦ ଓ କେବଳ ମେରିଟ୍ ଲିଷ୍ଟ ପ୍ରକାଶ ପାଇଁ ଆବେଦନରେ ଦର୍ଶାଇଥିଲେ।


**CLASSIFIED DISPLAY** — ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 9178722970, 8018240892, 7894447167, 9338226625

10th +2 (Sci. | Arts. | Comm.)
ITI | Diploma in ENGG | B.Tech All Stream | BBA
MBA | BCA | MCA | BA
B.Sc. | B.Com. | MA | M.Sc.
M.Com. | MAJMC | MSW
All Courses are Recognised by UGC-AICTE-AIU-DEC & Undertaking by HRD, Govt. of India
105 (2nd Floor), Saheed Nagar, BBSR-751007
PH: 9040050515

**ଫାଇନାନ୍ସ**
ପର୍ସନାଲ, ବ୍ୟବସାୟ, କୃଷି, ଶିକ୍ଷା, ଗୃହ, ପ୍ରପର୍ଟି, ମାଛଚାଷ, କୁକୁଡ଼ା ପାଳନ, ଗାଈ ପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN 10 ଦିନ ମଧ୍ୟରେ ମିଳିବ, ସୁଧ=4% ଅନ୍‌ଲାଇନ୍ ସୁବିଧା
Mob:7653803952
WP-7656825035


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଆମର ପରମପୂଜ୍ୟ ଶ୍ରୀ ନିରଞ୍ଜନ ମିଶ୍ରଙ୍କ ସ୍ମୃତିରେ ।। ସ୍ୱର୍ଗାରୋହଣ: ଫେବୃୟାରୀ ୮, ୨୦୨୩
ସ୍ନେହୀ ଜେଜେବାପା, ଦିଗଦର୍ଶକ ପିତା ତଥା ଜଣେ ପ୍ରେରଣାଦାୟକ ଶିକ୍ଷକ ଭାବେ ସୁପରିଚିତ ବ୍ୟକ୍ତିତ୍ୱ ଥିଲେ ଆପଣ ଜୀବନର ମୂଲ୍ୟବୋଧ, ଜୀବନ ଜିଇବାର ସଦୁପାୟ ଏବଂ ଧୈର୍ଯ୍ୟ ତଥା ସମୟର ମହତ୍ତ୍ୱର ପ୍ରକୃତ ଅର୍ଥକୁ ଆପଣ ଆମକୁ ଶିଖାଇଛନ୍ତି। ଆପଣ ନିଜ ଜୀବନକାଳରେ ଅନେକଙ୍କୁ ସକାରାତ୍ମକ ଭାବେ ପ୍ରଭାବିତ କରିଛନ୍ତି ଏବଂ ଆପଣଙ୍କ ବିୟୋଗ କାରଣରୁ ଅନେକ ଜୀବନରେ ଏକ ଅପୂରଣୀୟ ଶୂନ୍ୟତା ସୃଷ୍ଟି ହୋଇଛି। ଆପଣଙ୍କ ଅନୁପସ୍ଥିତି ଯୋଗୁଁ ମର୍ମାହତ: ଅନୁପମା, ତରୁଣ ଏବଂ ଝାନ୍ସୀ ରାଣୀ, ଅଳକା ଓ ଜଗଜ୍ୟୋତି, କିରଣ ଓ ସସ୍ମିତା, ପ୍ରବୀଣ ଓ ଶିବାନୀ, ତପନ ଓ ଶିପ୍ରା, ସମିତା ଓ ବିଧାନ, ଅଜିତ, ସୁଚେତା ଓ ବାଳାଜି, ଅର୍ଚ୍ଚନା ଓ ସାଚୀ, ତନୟ, ଅମୃତ, ତମାଳ, ପ୍ରଚେତା, ଚନ୍ଦନ, ବିଭାଶ୍ୱନ, ସନ୍ଦିଦ।
ଧ-୭୭୨୧

### ତ୍ରୟୋଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**୬ସଂଯୁକ୍ତା କୁମାରୀ ପ୍ରଧାନ**
(ଶିକ୍ଷୟିତ୍ରୀ)
ଭୁବନପୁର, ସ୍ୱାଧୀନ କଲୋନୀ, ନିମାପଡ଼ା, ପୁରୀ
ଆବିର୍ଭାବ: ବୈଶାଖ କୃଷ୍ଣ ଦଶମୀ (୨୦।୦୮।୧୯୬୦)
ତିରୋଧାନ: ଫାଲ୍ଗୁନ କୃଷ୍ଣ ପଞ୍ଚମୀ (୦୩।୦୨।୨୦୧୦)
ଜୀବନର ଚଲାପଥେ
ହାତ ଛାଡ଼ି ଚାଲିଗଲା ଦିନୁ
ଅସୁମାରୀ ସ୍ମୃତି ତୁମ ସାଇତି ରଖିଛୁ।
ରଖିଥିବୁ ଯେତେ ଦିନ ଥିବ ଆମ
ଏ ପାର୍ଥିବ ତନୁ।
ଶୋକସନ୍ତପ୍ତ: ସ୍ୱାମୀ- ଗୁଣନିଧି, ଝିଅ: ଜି.ଏସ.ବର୍ଷା, ଜ୍ୱାଇଁ: ପାର୍ଥସାରଥି, ପୁତୁରା: ନନ୍ଦା, ଅନ୍ୟପୁତୁରା, ଝିଆରୀ, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ।
ଧ-୭୭୬୬

# Classified Everyday
0674-2580101, 2549949



## REAL ESTATE
### SALE

**Bhubaneswarର Phulnakhara East College ନିକଟରେ ଘରବାରି plot sqft. 990/-ରେ ବିକ୍ରିହେବ। 9937161494.** D-2693

Rera approved 2BHK and 3 BHK few flats are left at Kalinga Vihar near Tata Areane for sale. Contact: 9437309741. D-2695

IIT ଭୁବନେଶ୍ୱର ଅରଗୁଳ ଷ୍ଟେସନ ବଜାରଠାରେ sqft.-199/- plot possession ସହିତ ବିକ୍ରିହେବ। 6370077932. D-74816

Farmhouse having 5 acre area sale near 9K.M. from Chaudwar. Contact: 9938205600. D-74639

ଭୁବନେଶ୍ୱର ନଖରା **2nd Sum Hospital** ନିକଟବର୍ତ୍ତୀ ଘରବାରି ପ୍ଲଟ୍ ଓ ହଂସପାଳ ପାଖରେ **3BHK Duplex** ମିଳୁଛି। **8327785834, 9658122456.** D-74197

Plot ଭୁବନେଶ୍ୱର- ପଟିଆ ରେଲୱେଷ୍ଟେସନରୁ 1.5K.M. ଦୂରତାରେ ରାସ୍ତା, ଇଲେକ୍ଟ୍ରି ସୁବିଧା ଥାଇ ବାସୋପଯୋଗୀ ଘରବାରି ପ୍ଲଟ୍ ସୁଲଭ ମୂଲ୍ୟରେ ମିଳୁଛି। 7978159231. D-74803

Sum Hospitalରୁ 4.5 k.m. ଘଙ୍ଗାପାଟଣାରେ ଏବଂ ଖଣ୍ଡଗିରିରୁ 14 k.m. ମଧ୍ୟରେ NH-16 ପିତାପଲ୍ଲୀଠାରେ ରୋଡ୍, ଇଲେକ୍ଟ୍ରି ସହ ସ୍ଥିତିବାନ ପ୍ଲଟ୍ ମିଳୁଛି। 9938228797. D-74811

**Bhubaneswar Puri Bypass Sai Mandir NH side ଏବଂ ମଞ୍ଚେଶ୍ୱର, ହଂସପାଳ, ଯାଆଁଳା, ତ୍ରିଶୁଳିଆ ନିକଟରେ ସଙ୍ଗେସଙ୍ଗେ ଘର କଲାଭଳି ଘରବାରି ପ୍ଲଟ୍ 30ft. ରାସ୍ତା, ଇଲେକ୍ଟ୍ରିସିଟି ସୁବିଧା ଥାଇ ବିକ୍ରିହେବ। 9438525948, 7064468390.** D-74812

Bhubaneswar-plot near AIIMS (Ranasinghpur Mouza) BDA layout approved- boundary wall, Bank Loan Electricity facilities, 1600sqft. No Brokers please. 7978667518. D-71554

2BHK flat sale at Prime location in Rasulgarh. Contact: 9337228537, 9938205600. D-74640

**Immediate ଘରକରି ରହିବା ପାଇଁ ବାଲକାଟୀରେ sqft. 1100/- ରେ ଘରବାରି plot ମିଳୁଛି। 8114929186.** D-74638

ନଖରା-ନିଆଳି ମେନ୍‌ରୋଡ୍‌କୁ ଲାଗି East Engg. କଲେଜକୁ ଲାଗି ରୋଡ୍, ଇଲେକ୍ଟ୍ରି ସୁବିଧା ଥାଇ ବାସୋପଯୋଗୀ ପ୍ଲଟ୍ ବିକ୍ରିହେବ। 7978729819. D-74815

**New Cancer Hospital** ନାଇଜର, ଜଟଣୀରେ ବର୍ଗଫୁଟ ୩୦୦-୫୦୦ ଜାଗା ବିକ୍ରି ହେଉଛି। **9437621753.** D-73683

ଭୁବନେଶ୍ୱର KISS School ପାଖରୁ 4.5. k.m. ଦୂରତାରେ bypass NHକୁ ଲାଗି Electric possession ହୋଇଥିବା plot ବିକ୍ରିହେବ। 6370077932. D-74817

ନଖରା ତ୍ରିନାଥବଜାର ପାଖରେ ନଗଦ ଘର କରିବା ପାଇଁ ପାଖରେ ଇଲେକ୍ଟ୍ରି ସୁବିଧା ଥାଇ ଘରବାରି ପାଚେରି ପ୍ଲଟ୍ ବିକ୍ରିହେବ। 9439889903. D-74810

**Bhubaneswar Gita/ Gandhi College/ Cultural University ପାଖରେ ଥିବା BDA Housing project କୁ ଲାଗି sqft.-650/- plot କିଣନ୍ତୁ। 9348767829, 9040317195.** D-74814

Duplex project at Retang Medical Station near CV Raman University, Tamando, Bhubaneswar. 7008459987. D-74185

Land for sale at Saheed Nagar having area 2400sqft. with yellowzone (gharabari). Contact: 8456853095, 9861031435. D-74641

**30'road, boundary ଥାଇ yellowzone proposed 100ft. ପିଚୁ ରାସ୍ତାକୁ ଲାଗି ତୁରନ୍ତ ଘର କଲା ଭଳି ପ୍ଲଟ୍ ପ୍ରତାପନଗରୀ ଧାକୁଲେଇ ମନ୍ଦିର ନିକଟ ବେଲଗଛିଆରେ 12,00,000/-ରେ ମିଳୁଛି। 9937391249, 6371915941.** D-74195

BDA plot Tata Motor frontରେ Pitapalli Chhakaରେ ମିଳୁଅଛି। Contact: 9800700664, 9437285016. D-2572



## CONSTRUCTION

**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-2583

**Construct your home @850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469.** D-74186




Newly open full body massage ladies and gents. 9861883292, 8093860513. D-74637

Full body massage, refresh, relaxed by expert lady therapist. Contact: 8480939300. D-2644

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

Asribadaa Panchakarma herbal SPA, Kesarimall, Bhubaneswar. Contact: 8926173473. D-74634

Newly open health benefits SPA special offer @999 Nayapalli. 7846814019. D-73682

Full body massage in homely atmosphere all therapy. Mob: 8114881641. D-73423



## BUSINESS

Solar Light / Solar Water Pumpର Contractor / Liaison Agent କାମ ପାଇଁ ବ୍ଲକ୍ / ପଞ୍ଚାୟତ ସ୍ତରରେ ଯୋଗାଯୋଗ କରନ୍ତୁ। 7328077336. D-73681

## AFFIDAVIT

Mohammed Sharique Reza, R/o At/PO/PS- Jhumpura, Dist.- Keonjhar 758031, Changed my name as Mohammad Sharique Reza, S/o Abdul Karim. D-2717

By virtue of an Affidavit before the Notary, Purushottampur, Ganjam. I D.Krishna Chandra Reddy, S/o D.Bhagaban Reddy of Village Kamanlinakhyapur, PO- Khajipalli, PS-. Purushottampur, Ganjam. My Actual surname is REDDY. That in my all relevant documents in my surname is mentioned as PRADHAN. That I wants to correction of my all relevant documents from PRADHAN to REDDY. I shall be known as D.KRISHNA CHANDRA REDDY for all purpose. D-2730

I Subhalaxmi Sahoo, alias Laxmipriya Sahoo (47), W/o- Ramakanta Sahoo, Vill- Malatira, PO- Padhanpada, Dist- Bhadrak. I have a LIC Policy bearing No.- 598641023, where in my name is Subhalaxmi Sahoo. I declare that Subhalaxmi Sahoo and Laxmipriya Sahoo is same and one person. D-2731

Affidavit before Executive Magistrate, Bhubaneswar I Dipti Mohanty, W/o- Swarupananda Mishra, At-D2 Indrapuri, Plot No:- 86/2519 Amrapalli, PO.- Sailashree Vihar, P.S.- Chandrasekharpur, Bhubaneswar- 751021 Dist.- Khordha change my name from DIPTEE MOHANTY to DIPTI MOHANTY for my son Shreyansh Mishra class 10 Mark Certificate of CBSE Board and All purpose. D-2726

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ଧରିତ୍ରୀ
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ।
BHIM UPI
ଦେୟ ପେଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## LEGAL NOTICE

ନୋଟିସ
ମାନ୍ୟବର ଅତିରିକ୍ତ କମିଶନର ରିଭିଜନ କୋର୍ଟ ନଂ. ୩
ରାଜଶ୍ରୀ ମହାନ୍ତି ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍‌ଡିଙ୍ଗ୍, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା। ଆର୍.ପି.କେସ୍ ନଂ. ୧୦୭୮/୨୦୧୫
୧. ସନ୍ତୋଷ କୁମାର ଓଝା ଓ ଓଗେର ...ବାଦୀମାନେ
ବନାମ
ସେଟେଲମେଣ୍ଟ ଅଫିସର, ଜୋବ୍ରା, କଟକ ଓ ଓଗେର ...ପ୍ରତିବାଦୀମାନେ
ଆର୍.ପି କେସ୍ ନଂ. ୧୦୭୯/୨୦୧୫
୨. ସନ୍ତୋଷ କୁମାର ଓଝା ଓ ଓଗେର ...ବାଦୀମାନେ
ବନାମ
ସେଟେଲମେଣ୍ଟ ଅଫିସର, ଜୋବ୍ରା, କଟକ ଓ ଓଗେର ...ପ୍ରତିବାଦୀମାନେ
ନୋଟିସ ଅର୍ଡର-୫ ରୁଲ୍-୨୦ ସି.ପି.ସି. ମୁତାବକ
(ଆର୍.ପି.କେସ୍ ନଂ. ୧୦୭୮/୨୦୧୫)
ପ୍ରାପ୍ତେଷୁ: ପ୍ରତିବାଦୀ ନଂ. ୪ ବିଶ୍ୱଜିତ୍ ବିଶ୍ୱାଳ, ପିତା-ତାରେଶ୍ୱର ବିଶ୍ୱାଳ, ସା/ପୋଷ୍ଟ: ବଲିମ, ଜିଲ୍ଲା: ଢେଙ୍କାନାଳ, (ଆର୍.ପି.କେସ୍ ନଂ. ୧୦୭୯/୨୦୧୫) ପ୍ରତିବାଦୀ ନଂ.୩ ପ୍ରଭାତ ବେହେରା, ସ୍ୱାମୀ- ରାମଚନ୍ଦ୍ର ବେହେରା, ସା-କାଠଗଡ଼, ନୂଆସାହି, ଥାନା/ଜିଲ୍ଲା-ଢେଙ୍କାନାଳ
ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରଲିଖିତ ରିଭିଜନ୍ କେସ୍‌ର ଶୁଣାଣି, ମାନ୍ୟବର ଅତିରିକ୍ତ କମିଶନର ରିଭିଜନ କୋର୍ଟ ନଂ. ୩ ରାଜଶ୍ରୀ ମହାନ୍ତି, ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍‌ଡିଙ୍ଗ୍ ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, କାର୍ଯ୍ୟାଳୟରେ ଆସନ୍ତା ତା ୦୧/୦୬/୨୦୨୩ ରିଖ ଦିବା ୧୧.୦୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି ।
ଜମିର ବିବରଣୀ
(ଆର୍.ପି କେସ୍ ନଂ. ୧୦୭୮/୨୦୧୫)
ଜିଲ୍ଲା: ଖୋର୍ଦ୍ଧା, ତହସିଲ-ଭୁବନେଶ୍ୱର, ଥାନା -ଚନ୍ଦକା, ମୌଜା- ଶଙ୍କରପୁର,
ସାବକ ଖାତା ନଂ. ୧୦, ପ୍ଲଟ୍ ନଂ. ୨୨୩, ୨୩୫, ୨୩୯, ୪୧୬, ୫୨୪, ୫୨୫, ୫୪୭, ୫୯୬, ରକବା ଏ୧୧.୫୫୧ ଡି, ସ୍ୱତ୍ୱ, କିସମ, ହାଲ୍ ଖାତା ୩୧, ପ୍ଲଟ ନଂ. ୧୧୪୧, ୧୧୬୭, ୧୧୬୮, ୯୬୮, ୯୬୯, ୯୮୦, ୯୫୮, ୯୫୯, ୯୬୬, ୯୫୫, ୯୪୦, ୯୪୨, ୯୪୩, ୯୨୭, ୯୩୦, ୯୩୮, ୭୦୪, ୯୩୯/୩୫୦୯,୨୭୨, ୯୨୮,୧୧୪୦/୩୯୬୬, ରକବା ଏ୪.୦୮୫ ଡି, ସ୍ୱତ୍ୱ, କିସମ
ଜମିର ବିବରଣୀ
(ଆର୍.ପି କେସ୍ ନଂ. ୧୦୭୯/୨୦୧୫)
ଜିଲ୍ଲା: ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା-ଚନ୍ଦକା, ମୌଜା-ଶଙ୍କରପୁର, ସାବକ ଖାତା ନଂ. ୧୦, ପ୍ଲଟ୍ ନ.°-୨୩୬, ରକବା: ଏ୦.୨୬୩ଡିସିମିଲ୍, ସ୍ୱତ୍ୱ, କିସମ, ହାଲ୍ ଖାତା ୩୨ ପ୍ଲଟ୍ ନଂ. ୯୬୦ ରକବା ଏ୦.୩୩୦ଡି., ସ୍ୱତ୍ୱ, କିସମ
ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶ ଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମକଦ୍ଦମା ଫଇସଲା କରାଯିବ ।
ମାନ୍ୟବର ଅତିରିକ୍ତ କମିଶନରଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଧିକାରୀ
ତା
ଭୁବନେଶ୍ୱର
ଧ-୭୪୫୧୩

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମାନ୍ୟବର ସଭ୍ୟ, ରାଜସ୍ୱ ବୋର୍ଡ, ଓଡ଼ିଶା, କଟକ ମହୋଦୟଙ୍କ ଭୁବନେଶ୍ୱରସ୍ଥିତ କ୍ୟାମ୍ପ କୋର୍ଟ ଓ.ଏସ୍. ଏସ୍. କେସ୍ ନଂ. ୫୩୬/୨୦୨୧ (ଓଡ଼ିଶା ବନ୍ଦୋବସ୍ତ ଆଇନର ଧାରା -୧୫ (ବି) ଅନୁଯାୟୀ) ଶ୍ରୀମତୀ ବୈଦେହୀ କୁମାରୀ କରଣ
....ବାଦୀ/ବାଦିନୀ
ବନାମ
ହରିହର ଜେନା ଓଗେର
.....ପ୍ରତିବାଦୀ
ପ୍ରତିବାଦୀ ନଂ.-୧ ହରିହର ଜେନା, ପିତା -ଭାଲୁ ଜେନା, ଗ୍ରାମ -ଶୀରାପୁର, ଥାନା -ସୋରୋ, ଜିଲ୍ଲା -ବାଲେଶ୍ୱର
ନୋଟସ
ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଆପଣଙ୍କୁ ଉପରୋକ୍ତ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଯୋଗେ ନୋଟିସ ପଠାଯାଇଥିଲା। କିନ୍ତୁ ଏହି ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଅତ୍ର ବିଜ୍ଞାପନ ଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି ଆପଣଙ୍କ ବିରୁଦ୍ଧରେ ଉପର ବର୍ଣ୍ଣିତ ମୋକଦ୍ଦମା ବାଦୀମାନେ ଦାୟର କରିଛନ୍ତି। ଯାହା ଜମିର ତଫସିଲ ନିମ୍ନରେ ଦର୍ଶାଯାଇଛି।
ଜମିର ତଫସିଲ
ମୌଜା: ଅନ୍ଧାରୁଆ, ଥାନା -ଚନ୍ଦକା, ନଂ.୪୪, ତହସିଲ- ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ହାଲ୍ ଖାତା ନଂ.୨୮୦୭, ହାଲ୍ ପ୍ଲଟ୍ ନଂ. ୩୯୧୨ /୮୭୭୭ ଏ୦.୦୯୦ ଡି, ମୌଜା- ଅନ୍ଧାରୁଆ, ସାବକ ଖାତା ନଂ. ୫୭୬, ସାବକ ପ୍ଲଟ୍ ନଂ. .୧୮୪୬, ଏ.୦.୧୩୦ ଡି. ସାବକ ପ୍ଲଟ୍ ନଂ.୧୮୪୭, ଏ.୦.୨୦୫ ଡି., ସାବକ ପ୍ଲଟ୍ ନଂ.୧୮୫୨ ଏ.୨.୮୩୦ଡି.
ଉପରୋକ୍ତ ମୋକଦ୍ଦମାର ଶୁଣାଣି ମାନ୍ୟବର ସଭ୍ୟ, ରାଜସ୍ୱ ବୋର୍ଡ, ଓଡ଼ିଶା କଟକଙ୍କ ଭୁବନେଶ୍ୱରସ୍ଥିତ କ୍ୟାମ୍ପ ଅଦାଲତ, କେଶରୀନଗର, ୟୁନିଟ୍-୫ ରେ ଆସନ୍ତା ତା ୦୬.୦୪.୨୦୨୩ ଦିବା ଘ ୧୧.୩୦ମି. ସମୟରେ ଶୁଣାଣି ହେବା ନିମନ୍ତେ ସ୍ଥିର କରାଯାଇଅଛି। ଏଣୁ ଉପରୋକ୍ତ ପ୍ରତିବାଦୀ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ଏବଂ ଯଦି ପ୍ରତିବାଦୀ ମୃତ ଥିବେ ତାଙ୍କର ଉତ୍ତରାଧିକାରୀ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତଦବିର କରିବେ। ଅନ୍ୟଥା ଆଇନାନୁମୋଦିତ ପନ୍ଥାରେ ମୋକଦ୍ଦମା ଫଇସଲା କରାଯିବ।
ଅଦାଲତଙ୍କ ଆଦେଶକ୍ରମେ
ସ୍ୱା./-ଅନୁ ସଚିବ (ବିଚାର)
ଧ-୭୭୧୧

# ଜୀବନ ଯାହାର ଥିଲା ଭ୍ରାମ୍ୟମାଣ କବିତା...

ହ ନୁହେଁ ତ ଆଉ କ'ଣ ? ଘରେ ଖାଇବାବେଳ ଗଡ଼ିଯାଉଥିବ, ଅପେକ୍ଷା କରିକରି ଭାଉଜ ଫୋନ୍ ଲଗଉଥିବେ, ସେପଟୁ କୋଉଦିନ ଉତ୍ତର ଆସୁଥିବ ସେ ଭୁବନେଶ୍ୱରରେ ତ କୋଉଦିନ ବଲାଙ୍ଗୀର କି ବାରିପଦାରେ ! ରାତିରେ ଫେରିବେ କି କେଇଦିନ ପରେ, କିଛି ଠିକଣା ନାହିଁ। ସାଙ୍ଗରେ ପ୍ୟାଣ୍ଟ୍ ଶାର୍ଟ ହୁଏତ ନେଇ ନ ଥା'ନ୍ତି, କିନ୍ତୁ ନେଇଥା'ନ୍ତି

## ପ୍ରଦକ୍ଷିଣ

**ଅମିୟ ରଞ୍ଜନ ମହାପାତ୍ର**

ଛାତିଭର୍ତ୍ତି ଭଲପାଇବା। ଯୋଉଠି ଯୋଉ ବିଷୟରେ, ଯୋଉ ପ୍ରକାର ଓ ଯେତେ ଦର୍ଶକ ଥାଆନ୍ତୁ ନା କାହିଁକି, ସେମାନଙ୍କୁ ତତେଇ ମତେଇ ଜୀବନର ଜୟପାଠରେ ଅଭିମନ୍ତ୍ରିତ କରେଇ ପାରୁଥିଲେ ସେ। ଏଇ ତ ମତେ ଯେମିତି ଶୁଭିଯାଉଛି ତାଙ୍କ କଥା, ତାଙ୍କ ଭାଷଣ, ଦିଶିଯାଉଛି ତାଙ୍କ ଭାବଭଙ୍ଗୀ ଓ ତାଙ୍କ କବିତାର ଧାଡ଼ି !

ବେଶ୍ ପିଲାବେଳୁ, ବୋଧେ ଅଷ୍ଟମ ନବମ ଶ୍ରେଣୀରେ ପଢ଼ିବାବେଳୁ ମୁଁ ଉତ୍କଳ ସାହିତ୍ୟ ସମାଜ, ପ୍ରଜାତନ୍ତ୍ର ବିଷୁବ ଆସର ଓ ଅନ୍ୟାନ୍ୟ କବିତା ଆସରକୁ ଯାଉଥିଲି। ମୋର ସୌଭାଗ୍ୟ ଯେ ବହୁ ପ୍ରାତଃସ୍ମରଣୀୟ କବିଙ୍କୁ ମୁଁ ସାମ୍ନାସାମ୍ନି ଭେଟିଛି... ସେମାନଙ୍କୁ ଶୁଣିଛି... ସେମାନଙ୍କ ବ୍ୟକ୍ତିତ୍ୱକୁ ପାଖରୁ ଦେଖିଛି...।

କିନ୍ତୁ କବିତା ପଢ଼ିବାବେଳେ ବା ଅଭିଭାଷଣ ଦେଲାବେଳେ ଉପସ୍ଥିତ ଲୋକମାନଙ୍କୁ ଅଭିମନ୍ତ୍ରିତ କରିବାର କଳା ଯେଉଁ କତିପୟ କବିଙ୍କ ପାଖରେ ଥିଲା, କବି ହୁସେନ୍ ରବି ଗାନ୍ଧୀ ସେମାନଙ୍କ ମଧ୍ୟରୁ ଜଣେ। ଚେହେରାରେ ଦମ୍ଭ ଓ ଦର୍ପ... ଓଜସ୍ୱିନୀ ବାଗ୍ମିତା... ଅଗ୍ରଜ ଓ ଅନୁଜ କବିମାନଙ୍କ ପ୍ରତି ଅନାବିଳ ଆତ୍ମୀୟତା... ବେପରୁଆ ଓ ବାଦ୍‌ଶାହୀ ମିଜାଜ୍... ଅଥଚ, କବିତାରେ ଦଳିତ ଜନତାଙ୍କ ସପକ୍ଷରେ ବେସାଲିସ୍ ଶଙ୍ଖନାଦ... ତାଙ୍କୁ ଅଲଗାକରି ଠିଆକରାଏ ଭିଡ଼ରେ। ଏ ସବୁ ସତ୍ତ୍ୱେ ଆମେ ଆଖି ଉଠେଇ ଅନଉଥିବା ଜଣେ ତୁଙ୍ଗ ବ୍ୟକ୍ତିତ୍ୱ ଓ ଆମଠୁ ପ୍ରାୟ କୋଡ଼ିଏ ବର୍ଷ ବଡ଼ ଜଣେ ଅଗ୍ରଜ ଯେଉଁ ଶିଶୁସୁଲଭ ସରଳତାରେ ଆମ ପାଖରେ ନଇଁପଡ଼େ, ତାହା ଯିଏ ନ ଭୋଗିଛି, ବିଶ୍ୱାସ କରିପାରିବ ନାହିଁ।

ଉତ୍ତର ରବି ସିଂହ ଓଡ଼ିଆ ପ୍ରଗତିବାଦୀ ଧାରାର ସେ ଜଣେ ପ୍ରମୁଖ ସ୍ୱର। ସମସାମୟିକତାଠୁ ଟିକେ ଅଲଗା, ଅଥଚ ନିଜ ଧୁନ୍‌ରେ ନିଜେ। ତାଙ୍କ କବିବନ୍ଧୁମାନେ କିଏ କିଏ କେବେକେବେ ଫଗୁଣ ଓ ପ୍ରଜାପତିର କବିତା ଲେଖିଛନ୍ତି, ହେଲେ ହୁସେନ୍ ଭାଇ ମାନବବାଦୀ ଧାରାରୁ ବାଟ ହୁଡ଼ିନାହାନ୍ତି କେବେ ବି। ତାଙ୍କରି ଭାଷାରେ, ''ମଣିମାଙ୍କ ଜୟ ପାଇଁ/ ମାଟିର ମଣିଷକୁ ମରଣର ବରଣମାଳା/ ପିନ୍ଧିବାକୁ ହେବ।/ ମଣିମାଙ୍କର ଜୟ ହେଉ/



ହୁସେନ୍ ରବି ଗାନ୍ଧୀ
(୧୯୪୮ – ୨୦୨୩)

ମଣିଷର ମୁର୍ଦ୍ଦାର ଉପରେ/ ଭିଟାମାଟିର ଭୂଗୋଳରେ ଅଙ୍କିତ ହେଉଛି ଆଜି/ ମରଣର ମାନଚିତ୍ର/ ଆତ୍ମତ୍ୟାଗର ଅଲିଭା କାଳିରେ।''

ପାଖାପାଖି ପାଞ୍ଚ ଦଶନ୍ଧିର ସାରସ୍ୱତ ସାଧନାର ଫଳଶ୍ରୁତି ସ୍ୱରୂପ 'ମୁକ୍ତ ପୂର୍ବାଶା', 'ସିଂହାସନ ଭାଙ୍ଗିବାର କାର୍ଯ୍ୟକ୍ରମ', 'ନିଅଣ୍ଟ ରାତିର ସ୍ୱପ୍ନ', 'ବିଂଶରୁ ଏକବିଂଶ', 'ଶବ୍ଦବ୍ରହ୍ମ', 'ଲୋକଗୀତ', 'କର୍ଣ୍ଣ', 'ନିଜକୁ ଖୋଜିବାବେଳେ', 'ହଜିଯାଇଥିବା ମଣିଷ', 'ପୁନଶ୍ଚ ସାଲବେଗ' ଆଦି କବିତା ସଙ୍କଳନ ସହ ବେଶ୍ କିଛି ପୁସ୍ତକର ସମ୍ପାଦନା ମଧ୍ୟ କରିଛନ୍ତି। ସାହିତ୍ୟ ପାଇଁ ସରକାରୀ ଚାକିରି ଛାଡ଼ିଛନ୍ତି। ଓକିଲାତିରେ ସମୟ ଦେଇପାରି ନାହାନ୍ତି। ରାଜନୀତିରେ ବିଶେଷ ପଦପଦବୀ ପାଇନାହାନ୍ତି। କିନ୍ତୁ ଓଡ଼ିଶା ସାହିତ୍ୟ ଏକାଡେମୀର କାର୍ଯ୍ୟକାରୀ ସଦସ୍ୟ, ଉପସଭାପତି ଓ ସଭାପତି ହୋଇଛନ୍ତି। ଓଡ଼ିଆ ଯୁବଲେଖକ ସମ୍ମେଳନର ବିଭିନ୍ନ ଦାୟିତ୍ୱ ନିର୍ବାହ ସହ ସଭାପତି ଓ ଆମରଣ ଉପଦେଷ୍ଟା ଭାବରେ କାର୍ଯ୍ୟ କରିଛନ୍ତି। କିନ୍ତୁ ଏ ସବୁ ସତ୍ତ୍ୱେ ତାଙ୍କ ମୃତ୍ୟୁଶଯ୍ୟା ପାଖରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତିଙ୍କ ସମେତ ବହୁ ସାଧାରଣ ଲୋକ, ଅନେକ ମନ୍ତ୍ରୀ ଓ ରାଜନେତାଙ୍କ ଭରପୂର ଉପସ୍ଥିତି ଥିଲେ ବି ଅନ୍ୟ ସାହିତ୍ୟିକଙ୍କ ସଂଖ୍ୟା ହାତଗଣତି ଥିଲା। ଏପରିକି ତାଙ୍କ ହାତଗଢ଼ା ଓଡ଼ିଆ ଯୁବଲେଖକ ସମ୍ମେଳନର କେହି କର୍ମକର୍ତ୍ତାଙ୍କ ମଧ୍ୟ ଦେଖା ନ ଥିଲା, ଯାହା ମୋତେ ଭୀଷଣ ବ୍ୟଥିତ କରିଥିଲା।

ମୁଁ ସଚ୍ଚି ରାଉତରାୟ, ଅନନ୍ତ ପଟ୍ଟନାୟକ, ଅକ୍ଷୟ ମହାନ୍ତି, ବାରିଷ୍ଟର ଗୋବିନ୍ଦ ଦାସ, ପ୍ରସନ୍ନ ମିଶ୍ର, ହୃଦାନନ୍ଦ ରାୟ, ଡାକ୍ତର ସୁବୋଧ ପଟ୍ଟନାୟକ, ଅନ୍ନଦାପ୍ରସାଦ ରାୟ, ରବି ସିଂହ ପ୍ରମୁଖ ଅନେକ ବରେଣ୍ୟ ସରସ୍ୱତୀପୁତ୍ରଙ୍କ ଶେଷଯାତ୍ରାର ସାକ୍ଷୀ। ଅଥଚ, ପଶ୍ଚିମବଙ୍ଗର ଜଣେ କବିଙ୍କ ଶ୍ମଶାନଯାତ୍ରାରେ ଯେଉଁ ସ୍ୱତଃସ୍ଫୂର୍ତ୍ତ ଭିଡ଼, ଯେଉଁ ଭାବାବେଗ ଏପରିକି ସ୍ୱୟଂ ମୁଖ୍ୟମନ୍ତ୍ରୀ, କ୍ୟାବିନେଟ୍ ମନ୍ତ୍ରୀଙ୍କ ସହ ଶାସକ ଏବଂ ବିରୋଧୀ ରାଜନୈତିକ ଦଳର ନେତା ଓ ବିଧାୟକମାନଙ୍କର ଯେଉଁ ବିପୁଳ ଉପସ୍ଥିତି, ହାୟ ! ଓଡ଼ିଶାରେ କେବେ ଏକଥା ସମ୍ଭବ ହେବ ? ଗଣକବି କାହା ପିଣ୍ଡାରେ ପଡ଼ିପଡ଼ି ଶେଷନିଃଶ୍ୱାସ ତ୍ୟାଗ କରିବେ ! ଲୋକକବି ନିଃସଙ୍ଗ ପଦାତିକ ପରି ଦେହତ୍ୟାଗ କରିବେ !

ଅଥଚ ଫେସ୍‌ବୁକ୍‌ର କାନ୍ଥ ବତୁରିଗଲା ଲୁହରେ ! ସୋସିଆଲ ମିଡିଆରେ ଏତେ କାନ୍ଦଣା ଆଉ ଏତେ କୋହ ଯେ...

ସବୁ ହେଉ, କିନ୍ତୁ ମଣିଷ ପାଖରେ ଟିକେ ମଣିଷ ଠିଆହେଉ ! ଅନ୍ତତଃ କବିତା ଆମକୁ ଏତିକି ଶିଖଉ !

ଶେଷରେ ତାଙ୍କରି ଭାଷାରେ, ''ଶବ୍ଦମାନେ ବନ୍ଦୀ ହୋଇ/ ସମ୍ଭ୍ରାନ୍ତ କାବ୍ୟାଲୋକର ଅଦାଲତରେ/ ଠିଆ ହୋଇଛନ୍ତି/ ସାରସ୍ୱତ କାଠଗଡ଼ାରେ।/ କିଏ କାହାର ବିଚାର କରୁଛି ?/ କେଜାଣି ?''

କଳାମଣ୍ଡପ ରାସ୍ତା, ପିଠାପୁର, କଟକ

## କବିତା

### ଦେଶ

**ଭରତ ବେହେରା**

କେଉଁଠି ଅଛି ଦେଶ,
କେଉଁଠି ମିଳିବ ତା'ର
ଅସଲ ଠିକଣା !
କେଉଁ ଅନ୍ତପୁରରେ ଘୁମେଇ ପଡ଼ିଚି
କେଉଁ ମଧୁଶାଳାରେ ମସ୍ତ ଅଛି
କେଉଁ ରଙ୍ଗଶାଳାର ରିହାରସାଲ୍‌ରେ
ବିଭୋର ହେଇଗଲା କି ଦେଶ ?
ବଞ୍ଚିତର ବୋବାଳିକୁ ନ ଶୁଣିବା ଲାଗି
କ'ଣ ନିରୁଦ୍ଦେଶ ହେଇଗଲା
ଗଳାବାଟ ଖୋଜି !

ସେମାନେ ଅନେଇଚନ୍ତି ମଝି ବିଲରୁ
ଇନ୍ଦିରା ଆବାସର ଛାତ ଉପରୁ
ଗଢ଼ିଲା ବେଳେ ରାସ୍ତା ରେସ୍ତୋରାଁ
ଭାଙ୍ଗିଲା ବେଳେ ଠେଲି ଚିପ୍‌ସ
ମେଟାଲ ବୋଲଡର୍
ଝାଳ ସରସର ଦେହରେ
ଖୋଜୁଥା'ନ୍ତି ଦେଶର ଠିକଣା,
ପାଇବାକୁ ଯଥାଯଥ ମୂଲ।

ବଡ଼ ଅଜବ ସେମାନଙ୍କର
ଖଟଣି, ସହଣି
ଦିନସାରା ଖଟୁଥା'ନ୍ତି,
ରାତିସାରା ଚେଇଁଥା'ନ୍ତି
ଅଧରାତି, ପାହାନ୍ତା କି
ଚବିଶ ପ୍ରହର।
ଦେଶ, ତମେ ଘୁମେଇପଡ଼ିଚ
ନା, ଥକା ମେଣ୍ଟଉଚ ଉଞ୍ଚା ଉଞ୍ଚା
ବିଳାସୀ କୋଠିରେ
ଦଶ ଦିଗରେ ଜଗିଥା'ନ୍ତି
ଅନ୍ତରଙ୍ଗ ଅନୁଚର ବର୍ଗ
ଏବଂ ଭୟାତୁର ଭୋଟ।

ଆର ପାଖରେ ଜ୍ୱାଳାମୁଖୀର ଲାଭା
ଛିଟିକି ପଡୁଚି
ଗର୍ଦ୍ଦନ ଟେକି କଥା କହୁଥିବା
ମଣିଷର ମଥା, ଗଳା, ଛାତି।
ଦେଶ !

ଭଲ ହେବ, ଖୁବ୍ ଭଲ ହେବ
ତମେ ମୂକ ହେଇଯାଅ,
ବଧିର ହେଇଯାଅ
ଅନ୍ଧ ହେଇଯାଅ,
ଉଦାସ ହେଇଯାଅ
ପାଲଟିଯାଅ ଫୁଟ୍‌ବଲ
ଖେଳୁଆଡ଼ମାନେ
ମାତ୍ ହେଇ ଖେଳୁଥା'ନ୍ତୁ
ପଡ଼ିଆ ସାରା ଏ ମୁଣ୍ଡରୁ ସେ ମୁଣ୍ଡ।

ମୋ: ୯୪୩୭୫୬୭୦୧୨୦

### ଶିଳ୍ପୀ

**ମୈତ୍ରେୟୀ କମିଳା**

ତୁମେ ଯୋଡ଼ିଦିଅ
ମାଟି, ପଥର, କାଠକୁ
ନିଜ ସ୍ୱପ୍ନ ସହ
ତୁମେ ଯୋଡ଼ିଦିଅ
ଜହ୍ନରାତିର ମାଟି କାନ୍ଥର ଚିତାକୁ
ଉପନିଷଦର ବାଣୀକୁ
ମାଣବସାର ମହକକୁ
ପରମ୍ପରାର ଅର୍ଘ୍ୟକୁ
ଭଗ୍ନଶିଳା ସହ

ତୁମେ ତ ଖରାକୁ ମୁଣ୍ଡେଇପାର
ଭୋକକୁ ଲୁଚେଇପାର
ନିଜ ଭାଗର ସାଇତା ଦୁଇଅଣା ପରି

ତୁମ ନିହାଣ ମୁନରେ
ପଣ, ପ୍ରତିଶ୍ରୁତିର ପଦ୍ୟାବଳୀ
ଲେଖାହୁଏ
ଆଶ୍ୱାସନାର ଆଡ଼ପମଣ୍ଡପରେ
ନିଦା ପଥର ଦେହରେ
ମଙ୍ଗଳ ଧ୍ୱନି ଉଚ୍ଚାରିତ ହୁଏ
ତାଳପତ୍ର ଲେଖନୀରେ
ଏ ଜାତିର ପାଣ୍ଡୁଲିପି ଗଢ଼ାହୁଏ,
ତୁମ ଭିଜା ତୂଳୀର
ସାଉଁଟା ସ୍ୱପ୍ନ ଭିତରେ
ବଞ୍ଚିରହେ କଳା
ଏ ଜାତିର ସ୍ୱାଭିମାନ ବଞ୍ଚିରହେ।

ମୋ: ୯୦୨୯୧୯୯୬୫୦

### ମୋହମଗ୍ନା

**ମନୀଷା ପଣ୍ଡା**

କଣ୍ଟାକୁ ଆଲିଙ୍ଗିପାରେ
ତୁମ ପ୍ରେମିକା ସାଜି
ହେଉପଛେ ଫୋଡ଼ି ପ୍ରୀତିର
ଲକ୍ଷେ ଗୋଲାପ କଣ୍ଟା
ହାତ, ହୃଦୟ ଆଉ ହସରେ
ତଥାପି ଏ ଦରମରା ପ୍ରାଣ
ପଢ଼େ ସ୍ୱପ୍ନର କାହାଣୀ
ତୁମ ହୃଦୟ ଫାଙ୍କରେ
ଖୁନ୍ଦି ହୋଇଥିବା ହଳାହଳ
କି ଉତ୍ତପ୍ତ ଲାଭା
ସିଝେଇ ଦେବାପରେ
ଅନ୍ତବୁଜୁଳାରେ ସାଇତା
ପବିତ୍ର ପ୍ରେମକୁ

ପାପୁଲିରେ ତୁମର ଏ ପ୍ରତାରଣା
ଚଳାଏ ଅବସୋସରେ ଧରି ଭାବୁଛି
ପାଲଟିଗଲି ନିଜ ଅଜାଣତରେ
ମୁଁ କର୍ଷିତା ମୋହମଗ୍ନା ବସୁନ୍ଧରା
ତୁମେ ମୋ' ବିଶାଳ ଆକାଶ।

ମୋ: ୮୨୪୯୬୮୬୦୯୩

## ପୁସ୍ତକ ପରିଚୟ

### ଶ୍ୱେତପତ୍ର

**କବି:** ବଳରାମ ପୂଜାରୀ
**ପ୍ରକାଶକ:** ପେନ୍ ଇନ୍ ବୁକ୍ସ, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର-୧୩
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୧୯୯/-



ମୋଟ ୫୦ଟି କବିତାର ଏହି ଶବ୍ଦ-ମାଲ୍ୟଟି ମାଲକାନଗିରିର ଅରଣ୍ୟପୁଷ୍ପରେ ତିଆରି। ପ୍ରକାଶକ ଶୁଭ୍ରାଂଶୁ ପଣ୍ଡା ମଲାଟଲେଖରେ ଲେଖିଛନ୍ତି: ''ଆଦିଭୂମି ମାଲକାନଗିରି ମାଟିରୁ କବିତାରେ କବିତାରେ ସମାଜକୁ ଶ୍ୱେତପତ୍ର ଜାରି କରିଛନ୍ତି କବି ବଳରାମ ପୂଜାରୀ। ବୃତ୍ତିରେ ଶିକ୍ଷକ ଶ୍ରୀ ପୂଜାରୀ ନିଜ ଲେଖନୀ ମାଧ୍ୟମରେ ସାମାଜିକ ବିଲକ୍ଷଣ ଉପରୁ ମୁଖା ଖୋଲିଛନ୍ତି ଓ ନିରୀହ ମଣିଷର କଅଁଳ ଜୀବନର କଢ଼ିକୁ ଦେଇଛନ୍ତି ପ୍ରସ୍ଫୁଟିତ ହେବାର ଶବ୍ଦଜ ସୁଯୋଗ।'' ଖୋଦ୍ କବି ତାଙ୍କର 'ଶବ୍ଦ ଉତ୍ସବ' କବିତାରେ କହନ୍ତି: ''ହାତଗୋଡ଼ ବାନ୍ଧି କାହାକୁ, କ'ଣ କାହାଣୀ କରିହୁଏ ?/ କିଛି ବ୍ୟବସ୍ଥା ବିରୁଦ୍ଧରେ ସ୍ୱର ଉତ୍ତୋଳନ/ କରୁଥିବା ଶବ୍ଦସମୂହ, ଜବରଦସ୍ତି ପଶୁଥିଲେ/ ମୋ କବିତା ସନ୍ଧିରେ,/ ଶବ୍ଦମାନଙ୍କ ଗହଣରେ/ ବଖାଣିବାକୁ ଜୀବନର ଖେଦ,/ ମୁଁ ମନା କରୁଥିଲି ବାରମ୍ବାର...''। କବିଙ୍କ ବାରଣ ବାହାରେ ବଳରାମଙ୍କ କବିତାର ଶବ୍ଦମାନେ କିନ୍ତୁ ପ୍ରତିଷ୍ଠାନର ଅବକ୍ଷୟ ବିପକ୍ଷରେ, ମଣିଷର ଅବମାନନା ବିରୁଦ୍ଧରେ ଅଣ୍ଟାସମୁଟି ଠିଆ ହୁଅନ୍ତି। ତାଙ୍କ କବିତା ମଣିଷର ସାଦା ଭାଷାରେ ଭରିଦିଏ ସରଳପଣର ନାନା ବୈଚିତ୍ର୍ୟ। ଆଶା କରାଯାଏ, ବହିଟି ସବୁଶ୍ରେଣୀର ପାଠିକାପାଠକଙ୍କ ପକ୍ଷେ କେବଳ ଗ୍ରହଣୀୟ ହେବ ନାହିଁ, ଢେର୍ ଦିନଯାଏ ବିବ୍ରତ କରିବ।

### ସମୀକ୍ଷା ଦିଗନ୍ତ

**ଲେଖକ:** ଡ. ଭବାନୀ କିଙ୍କର ସାହୁ
**ପ୍ରକାଶକ:** ବିଦ୍ୟା ପବ୍ଲିଶିଙ୍ଗ୍, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ.୧୬୦/-



ମୋଟ ୧୩ଟି ସମାଲୋଚନାତ୍ମକ ନିବନ୍ଧର ସମାହାର ଏ ବହିଟି। ଆଲୋଚନାର ପରିସରରେ ରହିଛି ଅଶୀ ପରବର୍ତ୍ତୀ ଓଡ଼ିଆ ଗଳ୍ପ ଓ ଗାଳ୍ପିକ, ଅଚ୍ୟୁତାନନ୍ଦ ପତି, ମନୋଜ ଦାସ, ତରୁଣକାନ୍ତି ମିଶ୍ର ଓ ଗିରୀଶ ଚନ୍ଦ୍ର ସାହୁଙ୍କ ଗଳ୍ପ; ଓଡ଼ିଆ ଉପନ୍ୟାସରେ ଆଦିବାସୀ ପ୍ରସଙ୍ଗ, ଶିଶୁ କବିତା, ଆଧୁନିକ କବିତା, ଓଡ଼ିଆ କାବ୍ୟ-କବିତାରେ ବୌଦ୍ଧଧର୍ମ, ଲୋକବାଦ୍ୟ ଓ ସର୍ବୋପରି ଶ୍ରୀଜଗନ୍ନାଥଧର୍ମ। ବିଶ୍ଳେଷଣ କ୍ରମରେ ପ୍ରାବନ୍ଧିକ ଏକକ ଲେଖିକା ଲେଖକଙ୍କ ସାହିତ୍ୟକୃତିକୁ ବିଭିନ୍ନ ଦିଗରୁ ପରଖିଛନ୍ତି। ପଠିତ ବିଷୟକୁ ମୌଳିକ ଦୃଷ୍ଟିକୋଣରୁ ବିଚାର କରିବା ଆଲୋଚନାଗ୍ରନ୍ଥଟିର ମୁଖ୍ୟ ଉଦ୍ଦେଶ୍ୟ, ଯାହାକୁ ପ୍ରାଣପଣେ ଚରିତାର୍ଥ କରିବାର ଉଦ୍ୟମ କରିଛନ୍ତି ଲେଖକ। ଆଲୋଚନାର ଭାଷା ସରଳ ଓ ବକ୍ତବ୍ୟ ଖୁବ୍ ସ୍ପଷ୍ଟ। ଓଡ଼ିଆ ଭାଷା-ସାହିତ୍ୟର ଗବେଷକ ତଥା ସାଧାରଣ ସାହିତ୍ୟାନୁରାଗୀମାନଙ୍କୁ ଗ୍ରନ୍ଥଟିର ନିବନ୍ଧ କେବଳ ଆମୋଦିତ କରିବ ନାହିଁ, ଅନୁରୂପ ନିବନ୍ଧ ରଚନା ପାଇଁ ମଧ୍ୟ ଅନୁପ୍ରେରିତ କରିବ। ଗ୍ରନ୍ଥାରମ୍ଭରେ ଲେଖକ ଆଶା ରଖିଛନ୍ତି ଯେ ତାଙ୍କର ଏହି ପୁସ୍ତକଟି ସମାଜ, ସଂସ୍କୃତି, ପରମ୍ପରା ଓ ସାହିତ୍ୟର ବିଭିନ୍ନ ବିଭାଗ ସହ ପାଠକମାନଙ୍କୁ ପରିଚିତ କରାଇବ। ମନେହୁଏ, ତାଙ୍କର ଏ ଆଶା ଅପୂରଣ ରହିବ ନାହିଁ।

## କାଳକାଳକୁ



**''ସେଇ ହୃଦୟର ଅଧିକାରୀ ହୁଅ,
ଯାହା କଠୋର ହେବ ନାହିଁ
ସେଇ ଉତ୍ସାହ ରଖ, ଯାହା ମଉଳିଯିବ ନାହିଁ
ସେଇ ସ୍ପର୍ଶ ଦିଅ, ଯାହା ଆଘାତ ଦେବ ନାହିଁ।''
– ଚାର୍ଲ୍‌ସ ଡିକେନ୍‌ସ**

**ଚାର୍ଲ୍‌ସ ଡିକେନ୍‌ସଙ୍କ** ଜନ୍ମ ୭ ଫେବୃୟାରୀ ୧୮୧୨ରେ ଓ ପରଲୋକ ୯ ଜୁନ୍ ୧୮୭୦ରେ, ଇଂଲଣ୍ଡରେ। ସେ ଭିକ୍ଟୋରିଆ ଯୁଗର ସର୍ବାଧିକ ଜଣା କଥାଶିଳ୍ପୀ ଓ ଔପନ୍ୟାସିକ। ତାଙ୍କର ପ୍ରସିଦ୍ଧ ବହିଗୁଡ଼ିକ ମଧ୍ୟରୁ କେତୋଟି ହେଲା- 'ଓଲିଭର୍ ଟୁଇଷ୍ଟସ୍', 'ଏ ଖ୍ରୀଷ୍ଟମାସ୍ କେରୋଲ', 'ଡେଭିଡ୍ କପର୍‌ଫିଲ୍‌ଡ' ଓ 'ଏ ଟେଲ୍ ଅଫ୍ ଟୁ ସିଟିଜ୍'। ଶିଶୁ ଅଧିକାର, ଶିକ୍ଷା ଓ ସମାଜ-ସଂସ୍କାର ପାଇଁ ସେ ଜୀବନସାରା ଲଢ଼ିଛନ୍ତି। ସମାଲୋଚକମାନେ ତାଙ୍କୁ ତାଙ୍କ ସମୟର ସର୍ବୋତ୍ତମ ମେଧାବୀ ଲେଖକଭାବେ ବିଚାର କରନ୍ତି।

## ଈର୍ଷା

**ଅନୁଲିପ୍ତା ମିଶ୍ର**

ମିନି ଗଳ୍ପ

ଜୀବନରେ କେବେ କାହାକୁ ଈର୍ଷା କରୁନଥିବା ଦୀନବନ୍ଧୁ ବାବୁ ଏବେଏବେ ଖୁବ୍ ଈର୍ଷା କରନ୍ତି ଜିମିକୁ। ସତରେ ଜିମି କେତେ ସୁଖୀ ଆଉ ସେ କେତେ ଦୁଃଖୀ। ତାଙ୍କ ଜୀବନଠାରୁ ଜିମିର ଜୀବନ କେତେ ସୁନ୍ଦର ! କେବଳ ସୁନ୍ଦର ନୁହେଁ, ତାଙ୍କ ଜୀବନଠାରୁ ଜିମିର ଜୀବନ ମୂଲ୍ୟବାନ୍ ବୋଲି ତାଙ୍କୁ ଲାଗେ।

ଦୀନବନ୍ଧୁବାବୁ ଅନୁଭବ କରନ୍ତି ଜିମିର ସୁବିଧା ଅସୁବିଧା ବୁଝିବା ପାଇଁ ଘରଲୋକ କେତେ ବ୍ୟସ୍ତ ହୋଇପଡ଼ନ୍ତି ଅଥଚ ତାଙ୍କବେଳକୁ ! ଜିମିର ଖାଇବା, ଗାଧୋଇବା ସବୁକିଛି ସମୟ ଅନୁସାରେ ଶୃଙ୍ଖଳିତ ଭାବରେ ହୋଇଥାଏ। ନାତି, ନାତୁଣୀ ଯେତେବେଳେ ଜିମିକୁ ଆଉଁଶି ଘଷିଦେଇ ଗେଲ କରୁଥା'ନ୍ତି କାହିଁକି କେଜାଣି ଦୀନବନ୍ଧୁ ବାବୁଙ୍କର ଖୁବ୍ ଦୟା ହୁଏ ନିଜ ଉପରେ ଆଉ ଈର୍ଷା ସହିତ ରାଗ ହୁଏ ଜିମି ଉପରେ।

ଜିମିକୁ ସାମ୍ପୋ ଲଗେଇ ଗାଧୋଇ ଦେଇ ବୋହୂ ଯେତେବେଳେ ତା'ର ବୁଟି କୁଣ୍ଡେଇ ପାଉଡର୍ ପକେଇଦିଏ ଭାରି ଅସହାୟ ଲାଗେ ଦୀନବନ୍ଧୁ ବାବୁଙ୍କୁ। ଜିମିର ପାଟି ଫିଟୁନଥିଲେ ବି ଜିମିର ଦରକାରୀ ଜିନିଷ ଠିକ୍ ସମୟରେ ଆସିଯାଏ, କିନ୍ତୁ ଗଳା ଫଟେଇ ପାଞ୍ଚଥର କହିଲା ପରେ ବି ଆସିପାରେନି ତାଙ୍କର ଡାଇବେଟିସ ବିସ୍କୁଟ ଓ ବ୍ଲଡପ୍ରେସର୍ ଔଷଧ। ପୁଅ ଘଣ୍ଟା ଘଣ୍ଟା ବସିପାରେ ଜିମିପାଖରେ, କିନ୍ତୁ ତାଙ୍କ ପାଖରେ ଦୁଇମିନିଟ୍ ବସିବାକୁ ସମୟ ନଥାଏ। ଜିମିର ଦେହ ଖରାପ ହେଲେ ସଙ୍ଗେ ସଙ୍ଗେ ଡାକ୍ତର ପରାମର୍ଶ କରାହୁଏ, କିନ୍ତୁ ମାସେ ହେଲାଣି ତାଙ୍କ କାଶଟା କମୁନି, ଡାକ୍ତରଙ୍କ ପାଖକୁ ନେଇଯିବାକୁ କାହା ପାଖରେ ସମୟ ଅଛି ନା ଆଗ୍ରହ !

ପୁଅ, ବୋହୂ, ନାତି, ନାତୁଣୀ ସମସ୍ତଙ୍କ ପାଖରେ ଜିମି ପାଇଁ ସମୟ ଅଛି, ହେଲେ ସମୟ ନାହିଁ ତାଙ୍କ ପାଇଁ। ଜିମି ସବୁରି ପାଇଁ ଲୋଡ଼ା, ହେଲେ ସେ କେତେ ଅଲୋଡ଼ା ଆଉ ଅଖୋଜା ! ଦୁଇବର୍ଷ ତଳୁ ଆକାଶରେ ତାରା ହୋଇଯାଇଥିବା ସ୍ତ୍ରୀ ମାଳତୀଙ୍କ ଫଟୋକୁ ଚାହିଁ ଭାବୁଥିଲେ ଦୀନବନ୍ଧୁ ବାବୁ, ଜିମି ଭଳି କୁକୁର ଜନ୍ମଟିଏ ତାଙ୍କୁ କାହିଁକି ମିଳିଲାନି କେଜାଣି !

ଏଠି କୁକୁରକୁ ଆଦର ମିଳେ, କିନ୍ତୁ ମଣିଷକୁ ନୁହେଁ।।

ମୋ: ୯୯୩୮୪୦୦୨୦୫

# ବହୁରୂପୀ

## ଗଳ୍ପ

**ମୟୂରୀ ଦାଶ**

ବଉ...ଉ...ବଉ... କ୍ଷୀଣ ସ୍ୱର ଓ କମ୍ପିତ ଓଠରେ ଶାରଦାଙ୍କ ପାଟିରୁ ବାହାରୁଥିଲା ଏଇ କେତୋଟି ଶବ୍ଦ। ହଠାତ୍ ଉଠିପଡ଼ି ବସିଲେ ଖଟରେ। ଉର୍ଦ୍ଧ୍ୱଗାମୀ ନିଃଶ୍ୱାସ ସହ ଶରୀରସାରା ଝାଳ। ଅଲରା ଚୁଟିକୁ ସଜାଡ଼ିବା ଉଦ୍ଦେଶ୍ୟରେ କପାଳରୁ ଆରମ୍ଭ କରି ମୁଣ୍ଡସାରା ଦି' ହାତକୁ ବୁଲେଇ ନେଇ ଦେଖିଲେ ଫ୍ୟାନ୍ ବନ୍ଦ ହେଇଯାଇଛି। ବୋଧେ ପାୱାରକଟ୍ ହେଇଛି। ଘରର ଅନ୍ୟ କୋଠରି ଭଳି ତାଙ୍କ କୋଠରିରେ ଇନ୍‌ଭର୍ଟର ସଂଯୋଗ ନାହିଁ। ଖଟ ପାଖ ଟେବୁଲରେ ଥୁଆ ବୋତଲରୁ ପାଣି ଢାଳି ପିଇଲେ ଶାରଦା। ଆଜି ପୁଣି ଥରେ ସେଇ ସ୍ୱପ୍ନ, ସେଇ ରଙ୍ଗଲଗା ମୁହଁ। ଦୀର୍ଘ ପଚାଶ ବର୍ଷ ତଳେ ଯାହାକୁ ଦେଖିଥିଲେ ମୁହଁରେ ରଙ୍ଗ ମାଖି ଅଭିନୟ କରୁଥିଲାବେଳେ। ସେଇ 'ବହୁରୂପୀ'। ଆଜି ପୁଣିଥରେ ତା' ସ୍ୱପ୍ନ ଦେଖି ଉଠିପଡ଼ିଲେ ଶାରଦା। ଟିକେ ସାଷ୍ଟାମ ହେଇ ଖଟର କୋଣରେ ବସି ବନ୍ଦ ଫ୍ୟାନ୍‌କୁ ଦେଖି ଫେରିଯାଇଥିଲେ ଅତୀତକୁ। ଯେତେବେଳେ ପ୍ରଥମଥର ଦେଖିଥିଲେ କେତେ ଜଣ ବହୁରୂପୀଙ୍କୁ, ଗାଁ ମେଳାରେ ଅଭିନୟ କରୁଥିବା ବେଳେ।

ନନାଙ୍କ ସହ ଗାଁ ମେଳା ଦେଖିବା ପାଇଁ ଯାଇଥିଲେ ଶାରଦା। ସେଠି ପ୍ରଥମଥର ଆଉ ଶେଷଥର ଦେଖିଲେ ବହୁରୂପୀଙ୍କୁ। ଉତ୍କଣ୍ଠାର ସହ ଶାରଦା ଅନଉଥିଲେ ସେମାନଙ୍କ ମୁହଁକୁ ଆଉ ଏୟା ଭାବି ଆଶ୍ଚର୍ଯ୍ୟ ହେଉଥିଲେ, ସୂକ୍ଷ୍ମ ଆବେଗଗୁଡ଼ିକୁ କିପରି ସେମାନେ ଅତି ସହଜରେ ନିଖୁଣ ଭାବେ ଉପସ୍ଥାପନ କରୁଛନ୍ତି ଲୋକଙ୍କ ସାମ୍ନାରେ। ସମୟ ଗଡ଼ିଚାଲିଲା। ସ୍ମୃତିସବୁ ଝାପ୍‌ସା ହେଉଥିଲା। ଶାରଦାଙ୍କ ବିବାହ ହେଲା ପୋଷ୍ଟ ଅଫିସ କିରାଣି କୃପାସିନ୍ଧୁଙ୍କ ସହ ଆଉ ଦି' ବର୍ଷ ପରେ ଏକମାତ୍ର ପୁଅ ସିଦ୍ଧାର୍ଥର ଜନ୍ମ। ଘରଜଞ୍ଜାଳ ସହ ସ୍ତ୍ରୀ ଓ ମା'ର କର୍ତ୍ତବ୍ୟ ପୂରା କରିବାରେ ଦୀର୍ଘବର୍ଷ ବିତେଇ ଦେଇଥିଲେ। ଫଳସ୍ୱରୂପ ବର୍ତ୍ତମାନ ସିଦ୍ଧାର୍ଥ ଏକ ଉଚ୍ଚପଦାଧିକାରୀ। ଗୋଟେ ପ୍ରକାରରେ ସବୁ ଠିକ୍ ଚାଲିଥିଲା ସେମାନଙ୍କ ଜୀବନରେ। ହେଲେ ଏକ ଦାର୍ଶନିକଙ୍କ ମତ ଅନୁସାରେ 'ସବୁ ଠିକ୍ ଚାଲିଲେ ତାହାକୁ ଜୀବନର ସଂଜ୍ଞା ଦିଆଯିବନି'। ଶାରଦାଙ୍କ ଜୀବନରେ ଏଇ ଉକ୍ତିର କୌଣସି ବ୍ୟତିକ୍ରମ ନଥିଲା। କିଡ୍‌ନୀ ବେମାରି ସହ ଦୀର୍ଘ ଅଠର ମାସର ସଂଘର୍ଷ ପରେ ଆରପାରିକୁ ଚାଲିଗଲେ କୃପାସିନ୍ଧୁ। ଆଉ ବେମାରି ବାହାରିବା ଦିନରୁ ହିଁ ଆସୁଛି ଏଇ ବହୁରୂପୀର ସ୍ୱପ୍ନ। କୃପାସିନ୍ଧୁଙ୍କ ଦେହାନ୍ତ ହେଇ ତିନିମାସ ବିତିଗଲାଣି। ହେଲେ ଆଜିବି ସେଇ ବହୁରୂପୀର ସ୍ୱପ୍ନ। ପ୍ରଥମଥର ବହୁରୂପୀର ସ୍ୱପ୍ନ ଆସିଥିଲା କୃପାସିନ୍ଧୁଙ୍କ କିଡ୍‌ନୀ ବେମାରିର ରିପୋର୍ଟ ଆସିବା ଦୁଇଦିନ ପରେ, ଯେବେ ସିଦ୍ଧାର୍ଥ ନିଜ ଅସହାୟତାର ଆଢୁଆଳରେ ମନା କରିଦେଇଥିଲା ବ୍ୟୟବହୁଳ ଅପରେଶନ ପାଇଁ। ନିଶ୍ଚଳ କୃପାସିନ୍ଧୁଙ୍କ ଆଖିର ଦୁଃଖ ଦେଖି ଶାରଦା କୋହ ସମ୍ଭାଳି ପାରି ନ ଥିଲେ। ଦ୍ୱିତୀୟଥର ପୁଣି ସେଇ ବହୁରୂପୀର ସ୍ୱପ୍ନ ଦେଖିଥିଲେ ଯଉ ଦିନ ସିଦ୍ଧାର୍ଥ ଆମନ୍ତ୍ରିତ ହେଇଥିଲା ଏକ ନାମୀ ନ୍ୟୁଜ୍ ଚ୍ୟାନେଲର ଆଲୋଚନଚକ୍ର ଓ ସଭାରେ। ଆଲୋଚନାର ବିଷୟବସ୍ତୁ ଥିଲା 'ମୂଲ୍ୟବାନ ବାର୍ଦ୍ଧକ୍ୟ', ଯାହା ନୂଆପିଢ଼ିଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସନ୍ଦେଶ ହେବ। ଏହା ଦ୍ୱାରା ବୃଦ୍ଧାଶ୍ରମର ଆଉ ଆବଶ୍ୟକତା ପଡ଼ିବ ନାହିଁ।

ନ୍ୟୁଜ୍ ଚ୍ୟାନେଲରେ ଚମତ୍କାର ଭାଷଣ ଦେଉଥିବା ସିଦ୍ଧାର୍ଥ ଆଉ ଅସଲ ଜୀବନର ସିଦ୍ଧାର୍ଥ ଭିତରର ପାର୍ଥକ୍ୟ କେବଳ ଶାରଦାଙ୍କୁ ଦୃଶ୍ୟମାନ ହେଉଥିଲା। ଏହାପରେ ଅନେକଥର ଆସିଛି ବହୁରୂପୀର ସ୍ୱପ୍ନ। ହେଲେ ଶାରଦା କାହାକୁ ଏ ବିଷୟରେ କିଛି କହନ୍ତିନି। କୃପାସିନ୍ଧୁଙ୍କ ସେବାଶୁଶ୍ରୂଷା କରି ଆଉ ତାଙ୍କ ରୋଗିଣା ମୁହଁ ଚାହିଁ ଦିନଗଡ଼ାନ୍ତି। ଯେମିତି କି କୃପାସିନ୍ଧୁଙ୍କ ସେବା ହିଁ ତାଙ୍କ ଜୀବନର ଏକମାତ୍ର ଲକ୍ଷ୍ୟ। ବହୁତ କିଛି କହିବାକୁ ଚାହାନ୍ତି ହେଲେ କହିପାରନ୍ତିନି। ଯେମିତି କି କହିବାକୁ ଚାହୁଥାନ୍ତି ଆଜି ବି ବୋହୂ ସେଇ କପ୍‌ରେ ଚାହା ପିଇବାକୁ ଦେଇଛି, ଯେଉଁ କପ୍‌କୁ ସେ କେବେ ରୋଷେଇ ଘରେ ପଶିବାକୁ ଦିଏ ନାହିଁ। ଆଜି ବି ଭାତରୁ ପେଜ ଗନ୍ଧ ଆଉ ଡାଲିରୁ ଆମ୍ବିଳା ଗନ୍ଧ ଆସୁଛି। ଆଜି ବି ପୁଅ ବୋହୂଙ୍କ ପାଖରେ ତାଙ୍କ ସହ କଥା ହେବାପାଇଁ ସମୟ ନାହିଁ। ଏମିତି ଜୀବନ ବିତେଇବାର ଅଭ୍ୟାସ ପ୍ରାୟ ହେଇଯାଇଥିଲା ତାଙ୍କର। କୃପାସିନ୍ଧୁ ଆଖିବୁଜିବା ଦିନରୁ ବହୁରୂପୀ ସ୍ୱପ୍ନରେ ଆସିବା ଟିକେ ବଢ଼ିଯାଇଛି। ଏହାର ନିର୍ଦ୍ଦିଷ୍ଟ କାରଣ ଜଣାନାହିଁ ତାଙ୍କୁ। ହେଲେ ଶାରଦା ଏହା ଠିକ୍ ଭାବରେ ଜାଣିଛନ୍ତି କି ତାଙ୍କ ସ୍ୱପ୍ନ ହେଉଛି ମସ୍ତିଷ୍କର ହୃଦୟ ସହ ଲଢ଼େଇର ଏକ ପ୍ରତିରୂପ। ସେଇ ନିର୍ଦ୍ଦିଷ୍ଟ କଥାର ଚିତ୍ରିତ ରୂପାନ୍ତରଣ, ଯାହା ହୃଦୟ ମାନିବାକୁ ନାରାଜ। ସେଇ ବହୁରୂପୀର ନିଶ୍ଚଳ ଚେହେରା ତାଙ୍କୁ ମନେପକେଇଦିଏ କେମିତି ମଣିଷମାନେ ପ୍ରତିଦିନ ମୁହଁରେ ଅସ୍ଥାୟୀ ଅଦୃଶ୍ୟ ରଙ୍ଗମାନ ଲଗେଇ ସମାଜରେ ନିଜକୁ ଉପସ୍ଥାପନ କରନ୍ତି। କିନ୍ତୁ ଯେତେବେଳେ ସେଇ ଅଦୃଶ୍ୟ ରଙ୍ଗ ଛାଡ଼ିଛାଡ଼ି ଆସେ ସେଇ ମଣିଷର ଏକାନ୍ତ ନିଜର ଲୋକଙ୍କୁ ହିଁ ଅଧିକ କଷ୍ଟ ହୁଏ ଯେ, ଏକଦା ସେଇ ରଙ୍ଗଲଗା ଚେହେରାରେ ସେ ବିଶ୍ୱାସ କରୁଥିଲା।

ଶାରଦାଙ୍କ ଭାବନାରେ ଅଙ୍କୁଶ ଲଗେଇ ଫ୍ୟାନ୍ ବୁଲିବା ଆରମ୍ଭ ହେଲା। ଗାଲସାରା ଲୁହରେ ଭିଜିଯାଇଛି। ଲୁହ ପୋଛି ଦେଖିଲେ କାନ୍ଥ ଘଣ୍ଟାରେ ସମୟ ସାଢ଼େ ତିନିଟା। ଶାରଦାଙ୍କୁ ଆଉ ନିଦ ଲାଗୁନାହିଁ। ଦେହ ହାତ ଘୋଳାବିନ୍ଧା ସହ ଶରୀର ଅବଶ ହେବାରେ ଲାଗିଲା। ଧୀରେ ଧୀରେ ଆଖି ବନ୍ଦ ହେବା ଆରମ୍ଭ ହେଲା, ଆଖି ଆଗରେ ଝଲସି ଉଠିଲା ଅତୀତର କେତୋଟି ମୁହୂର୍ତ୍ତ, ଯଥା- ସ୍ୱର୍ଗବାସୀ ବୋଉ ନନାଙ୍କ ମୁହଁ, ପୈତୃକ ଗାଁ, କୃପାସିନ୍ଧୁଙ୍କ ସହ ତାଙ୍କ ବାହାଘର ହେବାର ଦୃଶ୍ୟ ଆଉ ଶେଷରେ ସେଇ ବହୁରୂପୀର ମୁହଁ; ଯାହା ମୁହଁରୁ ରଙ୍ଗ ଛାଡ଼ିବା ଆରମ୍ଭ ହେଇଯାଇଥିଲା। ହଠାତ୍ ପୁଞ୍ଜାଏ ଜୁଳୁଜୁଳିଆ ପୋକ ତାଙ୍କ ଆଖି ସାମ୍ନାରୁ ଉଡ଼ିଗଲେ ଝରକା ଆଡ଼କୁ। ଅବଶ ହେଇଥିବା ହାତ ଗୋଡ଼ ଚଳଚଞ୍ଚଳ ହେଲା ଭଳି ଲାଗିଲା। ବନ୍ଦିତ୍ୱରୁ ମୁକୁଳିବାର ଅନୁଭବ ହେଲା। ଶାରଦା ଠିକ୍ ବୁଝିପାରୁଥିଲେ ଏଇ ଶାନ୍ତି, ଶରୀରରୂପୀ ବନ୍ଧନରୁ ମୁକ୍ତ ହେବାର ଅନୁଭବ। କୃପାସିନ୍ଧୁଙ୍କ ସହ ପୁଣି ଏକ ହେଇଯିବାର ଏକମାତ୍ର ମାଧ୍ୟମ। କୃପାସିନ୍ଧୁ ଦୂର ଆକାଶରୁ ଦେଖୁଛନ୍ତି, ହାତ ବଢ଼ାଉଛନ୍ତି ଆଉ ଡାକୁଛନ୍ତି ତାଙ୍କୁ। ଶାରଦା ଧୀରେ ଧୀରେ କୃପାସିନ୍ଧୁଙ୍କ ଆଡ଼କୁ ଅଗ୍ରସର ହେଲେ। ପଛରେ ପାର୍ଥିବ ଶରୀର ସହ ଛାଡ଼ିଯାଉଥିଲେ କେବଳ ସ୍ମୃତି ଆଉ ସ୍ମୃତିପଟରେ ସେଇ ବହୁରୂପୀ।

ବହୁରୂପୀର ଅଧ୍ୟାୟରେ ରାତିରୁ ହିଁ ଯବନିକା ପଡ଼ିଥିଲା ଓ ସକାଳ ହେବା ମାତ୍ରେ ଘର ଓ ପାଖ ପଡ଼ିଶାରେ ଶୋକ ଓ କ୍ରନ୍ଦନରୋଳର ଆରମ୍ଭ।

ମୋ: ୬୩୭୧୮୦୬୩୦୨



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ଫେବୃୟାରୀ ୧୧/୨୦୨୩ Bhubaneswar, Saturday, February 11/ 2023

NATIONAL HEALTH MISSION unicef for every child
ଜାତୀୟ କୃମିନାଶ କାର୍ଯ୍ୟକ୍ରମ,ଫେବୃଆରୀ ୨୦୨୩
DSPL-448
କୃମି ସଂକ୍ରମିତ ହୋଇନଥିବା ପିଲାମାନେ ଅଧିକ ସ୍ୱାସ୍ଥ୍ୟବାନ୍ ହୁଅନ୍ତି ।
ଜାଣନ୍ତିକି, ପିଲାଙ୍କ ଦେହରେ କୃମି କେଉଁ ପ୍ରଭାବ ପକାଏ ?
• ପୁଷ୍ଟିହୀନତା ଓ ରକ୍ତହୀନତା ଯୋଗୁଁ ଦୁର୍ବଳ ଅନୁଭବ କରନ୍ତି ।
• ସେମାନଙ୍କର ମାନସିକ ଓ ଶାରୀରିକ ଅଭିବୃଦ୍ଧି ବାଧାପାଏ ।
କୃମି ନିୟନ୍ତ୍ରଣର ଉପାୟ ଅତି ସହଜ
ଖୋଲାରେ ମଳତ୍ୟାଗ କରନ୍ତୁ ନାହିଁ । ସର୍ବଦା ଶୌଚାଳୟ ବ୍ୟବହାର କରନ୍ତୁ
ନିଜ ପରିବେଶ ନିର୍ମଳ ରଖନ୍ତୁ
ଫଳ ଓ ପନିପରିବା ସଫା ପାଣିରେ ଧୁଅନ୍ତୁ
ସର୍ବଦା ବିଶୁଦ୍ଧ ଜଳ ପାନୀୟ ଭାବେ ବ୍ୟବହାର କରନ୍ତୁ ଖାଦ୍ୟକୁ ଘୋଡାଇ ରଖନ୍ତୁ
ନିଜ ନଖ ପରିଷ୍କାର ଓ ଛୋଟ ରଖନ୍ତୁ
ଜୋତା ବ୍ୟବହାର କରନ୍ତୁ
ଖାଇବା ପୂର୍ବରୁ ଓ ଶୌଚାଳୟ ବ୍ୟବହାର ପରେ ସାବୁନରେ ହାତ ଧୁଅନ୍ତୁ
ସମସ୍ତ ୧-୧୯ ବର୍ଷର ପିଲାମାନେ ବିଦ୍ୟାଳୟ ଏବଂ ଅଙ୍ଗନୱାଡି ମାଧ୍ୟମରେ କୃମି ନାଶକ ସିରପ୍ / ବଟିକା ଖାଆନ୍ତୁ । ଅଣ ପଞ୍ଜିକୃତ ଏବଂ ବିଦ୍ୟାଳୟ ଯାଉନଥିବା ପିଲାମାନେ ଅଙ୍ଗନୱାଡିରେ ଔଷଧ ଖାଇପାରିବେ ।
ଯେଉଁ ପିଲାମାନେ ଜାତୀୟ କୃମିନାଶକ ଦିବସ (୧୦ ଫେବୃଆରୀ)ରେ ଔଷଧ ଖାଇନଥିବେ ସେମାନଙ୍କୁ ୧୭ ଫେବୃଆରୀ ୨୦୨୩ ଦିନ ଔଷଧ ଦିଆଯିବ ।
OIPR-10003/13/0145/2223

# ଆନ୍ତଃ ବିଶ୍ୱବିଦ୍ୟାଳୟ ଚେସ୍‌ରେ ସାଇନାଙ୍କ ଚମକ

ଭୁବନେଶ୍ୱର, ୧୦।୨ (କ୍ରୀଡ଼ା ପ୍ରତିନିଧି)

ଓଡ଼ିଶାର ମହିଳା ଅନ୍ତର୍ଜାତୀୟ ମାଷ୍ଟର (ଡବ୍ଲ୍ୟୁଆଇଏମ୍) ସାଇନା ସାଲୋନିକା ଆନ୍ତଃ ବିଶ୍ୱବିଦ୍ୟାଳୟ ଚେସ୍‌ରେ ଚମକ ଦେଖାଇଛନ୍ତି। ସାଇନାଙ୍କ ନେତୃତ୍ୱରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଦଳ ଉତ୍ତରାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଚେସ୍ ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇଛି। ସାଇନା ସମ୍ପ୍ରତି ମିରାଣ୍ଡା ହାଉସ କଲେଜରେ ଅଧ୍ୟୟନ କରୁଛନ୍ତି। ତାଙ୍କ ସମେତ ଶ୍ରୀମତି ଆର., ଆରୁଷୀ କୋଟୱାଲ, ତନିସ୍କା କୋଟିଆ, ପୂର୍ଣ୍ଣିମା ଗୁପ୍ତା ଓ ପଲକିନ କୌର ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଦଳର ସଦସ୍ୟା ଥିଲେ। ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଦଳ ସମସ୍ତ ୫ଟି ଯାକ ମ୍ୟାଚରେ ବିଜୟୀ ହୋଇଥିଲା। ୫ ମ୍ୟାଚରୁ ସାଇନା ୪ଟିରେ ପ୍ରତିନିଧିତ୍ୱ କରିଥିଲେ ଏବଂ ଅନ୍ୟ ମ୍ୟାଚରେ ରିଜର୍ଭ ଖେଳାଳିଙ୍କୁ ସୁଯୋଗ ଦେଇଥିଲେ। ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଦଳରେ ସାଇନା ଏକମାତ୍ର ଡବ୍ଲ୍ୟୁଆଇଏମ୍ ଏବଂ ଉଚ୍ଚ ର୍‍ୟାଙ୍କ୍‌ପ୍ରାପ୍ତ (୨୨୨୩ ରେଟିଂ) ଖେଳାଳି ଥିଲେ। ପ୍ରତିଯୋଗିତାରେ ଚଣ୍ଡିଗଡ଼ର ପଞ୍ଜାବ ବିଶ୍ୱବିଦ୍ୟାଳୟ ଦ୍ୱିତୀୟ ଓ ପଟିଆଲାର ପଞ୍ଜାବୀ ବିଶ୍ୱବିଦ୍ୟାଳୟ ଦଳ ତୃତୀୟ ସ୍ଥାନ ଅଧିକାର କରିଥିଲା। ଏହା ପୂର୍ବରୁ ଅନୁଷ୍ଠିତ ଆନ୍ତଃ କଲେଜ ଚେସ୍ ଟୁର୍ନାମେଣ୍ଟରେ ସାଇନା ମିରାଣ୍ଡା ହାଉସ କଲେଜକୁ ବ୍ରୋଞ୍ଜ ପଦକ ବିଜୟୀ କରାଇଥିଲେ। ଏଥିରେ ମିରାଣ୍ଡା ହାଉସ କଲେଜ ୩ ମ୍ୟାଚ ଜିତିଥିବାବେଳେ ଗୋଟିଏ ଡ୍ର ରଖିଥିଲା ଏବଂ ଅନ୍ୟଟିରେ ପରାଜିତ ହୋଇଥିଲା। ତେବେ ସାଇନା ଖେଳିଥିବା ସମସ୍ତ ୫ଟି ଯାକ ଗେମ୍‌ରେ ବିଜୟୀ ହୋଇଥିଲେ। ଏପରି ସଫଳତା ପାଇଁ ସାଇନାଙ୍କୁ ମିରାଣ୍ଡା ହାଉସ କଲେଜ ପ୍ରିନ୍ସିପାଲ ବିଜୟଲକ୍ଷ୍ମୀ ନନ୍ଦ, କ୍ରୀଡ଼ା ନିର୍ଦ୍ଦେଶକ ଅମ୍ରିତା ରାଣା ଓ କ୍ରୀଡ଼ା ସଂଯୋଜକ ନିରୁ ଯାଦବ ଅଭିନନ୍ଦନ ଜଣାଇଛନ୍ତି।



ଟ୍ରଫି ସହ ସାଇନା ସାଲୋନିକା।

# ରୋହିତଙ୍କ ଶତକରେ ଭାରତ ଦୃଢ଼

## ପ୍ରଥମ କ୍ରିକେଟ ଟେଷ୍ଟ

ନାଗପୁର, ୧୦।୨

ଅଧିନାୟକ ରୋହିତ ଶର୍ମାଙ୍କ ଶତକ ଏବଂ ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜା ଓ ଅକ୍ଷର ପଟେଲଙ୍କ ଅର୍ଦ୍ଧଶତକ ବଳରେ ଭାରତ ଏଠାରେ ଚାଲିଥିବା ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ନିଜର ସ୍ଥିତିକୁ ମଜଭୁତ କରିଛି। ଦ୍ୱିତୀୟ ଦିବସ ଖେଳ ଶେଷବେଳକୁ ଘରୋଇ ଦଳ ୭ ଉଇକେଟ ହରାଇ ୩୨୧ ରନ୍ କରିଛି। ଫଳରେ ଅଷ୍ଟ୍ରେଲିଆର ପ୍ରଥମ ଇନିଂସ୍‌ଠାରୁ ଭାରତ ୧୪୪ ରନ୍‌ର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀଲାଭ କରିଛି। ଅଷ୍ଟ୍ରେଲିଆ ପ୍ରଥମ ଇନିଂସ୍ ୧୭୭ରେ ସୀମିତ ରହିଥିଲା।

### ଜାଡେଜା, ଅକ୍ଷରଙ୍କ ଅର୍ଦ୍ଧଶତକ

ପ୍ରଥମ ଦିବସର ଅସମାପ୍ତ ସ୍କୋର ୭୭/୧ରୁ ଖେଳ ଆରମ୍ଭ କରିଥିଲା ଭାରତ। ରୋହିତଙ୍କ ସହ ଭଲ ଆରମ୍ଭ ଦେଇଥିଲେ ନାଇଟ ୱାଚ୍‌ମ୍ୟାନ ରବିଚନ୍ଦ୍ରନ ଅଶ୍ୱିନ। ତୃତୀୟ ଉଇକେଟରେ ୪୨ ରନ୍‌ର ଭାଗୀଦାରି ପରେ ଅଶ୍ୱିନଙ୍କୁ ଆଉଟ୍ କରି ଅଷ୍ଟ୍ରେଲିଆକୁ ବ୍ରେକ୍ ଥ୍ରୁ ଦେଇଥିଲେ ଟଡ୍ ମର୍ଫି। ଅଶ୍ୱିନ ୨୩ ରନ୍‌ର ଯୋଗଦାନ ଦେଇଥିଲେ। ତେବେ ଚେତେଶ୍ୱର ପୂଜାରା (୭), ବିରାଟ କୋହଲି (୧୨) ଓ ପଦାର୍ପଣକାରୀ ସୂର୍ଯ୍ୟକୁମାର ଯାଦବ (୮)ଙ୍କ ବିଫଳ ହେବାରୁ ୧୬୮ ରନ୍ ମଧ୍ୟରେ ଭାରତ ଟପ୍ ଅର୍ଡରର ୫ ଉଇକେଟ ହରାଇଥିଲା। ଏହି ସମୟରେ ସଙ୍କଟ ମୋଚକ ସାଜିଥିଲେ ରବୀନ୍ଦ୍ର ଜାଡେଜା। ବୋଲିଂ ସମୟରେ ୫ ଉଇକେଟ ନେଇ ନିଜ ପ୍ରତ୍ୟାବର୍ତ୍ତନକୁ ସ୍ମରଣୀୟ କରିଥିବା ଜାଡେଜା ବ୍ୟାଟିଂରେ ମଧ୍ୟ ରୋହିତଙ୍କୁ ଉପଯୁକ୍ତ ସହାୟତା କରି ଭାରତକୁ ପ୍ରଥମ ଇନିଂସ୍ ଅଗ୍ରଣୀ କରାଇବାରେ ବଡ଼ ଯୋଗଦାନ ଦେଇଥିଲେ। ଚାପ ପରିସ୍ଥିତିରେ ଅନ୍ୟତମ ଶ୍ରେଷ୍ଠ ଇନିଂସ ଖେଳିଥିଲେ ରୋହିତ। ସେ କ୍ୟାରିୟରର ୯ମ ଟେଷ୍ଟ ଶତକ ହାସଲ କରି ଦକ୍ଷତା ଦେଖାଇଥିଲେ। ୨୧୨ଟି ବଲ୍‌ର ସମ୍ମୁଖୀନ ହୋଇଥିବା ରୋହିତ ୧୨ ଚୌକା ଓ ୨ ଛକା ସହାୟତାରେ ୧୨୦ ରନ୍ କରିଥିବାବେଳେ ବିପକ୍ଷ ଦଳର ଅଧିନାୟକ ପ୍ୟାଟ୍ କୁମିନ୍ସଙ୍କ ବଲ୍‌ରେ ବୋଲ୍ଡ ହୋଇଥିଲେ। ତେବେ ସେ ୬ଷ୍ଠ ଉଇକେଟରେ ଜାଡେଜାଙ୍କ ସହ ମହତ୍ତ୍ୱପୂର୍ଣ୍ଣ ୬୧ ରନ୍ ଯୋଗ କରିଥିଲେ। ପରେ ଜାଡେଜା ଓ ଅକ୍ଷର ପଟେଲ ଅସମାପ୍ତ ୮ମ ଉଇକେଟରେ ୮୧ ରନ୍ ଯୋଗକରି ଅଷ୍ଟ୍ରେଲିଆର ସବୁ ଆକଳନକୁ ଗୋଳମାଳିଆ କରିଛନ୍ତି। ଜାଡେଜା ୬୬ ଓ ଅକ୍ଷର ୫୨ ରନ୍ କରି ଅପରାଜିତ ରହିଛନ୍ତି।



ଶତକ ହାସଲ ପରେ ରୋହିତ ଶର୍ମା।


୫ ଉଇକେଟ ହାସଲ ଖୁସିରେ ଉଲ୍ଲସିତ ଟଡ୍ ମର୍ଫି।

### ମର୍ଫିଙ୍କୁ ୫ ଉଇକେଟ

ଟେଷ୍ଟ ପଦାର୍ପଣରେ ୫ ଉଇକେଟ ସଫଳତା ହାସଲ କରି ଅଷ୍ଟ୍ରେଲିଆ ସ୍ପିନର ଟଡ୍ ମର୍ଫି ନିଜ ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦେଇଛନ୍ତି। ସେ ଲୋକେଶ ରାହୁଲ, ଅଶ୍ୱିନ, ପୂଜାରା, କୋହଲି ଓ ଭରତଙ୍କୁ ନିଜ ଶିକାର ବନାଇଥିଲେ। ଭରତ ଥିଲେ ତାଙ୍କର ୫ମ ଉଇକେଟ। ଅନ୍ୟମାନଙ୍କ ମଧ୍ୟରେ କୁମିନ୍ସ ଓ ନାଥନ ଲିୟନ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୧୭୭। ଭାରତ ପ୍ରଥମ ଇନିଂସ: ୩୨୧/୭ (ରୋହିତ ଶର୍ମା–୧୨୦, ଜାଡେଜା–୬୬*, ଅକ୍ଷର ପଟେଲ–୫୨*, ଟଡ୍ ମର୍ଫି–୫/୮୨, ପ୍ୟାଟ୍ କୁମିନ୍ସ–୧/୭୪, ନାଥନ ଲିୟନ–୧/୯୮)।

# ଡ୍ର’ରୁ ଓଡ଼ିଶାର ଅଭିଯାନ ଆରମ୍ଭ

## ସନ୍ତୋଷ ଟ୍ରଫି ଫୁଟବଲ ଅନ୍ତିମ ରାଉଣ୍ଡ

ଭୁବନେଶ୍ୱର,୧୦।୨ (ସ୍ପୋର୍ଟ୍ସ ବ୍ୟୁରୋ)

ଭୁବନେଶ୍ୱରରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ୭୬ ତମ ସନ୍ତୋଷ ଟ୍ରଫିର ଅନ୍ତିମ ରାଉଣ୍ଡ। ଶୁକ୍ରବାର ୩ଟି ମ୍ୟାଚ ଖେଳା ଯାଇଥିବା ବେଳେ ଦୁଇଟି ମ୍ୟାଚ ଅମୀମାଂସିତ ଭାବରେ ଶେଷ ହୋଇଛି। କେରଳ ୩–୨ ଗୋଲରେ ଗୋଆକୁ ପରାସ୍ତ କରିଥିବା ବେଳେ ଓଡ଼ିଶା–ମହାରାଷ୍ଟ୍ର ଓ ପଞ୍ଜାବ–କର୍ନାଟକ ମ୍ୟାଚ୍ ଡ୍ରରେ ଶେଷ ହୋଇଛି। ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା(ଫାଓ) ଓ ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବସେବା ବିଭାଗ ସହଯୋଗରେ ଏହି ଟୁର୍ନାମେଣ୍ଟ ଆରମ୍ଭ ହୋଇଥିବା ବେଳେ କ୍ୟାପିଟାଲ ଆରେନାରେ ପରସ୍ପରକୁ ଭେଟିଥିଲେ ଓଡ଼ିଶା ଓ ମହାରାଷ୍ଟ୍ର। ମ୍ୟାଚର ପ୍ରଥମାର୍ଦ୍ଧ ଗୋଲ ଶୂନ୍ୟ ରହିଥିଲା। ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ମହାରାଷ୍ଟ୍ର ଗୋଲ ଦେଇ ୧–୦ରେ ଆଗୁଆ ରହିଥିଲା। ଅର୍ମାସ ନାଶିର ଅନସାରୀ ୫୭ ତମ ମିନିଟରେ ଏହି ଗୋଲଟି ସ୍କୋର କରିଥିଲେ। ମ୍ୟାଚ ସମାପ୍ତ ହେବାକୁ ୭ ମିନିଟ ବାକି ରହିଥିବା ବେଳେ ଓଡ଼ିଶା ପକ୍ଷରୁ ଚନ୍ଦ୍ର ମୁଦୁଲି ୮୩ ତମ ମିନିଟରେ ଗୋଲଟି ପରିଶୋଧ କରିଥିଲେ। ମ୍ୟାଚ୍ ୧–୧ରେ ସମାପ୍ତ ହେବା ସହିତ ଉଭୟ ଦଳ ପଏଣ୍ଟ ବାଣ୍ଟିଥିଲେ। ସେହିଭଳି ୭ମ ବାଟାଲିୟନ ଗ୍ରାଉଣ୍ଡରେ ପଞ୍ଜାବ ଓ କର୍ନାଟକ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ଟି ୨–୨ରେ ଡ୍ର ରହିଥିଲା। କର୍ନାଟକ ୨–୧ରେ ପଛୁଆ ରହିଥିଲେ ମଧ୍ୟ ୯୦+୩ ମିନିଟରେ ରବିନ ଯାଦବଙ୍କ ଗୋଲ ବଳରେ ଦଳ ଦଳ ମ୍ୟାଚକୁ ଡ୍ର ରଖିଥିଲା। ପଞ୍ଜାବ ପକ୍ଷରୁ କମଲଦୀପ(୬୫) ଓ ବିପୁଲ କାଲା(୬୯) ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ୮୨ ତମ ମିନିଟରେ କର୍ନାଟକ ପକ୍ଷରୁ କମଲେଶ ପି ଗୋଟିଏ ଗୋଲ ପରିଶୋଧ କରିଥିଲେ। ଇଞ୍ଜୁରୀ ଟାଇମରେ ରବିନଙ୍କ ଗୋଲ ବଳରେ କର୍ନାଟକ ୧ ପଏଣ୍ଟ ହାସଲ କରିଥିଲା। କ୍ୟାପିଟାଲ ଫୁଟବଲ ଆରେନାରେ ଖେଳାଯାଇଥିବା ମ୍ୟାଚରେ ମହମ୍ମଦ ଫହିଜଙ୍କ ଡବଲ୍ ଗୋଲ ସତ୍ତ୍ୱେ କେରଳ ନିକଟରୁ ପରାଜିତ ହୋଇଛି ଗୋଆ। କେରଳ ପକ୍ଷରୁ ନିଜୋ ଆଲବର୍ଟ(୨୭), ରିଜୱାନ ଅଲ୍ଲୀ ଏଡାକାଭିଲ(୫୭) ଓ ଓଏମ୍ ଆସିଫ୍(୯୦+୧) ଗୋଟିଏ ଲେଖାଏ ଗୋଲ ଦେଇଥିବା ବେଳେ ଗୋଆ ପକ୍ଷରୁ ମହମ୍ମଦ ଫହିଜ (୬୦ ଓ ୭୩) ଦୁଇଟି ଗୋଲ ଦେଇଥିଲେ। ୦–୨ରେ ପଛୁଆଥିବା ଗୋଆକୁ ଫହିଜ୍ ମ୍ୟାଚକୁ ଫେରାଇ ଆଣିଥିଲେ ମାତ୍ର ଆସିଫଙ୍କ ଇଞ୍ଜୁରୀ ଟାଇମ୍ ଗୋଲରେ କେରଳ ମ୍ୟାଚ ଜିତିକି ନେଇଥିଲା।

ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟ କ୍ରୀଡା ଓ ଯୁବସେବା ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରା, ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫଏଫ୍) ମହାସଚିବ ଡ. ଶାଜି ପ୍ରଭାକରନ୍, ଫାଓ ସମ୍ପାଦକ ଆଶୀର୍ବାଦ ବେହେରା, ଫାଓର ଯୁଗ୍ମ ସଚିବ ଅଭିଜିତ୍ ପଲ, ଫାଓ ଉପସଭାପତି ବିଜୟ ଦାସ,ଦିଲ୍ଲୀପ କୁମାର ସାହୁ, ଯୁଗ୍ମ ସଚିବ ସହିଦ ଜବାର, ବିଶ୍ୱରଞ୍ଜନ ଘଡେଇ ଓ ସଙ୍ଗୀତା ଶର୍ମା ଉପସ୍ଥିତ ରହି ସମସ୍ତ ଦଳଙ୍କୁ ଶୁଭେଚ୍ଛା ଜଣାଇଥିଲେ।



କ୍ୟାପିଟାଲ ଆରେନାରେ ଆୟୋଜିତ କାର୍ଯ୍ୟକ୍ରମ ଅବସରରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ଅନ୍ୟ ଅତିଥିମାନେ।


ଗୋଲ ସ୍କୋର କରିବାପରେ ଖୁସିରେ ଡେଇଁ ପଡ଼ିଛନ୍ତି ଓଡ଼ିଶାର ଚନ୍ଦ୍ର ମୁଦୁଲି। (ଫଟୋ: ବିକାଶ ନାୟକ)

INDIA'S MOST TRUSTED BRAND
Most Trusted Brand of Asia 2016
NO. 1 BRAND INDIA 2014
WORLD'S GREATEST BRANDS 2015-16
Divisa
www.divisastore.com
ପ୍ରତିଥର ନୂଆ କାହିଁକି ?
ବାରମ୍ବାର ପରଖିବା ଛାଡ଼ନ୍ତୁ
ନିଜ ତ୍ୱଚା ଉପରେ ପରୀକ୍ଷା ନିରୀକ୍ଷା କରିବା ବନ୍ଦ କରନ୍ତୁ, କାରଣ ଆପଣଙ୍କ ଆୟୁର୍ବେଦିକ ରୂପ ମନ୍ତ୍ରା ହିଁ ଅଟେ ସର୍ବଶ୍ରେଷ୍ଠ, ଯାହା ଆପଣଙ୍କ ଚେହେରାର ତ୍ୱଚାକୁ ଭିତରୁ ତେଜମୟ ଓ ଚମକଦାର କରିବାରେ ଅତ୍ୟନ୍ତ ସହାୟକ, ଏଥିସହ ଏହା ଡାର୍କ ସର୍କଲ୍ସ ଓ ବାଦାମୀ ଦାଗକୁ କମ୍ କରି ଆପଣଙ୍କ ଚେହେରାକୁ ଉଜ୍ଜ୍ୱଳ ରଖିବାରେ ମଧ୍ୟ ସହାୟତା କରିଥାଏ।
1 Paraben Free
2 Alcohol Free
3 Steroids Free
4 Silicon Free
5 Mineral Oil Free
Roop Mantra
An Ayurvedic Medicinal Cream
A Complete Ayurvedic Skin Health Solution for Entire Family
Helpline : 87259 66666 | www.roopmantra.com
ଶୁଦ୍ଧ ଆୟୁର୍ବେଦିକ ଜଡ଼ି–ବୁଟିରେ ତିଆରି
ରୂପ ମନ୍ତ୍ରା ଆୟୁର୍ବେଦିକ କ୍ରିମ୍‌ରେ ରହିଥିବା ଏଲୋଭେରା, ତୁଳସୀ, ଦ୍ରାକ୍ଷା, ହରିଦ୍ରା, ଚନ୍ଦନ, ବାଦାମ ଇତ୍ୟାଦି ଆୟୁର୍ବେଦିକ ଜଡ଼ି ବୁଟି ଚେହେରାର ପ୍ରାକୃତିକ ଆର୍ଦ୍ରତାକୁ ସୁରକ୍ଷିତ ରଖି ଏକ ଟ୍ରିଟ୍‌ମେଣ୍ଟ ଭଳି କାମ କରିଥାଏ । ଏହା କୌଣସି କସ୍‌ମେଟିକ୍ ନୁହେଁ, ଆୟୁର୍ବେଦିକ ଔଷଧ ଅଟେ।

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ